ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦/୨୦୨୨ (୧୨+୮=୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, September 10/2022 Page 20 ₹ 7.00 ★★★★★★

୪୮ଶ ଭାଗ ୨୮୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 48 ISSUE 286 ମୂଲ୍ୟ ₹୭/-



**ଜାବେର ମହିଳା ସିଙ୍ଗଲ୍ସ ଫାଇନାଲରେ**

ଟ୍ୟୁନିସିଆର ଓନ୍ସ ଜାବେର ୟୁଏସ୍ ଓପନ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୨

୦୫

**ରାହୁଲଙ୍କ ଶର୍ଟ ୪୧ ହଜାର ଟଙ୍କା**

ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହୋଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ୪୧,୨୫୭ ଟଙ୍କାର ମୂଲ୍ୟର ବର୍ବେରୀ ଟି-ଶର୍ଟକୁ ନେଇ ଭାଜପା ସମାଲୋଚନା କରିଛି।



# ଚାର୍ଲ୍ସଙ୍କ ରାଜାଭିଷେକ ଆଜି

- ମହାରାଣୀଙ୍କ ଉଦ୍ଦେଶ୍ୟରେ ଭାରତରେ ରବିବାର ରାଷ୍ଟ୍ରୀୟ ଶୋକ
- ସ୍ୱତନ୍ତ୍ର ଅଧିବେଶନରେ ଶ୍ରଦ୍ଧାଞ୍ଜଳି ଦେଲା ବ୍ରିଟେନ ପାର୍ଲାମେଣ୍ଟ

ବ୍ରିଟେନ/ନୂଆଦିଲ୍ଲୀ,୯।୯

ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ ୨ୟଙ୍କ ପରେ ତାଙ୍କ ବଡ଼ପୁଅ ପ୍ରିନ୍ସ ଚାର୍ଲ୍ସଙ୍କୁ ଦେଶର ନୂଆ ରାଜା ଘୋଷଣା କରାଯାଇଛି। ଏଥିସହ ସେ କିଙ୍ଗ୍ ଚାର୍ଲ୍ସ



କିଙ୍ଗ୍ ଚାର୍ଲ୍ସ ତୃତୀୟ

ତୃତୀୟ ନାମରେ ପରିଚୟ ଲାଭ କରିଛନ୍ତି। ୭୩ ବର୍ଷୀୟ ଚାର୍ଲ୍ସଙ୍କ ରାଜାଭିଷେକ ଶନିବାର ରାଜପରିବାରର ଆନୁଷ୍ଠାନିକ ରୀତିନୀତି ଅନୁସାରେ ସମ୍ପନ୍ନ ହେବ ବୋଲି ବକିଂହାମ୍ ପ୍ୟାଲେସ ପକ୍ଷରୁ ସୂଚନା ଦିଆଯାଇଛି। ବ୍ରିଟେନକୁ ସର୍ବାଧିକ ସମୟ ଶାସନ କରିଥିବା ମହାରାଣୀ ଏଲିଜାବେଥ ୨ୟଙ୍କ ବିୟୋଗ ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନଙ୍କଠାରୁ ନେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ଙ୍କ ପର୍ଯ୍ୟନ୍ତ ରାଷ୍ଟ୍ରମୁଖ୍ୟମାନେ ମହାରାଣୀଙ୍କୁ ସ୍ମରଣ କରି ଶୋକବ୍ୟକ୍ତ କରିବାରେ ଲାଗିଛନ୍ତି। ଏହି କ୍ରମରେ ଭାରତ ସରକାର ମଧ୍ୟ ଦେଶରେ ରବିବାର ଦିନିକିଆ ରାଷ୍ଟ୍ରୀୟ ଶୋକ ପାଳନ କରିବାକୁ ଘୋଷଣା କରିଛନ୍ତି। ମହାରାଣୀଙ୍କ ସ୍ମୃତିରେ ସେପ୍ଟେମ୍ବର ୧୧ରେ ସମସ୍ତ ସରକାରୀ ଅଫିସରେ ଭାରତର ଜାତୀୟ ପତାକାକୁ ଅର୍ଦ୍ଧନମିତ କରାଯିବ। ଏହିଦିନ କୌଣସି ଆନୁଷ୍ଠାନିକ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ନାହିଁ ବୋଲି ଶୁକ୍ରବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ☞ପୃଷ୍ଠା-୪

ସ୍ୱତନ୍ତ୍ର ପୃଷ୍ଠା: ଅପରେଶନ ଲଣ୍ଡନ୍ ବ୍ରିଜ୍ | ☞ପୃଷ୍ଠା-୧୦

# କମିବ ଖରିଫ ଉତ୍ପାଦନ

- ୧୨ ନିୟୁତ ଟନ୍ ହ୍ରାସ ପାଇପାରେ
- ଭଙ୍ଗା ଚାଉଳ ରପ୍ତାନି ବନ୍ଦକଲା ଭାରତ
- ଅଣବାସ୍ମତି ଚାଉଳ ଉପରେ ଲାଗିଲା ୨୦% ରପ୍ତାନି ଶୁଳ୍କ

ନୂଆଦିଲ୍ଲୀ,୯।୯(ପି.ଟି.)

ଚଳିତ ଖରିଫ୍ ଋତୁରେ କମ୍ ଅଞ୍ଚଳରେ ଧାନ ବୁଣାଯାଇଥିବାରୁ ଚାଉଳ ଉତ୍ପାଦନ ୧୦ରୁ ୧୨ ନିୟୁତ ଟନ୍ କମିପାରେ ବୋଲି କେନ୍ଦ୍ର ସରକାର ପୂର୍ବାନୁମାନ କରିଛନ୍ତି। ଘରୋଇ ଯୋଗାଣ ବଢ଼ାଇବା ଏବଂ ଦରବୃଦ୍ଧି ରୋକିବା ଲାଗି ଭଙ୍ଗା ଚାଉଳ ରପ୍ତାନି ଉପରେ ସରକାର ନିଷେଧାଦେଶ ଲଗାଇଛନ୍ତି। ସେହିପରି ଉଷୁନା ଚାଉଳ ବ୍ୟତୀତ ଅଣବାସ୍ମତି ଚାଉଳ ଉପରେ ୨୦ ପ୍ରତିଶତ ରପ୍ତାନି ଶୁଳ୍କ ଲଗାଯାଇଛି। ଖରିଫରେ ଚାଉଳ ଉତ୍ପାଦନ କମିବା ଆଶଙ୍କା କରାଯାଉଥିବାବେଳେ ଇତିମଧ୍ୟରେ ପାଇକାରୀ ବଜାରରେ ଚାଉଳ ଦର ୮ ପ୍ରତିଶତ ଏବଂ ଖୁଚୁରା ବଜାରେ ୬ ପ୍ରତିଶତ ବୃଦ୍ଧି ପାଇଛି।

ଭଙ୍ଗା ଚାଉଳ ରପ୍ତାନି ଉପରେ ନିଷେଧାଦେଶ ଲଗାଇବାର ଯଥାର୍ଥତା ସମ୍ପର୍କରେ କେନ୍ଦ୍ର ଖାଦ୍ୟ ସଚିବ ସୁଧାଂଶୁ ପାଣ୍ଡେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଅନେକ ରାଜ୍ୟରେ କମ୍ ବୃଷ୍ଟିପାତ ହେବା କାରଣରୁ ଚଳିତ ଖରିଫ ଋତୁରେ ୩୮ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇ ନାହିଁ। ଭାରତର ମୋଟ ଚାଉଳ ଉତ୍ପାଦନର ୮୦ ପ୍ରତିଶତ ଖରିଫ ଋତୁରୁ ମିଳିଥାଏ। ଧାନ ବୁଣା କମିଥିବାରୁ ଚଳିତ ବର୍ଷ ଚାଉଳ ଉତ୍ପାଦନ ୧୦ରୁ ୧୨ ନିୟୁତ ଟନ୍ କମିବା ଅନୁମାନ କରାଯାଉଥିବା ଖାଦ୍ୟ ସଚିବ କହିଛନ୍ତି।



୨୦୨୧-୨୨ ଫସଲ ଋତୁରେ ଭାରତର ମୋଟ ଚାଉଳ ଉତ୍ପାଦନ ୧୩୦.୨୯ ନିୟୁତ ଟନ୍ ଆକଳନ କରାଯାଇଥିଲା, ଯାହାକି ପୂର୍ବବର୍ଷ ୧୨୪.୩୭ ନିୟୁତ ଟନ୍ ଥିଲା। ମୋଟ ଉତ୍ପାଦନରୁ ୧୧୧.୭୬ ନିୟୁତ ଟନ୍ ଖରିଫ୍‌ରୁ ଏବଂ ୧୮.୫୩ ନିୟୁତ ଟନ୍ ରବି ଋତୁରେ ମିଳିଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତ ୨.୯୪ ନିୟୁତ ଟନ୍ ବାସ୍ମତି ଚାଉଳ ସମେତ ମୋଟ ୨୧.୨ ନିୟୁତ ଟନ୍ ଚାଉଳ ରପ୍ତାନି କରିଥିଲା। ତେବେ ଚଳିତ ଖରିଫ ଋତୁରେ ବିଭିନ୍ନ ରାଜ୍ୟରେ ଭଲ ବର୍ଷା ହୋଇ ନ ଥିବାରୁ ଉତ୍ପାଦନ କମିବାକୁ ଯାଉଛି। ସରକାରଙ୍କ ଆକଳନ ଅନୁଯାୟୀ ୪ ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ୨୫ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇପାରି ନାହିଁ। ଏହି ରାଜ୍ୟଗୁଡ଼ିକରେ ଉତ୍ପାଦନ ୭-୮ ନିୟୁତ ଟନ୍ କମିପାରେ। ସେହିପରି ଅନ୍ୟ ରାଜ୍ୟରେ ଫସଲର ବିବିଧୀକରଣ କାରଣରୁ ଧାନବୁଣା କମ୍ ହୋଇଛି। କୃଷି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ଗତବର୍ଷ ୪୦୬.୮୯ ଲକ୍ଷ ହେକ୍ଟର ଜମିରେ ଧାନ ବୁଣାଯାଇଥିଲା। ଚଳିତ ବର୍ଷ ସେପ୍ଟେମ୍ବର ୨ ସୁଦ୍ଧା ତାହା ୫.୬୨ ପ୍ରତିଶତ ହ୍ରାସ ପାଇ ୩୮୩.୯୯ ଲକ୍ଷ ହେକ୍ଟର ଜମିରେ ଧାନଚାଷ ହୋଇଛି। ଝାଡ଼ଖଣ୍ଡରେ ୯.୮୦ ଲକ୍ଷ ହେକ୍ଟର, ମଧ୍ୟପ୍ରଦେଶରେ ୬.୩୨ ଲକ୍ଷ ହେକ୍ଟର, ପଶ୍ଚିମବଙ୍ଗରେ ୪.୪୫ ଲକ୍ଷ ହେକ୍ଟର, ଛତିଶଗଡ଼ରେ ୩.୯୧ ଲକ୍ଷ ହେକ୍ଟର, ଉତ୍ତରପ୍ରଦେଶରେ ୨.୬୧ ଲକ୍ଷ ହେକ୍ଟର ଓ ବିହାରରେ ୨.୧୮ ଲକ୍ଷ ହେକ୍ଟର ଜମିରେ ଧାନ ବୁଣା ହୋଇପାରି ନାହିଁ।

ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବିବାଦର ସଙ୍କେତ**

୨୦୨୨ ଜାନୁୟାରୀ ପହିଲାରୁ ସ୍କୁଲ, କଲେଜ ଶିକ୍ଷକ, କର୍ମଚାରୀଙ୍କୁ ସପ୍ତମ ବେତନ କମିଶନ ଦରମା
........୪........

ଯୁକ୍ତ୨ ନାମଲେଖା ପାଇଁ ଆଉ ଥରେ ସୁଯୋଗ
........୩........






# ୧୮୪ ମୃତ୍ତିକା ସଂରକ୍ଷଣ କର୍ମଚାରୀ ନିଯୁକ୍ତ

## ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

### ଉତ୍ସର୍ଗୀକୃତ ହୋଇ ଦାୟିତ୍ୱ ତୁଲାଅ

ଭୁବନେଶ୍ୱର,୯।୯(ବ୍ୟୁରୋ)

୫-ଟି ନୀତି କୃଷକମାନଙ୍କୁ ଉନ୍ନତ କୃଷି କାର୍ଯ୍ୟ ପାଇଁ ସାହାଯ୍ୟ କରୁଛି। ରାଜ୍ୟର କୃଷି କ୍ଷେତ୍ର ପାଇଁ ଉତ୍ସର୍ଗୀକୃତ ହୋଇ କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବାକୁ ନବନିଯୁକ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ୧୮୪ ଜଣ ନବନିଯୁକ୍ତ ମୃତ୍ତିକା ସଂରକ୍ଷଣ କର୍ମଚାରୀଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ଯୋଗ ଦେଇ କୃଷକମାନଙ୍କୁ ନେଇ ଏକ ଟିମ୍ ଭାବେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ସମ୍ପୂର୍ଣ୍ଣ ସ୍ୱଚ୍ଛତା ରକ୍ଷା କରି କୃଷକମାନଙ୍କୁ ବୈଷୟିକ ସହାୟତା ଯୋଗାଇ କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ଦରକାର। ତୃଣମୂଳ ସ୍ତରରେ ସମସ୍ତ କୃଷି କାର୍ଯ୍ୟକ୍ରମର ସଫଳତା କ୍ଷେତ୍ରରେ ମୃତ୍ତିକା ସଂରକ୍ଷଣ କର୍ମଚାରୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷକ ଓ କୃଷି ବିଭାଗ ସହିତ ସମନ୍ୱୟ ରକ୍ଷା କରିବାରେ କର୍ମଚାରୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭର କରନ୍ତି। ରାଜ୍ୟର କୃଷି ନୀତି ସମୃଦ୍ଧି-୨୦୨୦ କୃଷକଙ୍କ ଆୟରେ କ୍ରମାଗତ ଅଭିବୃଦ୍ଧି ଆଣିଛି। କୃଷି ଅଭିବୃଦ୍ଧି ପାଇଁ ଭୂମି ଏବଂ ଜଳ ପରି ପ୍ରାକୃତିକ ସମ୍ପଦର ସଂରକ୍ଷଣ, ବିକାଶ ଏବଂ ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ଓଡ଼ିଶାରେ ଜଳସେଚନ ବିକାଶ, ବର୍ଷାଜଳ ବିକାଶ, ବୃକ୍ଷରୋପଣ, ପୋଖରୀ ନିର୍ମାଣ ଏବଂ ଫାର୍ମ ପୋଖରୀ ପ୍ଲସ୍ ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମୃତ୍ତିକା ସଂରକ୍ଷଣ ନବନିଯୁକ୍ତ କର୍ମଚାରୀମାନେ ରାଜ୍ୟର କୃଷି କ୍ଷେତ୍ରରେ ଉତ୍ସର୍ଗୀକୃତ ହୋଇ କର୍ତ୍ତବ୍ୟ ଏବଂ ଦାୟିତ୍ୱ ତୁଲାଇବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ୫-ଟି ସଚିବ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ। ବିଭାଗୀୟ ସଚିବ ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ଧନ୍ୟବାଦ ଦେଇଥିଲେ।


ମୃତ୍ତିକା ସଂରକ୍ଷଣ କର୍ମଚାରୀଙ୍କ ନିଯୁକ୍ତି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବନିଯୁକ୍ତମାନଙ୍କୁ ପରାମର୍ଶ ଦେଉଛନ୍ତି। ନିକଟରେ ଅଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ୍।

## ସଂକ୍ଷେପରେ

### ବରିଷ୍ଠ କଳାକାରଙ୍କ ବିୟୋଗ


ନିରଞ୍ଜନ ଷେଣ୍ଡ

ଛତିଆ,୯।୯(ଡି.ଏନ.ଏ.): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ପଞ୍ଚାୟତ କମ୍ପାନୀ ବଜାର ଗ୍ରାମର ବରିଷ୍ଠ କଳାକାର ନିରଞ୍ଜନ ଷେଣ୍ଡ(୮୦)ଙ୍କ ଶୁକ୍ରବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କ ବିୟୋଗରେ ସିନେ ଜଗତ ସମେତ ଛତିଆ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ନେତା, ଅଭିନେତା ଓ ବୁଦ୍ଧିଜୀବୀ ଶୋକ ପ୍ରକାଶ କରିଛନ୍ତି। ଗୁରୁବାର ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନ ୩୦ରୁ ଉର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର ଓ ବିଭିନ୍ନ ସିରିଏଲ୍‌ରେ ଅଭିନୟ କରିଥିଲେ। ତାଙ୍କ ନିଖୁଣ ଅଭିନୟ ଦର୍ଶକଙ୍କ ହୃଦୟକୁ ବେଶ ଛୁଇଁଥିଲା।

# ଭିଜିଲାନ୍ସ ଜାଲରେ ବେଆଇନ କଳାପଥର ପରିବହନ

- ୨୫.୨୪ ଲକ୍ଷ ଟଙ୍କାର କଳାପଥର, ୧.୨୯ ଲକ୍ଷ ଟଙ୍କାର ଶାଗୁଆନ କାଠ ଜବତ
- କାଠମିଲ୍ ମାଲିକ ଗିରଫ, ହାଇୱା ଜବତ

ଯାଜପୁର ଅଫିସ,୯।୯

ଯାଜପୁର ଜିଲାର ଧର୍ମଶାଳା ଥାନା ଅନ୍ତର୍ଗତ ଜାରକା କଲେଜ ରୋଡ୍ ନିକଟରେ ଶୁକ୍ରବାର ଓଡ଼ିଶା ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍ ପକ୍ଷରୁ ଚଢ଼ାଉ କରାଯାଇ ୨୫ ଲକ୍ଷ ୨୪ ହଜାର ଟଙ୍କାର କଳାପଥର ସମେତ ଏକ ହାଇୱା ଜବତ ହୋଇଛି। କଳାପଥର ଜଙ୍ଗଲ ଜମିରୁ ଉତ୍ତୋଳନ ହୋଇ ଚୋରାଚାଲାଣ ହୋଇଥିବା ସୂଚନା ମିଳିଛି। ଏହାବାଦ୍ କେନ୍ଦ୍ରାପଡ଼ା ଜିଲା ପାଟକୁରା ଥାନା ଅନ୍ତର୍ଗତ ଜୟପୁର ଗ୍ରାମରୁ ୧ ଲକ୍ଷ ୨୯ ହଜାର ୫୦୦ ଟଙ୍କାର ୨୪ ସିଏଫ୍‌ଟି ଶାଗୁଆନ କାଠ ଜବତ କରାଯାଇଛି। ତେବେ ଏଥିରେ ସମ୍ପୃକ୍ତ କାଠମିଲ୍ ମାଲିକ ସୁରେନ୍ଦ୍ର କୁମାର ମହାରଣାଙ୍କୁ ଗିରଫ କରାଯାଇଛି। ଏହିକ୍ରମରେ କଟକ ଫରେଷ୍ଟ ଡିଭିଜନ ଅଧୀନ ଡାଲିଯୋଡ଼ା ରେଞ୍ଜରେ ଲଘୁ ଖଣିଜ ଦ୍ରବ୍ୟ ସଂଶୋଧନ ଆଇନ ୨୦୦୪ ଓ ୨୦୧୬ର ଧାରା-୪ ଅନୁଯାୟୀ ୧୭ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ସେହିପରି କେନ୍ଦ୍ରାପଡ଼ା ରେଞ୍ଜରେ ଓଟିଟି ଆଇନ-୧୯୮୦ର ଉଲ୍ଲଂଘନରେ ୧୧/୨୦୨୨-୨୩ରେ ମାମଲା ରୁଜୁ କରି ଉଭୟ ମାମଲାର ଅଧିକ ତଦନ୍ତ ଜାରି ରହିଛି ବୋଲି କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ ଯେ, ଯାଜପୁର ଜିଲା ଡାଲିଯୋଡ଼ା ରେଞ୍ଜ ଅଧୀନ କୁସୁନପୁର, ବଳରାମପୁର ଆଦି ଜଙ୍ଗଲ ଜମିରୁ ବିପୁଳ ପରିମାଣରେ ବେଆଇନ ଭାବେ କଳାପଥର ଉତ୍ତୋଳନ ହେଉଛି। ଏହି ଜଙ୍ଗଲ ଜମିରୁ ଦୈନିକ ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଗାଡିରେ ୫୩ ନମ୍ବର ଜାତୀୟ ରାଜପଥ ଦେଇ ବିନା ଟ୍ରାନ୍‌ଜିଟ୍ ପାସ୍ କିମ୍ବା ନକଲି ଟ୍ରାନ୍‌ଜିଟ୍ ପାସ୍‌ରେ ଜଗତସିଂହପୁର, କେନ୍ଦ୍ରାପଡ଼ା, କଳିଙ୍ଗନଗର, ସୁକିନ୍ଦା, କେନ୍ଦୁଝର ଆଦି ଅଞ୍ଚଳକୁ ପରିବହନ ହେଉଛି। ଏପରିକି ଓଭରଲୋଡିଂ ପରିବହନ ହେଉଥିଲେ ହେଁ ଚଣ୍ଡିଖୋଲ ପରିବହନ ବିଭାଗ ମାସିକ ଚାନ୍ଦା ନେଇ ଆଖି ବୁଜିଦେଉଛି। ଏହି ବେଆଇନ କାରବାରରେ ଜଙ୍ଗଲ, ପୋଲିସ, ପରିବହନ ଓ ରାଜସ୍ୱ ବିଭାଗର କେତେଜଣ ଅଧିକାରୀ, କର୍ମଚାରୀ ସହଯୋଗ କରି ଆସୁଛନ୍ତି। ପୂର୍ବରୁ ଏହା ବିରୋଧରେ ବଳରାମପୁରଗଡ଼ ବାସିନ୍ଦା ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଲୋକଙ୍କ ଜୀବନଚର୍ଯ୍ୟା ପ୍ରଭାବିତ ହେଉଥିବା ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ କଳେବଳେ କୌଶଳେ ଜଙ୍ଗଲ ଜମିରୁ ବେଆଇନ କଳାପଥର ଉତ୍ତୋଳନ ହେବା ସହ ତାହା ଅଣାୟତ୍ତ ହେବାରେ ଲାଗିଛି। କଟକ ଭିଜିଲାନ୍ସ ବିଭାଗର ଏହି ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗକୁ ଏହା ଜାରି ରହିଲେ ଅଞ୍ଚଳର ସବୁଜିମା ସୁରକ୍ଷିତ ରହି ପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଗ୍ଲୋବାଲ ୱାର୍ମିଂ-ଜଳବାୟୁ ପରିବର୍ତ୍ତନ ଚିନ୍ତାର କାରଣ'

ଭୁବନେଶ୍ୱର,୯।୯

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶାର ମିଳିତ ସହଯୋଗରେ 'ଜଳବାୟୁ ପରିବର୍ତ୍ତନ ପଦକ୍ଷେପ- ନେଟ୍ ଜିରୋ ହାସଲ କରିବା ପାଇଁ ବିକଳ୍ପ ଶକ୍ତି ଏବଂ ଗତିଶୀଳତା ସମାଧାନ' ଶୀର୍ଷକ ବିଷୟ ବସ୍ତୁ ଉପରେ ଜାତୀୟ ସମ୍ମିଳନୀର ୩ୟ ସଂସ୍କରଣ ନିକଟରେ ସ୍ଥାନୀୟ ଜୟଦେବ ବିହାରସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟ ସଚିବ ଡ. କେ.ମୁରୁଗେସନ୍ ଯୋଗଦେଇ କହିଥିଲେ, ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ାହୋଇଛି। ପରିବେଶ, ଜଳବାୟୁ ପରିବର୍ତ୍ତନ ବିପଦ ଆମ ଅନୁମାନଠାରୁ ଗମ୍ଭୀର । ଏପରିକି ଦ୍ରୁତ ଶିଳ୍ପାୟନ, ମାନବ କାର୍ଯ୍ୟକଳାପ ଏହା ଉପରେ ପ୍ରଭାବ ପକାଇଥାଏ। ଏହାର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେଇ ଆମେ ଦୃଷ୍ଟିଦେବା ଆବଶ୍ୟକ ରହିଛି। ସେହିଭଳି କାର୍ଯ୍ୟକାରୀ ନିର୍ଦ୍ଦେଶକ ଓଡ଼ିଶା ଷ୍ଟେଟ୍ ଡିଜାଷ୍ଟର ମ୍ୟାନେଜମେଣ୍ଟ ଅଥରିଟି ଡ. ଜ୍ଞାନରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଗ୍ଲୋବାଲ୍ ୱାର୍ମିଂ ଓ ଜଳବାୟୁ ପରିବର୍ତ୍ତନ ବର୍ତ୍ତମାନ ଚିନ୍ତାର କାରଣ। ଏହା ଯୋଗୁ ମାନବ ସଭ୍ୟତା ବିପଦପୂର୍ଣ୍ଣ ହେବା ସହ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ଦେଖାଯାଉଛି। ଏହା ମାନବ ସଭ୍ୟତା ପାଇଁ ସତର୍କ ସୂଚନା । ଏ ନେଇ ଆମ୍ଭେମାନେ ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉପଦେଷ୍ଟା ମିନେରାଲ୍ ଓ ମେଟାଲ୍ କମିଟି, ଆଇସିସି ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ୍, ଆଇନ ମୁଖ୍ୟ, କର୍ପୋରେଟ୍ ଆଫେୟାର୍ସ, ଜିନ୍ଦଲ୍ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ ମନୀଷ ଖରବନ୍ଦା, ନିର୍ଦ୍ଦେଶକ ଇଫ୍‌କୋ କେ.ଜେ. ପଟେଲ, ମୁଖ୍ୟ ସଦସ୍ୟ, ଉପଦେଷ୍ଟା, ଆବାହକ (ଖଣିଜ ପଦାର୍ଥ ଓ ଧାତୁ କମିଟି), ଆଇସିସି ଓଡ଼ିଶା କାଉନ୍‌ସିଲ୍ ଓ ନିର୍ଦ୍ଦେଶକ ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ୍ ପଙ୍କଜ ସତୀଜା, ଡେପୁଟି ଡାଇରେକ୍ଟର ଜେନେରାଲ, ଜଙ୍ଗଲ ବିଭାଗ, ଭାରତ ସରକାରଙ୍କ ଏ.ଟି. ମିଶ୍ର ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ନୀତି ସଂକଳ୍ପ ଏବଂ ରଣନୀତି ଏବଂ ଶକ୍ତି ବୈଷୟିକ ବିକାଶର ବିଭିନ୍ନ ବିକଳ୍ପ ଉତ୍ସ ଉପରେ ବିଭିନ୍ନ ଅଧିବେଶନରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ, ଆଇସିସି ଷ୍ଟେଟ୍ କାଉନ୍‌ସିଲ୍ ଜେ.ବି. ପାଣି ସ୍ୱାଗତ ଭାଷଣ ଦେଇ କହିଥିଲେ, ଭାରତ ବିକାଶଶୀଳ ଦେଶ ହୋଇ ଥର୍ମାଲ ପାୱାର ପ୍ଲାଣ୍ଟ ଉପରେ ଅଧିକ ନିର୍ଭରଶୀଳ ଯାହାକି ଅଙ୍ଗାରକାମ୍ଳ ନିର୍ଗମନର ମୁଖ୍ୟ କାରଣ। ଗ୍ଲୋବାଲ ୱାର୍ମିଂର ସରଳ ସମାଧାନ ତଥା ପରିବେଶ ରକ୍ଷା କ୍ଷେତ୍ରରେ ସମସ୍ତେ ଆଗକୁ ଆସିବା ଉଚିତ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆବାହକ ଇଏସ୍‌ଏଚ୍ କମିଟି ଆଇସିସି ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ ଡ. ଏନ୍.ଆର୍. ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଜଳବାୟୁ ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱସ୍ତରୀୟ ପରିବେଶ ଚ୍ୟାଲେଞ୍ଜ ଭାବରେ ସ୍ୱୀକୃତ ହୋଇଛି। ଯଦି ସମୟାନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଏହା ବିଶ୍ୱକୁ ପ୍ରଭାବିତ କରିବ। ଜଳବାୟୁ ପ୍ରଣାଳୀର ଉଷ୍ମତା ଏକତରଫା, ଯେହେତୁ ବର୍ତ୍ତମାନ ବିଶ୍ୱର ହାରାହାରି ବାୟୁ ଏବଂ ସମୁଦ୍ରର ତାପମାତ୍ରା ବୃଦ୍ଧି, ତୁଷାର ଏବଂ ବରଫ ବ୍ୟାପକ ତରଳିବା ଏବଂ ସମୁଦ୍ର ପତ୍ତନ ବୃଦ୍ଧି ହେତୁ ଏହା ସ୍ପଷ୍ଟ ହୋଇଛି। ଏହା ସମସ୍ତ ଦେଶ ଉପରେ ପ୍ରଭାବ ପକାଇଥାଏ। କିନ୍ତୁ ଭାରତ ପରି ବିକାଶଶୀଳ ଦେଶ ପାଇଁ ଏହାର ଦୁର୍ବଳତା, ଅନୁପଯୁକ୍ତ ଉପାୟ ଏବଂ ଏହାର ପ୍ରଭାବ ସହିତ ଖାପ ଖାଇବା ପାଇଁ ସୀମିତ କ୍ଷମତାକୁ ଦୃଷ୍ଟିରେ ରଖି ଏହା ଗୁରୁତର। ଐତିହାସିକ ପ୍ୟାରିସ ଚୁକ୍ତିନାମା ସ୍ୱାକ୍ଷର ହେବା ଏକ ଗୁରୁତ୍ୱପୂର୍ଣ୍ଣ ବିକାଶ, ଯାହା ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବାର କାରଣକୁ ସମସ୍ତ ଦେଶକୁ ଏକତ୍ର କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଜଳବାୟୁ ପରିବର୍ତ୍ତନ ଉପରେ ସ୍ୱତନ୍ତ୍ର ଆଲୋଚନାଚକ୍ରରେ ସ୍ୱତନ୍ତ୍ର ଅତିଥିମାନେ ଯୋଗଦାନ କରିଥିଲେ। ଆଇସିସି ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା ସରକାରଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଆଇସିସି ଓଡ଼ିଶା କାଉନ୍‌ସିଲ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ପାଲ୍‌ଙ୍କ ସହ ଆଇସିସିର ଅନ୍ୟାନ୍ୟ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ୭୪ ନାବାଳିକା, ଯୁବତୀ ଉଦ୍ଧାର

ଧର୍ମଶାଳା,୯।୯(ଡି.ଏନ.ଏ.): ଯାଜପୁର ଜିଲା ଜେନାପୁର ଓ ଧର୍ମଶାଳା ଥାନା ପକ୍ଷରୁ ଗତ ୧ ତାରିଖରୁ ଶୁକ୍ରବାର ସୁଦ୍ଧା ୭୪ ଅପହୃତା, ନିଖୋଜ ନାବାଳିକା ଓ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଧର୍ମଶାଳା ଥାନା ପକ୍ଷରୁ ଅପହୃତା ୧୨ ଯୁବତୀ ଓ ୪ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସେଥିରୁ ୪ ଯୁବତୀ ଓ ଜଣେ ନାବାଳିକକାଙ୍କୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ୮ ଯୁବତୀ ଓ ୩ ନାବାଳିକାଙ୍କୁ ସ୍ୱଧାର ଗୃହକୁ ପଠାଯାଇଛି ବୋଲି ଥାନା ଅଧିକାରୀ ରାକେଶ ତ୍ରିପାଠୀ ସୂଚନା ଦେଇଛନ୍ତି। ସେହିପରି ଜେନାପୁର ଥାନା ପକ୍ଷରୁ ୫୮ ଅପହୃତା ଯୁବତୀଙ୍କୁ ଉଦ୍ଧାର କରାଯାଇ ସେମାନଙ୍କ ପରିବାରକୁ ହସ୍ତାନନ୍ତର କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ସମ୍ମାନ, ସ୍ୱୀକୃତି ଅନୁଷ୍ଠାନକୁ ଆଗକୁ ନେଇଥାଏ: ଅଚ୍ୟୁତ




## କିସ୍‌କୁ ୟୁନେସ୍କୋ ଅନ୍ତର୍ଜାତୀୟ ଲିଟେରାସି ଆୱାର୍ଡ

ଭୁବନେଶ୍ୱର,୯।୯

ସର୍ବବୃହତ୍ ଜନଜାତି ଶିକ୍ଷାନୁଷ୍ଠାନ କିସ୍‌କୁ ବିଶ୍ୱର ସର୍ବଶ୍ରେଷ୍ଠ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ବିଶେଷକରି ଶିକ୍ଷାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କିସ୍‌କୁ ୟୁନେସ୍କୋ ଅନ୍ତର୍ଜାତୀୟ ଲିଟେରାସି ପୁରସ୍କାର-୨୦୨୨ ଭଳି ଏକ ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଜନଜାତି 'ପିଲାଙ୍କ ମଧ୍ୟରେ ମାତୃଭାଷା ଭିତ୍ତିକ ବହୁଭାଷୀ ଶିକ୍ଷା' କାର୍ଯ୍ୟକ୍ରମ ପାଇଁ ଏହି ସମ୍ମାନଜନକ ପୁରସ୍କାର କିସ୍‌କୁ ପ୍ରଦାନ କରାଯାଇଛି। ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଅବସରରେ ୟୁନେସ୍କୋ କିଂ ସେଜଂ ଲିଟେରାସି ପ୍ରାଇଜ୍ ନାମରେ ନାମିତ ଏହି ସମ୍ମାନଜନକ ଅନ୍ତର୍ଜାତୀୟ ପୁରସ୍କାର ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରିଥାଏ। ଏହି ଅନ୍ତର୍ଜାତୀୟ ଶିକ୍ଷା ପୁରସ୍କାର ପାଇବାରେ କିସ୍ ବିଶ୍ୱର ପ୍ରଥମ ଜନଜାତି ଅନୁଷ୍ଠାନ ହୋଇଥିବା ବେଳେ ଭାରତର ସମସ୍ତ ଘରୋଇ ଓ ସରକାରୀ ଅନୁଷ୍ଠାନ କ୍ଷେତ୍ରରେ ୫ମ ଅନୁଷ୍ଠାନ ଓ ତୃତୀୟ ଏନ୍‌ଜିଓ ସଂସ୍ଥା ବୋଲି ଶୁକ୍ରବାର ସ୍ଥାନୀୟ ଜୟଦେବ ବିହାରର ଏକ ହୋଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କିସ୍ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସୂଚନା ଦେଇଥିଲେ। ସେହିପରି କିସ୍ ହେଉଛି ଭାରତର ଏକମାତ୍ର ଶିକ୍ଷାନୁଷ୍ଠାନ, ଯାହାକି ୨୦୧୩ରେ କିସ୍ ମାତୃଭାଷା ଭିତ୍ତିକ ବହୁଭାଷୀ ପ୍ରାଥମିକ ଶ୍ରେଣୀଗୃହ ଶିକ୍ଷାଦାନ ପ୍ରଣାଳୀ ଆରମ୍ଭ କରିଥିଲା। ଏପରିକି ସମ୍ମାନ ଓ ସ୍ୱୀକୃତି ଗୋଟିଏ ଅନୁଷ୍ଠାନକୁ ବଳ ଯୋଗାଇବା ସହ ଆଗକୁ ମଧ୍ୟ ନେଇଥାଏ। ପ୍ରଥମ ଶ୍ରେଣୀରେ ନାମ ଲେଖାଉଥିବା ଶିଶୁମାନଙ୍କୁ ସେମାନଙ୍କ କଥିତ ଓ ପ୍ରଚଳିତ ଭାଷାରେ ଶିକ୍ଷାଦାନ କରାଯାଇଥାଏ। ଫଳରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଇଥାଏ। ପର୍ଯ୍ୟାୟକ୍ରମେ ସେମାନଙ୍କୁ ବହିରେ ଲିଖିତ ଭାଷା ବ୍ୟବହାର ସହ ଅଭ୍ୟସ୍ତ କରାଯାଇଥାଏ। ଧୀରେ ଧୀରେ ସେମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ବଢିଥାଏ ଏବଂ ଅଧାରୁ ପାଠ ପଢୁଥିବା ପିଲାଙ୍କ ସଂଖ୍ୟା କମାଇବାରେ ଏହା ଏକ ଅଭିନବ ଓ ସଫଳ ପ୍ରୟାସ ହୋଇଥାଏ। କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୩୦ ବର୍ଷ ମଧ୍ୟରେ ଅଚ୍ୟୁତ ସାମନ୍ତଙ୍କ ଏହି ଅନନ୍ୟ ଶିକ୍ଷାଦାନ କୌଶଳ ଆଜି ଏକ ସଫଳ କୌଶଳ ଭାବେ ସମଗ୍ର ବିଶ୍ୱରେ ସ୍ୱୀକୃତି ଲାଭ କରିପାରିଛି। କିସ୍ ଏହି ସମ୍ମାନଜନକ ପୁରସ୍କାର ପାଇବା ପରେ ସାମନ୍ତ ୟୁନେସ୍କୋକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ବିଶ୍ୱର ଏହି ଶ୍ରେଷ୍ଠ ଶିକ୍ଷା ସମ୍ମାନ ଆମକୁ ଶିକ୍ଷା ମାଧ୍ୟମରେ ଜନଜାତିଙ୍କ ସଶକ୍ତୀକରଣ ସହ ଅଧିକରୁ ଅଧିକ ଜନଜାତି ପିଲାମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ଆହୁରି ଉତ୍ସାହିତ କରିବ। ସୂଚନାଯୋଗ୍ୟ, କିସ୍ ଜରିଆରେ ୭୦ହଜାରରୁ ଉର୍ଦ୍ଧ୍ୱ ଜନଜାତି ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଛନ୍ତି। ୨୦୧୫ରେ କିସ୍ ୟୁନେସ୍କୋର ସ୍ପେଶିଆଲ୍ କନ୍‌ସଲଟିଭ ଷ୍ଟାଟସ ପାଇବାର ଗୌରବ ଅର୍ଜନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା, କିସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ କିସ୍‌ର ମହାନିର୍ଦ୍ଦେଶକ କାହ୍ନୁ ଚରଣ ମାହାଳି ପ୍ରମୁଖ ଉପସ୍ଥିତ ଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୬୧,୨୮,୦୮,୪୧୩ | ୬୫,୧୩,୦୫୧ | ୫୯,୦୭,୬୦,୩୩୩ |
| ଭାରତ | ୪,୪୪,୮୪,୬୨୯ | ୫,୨୮,୧୨୧ | ୪,୩୯,୦୬,୯୭୨ |
| ଓଡ଼ିଶା | ୧୩,୨୯,୬୬୬ | ୯୧୮୪(+୫୩) | ୧୩,୧୮,୬୯୮ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଟେଷ୍ଟ ହାଉସ ମାଲିକ କାନ ଧରି ଭୁଲ୍ ମାଗିଲେ




ଟେଷ୍ଟ ହାଉସ୍ କର୍ମଚାରୀମାନେ ମନ୍ଦିରରେ କାନ ଧରି କ୍ଷମା ପ୍ରାର୍ଥନା କରୁଛନ୍ତି।

**ରୂପ୍ସା, ୯।୯ (ଡି.ଏନ୍.ଏ.)**

କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟଦେବତା ଶ୍ରୀଜଗନ୍ନାଥଙ୍କ ପ୍ରତିମାଙ୍କୁ ଏକ ପିକ୍‌ଅପ ଭ୍ୟାନ ପଛପଟେ ବାନ୍ଧି ନିଆଯିବା ଭିଡିଓ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବାଲେଶ୍ୱର ଜିଲ୍ଲା ୬୦ ନଂ. ଜାତୀୟ ରାଜପଥର ସଦର ବ୍ଲକ ହଳଦୀପଦାଠାରେ ଗୁରୁବାର ଜଣେ କାର୍ ଡ୍ରାଇଭର ଏଭଳି ଦୃଶ୍ୟକୁ ମୋବାଇଲରେ ଭିଡିଓ କରିବା ପରେ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହାର ପ୍ରତିବାଦରେ ଶୁକ୍ରବାର ଛାତ୍ର କଂଗ୍ରେସ ପକ୍ଷରୁ ବସ୍ତା ଥାନାରେ ଏକ ଏତଲା ଦିଆଯାଇଛି। ଅନ୍ୟପକ୍ଷରେ ଟେଷ୍ଟ ହାଉସ ମାଲିକ ଜଳେଶ୍ୱର ଗୋବରଘାଟ ପଞ୍ଚାୟତର ଗୌତମ ପ୍ରଧାନ, ତାଙ୍କ ସ୍ତ୍ରୀ ଓ କର୍ମଚାରୀଙ୍କୁ ସାଙ୍ଗରେ ନେଇ

### ପିକ୍‌ଅପ ପଛରେ ଜଗନ୍ନାଥଙ୍କ ପ୍ରତିମା ବାନ୍ଧି ନିଆଯାଉଥିବା ଭିଡିଓ ଭାଇରାଲ

କୃଷ୍ଣନଗରସ୍ଥିତ ଇସ୍କନ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଦୀପ ଜାଳିଛନ୍ତି। ତାଙ୍କ ଅଜାଣତରେ କର୍ମଚାରୀମାନେ ପ୍ରଭୁ ଜଗନ୍ନାଥଙ୍କୁ ଏଭଳି ଆଣିବା ଘଟଣାରେ ସେ କ୍ଷମାପ୍ରାର୍ଥନା କରିଛନ୍ତି। ସମସ୍ତେ ମନ୍ଦିରରେ କାନ ଧରି ଠାକୁରଙ୍କଠାରେ ଭୁଲ ମାଗି ଭବିଷ୍ୟତରେ ଏଭଳି ହେବ ନାହିଁ ବୋଲି ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି।

ଜାତୀୟ ରାଜପଥ ଦେଇ ଶିବଶକ୍ତି ନାମରେ ଏକ ଟେଷ୍ଟ ହାଉସ ସଂସ୍ଥା ପିକ୍‌ଅପ୍ ଭ୍ୟାନରେ ବାଉଁଶ ବୋଝେଇ ସହିତ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିମାଙ୍କୁ ପଛରେ ଓହଳାଇ ଦଉଡିରେ ବାନ୍ଧି ନେଉଥିଲା। ଏହି ଘଟଣା ସମସ୍ତ ଦେଖଣାହାରିଙ୍କୁ ବ୍ୟଥିତ କରିଥିଲା। ଏହି ଦୃଶ୍ୟ ଭାଇରାଲ ହେଲା ପରେ ବସ୍ତା ଛାତ୍ର କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନାଙ୍କ ନେତୃତ୍ୱରେ ବସ୍ତା ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଅବିନାଶ ନାୟକ, ଜଳେଶ୍ୱର ନିର୍ବାଚନମଣ୍ଡଳୀ ଛାତ୍ର କଂଗ୍ରେସ ସଭାପତି ଜଗନ୍ନାଥ ମହାପାତ୍ର, ପୂର୍ବତନ ସମିତିସଭ୍ୟ ଜୟନ୍ତ କୁମାର ମହାପାତ୍ର, କମଳଲୋଚନ ଜେନା, ଯୁବନେତା ଜଗଦୀଶ ସାହୁ, ଛାତ୍ରନେତା ରମେଶ ରାଉଳ, ବାହାର୍ଦ୍ଦା ପଞ୍ଚାୟତ କଂଗ୍ରେସ ସଭାପତି ମଦନ ଭକ୍ତା ପ୍ରମୁଖ ସଂସ୍ଥା ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ପୂର୍ବକ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ବାରିଣୀ ଦାସ କହିଥିଲେ।

# ଜି. ରାଜେଶ ଖଣି ନିର୍ଦ୍ଦେଶକ

### ଆଇଏଫ୍‌ଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର, ୯।୯ (ବ୍ୟୁରୋ)**

ରାଜ୍ୟ ସରକାର ଆଇଏଫଏସ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ସିସିଏଫ୍(ନୋଡାଲ) ଜି. ରାଜେଶଙ୍କୁ ଖଣି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ରାଜନଗର ଡିଏଫଓ ଯଜ୍ଞଦତ୍ତ ପତିଙ୍କୁ ଆଠଗଡ ବନଖଣ୍ଡ ଡିଏଫ୍‌ଓ ଏବଂ ଡେରାଡୁନ ବନ୍ୟପ୍ରାଣୀ ପ୍ରତିଷ୍ଠାନରୁ ଟ୍ରେନିଂ ଶେଷ କରି ଫେରିଥିବା ପ୍ରଶାନ୍ତ ପଟେଲଙ୍କୁ ଫୁଲବାଣୀ ବନଖଣ୍ଡ ଡିଏଫ୍‌ଓ ଭାବେ ନିଯୁକ୍ତି ଦିଆଯାଇଛି।

# ସୂର୍ଯ୍ୟମନ୍ଦିରରୁ ବାଲିକଢ଼ାକୁ ନେଇ ସଂଶୟ

- ଅଂଶୀଦାରଙ୍କ ବିନା ସମନ୍ୱୟରେ କାମ କରୁଛି ଏଏସ୍‌ଆଇ
- ମନ୍ଦିର ପାଇଁ ବିପଦ ସୃଷ୍ଟି କରିବ ବଡ଼ ଯନ୍ତ୍ରାଂଶ ବ୍ୟବହାର



**ପୁରୀ ଅଫିସ, ୯।୯**

କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଗଲେ ମନ୍ଦିର ସୁରକ୍ଷିତ ରହିବ କି ନାହିଁ ସେ ନେଇ ଆଶଙ୍କା ଦେଖାଦେଇଛି। ବାଲି କଢାଯିବା ପ୍ରକ୍ରିୟା ଠିକ୍ ଅଛି କି ନାହିଁ, ଏହାଦ୍ୱାରା ମନ୍ଦିର ଉପରେ କ'ଣ ପ୍ରଭାବ ପଡ଼ିବ ଏବଂ ଏହି କାର୍ଯ୍ୟରେ ରାଜ୍ୟ ସରକାରଙ୍କ ସମେତ ଅଂଶୀଦାରମାନଙ୍କ ସହଯୋଗ ରହିଛି କି ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଶୁକ୍ରବାରଠାରୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଖନନ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଚୂଡ଼ାନ୍ତ ପରିଣାମ ନେଇ ସଂଶୟ ସୃଷ୍ଟି ହୋଇଛି।

ଏଏସ୍‌ଆଇ ଅଧିକାରୀ ଧିଲୋନ ମିଶ୍ରଙ୍କ ସୂଚନା ଅନୁଯାୟୀ, ସୂର୍ଯ୍ୟମନ୍ଦିରରୁ ବାଲି କାଢ଼ିବା ପାଇଁ ଦକ୍ଷିଣ ଓ ପଶ୍ଚିମ ପଟେ ୪୫ ଫୁଟ୍ ଉଚ୍ଚତାର ୱାର୍କିଂ ପ୍ଲାଟଫର୍ମ ତିଆରି କରାଯିବ। ତାହାରି ଉପରେ ଚଢ଼ି ମନ୍ଦିର ଗର୍ଭଗୃହରେ ପ୍ରବେଶ ପାଇଁ ୪ଫୁଟ୍ ଚଉଡ଼ା ଓ ୫ଫୁଟ୍ ଲମ୍ବର ଗର୍ତ୍ତ ଖୋଳାଯାଇ ବାଲି କଢ଼ାଯିବ। ସମ୍ପ୍ରତି ଏଏସ୍‌ଆଇ ସମ୍ପୃକ୍ତ ୱାର୍କିଂ ପ୍ଲାଟଫର୍ମର ଲେ-ଆଉଟ ତିଆରି କରିବାରେ ଲାଗିପଡ଼ିଛି। ଏହାପରେ ପଥର ବାହାର କରାଯାଇ ଭିତରକୁ ଯାଇ ବାଲି କାଢିବାକୁ ପ୍ରୟାସ ହେବ। ଏହି କାର୍ଯ୍ୟ ପ୍ରାୟ ୩ବର୍ଷ ଚାଲିବ ବୋଲି ମିଶ୍ର କହିଛନ୍ତି। ତେବେ ଦୀର୍ଘ ବର୍ଷ ଧରି ପଡ଼ି ରହିଥିବା ବାଲିକୁ ସୂର୍ଯ୍ୟମନ୍ଦିରରୁ ବାହାର କରିବା ଭଳି ନିଷ୍ପତ୍ତି ନେବା ପୂର୍ବରୁ ଏଏସ୍‌ଆଇ ରାଜ୍ୟ ସରକାରଙ୍କ ସମେତ ଅନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିଛି କି ନାହିଁ ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ରାଜ୍ୟ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଛନ୍ତି, କୋଣାର୍କ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଏଏସ୍‌ଆଇ ଅଧୀନରେ ରହିଥିବାରୁ ରାଜ୍ୟ ସଂସ୍କୃତି ବିଭାଗର କୌଣସି ସଂପୃକ୍ତି ନାହିଁ। ଏଏସ୍‌ଆଇ ନିଜ ଦାୟିତ୍ୱରେ କାର୍ଯ୍ୟ ପରିଚାଳିତ କରୁଛି। ଅନ୍ୟପକ୍ଷରେ ଗର୍ଭଗୃହରୁ ବାଲି କଢ଼ାଯିବା ନେଇ ୨୦୨୦ ଜୁନ୍ ୧୧ରେ ଏକ ବୈଷୟିକ କମିଟି ଗଠନ ହୋଇଥିଲା। ସମ୍ପ୍ରତି ଏଏସ୍‌ଆଇ ଉକ୍ତ କାର୍ଯ୍ୟ କରୁଥିଲେ ମଧ୍ୟ ବୈଷୟିକ ଟିମ୍‌ର ପରାମର୍ଶ ନିଆଯାଇନାହିଁ। କୋଣାର୍କ ବୈଷୟିକ କମିଟି ସଦସ୍ୟ ଏ.କେ. ପଟେଲ କହିଛନ୍ତି, ବାଲିକଢ଼ା ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିବା ଗଣମାଧ୍ୟମରୁ ଜାଣିବାକୁ ପାଇଲୁ। ଏନେଇ ବୈଷୟିକ୍ ଟିମ୍ ନିକଟରେ କୌଣସି ବିଧିବଦ୍ଧ ସୂଚନା ନାହିଁ। ଏଏସ୍‌ଆଇ ପକ୍ଷରୁ କେହି ଆମ ସହ ଆଲୋଚନା କରିନାହାନ୍ତି। ସେହିପରି ପୂର୍ବତନ ଏଏସ୍‌ଆଇ ଅଧିକାରୀ ଜୀବନ ପଟ୍ଟନାୟକ କହିଛନ୍ତି, ୧୧୯ ବର୍ଷ ପୂର୍ବେ ଯେଉଁ ବାଲି ଭର୍ତ୍ତି କରାଯାଇଥିଲା ତାହା ବାହାର କରାଯାଉ, ଏଥିରେ କୌଣସି ଅସୁବିଧା ନାହିଁ। ମାତ୍ର ଏନେଇ ପ୍ରଥମେ ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଯିବା ଉଚିତ। ଭାରତ ସରକାର ସବୁ ଦିଗରୁ ସଚେତନ ହୋଇ ଆଲୋଚନା କରି କାର୍ଯ୍ୟ କରନ୍ତୁ। ଖଡ଼ଗପୁର ଆଇଆଇଟିର ପୂର୍ବତନ ପ୍ରଫେସର ଓମ୍‌କାର ନାଥ ମହାନ୍ତି କହିଛନ୍ତି, ଯେକୌଣସି ବିଶ୍ୱ ଐତିହ୍ୟରୁ ବାଲି କଢ଼ାଯିବାର ଏହା ପ୍ରଥମ ଉଦାହରଣ। ଏଣୁ ଏନେଇ କୌଣସି ଅଭିଜ୍ଞତା ବିନା ପରିଣାମକୁ ନେଇ ଦ୍ୱନ୍ଦ୍ୱ ରହିଛି। ଗୋଟିଏ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ବାଲି ରହିବା ଫଳରେ ମନ୍ଦିରର ଭିତର ସ୍ଥିତି କିଭଳି ଥିବ ଓ ବାଲି ବାହାର କରିବା ପରେ ସ୍ଥିତି କିଭଳି ହେବ ସେନେଇ ଆଶଙ୍କା ଦେଖାଦେଇଛି। ବାଲି କାଢ଼ିବା ପାଇଁ ପ୍ରଥମେ ବଡ଼ ବଡ଼ ପଥରକୁ କାଢ଼ିବାକୁ ପଡ଼ିବ। ଅନେକ ସ୍ଥାନରେ ବାଲି ଶକ୍ତ ହୋଇଯାଇଥିବ, ଯାହାକୁ କାଢିବାରେ ବଡ଼ ଯନ୍ତ୍ରାଂଶ ବ୍ୟବହାର କରିବାକୁ ପଡ଼ିପାରେ। ଏହା ମନ୍ଦିର ପାଇଁ ବିପଦ ବଢ଼ାଇବ ବୋଲି ମହାନ୍ତି ମତ ଦେଇଛନ୍ତି। କୋଣାର୍କ ସୁରକ୍ଷା ସମିତିର ସମ୍ପାଦକ ରାମକୃଷ୍ଣ ମହାନ୍ତି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗକୁ ନେଇ ଏକ କମିଟି କରାଯାଇଥିଲା। ସେହି କମିଟିକୁ ମଧ୍ୟ ଏଏସ୍‌ଆଇ ଅବଗତ କରିନାହିଁ। ସର୍ବସମ୍ମତ କ୍ରମେ ସମସ୍ତଙ୍କ ସହଯୋଗରେ କାର୍ଯ୍ୟ କରାଯାଉ। ବାଲି କଢ଼ା ପାଇଁ କି କି ପ୍ରକ୍ରିୟା ସବୁ ଗ୍ରହଣ କରାଯିବ ସେନେଇ ନିର୍ଦ୍ଦିଷ୍ଟ ଭାବେ ଏଏସ୍‌ଆଇ ସ୍ପଷ୍ଟୀକରଣ ଦେଉ ଓ ସମ୍ପୃକ୍ତ ତଥ୍ୟକୁ ସାର୍ବଜନୀନ କରାଯିବାକୁ ମହାନ୍ତି ଦାବି କରିଛନ୍ତି।

# ଯୁକ୍ତ୨ ନାମଲେଖା ପାଇଁ ଆଉ ଥରେ ସୁଯୋଗ

- ୧୦ ରୁ ୨୭ ମଧ୍ୟରେ ଆବେଦନ
- ଅକ୍ଟୋବର ୧ରେ ମେଧା ତାଲିକା ପ୍ରକାଶ

**ଭୁବନେଶ୍ୱର, ୯।୯ (ବ୍ୟୁରୋ)**

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲଗୁଡ଼ିକରେ ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା ଶନିବାର ଶେଷ ହେଉଛି। ଏପରି ସ୍ଥିତିରେ ପ୍ରଥମ ପର୍ଯ୍ୟାୟରୁ ବଞ୍ଚିତ ଛାତ୍ରୀଛାତ୍ରଙ୍କ ପାଇଁ ରାଜ୍ୟ ସରକାର ଆଉ ଥରେ ସୁଯୋଗ ଦେଇଛନ୍ତି। ଦଶମ ବା ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା କେତେଜଣ ଛାତ୍ରୀଛାତ୍ର ଯୁକ୍ତ୨ ନାମଲେଖା ପାଇଁ ପ୍ରଥମ ପର୍ଯ୍ୟାୟ ଇ-ଆଡ୍‌ମିଶନରେ ଭାଗନେଇପାରି ନ ଥିଲେ। ଏହା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ନିମନ୍ତେ ସୁଯୋଗ ଦେବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରମାନେ ଆସନ୍ତା ୧୦ରୁ ୨୭ ତାରିଖ ମଧ୍ୟରେ ଆବେଦନ କରିପାରିବେ। ଇଚ୍ଛୁକ ଛାତ୍ରୀଛାତ୍ର ତଥା ଅଭିଭାବକମାନେ samsodisha.gov.inରେ ଲଗ୍‌ଇନ୍ କରି ସମ୍ପୂର୍ଣ୍ଣ ବିବରଣୀ ଜାଣିପାରିବେ ବୋଲି ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ବିଜ୍ଞପ୍ତି ଅନୁସାରେ, ଛାତ୍ରୀଛାତ୍ର ୨୭ ତାରିଖ ରାତି ୧୧ଟା ୫୫ ସୁଦ୍ଧା ସାମ୍ସ ୱେବ୍‌ସାଇଟ୍‌ରେ କମନ ଆପ୍ଲିକେଶନ ଫର୍ମ ପକାଇପାରିବେ। ଅକ୍ଟୋବର ୧ ଅପରାହ୍ନ ୨ଟାରେ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ର ଅକ୍ଟୋବର ୧୧ ସକାଳ ୯ଟାରୁ ୧୩ ତାରିଖ ଅପରାହ୍ନ ୫ଟା ଭିତରେ ନାମ ଲେଖାଇପାରିବେ। ଏହାପରେ ବଳକା ସିଟ୍‌ରେ ନାମଲେଖା ନିମନ୍ତେ ଅକ୍ଟୋବର ୧୮ରେ ସ୍ପଟ୍ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ ପାଇବ। ଏହା ବଳକା ସିଟ୍‌ର ୫ଗୁଣ ରହିବ। ୧୮ ରୁ ୧୯ ତାରିଖ ଭିତରେ ନାମଲେଖା ପଞ୍ଜୀକରଣ ଓ ୨୦ ତାରିଖ ପୂର୍ବାହ୍ନ ୧୧ଟା ୫୦ରେ ସ୍ପଟ୍ ନାମଲେଖା ପାଇଁ ଚୂଡ଼ାନ୍ତ ତାଲିକା ବାହାରିବ। ମନୋନୀତ ଛାତ୍ରୀଛାତ୍ର ୨୦ ତାରିଖ ଅପରାହ୍ନ ୨ଟାରୁ ୨୧ ତାରିଖ ଅପରାହ୍ନ ୪ଟା ଭିତରେ ନାମ ଲେଖାଇ ପାରିବେ। ଉଲ୍ଲେଖଯୋଗ୍ୟ, ପ୍ରଥମ ପର୍ଯ୍ୟାୟରେ ୩,୪୪,୩୪୩ ଛାତ୍ରୀଛାତ୍ର ନାମ ଲେଖାଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୬୭,୯୧୯ ଛାତ୍ରୀଛାତ୍ର ମନୋନୀତ ହୋଇଥିଲେ।




E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**SKY AUTOMOBILES**
BHUBANESWAR: PATIA: 7381045356.
CUTTACK: 9776677771, 7381873818,
DHENKANAL: 8093027882. NARSINGHPUR: 8093027882.
KAMAKHYANAGAR: 8093027882. JAJPUR: 9776900777.
SALEPUR: 9583544555. CHANDIKHOL : 9583544555.
TANGI: 7381045356.

**ODYSSEY MOTORS**
ANGUL: 7752076136, 9776901481.
PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450.
PANIKOILI: 9078076450.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190.
BALUGAON: 9798190190. ANANDPUR: 9798190190. KENDRAPARA: 9798190190.
BALASORE: 9798190190. BHADRAK: 9798190190. BARIPADA: 9798190190.
UDALA: 7064499950. RAIRANGPUR: 9853446906.
JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013.
JAGATSINGHPUR: 9583022090. PURI: 9583022035.
NIMPARA: 7381094851. PARADEEP: 9583022034/ 48.

Terms and conditions apply. Terms and conditions are subject to change without any prior notice. For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper.

**ଆଜିର ମନ୍ତବ୍ୟ**

"ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ଦଳୀୟ ବ୍ୟାପାରରେ ମୁଣ୍ଡ ଖେଳାଇବା ପରିବର୍ତ୍ତେ ନିଜ କୃଷ୍ଣାନଗର ଆସନ ଉପରେ ଧ୍ୟାନ ଦିଅନ୍ତୁ। କିଏ କେଉଁ ପଦବୀ ପାଇବ ତାହା ଦଳ ବିଚାର କରିବ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ମିକି

ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଉଡାନ ଯୋଜନାରେ ୪ ସହର ସାମିଲ

ଭୁବନେଶ୍ୱର,୯।୯(ବ୍ୟୁରୋ): ଉଡାନ ଯୋଜନାରେ ଓଡିଶାର ୪ଟି ସହର ସାମିଲ ହେବ। ଉଡାନ ୫.୦ ଯୋଜନାରେଦେଶର ୫୪ଟି ସହରକୁ ସାମିଲ କରିବାକୁଯୋଜନା ରହିଛି। ତାଲିକାରେ ଓଡିଶାର ବାରିପଦା, କୋଣାର୍କ, ହୀରାକୁଦ ଓ ମାଲକାନାଗିରି ରହିଛି। ନିକଟ ଭବିଷ୍ୟତରେ ଏହି ୪ ସହରରେ ଏୟାରଷ୍ଟ୍ରିପ୍ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି। ଛୋଟ ସହରକୁ ବିମାନ ସେବା ଯୋଡିବା ପାଇଁ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଲକ୍ଷ୍ୟ ରଖିଛି। ବିଗତ ଦିନରେ ଏହି ଯୋଜନାରେ ରାଉରକେଲା, ଜୟପୁର ସହରକୁ ସାମିଲ କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ସେଠାରେ ବିମାନ ଚଳାଚଳ ଆରମ୍ଭ ହୋଇନାହିଁ। ଏବେ ଭୁବନେଶ୍ୱର ଏବଂ ଝାରସୁଗୁଡାରେ ଓଡିଶାର ୨ଟି ବିମାନବନ୍ଦର ରହିଛି।

# ୨୦୨୨ ଜାନୁୟାରୀରୁ ସ୍କୁଲ, କଲେଜ ଶିକ୍ଷକଙ୍କୁ ୭ମ ବେତନ କମିଶନ

ଭୁବନେଶ୍ୱର,୯।୯(ବ୍ୟୁରୋ)

ସପ୍ତମ ବେତନ କମିଶନ ମୋଡାଲିଟିରେ ରହିଥିବା ଅସଙ୍ଗତି ଦୂର ହୋଇଛି। ରାଜ୍ୟର ସମସ୍ତ ଅନୁଦାନପ୍ରାପ୍ତ ସ୍କୁଲ, ୬୬୨ ଓ ୪୮୮ ବର୍ଗର କଲେଜ ଶିକ୍ଷକ ଏବଂ କର୍ମଚାରୀମାନେ ସମାନୁପାତିକ ହାରରେ ୨୦୨୨ ଜାନୁୟାରୀ ପହିଲାରୁ ସପ୍ତମ ବେତନ କମିଶନ ଦରମା ପାଇବେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ନେତୃମଣ୍ଡଳୀଙ୍କ ସହ ଆଲୋଚନା ପରେ ରାଜ୍ୟ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏନେଇ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରିବାକୁ ମୁଖ୍ୟ ଶାସନ ସଚିବ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ମାଧ୍ୟମିକ ସ୍କୁଲର ଖେଳ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଯେଉଁମାନଙ୍କର ୨୮୦୦ ଗ୍ରେଡ୍‌ପେ ସେମାନଙ୍କର ଉଚ୍ଚତର ଦରମାକୁ ପେ ପ୍ରୋଟେକ୍‌ଶନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି ବୋଲି ସମନ୍ୱୟ ସମିତିର ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ସରକାର ଅନୁଦାନପ୍ରାପ୍ତ ସ୍କୁଲ, କଲେଜକୁ ୨୦୧୮ ଜାନୁୟାରୀ ପହିଲାକୁ ନୋସନାଲି ହିସାବ ନେଇ ୨୦୨୨ ଜାନୁୟାରୀ ପହିଲାରୁ ପ୍ରତ୍ୟକ୍ଷ ଭାବରେ ସପ୍ତମ ବେତନ ପ୍ରଦାନ କରିବା ପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏଥିରେ ୨.୫୭ ଫ୍ୟାକ୍ଟରରେ ଗୁଣନ କରି ଦରମା ନିର୍ଦ୍ଧାରଣ କରାଯାଇ ନ ଥିଲା। ରାଜ୍ୟ ସରକାର ୨୦୧୮ ମସିହାର ୧୪୨% ମହଙ୍ଗା ଭତ୍ତାକୁ ହିସାବକୁ ନେଇ ସପ୍ତମ ବେତନ ନିର୍ଦ୍ଧାରଣ କରିଥିଲେ । ଉକ୍ତ ନିର୍ଦ୍ଧାରଣ ପଦ୍ଧତିରେ ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ,ଉଚ୍ଚ ପ୍ରାଥମିକ, ମଦ୍ରାସା ସମେତ ୬୬୨ ଓ ୪୮୮ ବର୍ଗ କଲେଜରେ କାର୍ଯ୍ୟରତ ଡେମୋନଷ୍ଟ୍ରେଟର, ଲାଇବ୍ରେରିଆନ୍, କିରାଣି, ପିଅନ, ଖେଳ ଶିକ୍ଷକ ଏବଂ କେତେକ ଅଧ୍ୟାପକ ଏଥିରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହେଉଥିଲେ। ସ୍କୁଲ ଓ କଲେଜର ୫୦,୦୦୦ରୁ ୪୭,୦୦୦ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଏଥିରେ କ୍ଷତିଗ୍ରସ୍ତ ହେବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଗତ ଜୁନ୍ ୯ ତାରିଖରେ ବିଧାନସଭା ସମ୍ମୁଖରେ ଏନେଇ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଶିକ୍ଷକ ଓ କର୍ମଚାରୀମାନଙ୍କ ପ୍ରତି ହୋଇଥିବା ଅନ୍ୟାୟକୁ ବିଚାରକୁ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସମସ୍ୟାର ସମାଧାନ ହୋଇଛି। ୨୦୧୮ ଜାନୁୟାରୀରୁ ନୋସନାଲ୍ ହିସାବ ପରିବର୍ତ୍ତେ ୨୦୨୨ ଜାନୁୟାରୀ ପହିଲାରୁ ୬ଷ୍ଠ ବେତନ ଅନୁଯାୟୀ ପ୍ରଚଳିତ ଥିବା ୧୯୬% ମହଙ୍ଗାଭତ୍ତା ଆଧାରରେ ସପ୍ତମ ବେତନ ନିର୍ଦ୍ଧାରଣ ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ୨୮୦୦ ଗ୍ରେଡ୍ ପେ ପାଉଥିବା ଶିକ୍ଷକମାନଙ୍କର ପୂର୍ବ ପ୍ରଚଳିତ ମୋଡାଲିଟି ଆଧାରରେ ଉଚ୍ଚତର ସ୍କେଲ୍‌କୁ ସୁରକ୍ଷିତ ରଖାଯିବା ପାଇଁ ନିଷ୍ପତ୍ତି ହୋଇଛି। ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କର ୧୭୦୦ ଗ୍ରେଡ୍‌ପେ ଅନୁଯାୟୀ ସପ୍ତମ ବେତନ ନିର୍ଦ୍ଧାରଣ ହେବା ସହିତ ୧୦୦% ଓ ୭୫% ଦରମା ପାଉଥିବା ଶିକ୍ଷକ, କର୍ମଚାରୀମାନେ ୧୦୦% ଦରମା ପାଇବା ପରେ ସପ୍ତମ ବେତନ ପ୍ରଦାନ କରାଯିବ। ଅନୁଦାନ ପାଇ ନ ଥିବା ସ୍କୁଲ ଓ କଲେଜଗୁଡ଼ିକୁ ତୁରନ୍ତ ଅନୁଦାନ ପ୍ରଦାନ ପାଇଁ ଦାବି ହୋଇଥିଲା । ରାଜ୍ୟ ସରକାର ଏ ସମ୍ପର୍କରେ ତୁରନ୍ତ ନିଷ୍ପତ୍ତି ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ଉନ୍ନୟନ କମିଶନର ପ୍ରଦୀପ ଜେନା, ସ୍କୁଲ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ଅର୍ଥ ପରାମର୍ଶଦାତାଙ୍କ ସମେତ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଆବାହକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସମେତ ମିଳିତ ମଞ୍ଚର ଆବାହକ ପବିତ୍ର ମହାଲା, ଅଟଳ ବିହାରୀ ବଳ, ସୁକାନ୍ତ ବେହେରା, ରଞ୍ଜନ ଦାଶ, ଅଶୋକ କୁମାର ମହାପାତ୍ରଙ୍କ ସମେତ ୬୬୨ କଲେଜର ନେତୃବୃନ୍ଦ ଉପସ୍ଥିତ ଥିଲେ । ଏହି ନିଷ୍ପତ୍ତି ଦ୍ୱାରା କୌଣସି ବର୍ଗର ଅଧ୍ୟାପକ କିମ୍ବା କର୍ମଚାରୀ କ୍ଷତିଗ୍ରସ୍ତ ହେଉନାହାନ୍ତି। ସରକାରଙ୍କ ଏହି ନିରପେକ୍ଷ ନିଷ୍ପତ୍ତିକୁ ମିଳିତ ମଞ୍ଚର ଶିକ୍ଷକ ଓ କର୍ମଚାରୀମାନେ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ, ମୁଖ୍ୟ ଶାସନ ସଚିବ, ବିଭାଗୀୟ ସଚିବଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଡାଳି ମାଙ୍କୁଡ଼ି
ଏ ଡାଳ ସେ ଡାଳ ଡେଉଁଛି ଖାଲି ।

ସାଧାରଣତଃ ଗାଁ ଗହଳିରେ ଝିଅ ବୋହୂମାନେ ବରଗଛ ଓହଳରେ ଡାଳି ମାଙ୍କୁଡ଼ି ଖେଳ ଖେଳିଥାନ୍ତି। ପରୋକ୍ଷରେ ଚଞ୍ଚଳ ସ୍ୱଭାବ ବିଶିଷ୍ଟା ମହିଳାଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଢିଙ୍କି ପଡ଼େ ରସ ରସ
ଚନ୍ଦ୍ରମା ବଦନେ ନାହିଁ ହରଷଲୋ।
ମିଛେ କହେ ବସ ବସ।

ମନ ଖରାପ ଥିଲେ ମୁହଁର ଭାବଭଙ୍ଗୀ ଅନେକାଂଶରେ ବଦଳି ଯାଇଥାଏ। ଇଚ୍ଛା ନ ଥିଲେ ମଧ ବାଧବାଧକତାରେ ପଡି ଅନ୍ୟ ଆଗରେ ମୁହଁରେ ହସ ଖେଳେଇବାକୁ ପଡିଥାଏ। ମିଛରେ ଖୁସି ଥିବାର ବାହାନା କରୁଥିବା ଲୋକପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃ ଲିଃ

## ଚାର୍ଲ୍ସଙ୍କ ରାଜାଭିଷେକ ...

ପ୍ରଥମ ପୃଷ୍ଠାରୁ...

ସ୍ପଷ୍ଟ କରାଯାଇଛି। ଦିବଂଗତ ସମ୍ରାଜ୍ଞୀଙ୍କୁ ବ୍ରିଟେନବାସୀ ଝୁରୁଛନ୍ତି। ତାଙ୍କୁ ସମ୍ମାନ ଜଣାଇବା ପାଇଁ ଶୁକ୍ରବାର ବ୍ରିଟେନର ଆଇନପ୍ରଣେତାମାନେ ଦୈନନ୍ଦିନ ରାଜନୈତିକ କାର୍ଯ୍ୟକଳାପକୁ ଏଡ଼ାଇଦେଇ ପାର୍ଲାମେଣ୍ଟରେ ଏକାଠି ହୋଇଥିଲେ। ଅପରାହ୍ନରେ ଆୟୋଜିତ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ଦଳମତ ନିର୍ବିଶେଷରେ ସମସ୍ତ ଏମ୍‌ପି ପ୍ରିୟ ତଥା ସମ୍ମାନାସ୍ପଦା ମହାରାଣୀ ଏଲିଜାବେଥ ୨ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ଅନେକ ସାଂସ୍କୃତିକ ଓ କ୍ରୀଡ଼ା କାର୍ଯ୍ୟକ୍ରମକୁ ବାତିଲ କରାଯାଇଥିଲା। ଏପରି କି ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ମଧ୍ୟ ମହାରାଣୀଙ୍କ ସମ୍ମାନରେ କାରବାର ବନ୍ଦ କରିଥିଲେ। ସେଣ୍ଟରବରି ଆର୍କବିଶପ୍ ଜଷ୍ଟିନ୍ ୱେଲ୍‌ବି କହିଛନ୍ତି, ମହାରାଣୀଙ୍କ ପରଲୋକ ଗମନ କେବଳ ବ୍ରିଟେନ ପାଇଁ ନୁହେଁ, ବରଂ ସାରା ବିଶ୍ୱ ଲାଗି ଏକ ଅପୂରଣୀୟ କ୍ଷତି। ଆମେ ସମସ୍ତେ ଦିନେ ନା ଦିନେ ଧରାପୃଷ୍ଠରୁ ବିଦାୟ ନେବା। କିନ୍ତୁ ବାଲ୍‌ମୋରାଲ ପ୍ରସାଦରେ ଗୁରୁବାର ଏଲିଜାବେଥ ଦ୍ୱିତୀୟଙ୍କ ବିୟୋଗ ଏପରି ଏକ ଐତିହାସିକ ଘଟଣା, ଯାହା ବ୍ରିଟେନବାସୀଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିବ। ବ୍ରିଟେନର ନୂଆ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍ ଓ ତାଙ୍କ କ୍ୟାବିନେଟର ଅନ୍ୟ ମନ୍ତ୍ରୀମାନେ ଲଣ୍ଡନସ୍ଥିତ ସେଣ୍ଟ ପଲ୍ କ୍ୟାଥେଡ୍ରାଲକୁ ଯାଇ ସ୍ମୃତିସଭାରେ ଯୋଗଦେଇଛନ୍ତି। ଏଡିନ୍‌ବର୍ଗରେ ମହାରାଣୀଙ୍କ ଶେଷ ଦର୍ଶନ ପରେ ତାଙ୍କ କଫିନକୁ ଲଣ୍ଡନ ନିଆଯିବ। ୱେଷ୍ଟମିନିଷ୍ଟର ଆବେରେ ଶେଷକୃତ୍ୟ ସମ୍ପନ୍ନ ପୂର୍ବରୁ ସେଠାରେ ତାଙ୍କ ମରଶରୀରକୁ କିଛିଦିନ ପାଇଁ ରଖାଯିବ। ମା'ଙ୍କ ମହାପ୍ରୟାଣ ପରେ ତତ୍କାଳ ରାଜା ଘୋଷିତ ପ୍ରିନ୍ସ ଚାର୍ଲ୍ସ ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ ସିଂହାସନ ଆରୋହଣ କରିବେ। ବ୍ରିଟେନ ରାଜତନ୍ତ୍ରର ପ୍ରାଚୀନ ପରମ୍ପରା ଓ ବିଧି ଅନୁସାରେ ମହାରାଣୀଙ୍କ ବରିଷ୍ଠ ପୁତ୍ର ପ୍ରିନ୍ସ ଚାର୍ଲ୍ସ ସ୍ୱତଃ ତାଙ୍କର ଉତ୍ତରାଧିକାରୀ ହୋଇସାରିଛନ୍ତି। କିନ୍ତୁ ପ୍ରୋଟୋକଲ ଅନୁଯାୟୀ ରାଜାଭିଷେକ ତତ୍କାଳ କରାଯିବ ନାହିଁ। ମହାରାଣୀଙ୍କ ମୃତ୍ୟୁର ୧୦ ଦିନ ପର୍ଯ୍ୟନ୍ତ ଅନେକ ରୀତିନୀତି ସମ୍ପନ୍ନ କରାଯିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ଆସେଶନ କାଉନ୍ସିଲ ବୈଠକ, ଯାହାକି ଶାସକ ରାଜା କିମ୍ବା ରାଣୀଙ୍କ ମୃତ୍ୟୁର ପରଦିନ ବସିଥିବା ଇତିହାସରୁ ଜଣାପଡ଼େ। ଏହି ବୈଠକରେ କାଉନ୍ସିଲ ପକ୍ଷରୁ ଚାର୍ଲ୍ସଙ୍କୁ ଆନୁଷ୍ଠାନିକ ରାଜା ଘୋଷଣା କରାଯିବ। ଏନେଇ ପ୍ରଧାନମନ୍ତ୍ରୀ ଟ୍ରସ୍ ଘୋଷଣା କରିଛନ୍ତି, ମହାରାଣୀଙ୍କ କ୍ରାଉନ୍ ବା ରାଜମୁକୁଟକୁ ଏବେ ନୂଆ ସମ୍ରାଟ ତଥା ବ୍ରିଟେନର ରାଷ୍ଟ୍ରମୁଖ୍ୟ ହଜ୍ ମାଜେଷ୍ଟି କିଙ୍ଗ୍ ଚାର୍ଲ୍ସ ତୃତୀୟ ଗ୍ରହଣ କରିଛନ୍ତି। କ୍ଲିୟରାନ୍ସ ହାଉସ୍ ମଧ୍ୟ ଏନେଇ ସ୍ପଷ୍ଟ କରିଛି। ଆସେଶନ କାଉନ୍ସିଲ ବୈଠକ କେବଳ ଜଣେ ଶାସକଙ୍କ ମୃତ୍ୟୁ ପରେ ଅନୁଷ୍ଠିତ ହୋଇଥାଏ। ଏହାର ମୂଳ ଲକ୍ଷ୍ୟ ହେଉଛି ରାଜତନ୍ତ୍ରର ସାର୍ବଭୌମତ୍ୱ ହସ୍ତାନ୍ତର। ଏହି କାଉନ୍ସିଲରେ ଲର୍ଡ ମେୟର, ବିଚାରପତି, କ୍ୟାବିନେଟ ମନ୍ତ୍ରୀ, ଗ୍ରେଟ୍ ଅଫିସର୍ସ ଅଫ୍ ଷ୍ଟେଟ୍, ଚର୍ଚ୍ଚ ଅଫ୍ ଇଂଲଣ୍ଡର ନେତା ଏବଂ ବରିଷ୍ଠ ଅମଲାତନ୍ତ୍ରୀମାନେ ସାମିଲ ଥିବା ପ୍ରିଭି କାଉନ୍ସିଲ ଅନ୍ତର୍ଭୁକ୍ତ। ସେଣ୍ଟ ଜେମ୍ସ ପ୍ୟାଲେସ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକର ଆୟୋଜନ କରାଯାଇଥାଏ। ଐତିହାସିକ ରେକର୍ଡ ଅନୁସାରେ ଏଲିଜାବେଥ ଦ୍ୱିତୀୟଙ୍କ ଆନୁଷ୍ଠାନିକ ରାଜାଭିଷେକ ସେ ସମ୍ରାଜ୍ଞୀ ହେବାର ୧୬ ମାସ ପରେ କରାଯାଇଥିଲା। ଲଣ୍ଡନର ୱେଷ୍ଟମିନିଷ୍ଟର ଆବେରେ ଦୀର୍ଘ ୯୦୦ ବର୍ଷ ଧରି ଏହି ରାଜକାର୍ଯ୍ୟ କରାଯାଇଆସୁଛି। କିଙ୍ଗ୍ ଚାର୍ଲ୍ସ ତୃତୀୟଙ୍କ କ୍ଷେତ୍ରରେ ମଧ୍ୟ ଅନୁରୂପ ଉତ୍ସବର ଆୟୋଜନ କରାଯିବ, ଯେଉଁଠି ରାଜାଭିଷେକ ପୂର୍ବରୁ ସେଣ୍ଟରବରି ଆର୍କବିଶପ୍ ତାଙ୍କୁ ଶପଥପାଠ କରାଇବେ। ପ୍ରିନ୍ସ ଚାର୍ଲ୍ସ କିଙ୍ଗ୍ ଚାର୍ଲ୍ସ ହେବା ପରେ ତାଙ୍କ ଧର୍ମପତ୍ନୀ ପ୍ରିନ୍ସେସ୍ କାମିଲା କୁଇନ୍ କାମିଲା ହେବେ। କୁଇନ୍ କନ୍‌ସର୍ଟ ଭାବେ ସେ ରାଣୀ ମାନ୍ୟତା ଲାଭ କରିବେ। ମହାରାଣୀ ଏଲିଜାବେଥ୍‌ଙ୍କ ଭଳି ସେ ପ୍ରତ୍ୟକ୍ଷ ଶାସକ ହୋଇ ନ ଥିବାରୁ ତାଙ୍କ ହାତରେ ସାର୍ବଭୌମତ୍ୱ କ୍ଷମତା ରହିବ ନାହିଁ।


# classifieds

**Everyday 0674-2580101, 2549302**



## SALE

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ 'Grand Bazar' (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ plot ଶସ୍ତାରେ କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 8249310759. D-74108

**ଭୁବନେଶ୍ୱର ଗଙ୍ଗପଡ଼ା NH-5 ରୁ 500 mtr ଦୂରରେ BDA yellowzone ଘରବାରି boundary plot ମିଳୁଛି। 7978676652, 7848882166.** D-74111

Hurry! ready to move BDA/ Bank project approved one BHK flat Two Numbers in Ground Floor remain, near Shani Temple 500 meters from national highway near Shani Temple Patrapada, Bhubaneswar. 9238326233. D-38582

**Bhubaneswar Sum Hospital 6K.M. ଦୂରରେ କଣ୍ଟାବାଡ଼ଠାରେ NH-16A ରୋଡ୍‌ରୁ ୧୦୦ଫୁଟ ଛାଡ଼ି 30' ROAD, ଘରବାରି, ବାଉଣ୍ଡରୀ, ଇଲେକ୍ଟ୍ରି ସହ ପ୍ଲଟ୍ ମିଳୁଛି। 9090963952.** D-74101

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. ପ୍ଲଟ୍‌କୁ 3,60,000/- (outright). 9439660381. D-74109

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1367

**ଭୁବନେଶ୍ୱର ଗଙ୍ଗପଡ଼ା NH5ରୁ ଅଳ୍ପ ଦୂରତାରେ Sqft. 840/-, 725/-, ଗୁଡ଼ିଆପୋଖରୀ ଛକରୁ ଅଳ୍ପ ଦୂରତାରେ 8,70,000/-ରେ ପ୍ଲଟ୍ କିଣି ତୁରନ୍ତ ଗୃହନିର୍ମାଣ କରନ୍ତୁ । 9178762589.** D-74113

**Layout approval (30'road) ସହିତ Bank Finance ସୁବିଧା ଥାଇ ଭୁବନେଶ୍ୱର ବାଲିଅନ୍ତା ନିକଟ ସୁଧାନନ୍ଦ ସ୍କୁଲ ପାଖରେ ତୁରନ୍ତ ଘର କଲା ଭଳି (100% clean) plot @9,00,000/-ରେ କିଣନ୍ତୁ। OD GROUP. 9437033320.** D-74112

**Bhubaneswar Engineering College front NH ଠାରୁ 200 mtr. ଦୂରତାରେ Boundary ପ୍ଲଟ୍ ବିକ୍ରି ହେବ । 7008297827, 9692999455.** D-74105

**Gated community Gharabari plot sale at Pipili NH side near Ranch Hotel - 9437522339.** D-74106

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-1368

**Duplex upcoming at Sundarpada road, opposite Champati Petrol Pump. BDA & ORERA plotting approval. Contact No.- 9861983455 (Developer).** D-1366



**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

Do you want to construct buildings on your own plot. Contact: 7008268129, 9439143273. D-71352

**Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73297



Shoproom (10'x10') 2Nos. opposite Bijupatnaik College mainroad Jayadevvihar, Bhubaneswar. Contact: 9938511622. D-1467



Ayurvedic fullbody massage, refresh you mind with relaxed by expert Lady Therapist. Contact: 8480939300. D-1404

Newly open Spa positively health benefit with expert. Contact: 7749976301. D-73870

Newly open Spa offer @799/-, positively health benefits, Kalpana-7846814019. D-73642

Newly massage at your doorstep by male massage therapist for ladies and gents. contact 6372096831. D-1471

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-73962

**Relax, Refresh your body, Mind at Saikrupa SPA with best therapies. 8984068077.** D-1387

New open full body massage ladies & gents available. 8093726714. D-73638



**Save on Electricity bills. Forget power interruptions. Install Nexus Brand Solar Panels, inverters. Contact REMS LLP, Satyavihar, Bhubaneswar. 7606862090. 9777065888.** D-73640


## LOST

ମୁଁ ସାଗର କୁମାର ନାୟକ, ପିତା- ଶ୍ୟାମ ସୁନ୍ଦର ନାୟକ, ବାସିନ୍ଦା- ସିଡବ୍ଲ୍ୟୁଏସ୍ ଏମ୍-୨୧, ବନ୍ଧବାହାଲ, ଜିଲ୍ଲା- ଝାରସୁଗୁଡ଼ା ଘୋଷଣା କରୁଅଛି ଯେ, ଏୟାରପୋର୍ଟ ରୋଡ୍ ନିକଟରେ ମୋର ବିକ୍ରି କବଲା ନଂ.- 10872100395 ହଜିଯାଇଛି ଏବଂ ଯଥାସାଧ୍ୟ ପ୍ରୟାସ ସତ୍ତ୍ୱେ ମୁଁ ତାହାର ସନ୍ଧାନ ପାଉନାହିଁ। ଧ-୧୪୬୭

## LEGAL NOTICE

In the Court of the ADDL. Commissioner Consolidation & Settlement, Sambalpur
R.P. No.742 of 2022
Rudramani Naik .....Petitioner
Vrs.
1. Prasanna Kumar Mohanty, 2. Prafulla Kumar Mohanty, 3. Prabhat Kumar Mohanty All are sons of late Nilamani Mohanty, At-Mathasahi, PO, P.S., Tah., Dist.- Deogarh ....Opposite parties

NOTICE U/O 5 RULE 20 C.P.C.

The above petitioner has filed the aforementioned revision case impleading you all as opposite parties for recording of the following scheduled of land on the basis of R.S.D. NO.01 of 1972 executed by you in favour of the father of the petitioner. Since the notices are returned back without service on you, this intimation is being sent through paper advertisement.

You are hereby directed to appear in this Court in person or by a pleader duly instructed on 11.10.2022 at 10.30 A.M. to show cause against the said petition if any failing which the petition will be decided on its own merit. Land schedule

Mouza- Deogarh Town Unit No.7 (Mirgidiasahi), Tah./Dist.- Deogarh

Sabik Khata No.226, Plots No. 2585(P), Ac.0.520 dec., No.2606(P). Ac.0.170 dec. No 2652(P). Ac.0.130 dec., No.2654(P). Ac.0.140 dec. and No 2655(P). Ac.0.340 dec corresponding to Hal Khata No 249, Plots No. 1257, Ac.0. 200 dec. No.1260. Ac.0.390 dec. and No. 1271. Ac 0.800 dec.

Given under my hand and seal of the Court on this date 09 September of 2022

Sd./- Additional Commissioner, Settlement and Consolidation Sambalpur

D-1473

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମାନସିକ ଅସ୍ଥିରତା କାରଣରୁ ଉଦ୍‌ବେଗ ଲାଗି ରହିବ । କୌଣସି ବନ୍ଧୁ ସ୍ୱତଃପ୍ରବୃତ୍ତ ଭାବରେ ସାହାଯ୍ୟ କରିବାକୁ ଆଗେଇ ଆସିବାର ସମ୍ଭାବନା ରହିଛି । ଶିକ୍ଷା, ପରୀକ୍ଷାରେ ଭଲ କରିଥିବାରୁ ସନ୍ତାନଙ୍କ ଖୁସିରେ ଖୁସି ହୋଇପାରନ୍ତି। ଅଫିସ୍‌ରେ ସ୍ଥଗିତ କାମ ପାଇଁ ଅନ୍ୟକୁ କିମ୍ବା ନିଜର ଘର ଲୋକଙ୍କୁ କୈଫିୟତ୍ ଦେବାକୁ ପଡ଼ିପାରେ ।

**ବୃଷ** ଦୂରସ୍ଥ ସନ୍ତାନମାନଙ୍କ ସମସ୍ୟା ସମାଧାନର ଓ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ରାଜନୈତିକ କ୍ଷେତ୍ରରେ ଅସଫଳ କାମଗୁଡ଼ିକର ସମୀକ୍ଷା କରିପାରନ୍ତି । ଆଗାମୀ କାଲିର ମାଙ୍ଗଳିକ କାର୍ଯ୍ୟ ସକାଶେ ପ୍ରସ୍ତୁତିପର୍ବ ଜୋର୍‌ଦାର କରିପାରନ୍ତି। କୌଣସି ଆତ୍ମୀୟଙ୍କ ଅସହଯୋଗ ଓ ପରୋକ୍ଷ ସମାଲୋଚନାରେ କ୍ଷୁବ୍ଧ ହେବେ ।

**ମିଥୁନ** ବହୁ ପୂର୍ବରୁ ଚିନ୍ତା ଓ ଯୋଜନା କରିଥିବା କିଛି ନୂତନ କାମ ଆରମ୍ଭ ପାଇଁ ଚେଷ୍ଟା କରିପାରନ୍ତି। ପାରିବାରିକ ସମସ୍ୟା ସମାଧାନରେ ସଫଳ ହେବେ। ନିଜ ଉପରେ ନ୍ୟସ୍ତ କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇବେ। ପୂର୍ବ କଳହକୁ ଦୋହରାଇ ପାଖ ପଡ଼ୋଶୀଙ୍କ ବୈର ମନୋଭାବରେ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**କର୍କଟ** ସମସ୍ତ ସୁବିଧା ଥିଲେ ମଧ କେତେକ କାମ ଅଧୁରା ରହିଯିବ। ନିଜ ଫାଇଦା ହାସଲ ପାଇଁ ସମ୍ପର୍କୀୟ ଫନ୍ଦିଫିକର କରିବାକୁ ମନ ବଳାଇବେ। ବାଣିଜ୍ୟ, ପରିବହନ କ୍ଷେତ୍ରରେ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ, ସଭାସମିତିରେ ସମସ୍ୟା ସମାଧାନ ହେବ। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**ସିଂହ** ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ସାମାଜିକ କ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବାର ଆଶଙ୍କା ରହିଛି। ବୁଦ୍ଧିଜୀବୀମାନଙ୍କ ଦ୍ୱାରା ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ହଠାତ୍ କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ।

**କନ୍ୟା** ଆଜି ଦିନ ଭିତରେ ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ବନ୍ଧୁମାନଙ୍କ ଗହଣରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ, ଏବଂ ସମ୍ମାନ ପାଇ ଖୁସି ହେବେ। ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ଜମିଜମା, ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ସମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** ବିବାଦୀୟ ଘଟଣାରେ ନୀରବତା ଅବଲମ୍ବନ କରିବାକୁ ବାଧ ହେବେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଯୋଗୁ ମନ ଗୋଳମାଳିଆ ରହିବ । କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଅଯଥା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ବ୍ୟବସାୟ ଓ ପରିବହନରେ, କଳା ସାହିତ୍ୟ ଓ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା** ଆଜି ପ୍ରତ୍ୟେକଙ୍କର ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ମନୋରଞ୍ଜନରେ, ଯାତ୍ରା ସମୟରେ, ବନ୍ଧୁ ମିଳନରେ, ଆଲୋଚନା କିମ୍ବା ସଭା ସମିତିରେ ଆଗ୍ରହୀ ହୋଇ ପାରନ୍ତି । କର୍ମକ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଟେନସନ୍ ବଢ଼ିପାରେ। ମାଲିମକଦ୍ଦମାରେ ବିଜୟ ପ୍ରାପ୍ତିର ଆଶା କରିବେ।

**ଧନୁ** ବହୁତ ପ୍ରକାରର କୁଟନୀତି ପ୍ରୟୋଗ କରି, ବନ୍ଧୁଙ୍କୁ ମନାଇ, ଅର୍ଥ ପ୍ରଲୋଭନ ମାଧ୍ୟମରେ କାମ ହାସଲ କରିବେ। ବିବାଦୀୟ ଘଟଣା ସକାଶେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ସମ୍ଭାବନା ରହିଛି ।

**ମକର** ଯୋଜନାବଦ୍ଧ ଭାବରେ ଆରମ୍ଭ କରିବାକୁ ଯାଉଥିବା ନୂତନ କର୍ମଟି ପ୍ରୀତିପଦ ରହିବ। ଶ୍ରବଣା ନକ୍ଷତ୍ରର ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ ବଢ଼ିପାରେ। ଅଭାବ ଲାଗି ରହିଥିଲେ ମଧ ଧାର କରଜ କରି କାମ ତୁଲାଇ ନେବେ। କାଲେ ଦେବାକୁ ପଡିବ,ଏହି ବିଷୟ ମନରେ ଚିନ୍ତା କରି ନିକଟ ସମ୍ପର୍କୀୟମାନେ ପାଖ ମାଡିବେ ନାହିଁ।

**କୁମ୍ଭ** କାମ ହାସଲରେ ବନ୍ଧୁଙ୍କ ବାଚନିକ ସହାୟକ ହୋଇପାରେ। ଆଜି ନୂତନ କର୍ମସ୍ଥାନ ପାଇଁ ମନ ଦେଇପାରନ୍ତି । ଯେକୌଣସି କାମ ହେଉନା କାହିଁକି ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ପାରିବାରିକ କ୍ଷେତ୍ରରେ କାହାର ଛୋଟ କଥାକୁ ଧରି ବସନ୍ତୁ ନାହିଁ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ** ନିଜ ଲୋକଙ୍କ ଚାଲିଚଳନ ଓ ଆଚାର ବ୍ୟବହାରକୁ ନାପସନ୍ଦ କରିପାରନ୍ତି। ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି, ଯାହାକି ଆପଣଙ୍କ ସକାଶେ ଅସୁବିଧା ସୃଷ୍ଟି ହୋଇପାରେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ, ମାତ୍ର ଅନ୍ୟ ବାଟରେ ବ୍ୟୟ ହେବ।

## କମିବ ଖରିଫ ...

ଦେଶର ପ୍ରାୟ ୮୦ କୋଟି ଲୋକଙ୍କୁ କିଲୋଗ୍ରାମ ପ୍ରତି ୨ ଟଙ୍କାରେ ଚାଉଳ ଏବଂ ୩ ଟଙ୍କାରେ ଗହମ ମୁଣ୍ଡପିଛା ୫ କିଲୋଗ୍ରାମ ଲେଖାଏ ଯୋଗାଇ ଦିଆଯାଉଛି। ଏହା ବାଦ୍ କରୋନା ମହାମାରୀ ଯୋଗୁ ଗରିବ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ରେ କେନ୍ଦ୍ର ସରକାର ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେଉଛନ୍ତି। ସେପ୍ଟେମ୍ବର ପରେ ଏହାର ସମୟସୀମା ବଢ଼ିବ କି ନାହିଁ ଏନେଇ ଖାଦ୍ୟ ସଚିବ କୌଣସି ଉତ୍ତର ଦେଇନାହାନ୍ତି। ଚଳିତ ବର୍ଷ ଗହମ ଉତ୍ପାଦନ କମିଥିବାରୁ ସରକାର ଅଧିକ ଚାଉଳ ଯୋଗାଇଦେଇଛନ୍ତି।

ତୁମେ କୌଣସି ଗୁଣ ବା ଦୋଷର ଅଧୀନସ୍ଥ ହୋଇ ରହିବା ଉଚିତ ନୁହଁ। ଯେ ପର୍ଯ୍ୟନ୍ତ ତୁମେ କୌଣସି ସଦ୍‌ଗୁଣ ପାଇଁ ଆତୁରତା ଦେଖାଉ ଥିବ- ସେ ପର୍ଯ୍ୟନ୍ତ ତା'ର ବିପରୀତ ବଦ୍‌ଗୁଣଟିଏ ତୁମ ଭିତରେ କେଉଁଠି ଚେକାମାଡି ବସିଥିବ। -ଶ୍ରୀମା



# ବିବାଦର ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଉତ୍ତରପ୍ରଦେଶ(ୟୁପି)ର ଅତିରିକ୍ତ ମୁଖ୍ୟ ସଚିବ(ଗୃହ)ଅୱନିଶ କୁମାର ଅୱସ୍ତିଙ୍କ କାର୍ଯ୍ୟକାଳ ସମ୍ପ୍ରସାରିତ ହେବ କିମ୍ବା ତାଙ୍କୁ ସେବାନିବୃତ୍ତ କରାଯିବ ତାହାକୁ ନେଇ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ କେହି ଜଣେ ବି ନିଶ୍ଚିତ ନ ଥିଲେ। ଏହା ବିଶେଷ କରି ରହସ୍ୟରେ ରହିଥିଲା। ଉଭୟ ଯୋଗୀ ଆଦିତ୍ୟନାଥଙ୍କ ଶିବିର ଏବଂ କେନ୍ଦ୍ରରୁ ମଧ୍ୟ କିଛି ବି ଶୁଣିବାକୁ ମିଳିଲା ନାହିଁ। କେବଳ ଗୁଜବ ଘୂରି ବୁଲିଲା। ଶେଷରେ ଅୱସ୍ତିଙ୍କୁ ଅବସର ନେବା ଲାଗି ଅନୁମତି ଦିଆଯିବା ସହ ବରିଷ୍ଠ ଆଇଏଏସ୍ ଅଧିକାରୀ ସଞ୍ଜୟ ପ୍ରସାଦଙ୍କୁ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହା ଉପରେ ଚାଲୁଥିବା ମନ୍ଥନର ପରିଣାମକୁ ଲକ୍ଷ୍ୟକରି ଏବଂ ସମ୍ଭବତଃ ବାବୁମାନଙ୍କୁ ବଶ କରିବାକୁ ଯୋଗୀ ସରକାର ୧୬ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ବଦଳି କରିଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ସ୍ୱାସ୍ଥ୍ୟ ବିଭାଗର ବିବାଦୀୟ ଅତିରିକ୍ତ ମୁଖ୍ୟ ସଚିବ ଅମିତ ମୋହନ ପ୍ରସାଦ। ଯେତେବେଳେ ବି ଶାନ୍ତିପୂର୍ଣ୍ଣ ଆଲୋଚନା କରାଯାଇଛି ସେତେବେଳେ ଅୱସ୍ତିଙ୍କ ବିଷୟ ପୁଣି ଥରେ କେନ୍ଦ୍ର ଓ ଯୋଗୀ ସରକାରଙ୍କ ଚିନ୍ତାଜନକ ସମୀକରଣକୁ ସାମ୍ନାକୁ ଆଣିଛି। ଅଧିକାଂଶ ପର୍ଯ୍ୟବେକ୍ଷକ ଆଶା କରୁଥାଇପାରନ୍ତି ଯେ, ଯୋଗୀ ଆଦିତ୍ୟନାଥଙ୍କ ବିଶ୍ୱସ୍ତ ଭାବେ ଜଣାଶୁଣା ଅୱସ୍ତି ତାଙ୍କ ପଦବୀରେ ରହିବେ। କିନ୍ତୁ କେନ୍ଦ୍ର ତାଙ୍କ ଫାଇଲକୁ ପ୍ରୋସେସ ନ କରି ପକାଇ ରଖିଲା ଓ ସେତେବେଳକୁ ବିଳମ୍ବ ହୋଇଯାଇଥିଲା। ବାହାରକୁ ପ୍ରକାଶ ପାଇଥିବା କେନ୍ଦ୍ର ଓ ୟୁପି ସରକାରଙ୍କ କାର୍ଯ୍ୟ ସ୍ପଷ୍ଟଭାବେ ଚାପର ସଙ୍କେତ ଦେଉଛି। ଦୁଇ କ୍ଷମତା କେନ୍ଦ୍ର ମଧ୍ୟରେ ଗୁପ୍ତ ବିବାଦ ପୁନର୍ବାର ଉଜାଗର ହୋଇଛି। ନିଃସନ୍ଦେହ ଯେ,ଏହା ବାବୁ ସାମ୍ରାଜ୍ୟକୁ ପ୍ରଭାବିତ କରିବ ; ଯାହା ଉଭୟ ଯୋଗୀ ଏବଂ କେନ୍ଦ୍ର ଚାହୁଁଛନ୍ତି। ଏହି ପାରସ୍ପରିକ ବିନାଶକାରୀ ଯୁଦ୍ଧ ୟୁପିରେ ସୀମିତ ରହିଛି କି ନାହିଁ ତାହା ଜଣାନାହିଁ, କିନ୍ତୁ ଅୱସ୍ତିଙ୍କ ପ୍ରସଙ୍ଗରେ ଏକ ବଡ଼ ବିବାଦର ଗୁରୁତ୍ୱପୂର୍ଣ୍ଣ ସଙ୍କେତ ରହିଛି। ଏହି ସ୍ଥିତି ଉପରେ ଆଗକୁ କ'ଣ ଘଟୁଛି ତାହା ଦେଖିବାକୁ ବାକି ରହିଲା।

### ବିଶେଷ ଚୟନ

ପ୍ରାଇଭେଟ ସେକ୍ଟରର ଦକ୍ଷତା ଏକ ସକ୍ଷମ ସିଭିଲ ସର୍ଭିସ ସୃଷ୍ଟି କରିବ ବୋଲି ମୋଦି ସରକାର ଆଶା କରୁଛନ୍ତି। ପ୍ରଭାବଶାଳୀ ଏବଂ ସର୍ବୋତ୍ତମ ସାର୍ବଜନୀନ ସେବା ଯୋଗାଇଦେବା ଲକ୍ଷ୍ୟରେ ସରକାର ଏହା କରିବାକୁ ଚାହୁଁଛନ୍ତି। ଏଥିପାଇଁ ଟାଟା କନ୍‌ସଲଟାନ୍ସି ସର୍ଭିସର ପୂର୍ବତନ ଉପାଧ୍ୟକ୍ଷ ଏସ୍. ରାମଦୋରାଇଙ୍କୁ କର୍ମଯୋଗୀ ଭାରତର ଅଧ୍ୟକ୍ଷ ଭାବେ ଅଣାଯାଉଛି। ସିଭିଲ ସର୍ଭିସରେ ଦକ୍ଷତା ବଢ଼ିବା ଲାଗି 'କର୍ମଯୋଗୀ ଭାରତ' ଏକ ଯୋଜନା। ଅନ୍ୟ ଅର୍ଥରେ, ସରକାର ବାବୁମାନଙ୍କୁ କର୍ମଯୋଗୀ ସଜାଇବାକୁ ଚାହୁଁଛନ୍ତି। କର୍ମଯୋଗୀ ଭାରତ ଡିଜିଟାଲ ପ୍ଲାଟ୍‌ଫର୍ମ 'iGOT କର୍ମଯୋଗୀ'ର ତତ୍ତ୍ୱାବଧାରକ ଏବଂ ଏହାକୁ ନିୟନ୍ତ୍ରଣ ଓ ପରିଚାଳନା ମଧ୍ୟ କରିଥାଏ। ମିଶନ କର୍ମଯୋଗୀର କାର୍ଯ୍ୟାନ୍ୱୟନ ପାଇଁ ସରକାରଙ୍କ ପକ୍ଷରୁ କର୍ମଯୋଗୀ ଭାରତ ଉକ୍ତ ଦାୟିତ୍ୱ ନିର୍ବାହ କରୁଛି। ଏହି କାର୍ଯ୍ୟକ୍ରମକୁ ନେତୃତ୍ୱ ଦେବା ଲାଗି ମୋଦି ସରକାର ବିଶେଷ ଭାବେ ରାମଦୋରାଇଙ୍କୁ ଚୟନ କରିଛନ୍ତି। ଅନୁଷ୍ଠାନ ଗଢ଼ିବା କେତେ ମୁସ୍କିଲ ଟାଟାର ଏହି ପୂର୍ବତନ ଉପାଧ୍ୟକ୍ଷ ଭଲ ଭାବେ ଜାଣନ୍ତି। କୌଶଳ ବିକାଶ ଉପରେ ଜାତୀୟ କାଉନ୍‌ସିଲରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ପରାମର୍ଶଦାତା (ଯାହା କ୍ୟାବିନେଟ ମନ୍ତ୍ରୀ ସ୍ତରୀୟ ର୍‍ୟାଙ୍କ୍) ଭାବେ ସେ କାର୍ଯ୍ୟ କରିଥିବାରୁ ସରକାରଙ୍କ ସମ୍ପର୍କରେ ତାଙ୍କର ଉତ୍ତମ ଅନ୍ତଃ ଦୃଷ୍ଟିକୋଣ ରହିଛି। ଅର୍ଥନୀତି, ନେତୃତ୍ୱ ଏବଂ ଶାସନରେ ତାଙ୍କର ବିଶେଷ ଅଭିଜ୍ଞତା ଉପକାରୀ ସାବ୍ୟସ୍ତ ହେବ ଓ ମୁକ୍ତ ଭାବେ ଉକ୍ତ ଅଣବାବୁଙ୍କ ଜ୍ଞାନକୁ ଗ୍ରହଣ କଲେ ଏହା ସମ୍ଭବ ହୋଇପାରିବ।

### ତଥାପି ସୁଯୋଗ

ସଂସଦ ଟିଭି ସିଇଓ ରବି କପୁର ତାଙ୍କ କାର୍ଯ୍ୟକାଳ ପରେ ଦାୟିତ୍ୱରୁ ମୁକ୍ତ ହେବା ଅନେକ ପର୍ଯ୍ୟବେକ୍ଷକଙ୍କୁ ଚକିତ କରିଛି। ନିକଟରେ ରାଜ୍ୟ ସଭା ମହାସଚିବ ପି.ସି.ମୁଡିଙ୍କ କାର୍ଯ୍ୟକାଳ ବୃଦ୍ଧି ହେଲା ଭଳି କପୁରଙ୍କର ମଧ୍ୟ ସମ୍ପ୍ରସାରଣ ହେବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ତାହା ହେଲା ନାହିଁ। ଏବେ ଲୋକ ସଭା ମହାସଚିବ ଉତ୍ପଳ କୁମାର ସିଂଙ୍କୁ ଅତିରିକ୍ତ ଦାୟିତ୍ୱ ଭାବେ ସଂସଦ ଟିଭି ପରିଚାଳନା କରିବାକୁ କୁହାଯାଇଛି। କିନ୍ତୁ କପୁରଙ୍କ କ୍ୟାରିୟର ଉପରେ ଶେଷ ଶବ୍ଦ ଲେଖାଯିବାକୁ ବାକି ରହିଛି ; ଯାହା ଆଉ କିଛି ସୂଚିତ କରୁଛି। ସ୍ପଷ୍ଟତଃ, ସେ ପ୍ରସାର ଭାରତୀର ପରବର୍ତ୍ତୀ ସିଇଓ ହେବେ ବୋଲି ଗୁଞ୍ଜରଣ ସୃଷ୍ଟି ହେଉଛି । ଦୁଇମାସ ପୂର୍ବେ ଏହାର ସିଇଓ ଶଶୀ ଶେଖର ଭେମ୍‌ପତିଙ୍କ କାର୍ଯ୍ୟକାଳ ଶେଷ ହେବା ପରଠାରୁ ଏହା ଏକ ଅନୌପଚାରିକ ପରିଚଳାନା ଅଧୀନରେ କାର୍ଯ୍ୟ କରୁଛି। ପ୍ରସାରଭାରତୀ ଅଧୀନରେ ସଂସଦ ଟିଭି ଓ ଦୂରଦର୍ଶନ ମିଶିବାର ପ୍ରସ୍ତାବ ଉପରେ ଉଠିଥିବା ଗୁଜବର ଯଦି କିଛି ମହତ୍ତ୍ୱ ଥାଏ, ତେବେ ଏହା ପବ୍ଲିକ ବ୍ରଡ୍‌କାଷ୍ଟିଂ ବା ସାର୍ବଜନୀନ ପ୍ରସାରଣର ନେତୃତ୍ୱ ନେବାରେ କପୁରଙ୍କୁ ଏକ ଭଲ ସୁଯୋଗ ପ୍ରଦାନ କରିବ। ଲୋକ ସଭା ଟିଭି ଏବଂ ରାଜ୍ୟ ସଭା ଟିଭି ମିଶିବା ପରେ ଗତ ବର୍ଷ ମାର୍ଚ୍ଚରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ କପୁର ସଂସଦ ଟିଭି ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ଅବଶ୍ୟ ସରକାର ଶେଷରେ କେଉଁ ମାର୍ଗ ଗ୍ରହଣ କରିବେ ତାହାର ନିର୍ଦ୍ଦିଷ୍ଟତା ନାହିଁ। କପୁର ଏଯାବତ ନିଯୁକ୍ତି ପ୍ରକ୍ରିୟାରେ ପ୍ରତିଯୋଗୀ ଭାବେ ରହିଥିବାରୁ ସମ୍ଭାବ୍ୟ ପ୍ରାର୍ଥୀମାନଙ୍କ ତାଲିକାରୁ ତାଙ୍କୁ ବାଦ୍ ହେବା କିମ୍ବା ତାଙ୍କ ଉପରେ ଗୁରୁତ୍ୱ ନ ଦେବା ବୋକାମିର ପରିଚୟ ହୋଇପାରେ।

Email: dilipcherian@gmail.com

# ୱେବ୍ ଓ ୱେବ୍‌ବ ଆଖିରେ ସଚରାଚର



ଡ. ଗୌରୀଶଙ୍କର ସାହୁ

"ଟେଲିଫୋନ୍‌ର ମଜା, ଶହେ କୋଶରୁ କଥା ହେଉଛି ଆଇ ସାଥିରେ ଅଜା"। ଓଡ଼ିଶାରେ ପ୍ରଚଳିତ ଏହି କଥା, ବୈଜ୍ଞାନିକ ଉଦ୍ଭାବନ କିପରି ସମ୍ପର୍କକୁ ନୂଆ ଦିଗ ଓ ଦିଗନ୍ତ ଦେଉଛି ତାହା ପ୍ରକାଶିତ କରୁଛି। ମଣିଷ ଏକ ସଂସ୍କୃତିସମ୍ପନ୍ନ ସାମାଜିକ ପ୍ରାଣୀ। ଧନଧାନ୍ୟ, ମାନସମ୍ମାନରେ ତା'ର ଯେତିକି ଲୋଭ, ଗୋପଲକ୍ଷ୍ମୀ, ବନ୍ଧୁ ପରିଜନରେ ତା'ର ସେତିକି ଆଦର। ବିଜ୍ଞାନ ତା'ର ବନ୍ଧୁ ପରିଜନର ସଂଜ୍ଞା ବ୍ୟାପକ କରିଛି। ଫେସ୍‌ବୁକ୍, ଟୁଇଟର ପ୍ରଭୃତି ଆଗମନ ପରେ ଖଟିର ସ୍ୱରୂପ ବଦଳି ଯାଇଛି। ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଆଜି ସମୟର ରାଜା। ପରଷି ଦେଉଛନ୍ତି ଖବର, ସମ୍ବେଦନା ନିଜ ରାଜଦଣ୍ଡର କୁହୁକରେ। ଶାସନ କରୁଛନ୍ତି ଆମ ମନ, ମସ୍ତିଷ୍କ ଓ ନିୟନ୍ତ୍ରିତ କରୁଛନ୍ତି ଆମ ଜୀବନଚର୍ଯ୍ୟା।

ଦୁନିଆସାରା ଲୋକଙ୍କ ମଧ୍ୟରେ ଏ ଯେଉଁ ସମ୍ପର୍କର ସେତୁ ସୃଷ୍ଟି ହୋଇପାରିଛି, ତା'ର ପ୍ରମୁଖ ବିଧାଣୀ 'ୱେବ୍'(ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ ବା ୱାର୍ଲଡ୍ ୱାଇଡ୍ ୱେବ୍) କହିଲେ ଅତ୍ୟୁକ୍ତି ହେବନାହିଁ। ଇଣ୍ଟରନେଟ୍ ମାଧ୍ୟମରେ ତଥ୍ୟ ଅଧିଗ୍ରହଣ ଓ ପ୍ରସାରଣ ଏହି 'ୱେବ୍' ପାଇଁ ସମ୍ଭବ ହୋଇପାରିଛି। ଜଣେ ଇଂରେଜ ବୈଜ୍ଞାନିକ ସାର୍ ଟିମ୍ ବର୍ଣ୍ଣର୍ସ ଲି ଏହାର ଜନ୍ମଦାତା। ୱେବ୍‌ର ଜନ୍ମଜାତକ ମଧ୍ୟ ବଡ଼ ବିଚିତ୍ର। କଣିକା ବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ପାଇଁ ୧୯୫୪ରେ ସୁଇଜରଲାଣ୍ଡର ଜେନେଭାଠାରେ ପ୍ରତିଷ୍ଠିତ ବିଶ୍ୱର ସର୍ବବୃହତ ଓ ସର୍ବୋତ୍ତମ ଗବେଷଣା କେନ୍ଦ୍ର 'ସର୍ଣ୍ଣ'। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାସ୍ କରିବା ପରେ ଟିମ୍ ବର୍ଣ୍ଣର୍ସ ଲି 'ସର୍ଣ୍ଣ'ରେ ଯୋଗଦେଲେ। କାମ ସେଇ ଧରାବନ୍ଧା। ମନ କିନ୍ତୁ ସର୍ଜନାର ଷଠିଘର। ସେ ଲକ୍ଷ୍ୟକଲେ ବିଶ୍ୱର ବିଭିନ୍ନ ସ୍ଥାନରେ କାମ କରୁଥିବା ୧୦୦ଟି ଦେଶର ୧୭୦୦୦ ବୈଜ୍ଞାନିକ 'ସର୍ଣ୍ଣ'ର କଣିକା ତ୍ୱରକର ତଥ୍ୟ ବ୍ୟବହାର ପାଇଁ ଇଚ୍ଛୁକ। ମାତ୍ର ଉପଯୁକ୍ତ ମାଧ୍ୟମର ଅଭାବ ପାଇଁ ସର୍ଣ୍ଣ କର୍ତ୍ତୃପକ୍ଷ ତାହା ତୁରନ୍ତ ଦେଶବିଦେଶକୁ ପଠାଇପାରୁ ନାହାନ୍ତି। ଏକ ପ୍ରଭାବୀ ଯୋଗାଯୋଗ ମାଧ୍ୟମ ଉଦ୍ଭାବନ ପାଇଁ ତାଙ୍କୁ ଅନୁମତି, ସମୟ ଓ ସଂସାଧନ ପ୍ରଦାନ କରିବା ପାଇଁ ଏକ ରିପୋର୍ଟ ମାଧ୍ୟମରେ ସେ ନିଜ ବସ୍ ମାଇକ୍ ସେଣ୍ଡାଲ୍‌ଙ୍କୁ ଅନୁରୋଧ କଲେ। ମାଇକ୍ ରିପୋର୍ଟଟିରେ ନିଜ ମନ୍ତବ୍ୟ ଲେଖିଲେ, 'ଉତ୍ସାହଜନକ କିନ୍ତୁ ଅସ୍ପଷ୍ଟ' ଓ ରିପୋର୍ଟଟି ଫେରାଇଦେଲେ। କିଛିମାସ ପରେ ସେପ୍ଟେମ୍ବର ୧୯୯୦ରେ ଯେତେବେଳେ କାମ ଟିକିଏ କମ୍ ଥିଲା, ମାଇକ୍, ଟିମ୍‌ଙ୍କୁ ରିପୋର୍ଟ ଉପରେ କାମ କରିବା ପାଇଁ ଅନୁମତି ଦେଲେ। କିନ୍ତୁ ସର୍ତ୍ତ ଏହା 'ସର୍ଣ୍ଣ'ର ପ୍ରସ୍ତାବିତ ପ୍ରକଳ୍ପ ନୁହେଁ। ବର୍ଣ୍ଣର୍ସ ଲି ଡବ୍ଲ୍ୟୁ ଡବ୍ଲ୍ୟୁ ଡବ୍ଲ୍ୟୁ (ୱେବ୍)ବିକଶିତ କରି ୨୩ ଅଗଷ୍ଟ ୧୯୯୧ରେ ସାଧାରଣ ଲୋକଙ୍କ ବ୍ୟବହାର ପାଇଁ ଉନ୍ମୁକ୍ତ କରିପାରିଲେ ଓ ଏହା ଆଜି ବିଶ୍ୱର ଅର୍ଦ୍ଧାଧିକ ଲୋକଙ୍କ ହାତପାହାନ୍ତାରେ। ୱେବ୍ ଆଜି 'ସୂଚନାଯୁଗ'ର କେନ୍ଦ୍ରବିନ୍ଦୁ ହୋଇପାରିଛି। ବିଶ୍ୱର ଯେକୌଣସି ଉଦ୍ଭାବନ ଏତେ ଶୀଘ୍ର, ଏତେ ଅଧିକ ଲୋକଙ୍କ ପାଖରେ ପହଞ୍ଚି ପାରିନାହିଁ । କାରଣ ସାର୍ ଟିମ୍ ବର୍ଣ୍ଣର୍ସ ଲି ଓ ତାଙ୍କ ନିଯୁକ୍ତିଦାତା 'ସର୍ଣ୍ଣ' ୧୯୯୩ ସାଲ୍‌ରେ ୱେବ୍ ପ୍ରୋଟୋକଲ୍ ଓ କୋଡ୍‌କୁ ରୟାଲଟି ମୁକ୍ତ କରିଛନ୍ତି ଓ ବ୍ୟବହାରକାରୀଙ୍କୁ ଏହାର ବ୍ୟବହାର କରିବା ପାଇଁ କୌଣସି ପ୍ରକାରର ଦେୟ ଦେବାକୁ ପଡୁନାହିଁ।



ୱେବ୍ କେବଳ ଯୋଗାଯୋଗକୁ ସୁଗମ କରିନାହିଁ, ବରଂ ଆର୍ଥିକ ଅନ୍ତଃନିବେଶ, ସାମାଜିକ ସଂସ୍କାର, ସାଂସ୍କୃତିକ ସଙ୍ଗମ, ରାଜନୈତିକ ନ୍ୟାୟ ପ୍ରଦାନରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। କୃଷି ଓ କୃଷକର ସମସ୍ୟା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷାରେ 'ୱେବ'ର ଭୂମିକା ଅନସ୍ୱୀକାର୍ଯ୍ୟ। ସାମାଜିକ ଗଣମାଧ୍ୟମ ଦ୍ୱାରା ସମାଜର ଶେଷଲୋକର ସ୍ୱର ଶାଣିତ ତଥା ସ୍ପଷ୍ଟ ହୋଇପାରିଛି ଓ ଶୋଷକ ଏହାର ଶବ୍ଦକୁ ଶୁଣିବା ପାଇଁ ବାଧ୍ୟ ହୋଇଛନ୍ତି।

ଇ-କମର୍ସ ଦେଶଗୁଡ଼ିକ ମଧ୍ୟରେ ଶ୍ରମର ସୁଷମ ବଣ୍ଟନ, ବ୍ୟାପାରରେ ମଧ୍ୟସ୍ଥଙ୍କ ସଂଖ୍ୟା ଓ ପ୍ରଭାବ ହ୍ରାସ କରିବା ସହିତ ବିତରଣକୁ ବ୍ୟାପକ ଓ ତ୍ୱରିତ କରିପାରିଛି ବୋଲି ସୁଇଜରଲାଣ୍ଡର ଗବେଷକ କ୍ରୋନ୍ସବ୍ରୁକ୍ ରବର୍ଟ ଲି ମତପୋଷଣ କରିଛନ୍ତି। ଯୋଗାଯୋଗ ମାନ ବୃଦ୍ଧିକରିବା ସହିତ ଉଚ୍ଚମାନର ସୂଚନା ଲାଭ, ସାମାଜିକ ଗଣମାଧ୍ୟମରେ ସମ୍ପର୍କ ଓ ସମ୍ବନ୍ଧ ସ୍ଥାପନ, ସ୍ୱାସ୍ଥ୍ୟ ବିଷୟକ ତଥ୍ୟ ଅଧିଗ୍ରହଣରେ ପ୍ରଭାବଶାଳୀ ଭୂମିକା, କାର୍ଯ୍ୟକ୍ଷେତ୍ରରେ ନମନୀୟତା (ଉଦାହରଣ ୱାର୍କ ଫ୍ରମ୍ ହୋମ୍), ଚିତ୍ତବିନୋଦନ ଓ ଆମୋଦପ୍ରମୋଦର ନୂଆ ସମ୍ଭାବନା, ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି 'ୱେବ୍' ଓ ସୂଚନାଯୁଗ।

ସମ୍ପ୍ରତି ଆଉ ଗୋଟିଏ ୱେବ୍‌ବ ବିଶ୍ୱରେ ଚହଳ ପକାଇଛି- ଜେମ୍ସ ୱେବ୍‌ବ ସ୍ପେସ୍ ଟେଲିସ୍କୋପ୍। ଗତ ଜାନୁୟାରୀ ୨୦୨୨ରେ ପୃଥିବୀଠାରୁ ପ୍ରାୟ ୯ଲକ୍ଷ ମାଇଲ୍ ଦୂରରେ ପୃଥିବୀ ଓ ସୂର୍ଯ୍ୟ ମଝିରେ ସ୍ଥାପିତ ୱେବ୍‌ବ ଦୂରବୀକ୍ଷଣଯନ୍ତ୍ର ବ୍ରହ୍ମାଣ୍ଡ ନିରୀକ୍ଷଣରେ ବୈପ୍ଳବିକ ପରିବର୍ତ୍ତନର ବାର୍ତ୍ତା ନେଇ ଆସିଛି। ବର୍ତ୍ତମାନ ପର୍ଯ୍ୟନ୍ତ ସବୁଠାରୁ ଶକ୍ତିଶାଳୀ ଦୂରବୀକ୍ଷଣ ଯନ୍ତ୍ର ଥିଲା 'ହବ୍‌ଲ ଟେଲିସ୍କୋପ୍' ଯାହା ୨୦ ମେ ୧୯୯୦ଠାରୁ ବ୍ରହ୍ମାଣ୍ଡର କୋଣ ଅନୁକୋଣର ଦୃଶ୍ୟ ଆମକୁ ଦେଖାଇଆସୁଛି। ହବ୍‌ଲ୍‌ର ଦର୍ପଣର ବ୍ୟାସାର୍ଦ୍ଧ ୭ ଫୁଟ ହୋଇଥିବାବେଳେ ୱେବ୍‌ବର ୨୧ ଫୁଟ୍। ହବଲ୍ ଅତିବାଇଗଣି ଓ ଦୃଶ୍ୟମାନ ରଶ୍ମିବିଶ୍ଳେଷଣ ପାଇଁ ସକ୍ଷମ ହୋଇଥିବାବେଳେ ୱେବ୍ ଦୃଶ୍ୟମାନ ଓ ଅବଲୋହିତ ରଶ୍ମିବିଶ୍ଳେଷଣ କରି ଚିତ୍ର ଓ ଚରିତ୍ର ପ୍ରକାଶିତ କରିଥାଏ। ମାତ୍ର କେଇମାସ ଭିତରେ ୱେବ୍‌ବ ଚହଳ ପକାଇଛି। ବୃହସ୍ପତିର ଉତ୍ତର ଓ ଦକ୍ଷିଣ ମେରୁରେ ସୌରଦ୍ୟୁତିର ସଂଘାତର ଚିତ୍ର ଉତ୍ତୋଳନ କରି, ସୌରଦ୍ୟୁତି କିପରି ପୃଥିବୀକୁ ପ୍ରଭାବିତ କରୁଛି, ତାହା ପ୍ରଦର୍ଶିତ କରିଛି ୱେବ୍‌ବ। ଆଗରୁ ସୌରଜଗତ ବାହାରେ ପୃଥିବୀ ପରି ଗ୍ରହ ଥିବାର ଆଶଙ୍କା ବ୍ୟକ୍ତ କରିଥିଲା ଚିଲିଠାରେ ଅବସ୍ଥାପିତ ସ୍ପିଅର୍ ଦୂରବୀକ୍ଷଣଯନ୍ତ୍ର ୨୦୧୭ରେ। ୱେବ୍‌ବ୍ ବୃହସ୍ପତିଠାରୁ ବାରଗୁଣ ବୃହଦାକାର, ଦୁଇଶହ ଲକ୍ଷ ବର୍ଷ ପୁରୁଣା ବହିଃଗ୍ରହ ଏଚ୍.ଆଇ.ପି. ୬୫୪୨୪ର ଅବଲୋହିତ ପ୍ରତିଛବି ଉତ୍ତୋଳନ କରି ଅସମ୍ଭବକୁ ସମ୍ଭବ କରି ଦେଖାଇଛି। କହିବା ବାହୁଲ୍ୟ ଏହି ବହିଃଗ୍ରହ ଆମଠାରୁ ୩୮୫ ଆଲୋକବର୍ଷ ଦୂରରେ ଅବସ୍ଥିତ। ନିକଟସ୍ଥ ନକ୍ଷତ୍ରର ଆଲୋକର ତୀବ୍ରତା ପାଇଁ ଏହା ହବଲକୁ ଦିଶୁ ନ ଥିଲା। ୱେବ୍‌ବ ସ୍ୱୀୟ କରୋନାଗ୍ରାଫ୍ ଦ୍ୱାରା ନିକଟସ୍ଥ ନକ୍ଷତ୍ରରୁ ଆସୁଥିବା ଆଲୋକକୁ ନିରୋଧକରି ଗ୍ରହଟିରୁ ଆସୁଥିବା ଅବଲୋହିତ ରଶ୍ମି ଅଧିଗ୍ରହଣ ଓ ବିଶ୍ଳେଷଣ କରି ସୁନ୍ଦର ଛାୟାଚିତ୍ର ପ୍ରଦାନ କରିଛି ଆମ ଗ୍ରହର ବାସିନ୍ଦାମାନଙ୍କୁ। ଗ୍ରହଟିର ରାସାୟନିକ ସରଞ୍ଜନା ମଧ୍ୟ ଅତିଶୀଘ୍ର ଜଣାପଡ଼ିବ। ୱେବ୍‌ବ, ଡବ୍ଲ୍ୟୁ ଆର୍. ୧୪୦ ନାମକ ନକ୍ଷତ୍ରର ଚତୁର୍ପାର୍ଶ୍ୱରେ ବିଚ୍ଛୁରିତ ବୃତ୍ତାକାର ପରିଦୃଶ୍ୟକୁ ପ୍ରତିଛବି ମାଧ୍ୟମରେ ପରିପ୍ରକାଶକରି ବୈଜ୍ଞାନିକମାନଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି- ଏଗୁଡ଼ିକ କ'ଣ ଓ କାହିଁକି? ଆର୍ଯ୍ୟଭଟ୍ଟ, ଗାଲିଲିଓ, ପଠାଣିସାମନ୍ତ, ଏଡୱିନ୍ ହବଲ୍ ପ୍ରମୁଖ ଅନେକ ଯୁଗଦ୍ରଷ୍ଟା ପ୍ରତ୍ୟକ୍ଷ ଦେଖିବା ଦ୍ୱାରା ଯାହା ସବୁ କହିଥିଲେ, ୱେବ୍‌ବ ମାଧ୍ୟମରେ ପ୍ରତ୍ୟକ୍ଷ ଅନୁଭବ କରି ଆମ ସମୟର ଜ୍ୟୋତିର୍ବିଜ୍ଞାନୀମାନେ ଆହୁରି ଅନେକ ଅଜଣା ତଥ୍ୟ ଦେବେ। ୱେବ୍ ଯେମିତି ପାର୍ଥିବ ଦୁନିଆକୁ ହାତପାହାନ୍ତାକୁ ଆଣିପାରିଛି, ୱେବ୍‌ବ ସେମିତି ବ୍ରହ୍ମାଣ୍ଡକୁ ଦେଖାଇବ। ଅନୁସନ୍ଧାନ କାଳଜୟୀ ହେବ, ଅନୁଭୂତି ରୋମାଞ୍ଚକର ହେବ।

**ଅଧ୍ୟାପକ, ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଧର୍ମଶାଳା**
**ମୋ:୭୯୭୮୪୨୧୮୩୫**

# ଆତ୍ମହତ୍ୟା ଏକ ଗମ୍ଭୀର ସମସ୍ୟା



ଡା. ସତ୍ୟକାମ ମହାପାତ୍ର

ସାରା ବିଶ୍ୱରେ ପ୍ରତି ବର୍ଷ ଦଶ ଲକ୍ଷ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଥାନ୍ତି। ଭାରତବର୍ଷରେ ଆତ୍ମହତ୍ୟାର ସ୍ଥିତି ଆହୁରି ଭୟାନକ। ରାଷ୍ଟ୍ରୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି)ର ରିପୋର୍ଟ ଅନୁସାରେ ୨୦୨୧ରେ ଭାରତରେ ୧,୬୪,୦୦୦ ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏଥିମଧ୍ୟରୁ ଓଡ଼ିଶାରେ ୫୬୫୦ଜଣ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଆତ୍ମହତ୍ୟାର ଜାତୀୟ ହାର ୧୨ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୧୨.୩ ପ୍ରତିଶତ। ଅର୍ଥାତ ଓଡ଼ିଶାର ଆତ୍ମହତ୍ୟା ହାର ଜାତୀୟ ହାରଠାରୁ ଅଧିକ। ଯେତେ ସଂଖ୍ୟାର ଲୋକ ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଛନ୍ତି ତାହାର କୋଡିଏ ଗୁଣ ଲୋକ ଆତ୍ମହତ୍ୟା ଉଦ୍ୟମ କରୁଛନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା କରି ମୃତ୍ୟୁବରଣ କରୁଥିଲା ବେଳେ ପ୍ରତି ୩ ସେକେଣ୍ଡରେ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରୁଛି।

ଭାରତରେ ମୋଟ ଆତ୍ମହତ୍ୟା ମଧ୍ୟରୁ ୬୭ ପ୍ରତିଶତ ଲୋକ କେବଳ ଯୁବବର୍ଗର (୧୮ ରୁ ୪୫ ବର୍ଷ)। ୧୫ ରୁ ୨୪ ବର୍ଷ ବୟସ ଭିତରେ ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ହେଲା ଆତ୍ମହତ୍ୟା। ସାରା ବିଶ୍ୱର ଯୁବତୀ ଓ ଯୁବକମାନଙ୍କ ମଧ୍ୟରୁ ଭାରତୀୟ ଯୁବତୀ ଓ ଯୁବକମାନେ ସର୍ବାଧିକ ସଂଖ୍ୟାରେ ଆତ୍ମହତ୍ୟା କରିଥାନ୍ତି। ୨୦୨୧ରେ ୧୧,୦୦୦ ଅଠର ବର୍ଷରୁ କମ୍ ପିଲା ଏବଂ କିଶୋର ଓ କିଶୋରୀମାନେ ଆତ୍ମହତ୍ୟା କରି ମୃତ୍ୟୁବରଣ କରିଛନ୍ତି। ଏହି ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ୨୦୨୦ ଅପେକ୍ଷା ୨୦୨୧ରେ ଆତ୍ମହତ୍ୟା ୭ ପ୍ରତିଶତ ବୃଦ୍ଧି ପାଇଛି। ଭାରତକୁ ଏବେ ବିଶ୍ୱର ଆତ୍ମହତ୍ୟାର ରାଜଧାନୀ ବୋଲି କୁହାଯାଉଛି।

ଆମ ଦେଶର ଲୋକମାନେ ବିଭିନ୍ନ କାରଣରୁ ଆତ୍ମହତ୍ୟା କରିଥାନ୍ତି। ୨୦୨୧ରେ ଭାରତରେ ଆତ୍ମହତ୍ୟାର ପ୍ରମୁଖ କାରଣ ହେଲା ପାରିବାରିକ ସମସ୍ୟା (କଳହ) (୩୪%), ବିଭିନ୍ନ ରୋଗ(୧୯%) (ମାନସିକ ସମସ୍ୟା, ବିଭିନ୍ନ ଦୁରାରୋଗ୍ୟ), ବିଭିନ୍ନ ନିଶାଦ୍ରବ୍ୟ ସେବନ (୭%), ବୈବାହିକ ସମ୍ପର୍କରେ ଅସ୍ଥିରତା (୫%), ପ୍ରେମଜନିତ ସମସ୍ୟା (୫%), ଆର୍ଥିକ ସଙ୍କଟ(୪%), ବେରୋଜଗାର(୨%), ପରୀକ୍ଷାରେ ଖରାପ ପ୍ରଦର୍ଶନ, ଚାକିରିଜନିତ ସମସ୍ୟା ଓ ଆତ୍ମୀୟ ଲୋକର ହଠାତ ମୃତ୍ୟୁ ଆଦି। ଜୀବନରେ ଘଟୁଥିବା ଏସବୁ କଠିନ ଓ ଅସୁବିଧାଜନକ ଘଟଣାବଳୀ ମାନସିକ ଚାପ ସୃଷ୍ଟି କରିଥାଏ। ଯେଉଁମାନେ ଏହି ମାନସିକ ଚାପର ଠିକ୍ ମୁକାବିଲା କରିପାରନ୍ତି ନାହିଁ, ସେମାନେ ମୁଖ୍ୟତଃ ଆତ୍ମହତ୍ୟା ଉଦ୍ୟମ କରିଥାନ୍ତି। କେତେକ ବ୍ୟକ୍ତି ହଠାତ ଭାବପ୍ରବଣତା ଓ ଆବେଗପ୍ରବଣତାର ଶିକାର ହୋଇ ଆତ୍ମହତ୍ୟା କରିଥାନ୍ତି। ଆଧୁନିକ ଭାରତୀୟ ସମାଜରେ ଯୌଥ ପରିବାରର ପରମ୍ପରା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଲାଣି। ଏହାଛଡ଼ା ଉଭୟ ମାତାପିତା ଚାକିରି କରିବାର ଚଳଣି ବଢ଼ିବାରେ ଲାଗିଲାଣି। ଉଭୟ କାରଣ ଯୋଗୁ କିଶୋର ଓ କିଶୋରୀମାନେ ନିଜ ମନର ଭାବନା ଏବଂ ବେଦନାର ଆଦାନ ପ୍ରଦାନ କରିବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଯାହାଫଳରେ ସେମାନଙ୍କ ଉପରେ ମାନସିକ ଚାପ ବଢ଼ିବାରେ ଲାଗୁଛି ଏବଂ ସେମାନେ ଆତ୍ମହତ୍ୟାର ଉଦ୍ୟମ କରୁଛନ୍ତି।

ଯୁବତୀ ଓ ଯୁବକମାନଙ୍କଠାରେ ଆତ୍ମହତ୍ୟା ଅଧିକ ମାତ୍ରାରେ ଦେଖାଯାଉଛି। ଏହାର ମୁଖ୍ୟ କାରଣଗୁଡ଼ିକ ହେଲା ପାଠପଢ଼ାର ଚାପ, ଅଭିଭାବକଙ୍କ ଆଶାନୁଯାୟୀ ପରୀକ୍ଷାରେ ଅଧିକ ନମ୍ବର ରଖିବାର ଚାପ, ପ୍ରେମ ସମ୍ପର୍କରେ ଅସଫଳ ହେବା ଓ ଭଲ ଚାକିରି ନ ପାଇବା ଆଦି। ସେମାନେ ଚାକିରି କ୍ଷେତ୍ରରେ ଅତ୍ୟଧିକ କାର୍ଯ୍ୟଭାରର ସମ୍ମୁଖୀନ ମଧ୍ୟ ହେଉଛନ୍ତି। ଏହିସବୁ ସମସ୍ୟା ସେମାନଙ୍କଠାରେ ମାନସିକ ଦୁଶ୍ଚିନ୍ତା ସୃଷ୍ଟି କରୁଛି। କେତେକ ଯୁବତୀ ଓ ଯୁବକ ଏହି ମାନସିକ ଦୁଶ୍ଚିନ୍ତାର ମୁକାବିଲା ସଫଳତାର ସହିତ କରିପାରୁ ନାହାନ୍ତି ଏବଂ ନିଜ ମନର ଭାବନା ଓ ଆବେଗକୁ ଠିକ୍ ଭାବରେ ନିୟନ୍ତ୍ରଣ କରିପାରୁ ନାହାନ୍ତି, ଯାହା ଫଳରେ ସେମାନେ ଆତ୍ମହତ୍ୟା କରୁଛନ୍ତି।



ଗତ ଅଢ଼େଇ ବର୍ଷ ହେବ କରୋନା ମହାମାରୀ ଦ୍ୱାରା ଭାରତବର୍ଷରେ ଲୋକମାନଙ୍କ ମଧ୍ୟରେ ଆତ୍ମହତ୍ୟାପ୍ରବଣତା ଅଧିକ ମାତ୍ରାରେ ବୃଦ୍ଧି ପାଇଛି। ବିଭିନ୍ନ ମାନସିକ ସମସ୍ୟା ଯୋଗୁ ଅନେକ ଲୋକ ଆତ୍ମହତ୍ୟା କରୁଛନ୍ତି। ଏଥିମଧ୍ୟରୁ ପ୍ରମୁଖ ମାନସିକ ସମସ୍ୟାଗୁଡ଼ିକ ହେଲା ଅବସାଦ(ଡିପ୍ରେସନ), ସ୍କିଜୋଫ୍ରେନିଆ, ମାନସିକ ଉଦ୍‌ବେଗ(ଆଙ୍‌ଜାଇଟି) ଓ ବାଇପୋଲାର ରୋଗ ଆଦି। ବିଭିନ୍ନ ପ୍ରକାରର ନିଶା ସେବନ ଯଥା ମଦ୍ୟପାନ, ଗଞ୍ଜେଇ ଓ ନିଦ ଟାବ୍ଲେଟ ଆଦି ଆତ୍ମହତ୍ୟା ପ୍ରବଣତାକୁ ଆହୁରି ବଢ଼ାଇ ଦେଇଥାଏ। ଆତ୍ମହତ୍ୟା କରିବାର ଯଥେଷ୍ଟ ପୂର୍ବରୁ ବ୍ୟକ୍ତି ଏହା ସମ୍ବନ୍ଧରେ ନିଜ ନିକଟତର ଲୋକଙ୍କୁ କିଛି ନା କିଛି ପ୍ରାକ୍ ସୂଚନା ଦେଇଥାଏ। ଯେଉଁଳି କି ବ୍ୟକ୍ତି ଅନ୍ୟମାନଙ୍କ ସହ ମିଳାମିଶା କରେ ନାହିଁ, ଏକୁଟିଆ ରହିବାକୁ ବେଶି ପସନ୍ଦ କରିଥାଏ, ନିଜର ଦୈନନ୍ଦିନ କାମ ଠିକ୍‌ସେ କରେନାହିଁ, ରାତିରେ ଅନିଦ୍ରା ରହେ, ଖାଦ୍ୟ ଖାଇବା କମିଯାଏ, ଅତି ଛୋଟ ଛୋଟ କଥାରେ ଭାବ ବିହ୍ୱଳିତ ହୋଇଯାଏ, କାନ୍ଦି ପକାଏ, ପରିବାରର ଲୋକଙ୍କ ସହିତ ଜୀବନ ଓ ମୃତ୍ୟୁ ବିଷୟରେ ଆଲୋଚନା କରେ, ଇଣ୍ଟରନେଟରୁ ଆତ୍ମହତ୍ୟା ବିଷୟରେ ସର୍ଚ୍ଚ କରେ। ଯଦି ପରିବାରର କୌଣସି ଲୋକଠାରେ ଏସବୁ ଲକ୍ଷଣ ଆପଣ ଦେଖନ୍ତି ତେବେ ତୁରନ୍ତ ତାଙ୍କୁ ମାନସିକ ରୋଗ ବିଶେଷଜ୍ଞଙ୍କ ପାଖକୁ ନିଅନ୍ତୁ।

ନିଜ ମନରେ ଆତ୍ମହତ୍ୟାର ଚିନ୍ତା ଆସିଲେ ଆପଣ ନିଜ ମନର କଥା ନିକଟତର ଲୋକଙ୍କୁ ଜଣାନ୍ତୁ। ନିଜର ଅସୁବିଧା ସମ୍ବନ୍ଧରେ ଅନ୍ୟମାନଙ୍କ ସହିତ ବିଚାରବିମର୍ଶ କରନ୍ତୁ। ଏହି ସମୟରେ ଅନ୍ୟମାନଙ୍କର ସାହାଯ୍ୟ ନେବାକୁ କୁଣ୍ଠାବୋଧ କରନ୍ତୁ ନାହିଁ। ଭାବପ୍ରବଣ ହୋଇ ହଠାତ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଏହି ସମୟରେ ଧୈର୍ଯ୍ୟର ସହିତ ସମସ୍ତ କାମ କରନ୍ତୁ। ଯୁବତୀ ଓ ଯୁବକମାନେ ନିଜ ମଧ୍ୟରେ ଆତ୍ମବିଶ୍ୱାସ ଓ ଆତ୍ମସଂଯମତା ବଢ଼ାଇବା ଉଚିତ। ଏହାଛଡ଼ା ସକାରାତ୍ମକ ମନୋଭାବ ନେଇ ସମସ୍ତ କାମ କରିବା ଉଚିତ। ଜୀବନରେ ଦେଖାଦେଉଥିବା ଅସୁବିଧାଗୁଡ଼ିକୁ ସମାଧାନ କରିବାର କୌଶଳ ବି ଶିଖନ୍ତୁ।

ପ୍ରତି ବର୍ଷ ସେପ୍ଟେମ୍ବର ୧୦ରେ ବିଶ୍ୱ ଆତ୍ମହତ୍ୟା ନିରୋଧକ ଦିବସ ପାଳନ କରାଯାଇଥାଏ। ଏହି ଦିବସର ପ୍ରମୁଖ୍ୟ ଲକ୍ଷ୍ୟ ହେଲା ଲୋକଙ୍କ ମଧ୍ୟରେ ଆତ୍ମହତ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ଓ ଆତ୍ମହତ୍ୟା ସହିତ ଗଭୀର ଭାବେ ଜଡ଼ିତ ମାନସିକ ସମସ୍ୟା ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା। ଯଦି ଆମେ ସମସ୍ତେ ଆତ୍ମହତ୍ୟା ପ୍ରତି ସଚେତନ ରହିବା ତେବେ ଅନେକ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ।

**ସହକାରୀ ପ୍ରଫେସର, ମାନସିକ ରୋଗ ବିଭାଗ, ଏସ୍‌ସିବି ମେଡିକାଲ କଲେଜ, କଟକ**
**ମୋ- ୮୪୫୬୯୧୫୫୦୬**

## ଏଇ ଭାରତରେ

ବିନା ଚାରାରେ ଅଭିନବ ପଦ୍ଧତିରେ ଜଙ୍ଗଲ ସୃଷ୍ଟି କରୁଛନ୍ତି ମହାରାଷ୍ଟ୍ର ଲାଟୁରର ଅଦିତି ପାଟିଲ। ଉଦ୍‌ଗିରରେ ରୁହନ୍ତି ୩୦ ବର୍ଷୀୟ ଅଦିତି। ସେ ୨୦୧୮ରେ ସିଡ୍‌ବଲ ଅଭିଯାନ ଆରମ୍ଭ କରିଥିଲେ। ତାଙ୍କ ସଂସ୍ଥା କାରୱାଁ ମାଧ୍ୟମରେ ୪ ବର୍ଷରେ ବିଭିନ୍ନ ସ୍ଥାନରେ ଜଙ୍ଗଲ ସୃଷ୍ଟି କରୁଛନ୍ତି। ସେ ସୃଷ୍ଟି କରିଥିବା ଦୁଇଟି ଛୋଟ ଜଙ୍ଗଲରେ ୧୨୦୦ରୁ ଅଧିକ ଗଛ ରହିଛି। ଅଦିତି ଲାଟୁର ଜିଲାର ୧୫୦ରୁ ଊର୍ଦ୍ଧ୍ୱ ସ୍କୁଲରେ ୧୫,୦୦୦ରୁ ଅଧିକ ପିଲାଙ୍କୁ ସିଡ୍‌ବଲ ଅଭିଯାନରେ ଯୋଡ଼ିବାରେ ସକ୍ଷମ ହୋଇଛନ୍ତି। ସିଡ୍‌ବଲ ଜାପାନୀ ବୈଜ୍ଞାନିକ ମାସାନୋବୁ ଫୁକୁଓକାଙ୍କ ଟେକ୍‌ନିକ। ଏହି ପଦ୍ଧତିରେ ପରିବା ଓ ଫଳ ମଞ୍ଜିକୁ ଏକାଠି କରି ମାଟିର ବଲ ତିଆରି କରାଯାଏ। ସେଥିରେ ମଞ୍ଜି ସୁରକ୍ଷିତ ରହିଥାଏ। ଉକ୍ତ ବଲ୍‌କୁ ଜଙ୍ଗଲ କରିବାକୁ ଥିବା ନିର୍ଦ୍ଧାରିତ ଅଞ୍ଚଳରେ ଫିଙ୍ଗି ଦିଆଯାଏ। ବର୍ଷା ହେଲା ପରେ ତାହା ଖୋଲିଯାଏ ଓ ଗଛ ବଢ଼ିବାରେ ଲାଗେ। ପ୍ରତିଟି ସିଡ୍‌ବଲ ପାଇଁ ୧୦ ଟଙ୍କା ଖର୍ଚ୍ଚ ହେଉଛି। ଏବେ ସୁଦ୍ଧା ଅଦିତି ଓ ତାଙ୍କ ସାଥୀମାନେ ୬୦ ହଜାରରୁ ଊର୍ଦ୍ଧ୍ୱ ସିଡ୍‌ବଲ ତିଆରି କରିସାରିଛନ୍ତି। ସେ ଅନ୍‌ଲାଇନରେ ମଧ୍ୟ ସିଡ୍‌ବଲ ତିଆରି କରିବାର କୌଶଳ ସମ୍ପର୍କରେ ଶିକ୍ଷା ଦେଉଛନ୍ତି। ଏହା ବ୍ୟତୀତ ସିଡ୍‌ବଲ ମାଧ୍ୟମରେ ଜଙ୍ଗଲ ସୃଷ୍ଟି କରିବା ଲାଗି ସେ ଓ ତାଙ୍କ ସାଥୀମାନେ ୭୨୫ କି.ମି. ସାଇକେଲ ଯାତ୍ରା ମଧ୍ୟ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ସେପ୍ଟେମ୍ବର ୧୯୯୭

- ନରୱେ ଉପକୂଳରେ ତୈଳ କ୍ଷେତ୍ରକୁ ଯାଉଥିବା ଏକ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୧୨ ନିହତ।
- ଅଯୋଧ୍ୟାର ବାବ୍ରୀ ମସଜିଦ୍ ଭଙ୍ଗା ଘଟଣାରେ ଅଦାଲତ ପକ୍ଷରୁ ଶିବସେନା ମୁଖ୍ୟ ବାଲ୍ ଥାକ୍‌ରେ, ଭାଜପା ସଭାପତି ଏଲ୍.କେ. ଆଡଭାନୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ କଲ୍ୟାଣ ସିଂଙ୍କ ସମେତ ୪୯ ଜଣ ବ୍ୟକ୍ତିଙ୍କ ବିରୁଦ୍ଧରେ ମକଦ୍ଦମା ରୁଜୁ।
- ତାମିଲ ମାନିଲା କଂଗ୍ରେସ (ଟିଏମ୍‌ସି)ର ଅଧ୍ୟକ୍ଷ ଡି.କେ. ମୁପ୍ପାନାର, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ରମନ୍ତ୍ରୀ ଜୟନ୍ତୀ ନଟରାଜନ ଏବଂ ସାଂସଦ ପିଟର ଆଇଫୋନାଜେଙ୍କ ରାଜ୍ୟସଭାରୁ ଇସ୍ତଫା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 7 | |
| | | | 8 | | | 6 | | |
| | 4 | | 6 | 3 | 5 | 8 | | |
| | | | | 7 | | 9 | | |
| 2 | | | | | | | 1 | |
| | 3 | | | 9 | 2 | | 6 | |
| 9 | | | 5 | 4 | | | | |
| | 1 | 4 | | | | | | 8 |
| | | 3 | | | 1 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 6 | 3 | 4 | 2 | 5 | 9 | 8 | 7 |
| 7 | 8 | 2 | 1 | 3 | 9 | 6 | 5 | 4 |
| 4 | 5 | 9 | 6 | 7 | 8 | 1 | 2 | 3 |
| 8 | 2 | 1 | 7 | 5 | 4 | 3 | 6 | 9 |
| 6 | 9 | 7 | 8 | 1 | 3 | 2 | 4 | 5 |
| 3 | 4 | 5 | 2 | 9 | 6 | 8 | 7 | 1 |
| 2 | 7 | 4 | 9 | 8 | 1 | 5 | 3 | 6 |
| 5 | 1 | 6 | 3 | 4 | 2 | 7 | 9 | 8 |
| 9 | 3 | 8 | 5 | 6 | 7 | 4 | 1 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀରାମ କାହାର

ମହାଶୟ,

୨୦୧୯ ସାଧାରଣ ନିର୍ବାଚନରେ ଭାଜପା ଦେଶବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲା ବେକାରି ଦୂରୀକରଣ, ଦାରିଦ୍ର୍ୟ ଦୂରୀକରଣ, ଦରଦାମ ନିୟନ୍ତ୍ରଣ କରିବ। କିନ୍ତୁ ଦୁଇ ପର୍ଯ୍ୟାୟରେ ଆଠବର୍ଷ ଶାସନକାଳ ମଧ୍ୟରେ ଗୋଟିଏ ମଧ୍ୟ ପ୍ରତିଶ୍ରୁତି ପାଳନ ହୋଇ ନ ପାରିବାରୁ ଭାଜପା ରାମ ମନ୍ଦିର ବିରୋଧୀ ଅଭିଯୋଗ କଂଗ୍ରେସ ଦଳ ଉପରେ ଆଣିଛି। କିନ୍ତୁ ଏ ସୃଷ୍ଟିରେ ଏକମାତ୍ର ମର୍ଯ୍ୟାଦାବାନ୍ ପୁରୁଷଶ୍ରେଷ୍ଠ ପ୍ରଥମରୁ ତ୍ୟାଗୀ ଭାବେ ରାଜଗାଦି ମୋହ ତ୍ୟାଗ କରି ପିତୃ ସତ୍ୟ ପାଳନ କରି ବନବାସ ଆଦରି ନେଲେ। ତାଙ୍କୁ ଅନୁସରଣ କରୁଥିବା ଅଯୋଧ୍ୟାବାସୀଙ୍କ ଅନୁରୋଧ ପ୍ରତ୍ୟାଖ୍ୟାନ କରିଥିଲେ। ଚିତ୍ରକୂଟରେ ଥିବା ସମୟରେ ଭରତ ଭାଇଙ୍କୁ ଫେରାଇ ଆଣିବାକୁ ଯାଇ ନିରାଶ ହୋଇଥିଲେ। ସେହି ରାମ ଠାକୁରଙ୍କୁ ଭାଜପା ଏକଚାଟିଆ ଭାବେ ନିଜର ଭାବି ଅନ୍ୟ ରାମ ଭକ୍ତମାନଙ୍କୁ ଭୁଲ ବୁଝୁଛି। ପ୍ରଭୁ ରାମଚନ୍ଦ୍ରଙ୍କୁ ଅବମୂଲ୍ୟାୟନ କରି ଭାଜପା କ୍ଷମତା ପାଇଁ ବାଜି ଲଗାଉଥିବାରୁ ଏହା ଗ୍ରହଣୀୟ ନୁହେଁ।

-ରାମଚନ୍ଦ୍ର ପାଲଟାସିଂହ, କୁମାରବସ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଖାଲି କହେ କଥା
ଚଉପାଶେ ନୀରବତା
ହୃଦୟର ଧୁକୁ ଧୁକୁ ଶୁଭଇ
ନିଃଶ୍ୱାସ ଅତି ଧୀରେ ରାବଇ।
-(ଶରତ-ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପେସାଦାର ଲୁଟେରା ଗିରଫ

ଭୁବନେଶ୍ୱର (ବ୍ୟୁରୋ): ରାଜଧାନୀର ବିଭିନ୍ନ ସ୍ଥାନରୁ ଚୋରି କରୁଥିବା ଜଣେ ପେସାଦାର ଅପରାଧୀକୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଛି । ସେ ହେଲେ ନିଳାଦ୍ରୀବିହାର ଅଞ୍ଚଳରେ ରହୁଥିବା ଜଗତସିଂହପୁର ଜିଲାର ବାପି ଓରଫ ଜାମିନି ମହାନ୍ତି । ତାଙ୍କଠାରୁ ଗୋଟିଏ ଲାପଟପ ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ ୩୨୫/୨୨)ରେ ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ସେହିଭଳି ଅଭିଯୁକ୍ତ ବାପିଙ୍କ ନାମରେ ପୂର୍ବରୁ ଭୁବନେଶ୍ୱରର ବିଭିନ୍ନ ଥାନାରେ ୧୦ଟି ଅପରାଧିକ ମାମଲା ରହିସାରିଥିବା ତଦନ୍ତ ବେଳେ ପୋଲିସ ଜାଣିବାକୁ ପାଇଛି ।

## ସଂକ୍ଷେପରେ

### ଶିଶୁପାଳଗଡ ନାଳରୁ ଗଳିତ ମୃତଦେହ ଜବତ

ଭୁବନେଶ୍ୱର,୯।୯ (ବ୍ୟୁରୋ) : ଧଉଳି ଥାନା ଅନ୍ତର୍ଗତ ଶିଶୁପାଳଗଡ ନାଳରୁ ଜଣେ ବ୍ୟକ୍ତିଙ୍କ ଗଳିତ ମୃତେଦହ ଭାସମାନ ଅବସ୍ଥାରେ ଶୁକ୍ରବାର ଜବତ କରାଯାଇଛି। ତାଙ୍କର ପରିଚୟ ମିଳି ନ ଥିବାବେଳେ ତାଙ୍କୁ ଅନ୍ୟ କେଉଁଠି ହତ୍ୟା କରି ଏଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ ଅନୁମାନ କରୁଛି। ମୃତଦେହଟି ପଚି ଫୁଲି ଯାଇଥିବାରୁ ଦୁଇତିନି ଦିନ ତଳୁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡୁଛି। ଧଉଳି ଥାନା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ପରିଚୟ ଜାଣିବା ଲାଗି ମୃତଦେହକୁ ଶବବ୍ୟବଚ୍ଛେଦ ଗୃହରେ ୭୨ ଘଣ୍ଟା ରଖାଯିବ। ତା'ପରେ ବ୍ୟବଚ୍ଛେଦ କରାଯିବ। ଏଥିସହ ସବୁ ଥାନାକୁ ଫଟୋ ପଠାଯିବ ବୋଲି ଧଉଳି ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ କହିଛନ୍ତି।

### ୨୧ କେଜି ଗଞ୍ଜେଇ ଜବତ,୩ ଗିରଫ

ଭୁବନେଶ୍ୱର ୯।୯ (ବ୍ୟୁରୋ): ଗଞ୍ଜେଇ ଚୋରାଚାଲାଣ କରିବା ଘଟଣାରେ ତମାଣ୍ଡୋ ଥାନା ପୋଲିସ ୩ ଜଣ ବେପାରୀଙ୍କୁ ଗିରଫ କରିଛି । ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳର ସାକିର ଖାନ (୨୮),ଗଞ୍ଜାମର ସୁନିଲୀ ସ୍ୱାଇଁ (୨୪),ବିପିନି ନାହକ (୪୮) । ସେମାନଙ୍କଠାରୁ ୨୧ କେଜି ଗଞ୍ଜେଇ ,ଓଡି-୩୩-ଇ-୪୬୫୪ ନମ୍ବର ବିଶିଷ୍ଟ ଗୋଟିଏ ମୋଟର ସାଇକେଲ ଏବଂ ନଗଦ ଏକ ହଜାର ଟଙ୍କା ଜବତ କରାଯାଇଛି । ଏନେଇ ପୋଲିସ ମାମଲା (ନଂ ୨୧୩/୨୨) ରେ ରୁଜୁ କରି ୩ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି ।

### ଅବ୍ୟବସ୍ଥିତ ପରିମଳ ପାଇଁ ବ୍ୟବସାୟୀଙ୍କୁ ଜରିମାନା

ଭୁବନେଶ୍ୱର,୯।୯(ବ୍ୟୁରୋ): ବାରମ୍ବାର ସଚେତନ ଏବଂ ତାଗିଦ୍ ପରେ ଶେଷରେ ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ବିଏମ୍ସି। ଶୁକ୍ରବାର ଖଣ୍ଡଗିରି ପାହାଡ ନିକଟରେ ଥିବା ୨ଟି ଦୋକାନ ପରିସର ଅଳିଆ କରିଥିବାରୁ ଜରିମାନା ଆଦାୟ କରାଯାଇଛି। ସମ୍ପୃକ୍ତ ଦୋକାନ ଆଗରେ ଅଳିଆ ଆବର୍ଜନା ପଡି ରହିଥିବାବେଳେ ସେମାନେ ଡଷ୍ଟବିନ୍ ବ୍ୟବହାର କରୁ ନ ଥିଲେ। ଫଳରେ ସେମାନଙ୍କଠାରୁ ବିଏମ୍ସି ଜରିମାନା ଆଦାୟ କରିଛି। ସହରରେ ପରିମଳ ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବ୍ୟବସାୟୀମାନଙ୍କୁ ଏଥିରେ ସାମିଲ କରାଯାଇଛି। ବ୍ୟବସାୟୀମାନେ ନିଜ ଆଖପାଖ ୫ମିଟର ଅଞ୍ଚଳ ସଫାସୁତୁରା ରଖିବା ସହିତ ୨ଟି ଲେଖାଏ ଡଷ୍ଟବିନ୍ ରଖିବାକୁ ବିଏମ୍ସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ଅଳ୍ପ କେତେକ ବ୍ୟବସାୟୀଙ୍କୁ ବାଦ୍‌ଦେଲେ ଅନେକ ଏହାକୁ ଅଣଦେଖା କରୁଛନ୍ତି। ଫଳରେ ବାଧହୋଇ ବିଏମ୍ସି ଏବେ ଆକ୍ସନ ମୋଡ୍‌କୁ ଆସିଛି। ସେହିପରି ଗଛ, କାନ୍ଥବାଡ଼, ଇଲେକ୍ଟ୍ରି ପୋଲ ଆଦି ସର୍ବସାଧାରଣ ସ୍ଥାନରେ ବିଜ୍ଞାପନ ଲଗାଇବାକୁ ବାରଣ କରାଯାଇଛି। ମାତ୍ର ଏହାସତ୍ତ୍ୱେ କେତେକ ବ୍ୟବସାୟୀ, ଅନୁଷ୍ଠାନ ଏହାକୁ ବେଖାତିର୍ କରୁଛନ୍ତି। ବ୍ୟବସାୟିକ ପ୍ରତିଷ୍ଠାନ ସ୍ମାର୍ଟ ବଜାର ପକ୍ଷରୁ ଇଲେକ୍ଟ୍ରି ପୋଲ ଏବଂ ଅନ୍ୟ ସର୍ବସାଧାରଣ ସ୍ଥାନରେ ବିଜ୍ଞାପନ ଲଗାଯାଇଥିଲା। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବିଏମ୍ସି ପକ୍ଷରୁ 'ସ୍ମାର୍ଟ ବାଜାର' ଠାରୁ ଜରିମାନା ଆଦାୟ କରାଯିବା ସହିତ ଡିମାଣ୍ଡ ନୋଟିସ ପଠାଯାଇଛି। ଏଥିସହିତ ବିଏମ୍ସି ପକ୍ଷରୁ ଏହି ବିଜ୍ଞାପନଗୁଡିକୁ ହଟାଯାଇଛି।

# ରାଜଧାନୀରେ ଆଉ ୨ ଆତ୍ମହତ୍ୟା, ୮ ମାସରେ ୨୨୬

ସରସ ସୁନ୍ଦର ଜୀବନଯାପନ ସହ ବିଭିନ୍ନ ଆଶା ନେଇ ରାଜଧାନୀ ଭୁବନେଶ୍ୱରକୁ ଆସୁଛନ୍ତି ଲୋକେ। ହେଲେ ଏଠାକୁ ଆସିବା ପରେ ଜୀବନ ସଂଘର୍ଷମୟ ହୋଇପଡୁଛି। କିଏ ଏହି ସଂଘର୍ଷ ଭିତରେ ପ୍ରତିଷ୍ଠିତ ହେଉଛି ତ ପୁଣି କିଏ ହାରିଯାଉଛି। ସହରର ଗହଳି ଭିତରେ ଆଜି ଅନେକ ମଣିଷ ମଧ୍ୟ ଅସହାୟ ମଣୁଛନ୍ତି। ଶେଷରେ ଜୀବନ ସେମାନଙ୍କ ପାଇଁ ମୂଲ୍ୟହୀନ ହୋଇପଡୁଛି। ଯେଉଁଥିପାଇଁ ଭୁବନେଶ୍ୱର କ୍ରମଶଃ ଆତ୍ମହତ୍ୟାପ୍ରବଣ ରାଜଧାନୀରେ ପରିଣତ ହେବାରେ ଲାଗିଛି। ପାରିବାରିକ ବିବାଦ, ଆର୍ଥିକ ଅନଟନ, କ୍ୟାରିୟରରେ ବିଫଳତା, ପ୍ରେମ ବିଚ୍ଛେଦ ଆଦି ବିଭିନ୍ନ କାରଣ ପାଇଁ ଜଣକ ପରେ ଜଣେ ଜୀବନ ହାରୁଛନ୍ତି। ଚଳିତ ବର୍ଷ ଅଗଷ୍ଟ ପର୍ଯ୍ୟନ୍ତ ଭୁବନେଶ୍ୱରରେ ୨୨୬ଟି ଆତ୍ମହତ୍ୟା ମାମଲା ରୁଜୁ ହୋଇଥିବା ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ନିଦ ନ ହେବାରୁ ଏୟାରଫିଲ୍ଡ ଥାନା ବରକୁଦାସ୍ଥିତ ଘରୋଇ ନର୍ସିଂ କଲେଜର ଛାତ୍ରୀ କୁନି କହଁର ରବିବାର ଆତ୍ମହତ୍ୟା କରିଥିଲେ। ସେହିପରି ବୁଧବାର ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରେଳବିହାରରେ ଜଣେ ବିଟେକ୍ ଛାତ୍ରୀ ଆର୍.ଏନ୍.ନିୟତି ଆତ୍ମହତ୍ୟା କରିଥିଲେ। ବାପା କିଡ୍‌ନୀ ଓ ହାର୍ଟ ରୋଗରେ ପୀଡିତ ହେବା ପରେ ନିୟତି ମାନସିକ ଭାରସାମ୍ୟ ହରାଇ ଏପରି ନିଷ୍ପତ୍ତି ନେଇଥିଲେ। ଏପରିକି ଏହା ପୂର୍ବରୁ ତାଙ୍କ ସାନଭଉଣୀ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଶୁକ୍ରବାର ସହରରେ ଆଉ ଜଣେ ଯୁବତୀ ଓ ଯୁବକ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି।

## ଗାଳି ଦେବାରୁ ଜୀବନ ହାରିଲେ ଯୁବତୀ

ଭୁବନେଶ୍ୱର,୯।୯ (ବ୍ୟୁରୋ)

- ରାତିରେ ବିଳମ୍ବରେ ଫେରିବାରୁ ହୋଇଥିଲା ତାଗିଦ୍
- ଚକ୍ଷୁଦାନ କଲେ ପରିବାର ଲୋକ



ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଚିନ୍ତାମଣିଶ୍ୱରରେ ରହୁଥିବା ଜଣେ ଯୁବତୀ ଶୁକ୍ରବାର ଘର ଆଜବେଷ୍ଟସ୍ ହୁକ୍‌ରେ ଦୌଡ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ମୃତା ଯୁବତୀ ହେଲେ ରଚନା ନାୟକ (୨୧)। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ରଚନାଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୩୨/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଆତ୍ମହତ୍ୟା ସ୍ପଷ୍ଟ ହୋଇଥିବାବେଳେ ମାମଲା ସଂକ୍ରାନ୍ତରେ ପଡ଼ୋଶୀ ଓ ପରିବାର ଲୋକଙ୍କ ବୟାନ ରେକର୍ଡ କରାଯାଇଛି। ପରିବାର ଲୋକେ ଗାଳି ଦେବାରୁ ରଚନା ଏଭଳି ଚରମ ପଦକ୍ଷେପ ନେଇଥିବା ଜଣାପଡିଛି। ଏଥିସହ ପ୍ରମାଣ ପାଇଁ ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା କରାଯାଉଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱମ୍ଭର ପ୍ରଧାନ କହିଛନ୍ତି। ଅନ୍ୟପକ୍ଷରେ ପରିବାର ଲୋକ ବ୍ୟବଚ୍ଛେଦ ପୂର୍ବରୁ ପଟିଆସ୍ଥିତ ଏଲ୍‌ଭି ପ୍ରସାଦ ଆଇ ହସ୍ପିଟାଲକୁ ରଚନାଙ୍କ ଦୁଇ ଚକ୍ଷୁ ଦାନ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ମୃତା ରଚନାଙ୍କ ବାପା ନାରାୟଣ ନାୟକ ଜଣେ ଶ୍ରମିକ। ବଡ଼ ଭଉଣୀ ବେବିନା ଏକ ଲେଡିସ୍ କର୍ଣ୍ଣର କରିଥିବାବେଳେ ଭାଇ ଡ୍ରାଇଭର ଭାବେ କାମ କରନ୍ତି। ମୃତା ରଚନା ଟେଲରିଂ ଶିଖୁଥିବାବେଳେ ଏମ୍‌ବିଏ ପଢ଼ିବାକୁ ପ୍ରସ୍ତୁତି କରୁଥିଲେ। ଗୁରୁବାର ସାଙ୍ଗଙ୍କ ସହ ରଚନା ବୁଲିବାକୁ ଯାଇ ରାତି ପ୍ରାୟ ୮ଟା ୩୦ରେ ଘରକୁ ଫେରିଥିଲେ। ବିଳମ୍ବରେ ଫେରିବାରୁ ରଚନାଙ୍କୁ ତାଙ୍କ ମା' ଗାଳିଗୁଲଜ କରିବା ସହ ତାଗିଦ୍ କରିଥିଲେ। ଏହାକୁ ନେଇ ରଚନା ମାନସିକ ଅଶାନ୍ତିରେ ରହିଥିଲେ। ଶୁକ୍ରବାର ସକାଳେ ଘରେ କେହି ନ ଥିଲେ। ପ୍ରାୟ ୯ଟାବେଳେ ବଡ଼ ଭଉଣୀ ବେବିନା ଘରେ ପହଞ୍ଚି ରଚନାଙ୍କୁ ଖୋଜାଖୋଜି କରିଥିଲେ। ରୋଷେଇ ଘରର ଭିତର ପଟୁ ବନ୍ଦ ଥିବାରୁ ତାଙ୍କ ମନରେ ସନ୍ଦେହ ଉପୁଜିଥିଲା। ତେଣୁ ପଡ଼ୋଶୀଙ୍କ ସହାୟତାରେ କବାଟ ଭାଙ୍ଗିବା ପରେ ରଚନାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଏନେଇ ପୋଲିସକୁ ପରିବାର ଲୋକେ ଖବର ଦେଇଥିଲେ।

## ନିଶା ଖାଇବାକୁ ବାରଣ, ମା'ଙ୍କ ଶାଢ଼ିରେ ଝୁଲି ପଡ଼ିଲେ ଯୁବକ

ଭୁବନେଶ୍ୱର,୯।୯ (ବ୍ୟୁରୋ)



- ୭ରୁ ଅଧିକ ଥର ନିଶା ନିବାରଣ କେନ୍ଦ୍ରରେ ଥିଲେ
- ୧୧ ବର୍ଷ ହେଲା ନିଶା ସେବନ କରୁଥିଲେ

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଅଞ୍ଚଳରେ ଜଣେ ଯୁବକ ଶୁକ୍ରବାର ଫ୍ୟାନ୍‌ରେ ତାଙ୍କ ମା'ଙ୍କ ଶାଢ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଶୋକ ପ୍ରଧାନ(୩୩)। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଶା ଖାଇବାକୁ ପରିବାର ଲୋକେ ବାରଣ କରିବାରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସ୍ପଷ୍ଟ କରିଛି। ସୂଚନା ଅନୁଯାୟୀ, ଅଶୋକ ଇଞ୍ଜିନିୟରିଂରେ ଡିପ୍ଲୋମା ପରେ ରାଜ୍ୟ ବାହାରେ ବିଭିନ୍ନ କମ୍ପାନୀରେ ଚାକିରି କରିଥିଲେ। ସେ ୧୧ ବର୍ଷ ହେଲା ମଦ ଓ ବ୍ରାଉନସୁଗାର ଆଦି ନିଶାଦ୍ରବ୍ୟ ସେବନ କରୁଥିଲେ। ୬ବର୍ଷ ତଳେ ଉତ୍ତରପ୍ରଦେଶରେ ଅଶୋକ ଚାକିରି କରୁଥିବାବେଳେ ଅଧିକ ନିଶା ସେବନ କରି ନିୟନ୍ତ୍ରଣ ହରାଇବାରୁ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ସେଠାରୁ ଓଡ଼ିଶା ଫେରାଇ ଆଣିଥିଲେ। ପରେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଘରକୁ ଆସିବା ପରେ ବି ବ୍ରାଉନସୁଗାର ଆଦି ନିଶା ଖାଇଥିଲେ। ନିଶା ନ ଛାଡ଼ିବାରୁ ଏହିପରି ସେ ୭ରୁ ଅଧିକ ଥର ନିଶା ନିବାରଣ କେନ୍ଦ୍ରରେ ରହିଥିଲେ ମଧ୍ୟ ବଦଳି ନ ଥିଲେ। ମାସେ ତଳେ ଅଶୋକ ନିଶା ନିବାରଣ କେନ୍ଦ୍ରରୁ ଆସିବା ପରେ ମଧ୍ୟ ଘର ଲୋକଙ୍କ କଥା ମାନୁ ନ ଥିଲେ। ଶୁକ୍ରବାର ସକାଳୁ ୧୫ ମିନିଟ୍ ପାଇଁ ବାହାରକୁ ଯାଇ ଘରକୁ ଫେରିଥିଲେ। ଏହାପରେ ଜଳଖିଆ ଖାଇସାରିବା ପରେ ପୂର୍ବାହ୍ନ ପ୍ରାୟ ୧୦ଟା ୩୦ରେ ଦାଣ୍ଡ ଘରର କବାଟ ବନ୍ଦ କରି ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଡ୍ରାଇଭର-ସହାୟକଙ୍କୁ ମରଣାନ୍ତକ ଆକ୍ରମଣ, ୮ ଗିରଫ

### ବିଏମସି ଜାଗୃତିର ଅଳିଆ ଗାଡିର କାଚ ଭାଙ୍ଗିଲେ

ଭୁବନେଶ୍ୱର ୯।୯ (ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବିଏମସିର ଅଳିଆ ଗାଡି ଚଳାଉଥିବା ଡ୍ରାଇଭର ଓ ସହାୟକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଧିରୁକୁଟି ବସ୍ତିରେ ରହୁଥିବା ମୟୁରଭଞ୍ଜ ଜିଲାର ଶଙ୍କର ଓରଫ ଲକ୍ଷ୍ମଣ ମୁର୍ମୁ , ଧିରେନ ମୁର୍ମୁ , ରେଣ୍ଟା ଓରଫ ସିଦମ ହନ୍ସଦ ,ମୁକୁରୁ ଓରଫ ଲିବୁ ମୁର୍ମୁ ,ଢେଙ୍କାନାଳର ସୁଶୀଲ କୁମାର ହେମ୍ବ୍ରମ ଓରଫ ମୁନା , ରଘୁ ହେମ୍ବ୍ରମ ,ଲିପୁନ ରାଉଳ ଯାଜପୁରର ମୁନା ଓ ରଞ୍ଜନ ତିରିଆ । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇଦିଆଯାଇଛି । ସୂଚନାନୁସାରେ ମେଘନାଦ ବିଜୁଳି ବିଏମସି ଜାଗୃତିର ଅଳିଆ ଗାଡି ଚଳାନ୍ତି । ସବୁଦିନ ଭଳି ଗୁରୁବାର ମଧ୍ୟ ମେଘନାଦ ଆଉ ତାଙ୍କ ସହାୟକ ବିଭିନ୍ନ ସ୍ଥାନରୁ ଅଳିଆ ସଂଗ୍ରହ କରି ସୈନିକ ସ୍କୁଲ ପାଖ ଡମ୍ପ ୟାର୍ଡରେ ଗାଡି ଲଗାଇ ନିକଟରେ ବସନ୍ତି । ହେଲେ ଏହି ସମୟରେ କୌଣସି କାରଣକୁ ନେଇ ଅଭିଯୁକ୍ତମାନଙ୍କ ସହ ପାଟିତୁଣ୍ଡ ହୋଇଥିଲା । ଏହାର ରାଗ ରଖି ଗୁରୁବାର ଉକ୍ତ ସ୍ଥାନକୁ ଅଳିଆ ଗାଡି ଧରି ମେଘନାଦ ଓ ତାଙ୍କ ସହାୟକ ଆସିଥିବା ବେଳେ ଅଭିଯୁକ୍ତମାନେ ପ୍ରଥମେ ଅଳିଆ ଗାଡିକୁ ଭାଙ୍ଗି ଦେଇଥିଲେ । ଏହାଦେଖି ମେଘନାଦ ଓ ସହାୟକ ଆସି ବିରୋଧ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଆହତ ହୋଇଥିଲେ। ଏନେଇ ଶହୀଦନଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ସେମାନଙ୍କୁ ଧରିଥିଲା ।



ଭୁବନେଶ୍ୱରର ଏକ ହୋଟେଲରେ ସଂଭାବନା ଟ୍ରଷ୍ଟ ପକ୍ଷରୁ ଡ. ସସ୍ମିତା କରଙ୍କ କବିତା ପୁସ୍ତକ 'ଦେଖାହେଲେ କହିବି'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ୧୦ ଦିନର ଶିଶୁକୁ ଧରି ନ୍ୟାୟ ମାଗୁଛନ୍ତି ଆଲବମ୍ ଅଭିନେତ୍ରୀ

ଭୁବନେଶ୍ୱର ୯।୯ (ବ୍ୟୁରୋ)

### ନ୍ୟାୟ ପାଇଁ ଡିସିପିଙ୍କ ଦ୍ୱାରସ୍ଥ

୧୦ ଦିନର ଶିଶୁକୁ ଧରି ନ୍ୟାୟ ମାଗୁଛନ୍ତି ଜଣେ ଆଲ୍‌ବମ ଅଭିନେତ୍ରୀ । ସ୍ୱାମୀ ନିର୍ଯାତନା ଦେଉଥିବା ନେଇ ସେ ମଞ୍ଚେଶ୍ୱର ଥାନାରେ ୨ଥର ଏତଲା ସତ୍ତ୍ୱେ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି । ଶେଷରେ ଡିସିପିଙ୍କ ଦ୍ୱାରସ୍ଥ ହୋଇ ଠିକ ତଦନ୍ତ କରାଯାଇ ନ୍ୟାୟ ଦେବାକୁ ସେ ଦାବି କରିଛନ୍ତି। ଏଥିସହ ସ୍ୱାମୀ ଜଣେ ବ୍ୟବସାୟୀ ହୋଇଥିବାରୁ ପୋଲିସ ଘଟଣାକୁ ଚାପି ଦେବାକୁ ଉଦ୍ୟମ କରୁଛି ବୋଲି ଅଭିନେତ୍ରୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ବ୍ୟବସାୟୀ ଜଣକ ଏହାକୁ ଖଣ୍ଡନ କରି ପାଲଟା ଅଭିଯୋଗ ଆଣିଛନ୍ତି। ମହିଳା ଜଣକ ମୋତେ ଫସାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ସ୍ୱାମୀ ଓ ୩ ପିଲା ମଧ୍ୟ ଅଛନ୍ତି। ସେ ବାର୍‌ରେ କାମ କରନ୍ତି। ଏଭଳି ଆଉ ଜଣଙ୍କୁ ମଧ୍ୟ ସେ ହଇରାଣ କରିଥିବା ସେ କହିଛନ୍ତି। ଅଭିନେତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ୨୦୧୬ରେ ସମ୍ପୃକ୍ତ ବ୍ୟବସାୟୀଙ୍କୁ ସେ ବିବାହ କରିଥିଲେ। ବିବାହର କିଛି ବର୍ଷ ପରେ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହୋଇଥିଲା। ତାଙ୍କ ସ୍ୱାମୀ ପୂର୍ବରୁ ବିବାହ କରିଥିବା ଅଭିନେତ୍ରୀ ଜାଣିବା ପରେ ପ୍ରତିବାଦ କରିଥିଲେ। ଏହାକୁ ନେଇ ବିଭିନ୍ନ ସମୟରେ ଝଗଡ଼ା ହୋଇଥିଲା। ଏପରିକି ସ୍ୱାମୀ ତାଙ୍କୁ ନିର୍ଯାତନା ଦେଉଥିବା ନେଇ ସେ ମାର୍ଚ୍ଚ ୨୫ରେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଇତି ମଧ୍ୟରେ ୫ ମାସ ବିତିଯାଇଥିଲେ ମଧ୍ୟ ପୋଲିସ କୌଣସି ପଦକ୍ଷେପ ନେଉ ନ ଥିବା ସେ ଡିସିପିଙ୍କୁ ଜଣାଇଛନ୍ତି।

## 'ଦେଖାହେଲେ କହିବି' କବିତା ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର,୯।୯(ବ୍ୟୁରୋ)

ସଂଭାବନା ଟ୍ରଷ୍ଟ ପକ୍ଷରୁ ଡ. ସସ୍ମିତା କରଙ୍କ କବିତା ପୁସ୍ତକ 'ଦେଖାହେଲେ କହିବି' ଶୁକ୍ରବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା କବି ମନସ୍ୱିନୀ ସାହୁ ଯୋଗଦେଇ କବିତା ଭାବ ପ୍ରକାଶର ଏକ ବଳିଷ୍ଠ ମାଧ୍ୟମ ବୋଲି କହିଥିଲେ। ବକ୍ତା ଭାବେ ସାହିତ୍ୟିକ ତଥା ସମାଲୋଚକ ଦାଶ ବେନହୁର୍ ଯୋଗଦେଇ କହିଥିଲେ, କାଗଜ ଓ ଭୁର୍ଜପତ୍ର ନ ଥିବା ସମୟରୁ ମଧ୍ୟ ସାହିତ୍ୟ ଥିଲା ଓ ଏସବୁ ଚାଲିଗଲେ ବି ସାହିତ୍ୟ ବଞ୍ଚି ରହିବ। ସାହିତ୍ୟ ଭାଷାର ସୀମା ଅତିକ୍ରମୀ ପୃଥିବୀ ସାରା ଅନୁଦିତ ହୋଇ ବ୍ୟାପୀ ଯାଇପାରେ। ସଂଭାବନାର ସମ୍ପାଦକ ଦେବପ୍ରସାଦ ପରିଜାଙ୍କ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଭାଷାବିତ୍ ଡ.ଦେବାଶିଷ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଅବସରରେ ପୁସ୍ତକର ସମୀକ୍ଷା ମଧ୍ୟ କରାଯାଇଥିଲା। ଶେଷରେ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନନ୍ଦନକାନନ ଆସିବ ଅଲଟ୍ରାସାଉଣ୍ଡ ମେଶିନ

### ଆଜି ୭ ଭାଲୁଛୁଆଙ୍କୁ ଏନକ୍ଲୋଜରରେ ଛଡ଼ାଯିବ

ବାରଙ୍ଗ,୯।୯(ଡି.ଏନ୍.ଏ.)

ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ରକ୍ତପରୀକ୍ଷା ମେଶିନ ଆସିସାରିବା ପରେ ଏବେ ଆସିବାକୁ ଯାଉଛି ଅଲଟ୍ରାସାଉଣ୍ଡ ମେଶିନ। ଏଥିନିମନ୍ତେ ନନ୍ଦନକାନନ ଭୁବନେଶ୍ୱରର ଏକ ସଂସ୍ଥାଠାରୁ ୧୬ଲକ୍ଷ ଟଙ୍କା ବ୍ୟୟରେ ଏହି ମେଶିନ କ୍ରୟ କରିବାକୁ ଯାଉଛି। ଏହି ସଂସ୍ଥାର କର୍ମଚାରୀମାନେ ଶୁକ୍ରବାର ଡାକ୍ତରଖାନାରେ ଏକ ଡେମୋ ଆଣି ପ୍ରଦର୍ଶିତ କରିଛନ୍ତି। ଏହି ମେଶିନରେ ବହୁତ କିଛି ସୁବିଧା ଉପଲବ୍ଧ ରହିଥିବାରୁ ରୋଗରେ ପୀଡିତ ହେଉଥିବା ଜୀବଜନ୍ତୁଙ୍କ ବିଷୟରେ ଜାଣିବା ପାଇଁ ଏହା ବେଶ୍ ସହାୟକ ହୋଇପାରିବ ବୋଲି ଏହାକୁ ନେଇ ଆସିଥିବା ସୁରେନ୍ଦ୍ର କୁମାର ଦାସ କହିଛନ୍ତି।

ସେହିଭଳି ନନ୍ଦନକାନନରେ ବର୍ଷେ ୪ମାସ ହେବ ବନ୍ଦି ଜୀବନ ବିତାଉଥିବା ୭ଟି ଭାଲୁ ଶାବକଙ୍କୁ ଶନିବାର ଏନକ୍ଲୋଜରରେ ଛଡ଼ାଯିବ। ଏଥିପାଇଁ ନନ୍ଦନକାନନ ପକ୍ଷରୁ ପ୍ରସ୍ତୁତି ପର୍ବ ସରିଛି। ଗତ ୨୦୨୧ ଏପ୍ରିଲ ୨୨ ତାରିଖରେ ଖୋର୍ଦ୍ଧା ବନ ବିଭାଗ କର୍ମଚାରୀମାନେ ଉଦ୍ଧାର କରି ଦୁଇଟି ପର୍ଯ୍ୟାୟରେ ୭ଟି ଭାଲୁଛୁଆଙ୍କୁ ନନ୍ଦନକାନନକୁ ଦେଇଥିଲେ। ନନ୍ଦନକାନନକୁ ଆସିବାପରେ ଭାଲୁ ଶାବକଙ୍କୁ ଲାଳନପାଳନ କେନ୍ଦ୍ରରେ ରଖାଯାଇ ତାଙ୍କର ସେବା ଶୁଶ୍ରୂଷା କରାଯାଇଥିଲା। ଏବେ ବଡ଼ ହୋଇଯିବାରୁ ସେମାନଙ୍କୁ ଖୋଲାରେ ବିଚରଣ ପାଇଁ ଏନକ୍ଲୋଜରରେ ଛଡାଯିବା ଲାଗି ନନ୍ଦନକାନନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ଏହାଦ୍ୱାରା ପର୍ଯ୍ୟଟକମାନେ ଭାଲୁ ଶାବକଙ୍କୁ ଦେଖି ବେଶ୍ ମନୋରଞ୍ଜନର ଖୋରାକ ନେଇପାରିବେ। ଗତ ୨୦୨୧ ଏପ୍ରିଲ ୨୨ରେ ଚନ୍ଦକା ଜଙ୍ଗଲରୁ ବାହାରି ମା'ଛେଉଣ୍ଡ ଏହି ୭ଟି ଭାଲୁ ଶାବକ ମଧ୍ୟରୁ ୫ଟି ପିତାପଲ୍ଲୀ ଗଙ୍ଗପଡା ରାସ୍ତାପାର୍ଶ୍ୱ ଭୁଆଶୁଣୀ ମନ୍ଦିର ନିକଟରେ ବୁଲୁଥିଲେ। ଗ୍ରାମବାସୀଙ୍କଠାରୁ ସୂଚନା ପାଇ ବନବିଭାଗ ୫ ଭାଲୁ ଶାବକଙ୍କୁ ଉଦ୍ଧାର କରି ନନ୍ଦନକାନନକୁ ହସ୍ତାନ୍ତର କରିଥିଲା। ସେହିଦିନ ସନ୍ଧ୍ୟାରେ ଆଉ ୨ ଭାଲୁଛୁଆ ଗଡଖୋର୍ଦ୍ଧାର ବିପ୍ର ଚରଣ ନାମକ ବ୍ୟକ୍ତିଙ୍କ ବାଡ଼ିରେ ବୁଲୁଥିବା ବେଳେ ଉଦ୍ଧାର କରି ବନ ବିଭାଗ ୨୭ ତାରିଖରେ ନନ୍ଦନକାନନରେ ଛାଡିଥିଲା।

## ଆଜି ନନ୍ଦନକାନନ ଆସିବେ କେନ୍ଦ୍ରମନ୍ତ୍ରୀ

ବାରଙ୍ଗ,୯।୯(ଡି.ଏନ.ଏ.)

### ସ୍ଥିତି ଅନୁଧ୍ୟାନ କରିବେ ୧୦୦ ଚିଡ଼ିଆଖାନାର ନିର୍ଦ୍ଦେଶକ

ଶନିବାର ଓ ରବିବାର ଦୁଇଦିନ ଧରି ଭୁବନେଶ୍ୱର ମେ ଫେୟାର ହୋଟେଲରେ ଦେଶରେ ଥିବା ସମସ୍ତ ଚିଡିଆଖାନାର ନିର୍ଦ୍ଦେଶକଙ୍କୁ ନେଇ ଦୁଇଦିନିଆ ସମ୍ମିଳନୀ ହେବାକୁ ଯାଉଛି। ଏଥିରେ ଦେଶର ୧୦୦ଟି ଚିଡିଆଖାନାର କର୍ତ୍ତୃପକ୍ଷ ଯୋଗଦେବାକୁ ଲକ୍ଷ୍ୟ ରଖାଯାଇଥିବାବେଳେ ଏବେ ସୁଦ୍ଧା ୮୦ଜଣଙ୍କ ତାଲିକା ନନ୍ଦନକାନନକୁ ହସ୍ତଗତ ହୋଇଛି। ଏହି ସମ୍ମିଳନୀକୁ କେନ୍ଦ୍ର ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଉଦ୍‌ଘାଟନ କରିବା ସହ ନନ୍ଦନକାନନ ନିର୍ଦ୍ଦେଶକ ପରିଚାଳନା କରିବେ। ଶନିବାର ସକାଳେ କେନ୍ଦ୍ରମନ୍ତ୍ରୀଙ୍କ ସହ କେନ୍ଦ୍ରୀୟ ଚିଡିଆଖାନା ସଚିବ ଲିନା ନନ୍ଦନ ସମେତ ପ୍ରାୟ ୧୦୦ଟି ଚିଡିଆଖାନାର ନିର୍ଦ୍ଦେଶକ ନନ୍ଦନକାନନକୁ ଆସି ଏହାର ସ୍ଥିତି ଅନୁଧ୍ୟାନ କରିବା ସହ ସୁପରିଚାଳନା ନିମନ୍ତେ ଆଲୋଚନା କରିବେ ବୋଲି ଯୋଜନା ରହିଛି। ଏଥିନିମନ୍ତେ ନନ୍ଦନକାନନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ନନ୍ଦନକାନନ ପକ୍ଷରୁ ରାସ୍ତାଘାଟ ସଫା ସହ ଜୀବଜନ୍ତୁଙ୍କ ଏନକ୍ଲୋଜରକୁ ପରିଷ୍କାର ସହ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଛି। ଏପରି କି ସନ୍ଧ୍ୟା ୫ଟା ପରେ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ବନ୍ଦ ହୋଇଯାଉଥିବାବେଳେ ଗତ ତିନିଦିନ ଧରି ସନ୍ଧ୍ୟା ପରେ ବି କାର୍ଯ୍ୟାଳୟ ଖୋଲାଯାଇ ଜୋରଦାର କାମ ଚାଲୁଥିବାର ଦେଖିବାକୁ ମିଳିଛି।

## ପ୍ରଥମ ପର୍ଯ୍ୟାୟ ଖନନ କାର୍ଯ୍ୟ ଆରମ୍ଭ

କୋଣାର୍କ,୯।୯(ଡି.ଏନ୍.ଏ.)

### ସୂର୍ଯ୍ୟମନ୍ଦିରରୁ ବାଲି କଢ଼ାଯିବା ପ୍ରସଙ୍ଗ

- ଏଏସ୍‌ଆଇ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲାପାଳ
- ସୌନ୍ଦର୍ଯ୍ୟକରଣ, ପାରିପାର୍ଶ୍ୱିକ ଉନ୍ନୟନ କାମ ଦେଖିଲେ

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି ବାହାର କରାଯିବ। ଏଥିପାଇଁ ଗୁରୁବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ପକ୍ଷରୁ ଭୂମିପୂଜନ କରାଯାଇ ଥିବାବେଳେ ଶୁକ୍ରବାର ପ୍ରାଥମିକ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଗର୍ଭଗୃହ ନିକଟରେ ବିମ୍ ପଡ଼ିବାକୁ ଥିବାରୁ ଏଏସ୍‌ଆଇ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଖନନ କାର୍ଯ୍ୟ କରାଯାଇଛି। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା ପହଞ୍ଚି କାର୍ଯ୍ୟ ଅନୁଧ୍ୟାନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। କୋଣାର୍କର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ନେଇ ଦୀର୍ଘଦିନ ହେବ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜିଲାପାଳ ପଚାରି ବୁଝିବା ସହ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୬ଲେନ ବିଶିଷ୍ଟ ରିଙ୍ଗ୍‌ରୋଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ବୁଝିଥିଲେ। ରିଙ୍ଗ୍‌ରୋଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଆଶ୍ରମ ସ୍କୁଲ ପାଇଁ ସ୍ୱତନ୍ତ୍ର ଭାବେ ସ୍କୁଲ ଓ ହଷ୍ଟେଲ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିବା ଓବିସିସିର ଅଧିକାରୀମାନଙ୍କୁ ଶୀଘ୍ର କାମ ସାରିବାକୁ କହିଥିଲେ। ସେହିପରି ସୂର୍ଯ୍ୟମନ୍ଦିର ଭିତରୁ ବାଲି କଢ଼ାଯିବା ନେଇ ଏଏସ୍‌ଆଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ତହସିଲଦାର ଶେଖ ସର୍ଗି, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଅଧକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧକ୍ଷ ସୁରେଶ କୁମାର ରାଉତରାୟ, ଓବିସିସି ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।







୨୮ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ଶେଷ ସନ୍ଧ୍ୟାରେ ଗୁରୁ ରତିକାନ୍ତ ମହାପାତ୍ରଙ୍କ ନୃତ୍ୟାଭିନୟ ଓ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ରାମହରି, ନିରଞ୍ଜନଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର'

## ସରିଲା ୨୮ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ



ଗୁରୁ ନିରଞ୍ଜନ ରାଉତ ଓ ଗୁରୁ ରାମହରି ଦାସଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୯।୯(ବ୍ୟୁରୋ)

ସୃଜନ ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ୫ଦିନ ଧରି ଚାଲିଥିବା ୨୮ତମ ଓଏମ୍‌ସି ଗୁରୁ କେଳୁ ଚରଣ ପୁରସ୍କାର ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଅତିଥି ଭାବେ ରାଜସ୍ୱ ପର୍ଷଦର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ତ୍ରିପାଠୀ, ଓଏମ୍‌ସିର ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ, ଅଭିନେତା ସିଦ୍ଧାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶୀ ସଙ୍ଗୀତ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଗୁରୁ ରାମହରି ଦାସ ଓ ନୃତ୍ୟ ପାଇଁ ଗୁରୁ ନିରଞ୍ଜନ ରାଉତଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ୨୦୨୨' ପ୍ରଦାନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ସହ ଉତ୍ତରୀୟ ଓ ସ୍ମୃତିଫଳକ ମିଳିଛି। ସେହିପରି ପ୍ରେରଣାଦାୟକ ପ୍ରଦର୍ଶନ ଓ କଳା ପ୍ରତି ପ୍ରତିବଦ୍ଧତା ପାଇଁ ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଗୀତାଞ୍ଜଳି ଆଚାର୍ଯ୍ୟ ଏବଂ ଓଡ଼ିଶୀ ସଙ୍ଗୀତ (କଣ୍ଠ) ଲାଗି ମାତୃପ୍ରସାଦ ଦାସଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ ୨୦୨୨' ସମ୍ମାନିତ କରାଯାଇଛି। ପୁରସ୍କାର ବାବଦରେ ଉଭୟଙ୍କୁ ୨୫ ହଜାର ଲେଖାଏ ଅର୍ଥରାଶି, ସ୍ମୃତିଫଳକ ଏବଂ ଉତ୍ତରୀୟ ପ୍ରଦାନ କରାଯାଇଛି। ସମ୍ମାନ ଗ୍ରହଣ କରି ଗୁରୁ ରାମହରି ଦାସ କହିଛନ୍ତି, ଯାହାଙ୍କ ନାମରେ ଏ ପୁରସ୍କାର ମିଳିଛି ତାଙ୍କୁ ନାମତଃ ଉଚ୍ଚାରଣ କରିବାର ସ୍ପର୍ଦ୍ଧା ମୋର ନାହିଁ। ସେ ମୋର ନମସ୍ୟ ଓ ସମସ୍ତଙ୍କ ପ୍ରେରଣାର ଉତ୍ସ। ଏହି ପୁରସ୍କାର ମୋତେ ବହୁତ ଖୁସି ଓ ଗର୍ବ ଆଣି ଦେଇଛି। ଗୁରୁ ନିରଞ୍ଜନ ରାଉତ ମଧ୍ୟ ଖୁସି ବ୍ୟକ୍ତ କରି କହିଛନ୍ତି, ମୋ ଜୀବନରେ ପାଇଥିବା ସମସ୍ତ ସମ୍ମାନଠୁ ଏହା ଶ୍ରେଷ୍ଠ। ଗୁରୁଜୀଙ୍କ ଆଶୀର୍ବାଦ, ଚିନ୍ତାଧାରା ଓ ପରିକଳ୍ପନା ନେଇ ମୁଁ ଆଗକୁ ବଢ଼ି ଚାଲିବି।

ଏହାପରେ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ସହ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ ପ୍ରସ୍ତୁତ କରିଥିଲେ ଓଡ଼ିଶୀ ନୃତ୍ୟାଭିନୟ 'ରାବଣ'। ରାମାୟଣରୁ ଉଦ୍ଧୃତ ରାବଣର ଲୋକପ୍ରିୟ ଧାରଣାକୁ ଖଣ୍ଡନ କରିବାକୁ ଏହି ଓଡ଼ିଶୀ ନୃତ୍ୟଟିକୁ ପ୍ରସ୍ତୁତ କରାଯାଇଥିଲା। ଗୁରୁ ମହାପାତ୍ର ରାବଣ ଚରିତ୍ରକୁ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ଭାବରେ ଚିତ୍ରଣ କରିଥିଲେ। ରାବଣ 'ମହାନାୟକ', ଯିଏ ବିବାଦ, ସଂଘର୍ଷ ଏବଂ ଯୁଦ୍ଧ ମାଧ୍ୟମରେ ମୋକ୍ଷ ହାସଲ କରିବାକୁ ଚେଷ୍ଟା କରିଥିଲେ। ରାବଣ ଚରିତ୍ର ମାଧ୍ୟମରେ ସର୍ବଶକ୍ତିମାନ ରାଜା ଯିଏ ବିଭିନ୍ନ ନକାରାତ୍ମକ ତଥା ମନ୍ଦ ଗୁଣର ଅଧିକାରୀ, ବିରଳ ସାହସ, ଅଖଣ୍ଡତା ଏବଂ ଦୁଃସାହସିକତା ପ୍ରଦର୍ଶନ କରିଥିଲେ। ଏହି ନୃତ୍ୟାଭିନୟରେ ନୃତ୍ୟଶିଳ୍ପୀ ରାଜଶ୍ରୀ ପ୍ରହାରାଜ, ରିତୁ ସେନଗୁପ୍ତା, ଐଶ୍ୱର୍ଯ୍ୟା ସିଂଦେବ, ସିପ୍ରା ସ୍ୱାଇଁ, ପ୍ରୀତୀଶା ମହାପାତ୍ର, ମାଧବୀ ରାଉତ, ଡାଏନା ଘୋଷ, ଆଲିଶା ଧଳ, ସଞ୍ଜୟ କୁମାର ବେହେରା ଏବଂ ଜି. ସଞ୍ଜୟ ଚମତ୍କାର ପ୍ରଦର୍ଶନ କରିଥିଲେ। ନୃତ୍ୟର ସଂରଚନା ଗୁରୁ ରତିକାନ୍ତ ମହାପାତ୍ରଙ୍କ କରିଥିଲେ। ଦେବୀପ୍ରସାଦ ମିଶ୍ରଙ୍କ ଆଲୋକ ଡିଜାଇନ୍ ଓ ସି. ଆନନ୍ଦ କୃଷ୍ଣଙ୍କ ସାଉଣ୍ଡ ଇଞ୍ଜିନିୟରିଂ ନୃତ୍ୟାଭିନୟକୁ ଚିତ୍ତାକର୍ଷକ କରିଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ଓ ଅନୁଜା ତାରିଣୀ ମିଶ୍ର ପରିଚାଳନା କରିଥିଲେ।

## ମାତୃପ୍ରସାଦ ଓ ଗୀତାଞ୍ଜଳିଙ୍କୁ 'ଗୁରୁ କେଳୁଚରଣ ମହାପାତ୍ର ଯୁବ ପ୍ରତିଭା ସମ୍ମାନ'



ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କୁନି



@ ରତିକାନ୍ତ



@ ଆକାଶ



@ ରବି



@ ମନୋରଞ୍ଜନ

# ଗୁଳିକରି ପୋଷା କୁକୁରକୁ ମାରିଦେଲେ

## ରାଗ ଶୁଝାଇବାକୁ ଯାଇ ନୃଶଂସକାଣ୍ଡ

କଟକ ସଦର,୯।୯(ଡି.ଏନ.ଏ.)

କିଶନନଗର ଥାନା ଅନ୍ତର୍ଗତ ବାରଦା ପଞ୍ଚାୟତର ଚାଞ୍ଚପଡ଼ା ଗ୍ରାମରେ ଜଣେ ବ୍ୟକ୍ତି ଏକ ପୋଷା କୁକୁରକୁ ଦେଶୀ ବନ୍ଧୁକ ଦ୍ୱାରା ଗୁଳି କରି ମାରି ଦେଇଛନ୍ତି। ତେବେ କୁକୁର ମୃତ୍ୟୁ ହୋଇଥିବା ଜାଣିବା ପରେ ତା'ର ମାଲିକ ପୋଲିସ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, ଚାଞ୍ଚପଡ଼ା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ଶୁକ୍ରବାର ପାରିବାରିକ ବିବାଦକୁ ନେଇ ପାଟିତୁଣ୍ଡ ହେଉଥିଲା। ଏହି ସମୟରେ ଉକ୍ତ ବ୍ୟକ୍ତିଙ୍କ ପଡ଼ିଶା ଘରେ ଥିବା ଏକ ପୋଷା କୁକୁର ପାଟିଶୁଣି ତାଙ୍କ ଘରକୁ ଚାଲିଯାଇଥିଲା। କିଛି ସମୟ ପାଇଁ କୁକୁରଟି ଭୁକିବାରେ ଲାଗିଥିଲା। ତେବେ ଭୁକିବା ଶବ୍ଦ ଶୁଣି ବ୍ୟକ୍ତି ଜଣକ ଉତ୍ତ୍ୟକ୍ତ ହୋଇ ଘରେ ରଖିଥିବା ଏକ ଦେଶୀ ବନ୍ଧୁକରେ କୁକୁର ଉପରେ ଗୁଳି ଫୁଟାଇ ଦେଇଥିଲେ। ଗୁଳି ଫୁଟିବା ଶବ୍ଦ ଶୁଣି ଆଖପାଖ ସମସ୍ତ ଲୋକ ରୁଣ୍ଡ ହେବା ବେଳେ କୁକୁରଟି ମରି ପଡ଼ିଥିବାବେଳେ ଦେହରୁ ରକ୍ତ ବାହାରୁଥିବା ଦେଖିଥିଲେ। ଏହା ଦେଖି କୁକୁରର ମାଲିକ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମାତ୍ର କୁକୁର ମୃତ୍ୟୁ ବନ୍ଧୁକର ଗୁଳି ନା ଅନ୍ୟ କାରଣରୁ ହୋଇଛି, ସେଥିପାଇଁ ପ୍ରାଣୀ ଡାକ୍ତରଙ୍କ ଦ୍ୱାରା ଶନିବାର ବ୍ୟବଚ୍ଛେଦ କରାଯିବାର ବ୍ୟବସ୍ଥା କରାଯିବ। ତେବେ ପରିବାରର ରାଗ ଶୁଝାଇବାକୁ ଯାଇ କୁକୁରକୁ ଗୁଳି କରି ହତ୍ୟା କରାଯାଇଥିବା ସାଧାରଣରେ ଆଲୋଚନା ହେଉଛି। ଅନ୍ୟପଟେ ଖବର ଲେଖାହେବା ବେଳକୁ ଥାନାରେ ଏହି ଘଟଣାକୁ ନେଇ କୌଣସି ମାମଲା ରୁଜୁ ହୋଇ ନାହିଁ।

# ସୂର୍ଯ୍ୟମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

କୋଣାର୍କ,୯।୯(ଡି.ଏନ୍.ଏ.)



ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି ବାହାର କରିବା ନେଇ ଶୁକ୍ରବାର ପ୍ରାଥମିକ କାର୍ଯ୍ୟ ଆରମ୍ଭ ହୋଇଯାଇଥିବା ବେଳେ ପରେ ଏକ ଅଭାବନୀୟ ଘଟଣା ଘଟିଛି। ଶୁକ୍ରବାର ଅପରାହ୍ନ ସମୟରେ ସୂର୍ଯ୍ୟମନ୍ଦିର ଉପରେ ଗୋଟିଏ ଡ୍ରୋନ୍ ଉଡୁଥିବାର ଦେଖିବାକୁ ମିଳିଥିଲା। ତେବେ ହଠାତ୍ ମନ୍ଦିର ଉପରେ ଏଭଳି ଡ୍ରୋନ୍ ଉଡ଼ିବା ଘଟଣାକୁ ନେଇ ମନ୍ଦିର ସୁରକ୍ଷା ଉପରେ ନାନା ପ୍ରଶ୍ନ ସୃଷ୍ଟି ହୋଇଛି। ଅପରାହ୍ନ ୫ଟା ସମୟରେ ସୂର୍ଯ୍ୟମନ୍ଦିର ପରିସରରେ ଦୁଇ ଯୁବକ ଓ ଜଣେ ଯୁବତୀ ଡ୍ରୋନ ଉଡ଼ାଇ ଫଟୋ ଓ ଭିଡିଓ ଉତ୍ତୋଳନ କରୁଥିବା କେତେଜଣ ଲୋକ ଦେଖିଥିଲେ। ଏ ବିଷୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ନଜରକୁ ଆସିବା ପରେ ଯୁବକ ଜଣଙ୍କ ଡ୍ରୋନ କ୍ୟାମେରାକୁ ଲୁଚାଇ ଦେଇଥିଲେ। ମନ୍ଦିର ସୁରକ୍ଷା କର୍ମୀଙ୍କ ସନ୍ଦେହ ହେବାରୁ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ।

## ସୁରକ୍ଷା ବ୍ୟବସ୍ଥାକୁ ନେଇ ଉଠିଲା ପ୍ରଶ୍ନ

ପୋଲିସ ସୂଚନା ପାଇବା ପରେ ଡ୍ରୋନ ସହିତ ଯୁବକଙ୍କୁ କୋଣାର୍କ ଥାନାକୁ ନେଇ ଅଟକ ରଖି ପଚରାଉଚରା କରିଥିଲେ। ସେମାନେ ବାଲେଶ୍ୱର ସୋର ଅଞ୍ଚଳର ଓ ଭୁବନେଶ୍ୱରରେ କାର୍ଯ୍ୟ କରନ୍ତି ବୋଲି ପୋଲିସକୁ ଜଣାଇବା ସହିତ ମନ୍ଦିରରେ ଡ୍ରୋନ କ୍ୟାମେରା ନିଷିଦ୍ଧ ବୋଲି ଜାଣି ନ ଥିଲେ ବୋଲି ସଫେଇ ଦେଇଥିଲେ। ପୋଲିସ ୩ ଜଣଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା ସୂଚନା ମିଳିଛି। କୋଣାର୍କ ସୂର୍ଯ୍ୟମନ୍ଦିର ଉପରେ ଡ୍ରୋନ କ୍ୟାମେରା ଉଡ଼ାଇବା ଏକ ନିଷିଦ୍ଧ କାର୍ଯ୍ୟ ଓ ଆପରାଧିକ କାର୍ଯ୍ୟକଳାପ ବୋଲି ନିୟମ ରହିଛି। କିନ୍ତୁ ସୂର୍ଯ୍ୟମନ୍ଦିର ପରିସରରେ କାର୍ଯ୍ୟରତ ସୁରକ୍ଷା କର୍ମଚାରୀମାନଙ୍କ ବେପରୁଆ ମନୋଭାବ ଓ ଢିଲା ସୁରକ୍ଷା ବ୍ୟବସ୍ଥା ଯୋଗୁ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ହୋଇପଡିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏଏସଆଇ ପକ୍ଷରୁ କୋଣାର୍କ ସୂର୍ଯ୍ୟମନ୍ଦିରରେ ଡ୍ରୋନ ଉଡାଉଥିବା ବ୍ୟକ୍ତିମାନଙ୍କ ନାମରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ସେମାନଙ୍କୁ ପଚରାଉଚରା କରି ଛାଡ଼ି ଦେଇଥିବା କୋଣାର୍କ ପୋଲିସ ପକ୍ଷରୁ ସୂଚନା ମିଳିଛି।

# ୧୩୦ ଜୁନିୟର ଏସ୍‌ଇଏସ୍ ଶିକ୍ଷକଙ୍କୁ ପଦୋନ୍ନତି, ୬୩ ପ୍ରଧାନ ଶିକ୍ଷକଙ୍କୁ ବଦଳି

ଭୁବନେଶ୍ୱର,୯।୯(ବ୍ୟୁରୋ)

ରାଜ୍ୟର ୧୩୦ ଜୁନିୟର ଏସ୍‌ଇଏସ୍ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି। ସେମାନଙ୍କୁ ସିନିଅର ଏସ୍‌ଇଏସ୍ ଭାବେ ପଦୋନ୍ନତି ଦିଆଯିବା ସହ ଉକ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଧାନଶିକ୍ଷୟିତ୍ରୀ/ପ୍ରଧାନଶିକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ଅନ୍ୟପକ୍ଷରେ ୬୩ଜଣ ସିନିଅର ଏସ୍‌ଇଏସ୍ ପ୍ରଧାନଶିକ୍ଷକଙ୍କୁ ଜିଲା ଭିତରେ ବଦଳି କରାଯାଇଛି। ଏନେଇ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନାନୁସାରେ, ପ୍ରଧାନ ଶିକ୍ଷୟିତ୍ରୀ/ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଥିବା ଶିକ୍ଷକଙ୍କୁ ଆସନ୍ତା ୧୬ ତାରିଖରେ ନୂଆ ସ୍ଥାନରେ ଯୋଗ ଦେବାକୁ କୁହାଯାଇଛି। ସେମାନଙ୍କୁ ୧୩ ତାରିଖରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାୟିତ୍ୱମୁକ୍ତ କରିବେ। ରିଲିଭ ଅର୍ଡର ପାଇବା ପରେ ସେମାନେ ନୂତନ ଜିଲାକୁ ଯିବେ।




ବ୍ରିଟେନ୍‌ର ଦିବଂଗତ ମହାରାଣୀ ଏଲିଜାବେଥ୍-୨ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଗୁରୁବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା। ଏହି ବାଲୁକା କଳାରେ ୭୪୦ଟି ଗୋଲାପ ଫୁଲ ବ୍ୟବହାର କରାଯାଇଛି।




ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସଂକ୍ରାନ୍ତ ଜନନୀତିରେ ଯୁବବର୍ଗଙ୍କ ସ୍ୱରକୁ ମୁଖ୍ୟସ୍ରୋତକୁ ଆଣିବା ନେଇ ୟୁନିସେଫ୍ ପକ୍ଷରୁ ଭୁବନେଶ୍ୱରଠାରେ ହୋଇଥିବା ସ୍ୱତନ୍ତ୍ର ଆଲୋଚନା ଅଧିବେଶନରେ ରାଜ୍ୟର ୪୦ ଯୁବନେତାଙ୍କ ସହ ରାଜ୍ୟସଭା ସଦସ୍ୟ ଡ. ଅମର ପଟ୍ଟନାୟକ, ୟୁନିସେଫ୍ ଓଡ଼ିଶା ମୁଖ୍ୟ ମୋନିକା ନିଲସେନ ଓ ଅନ୍ୟମାନେ।




ଭୁବନେଶ୍ୱର ନାଗଭୂଷଣ ଭବନରେ ଶୁକ୍ରବାର ଅନୁଷ୍ଠିତ ଅଖିଳ ଭାରତ କୃଷକ ମହାସଭାର ଦ୍ୱିତୀୟ ରାଜ୍ୟ ସମ୍ମିଳନୀକୁ ଅତିଥିମାନେ ପତାକା ଉତ୍ତୋଳନ ପୂର୍ବକ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ

ବାଲିପାଟଣା,୯।୯(ଡି.ଏନ୍.ଏ.): ବାଲିପାଟଣା ପଞ୍ଚାୟତ ସମିତିର ପ୍ରଥମ ବୈଠକ ଶୁକ୍ରବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ହରପ୍ରିୟା ଦାସଙ୍କ ସଭାପତିତ୍ୱରେ ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ସେଠୀ, ଉପାଧକ୍ଷା ରାଜଲକ୍ଷ୍ମୀ ଜେନା, ବିଡିଓ ଆଦିକନ୍ଦ ବେହେରା, ବିଇଓ ଶିଳାଧିରାଜ ତନାୟ ଶତପଥୀ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶ୍ରୀକାନ୍ତ ବେହେରା, ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବନ୍ୟା କ୍ଷୟକ୍ଷତିର ଆକଳନ କରି ତୁରନ୍ତ ସହାୟତା, ଶିକ୍ଷାକ୍ଷେତ୍ରରେ ସୁଧାର, ମାଛଚାଷ ପାଇଁ ଆସୁଥିବା ସରକାରୀ ଯୋଜନାର ସଫଳ ରୂପାୟନ, ପଶୁପାଳନ, କେନାଲ ମରାମତି, ସ୍ୱାସ୍ଥ୍ୟ ସମସ୍ୟା, ରାସ୍ତା, ଇନ୍ଦିରା ଆବାସ, ମିଶନ ଶକ୍ତି, ଜଙ୍ଗଲ ସମ୍ପଦ, ଉଦ୍ୟାନ ବିଭାଗ ଯୋଜନାର ସଫଳ ରୂପାୟନ, ବିଦ୍ୟୁତ୍ ସରବରାହ ଓ ବିଲ୍ ଆଦାୟରେ ଟାଟାର ମନମାନି, କୃଷକଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ସଫଳତା ଚାଷୀଙ୍କ ପାଖରେ ପହଞ୍ଚୁ ନ ଥିବା ଆଦି ଅନେକ ସମସ୍ୟା ଉପରେ ଆଲୋଚନା ହୋଇଥିଲଲା। ଶୃଙ୍ଖଳାର ସହ ପ୍ରଥମ ସମିତି ବୈଠକ ଶେଷ ହୋଇଥିଲା।

### ଚାକିରି ପାଇଁ ମାର୍କ, ଶିକ୍ଷାଗତ ଯୋଗ୍ୟତା ଏକମାତ୍ର ମାଧମ ନୁହେଁ

ଭୁବନେଶ୍ୱର,୯।୯(ବ୍ୟୁରୋ): ଉତ୍କଳ ବିଶ୍ୱବିଦ୍ୟାଳୟର ଉତ୍କଳ ଉଦ୍ୟୋଗିତା ଏବଂ ବୃତ୍ତି ହବ୍ (ୟୁଇସିଏଚ୍) ଦ୍ୱାରା ଛାତ୍ରୀଛାତ୍ରମାନଙ୍କ ପାଇଁ ନିଯୁକ୍ତି କୌଶଳ ସମ୍ପର୍କିତ ଏକ ଅଧିବେଶନ ଶୁକ୍ରବାର ଆୟୋଜିତ ହୋଇଯାଇଛି। ଏହି ଅଧିବେଶନକୁ ୟୁଇସିଏଚ୍ ନିର୍ଦ୍ଦେଶକ ଡ. ଆବିଦ୍ ଅଲି ଖାନ୍ ପରିଚାଳନା କରି କହିଛନ୍ତି, ସଫଳତାର ସହ ଚାକିରି ପାଇବା ପାଇଁ ଶିକ୍ଷାଗତ ଯୋଗ୍ୟତା ଏବଂ ଭଲ ମାର୍କ ଏକମାତ୍ର ମାଧମ ନୁହେଁ। ଉଚ୍ଚଶିକ୍ଷା ହାସଲ କରିବାବେଳେ ଅନୁଶାସନର ସୀମା ବାହାରେ ଚିନ୍ତା କରିବାର କ୍ଷମତା ବିକାଶ କରିବା ଏବଂ ଅନ୍ୟ ଶାସ୍ତ୍ରଗୁଡ଼ିକ ବିଷୟରେ ଅନୁସନ୍ଧାନ କରିବାକୁ ଛାତ୍ରମାନଙ୍କୁ କହିଥିଲେ। ବର୍ତ୍ତମାନ ଡ୍ରୋନ୍ ଟେକ୍ନୋଲୋଜିଠାରୁ ଆରମ୍ଭ କରି ଇଭିଏସ୍ ଏବଂ ଇଣ୍ଟରନେଟ୍ ଆଦି ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ କୌଶଳ ପାଠ୍ୟକ୍ରମ ପ୍ରଦାନ ପାଇଁ କାର୍ଯ୍ୟ ଚାଲିଛି ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ରୁସା ୨.୦ର ସଂଯୋଜକ ଡ. ସୁଶାନ୍ତ କୁମାର ବାଦମାଲି ଯୋଗଦେଇ କହିଛନ୍ତି, ଦୈନିକ ଅଧ୍ୟୟନ ବ୍ୟତୀତ ଛାତ୍ରୀଛାତ୍ର ଦକ୍ଷତା ହାସଲ କରିବା ସହ ଜୀବନରେ ଅଧିକ ପ୍ରଭାବଶାଳୀ ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ରୁସା ୨.୦ର ପୂର୍ବତନ ସଂଯୋଜକ ତଥା ବାଣିଜ୍ୟ ବିଭାଗର ମୁଖ୍ୟ ଡ. ପ୍ରବୋଧ କୁମାର ହୋତା କହିଛନ୍ତି, ସକାରାତ୍ମକ ମନୋଭାବ ହେଉଛି ନିଯୁକ୍ତି କୌଶଳର ପ୍ରଥମ ସୋପାନ । ବୃତ୍ତିଗତ ଜୀବନରେ ପ୍ରବେଶ କରିବା ସମୟରେ ସକାରାତ୍ମକ ମନୋଭାବ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। ଗ୍ରାମୀଣ ପରିଚାଳନା ବିଭାଗର ଛାତ୍ର ସ୍ମୃତି ସୌମ୍ୟ ରାଉତ କହିଛନ୍ତି, ନିଯୁକ୍ତି ଦକ୍ଷତା ଅନ୍ୟ ପ୍ରାର୍ଥୀଙ୍କଠାରୁ ନିଜକୁ ପୃଥକ କରିଥାଏ। ରାଜନୀତି ବିଜ୍ଞାନ ବିଭାଗର ଛାତ୍ର ବିନୋଦ ଦେହୁରୀ କହିଛନ୍ତି, ଏହି ଟ୍ରେନିଂ ପ୍ରୋଗ୍ରାମ୍ ଯାହା ବାହାରେ ହଜାରେ ଟଙ୍କା ଖର୍ଚ୍ଚ ହୁଏ, ଆମେ ଏହାକୁ ବିଶ୍ୱବିଦ୍ୟାଳୟରେ ମାଗଣାରେ ପାଇପାରୁଛୁ। ବିଭିନ୍ନ ବିଭାଗର ୮୦ରୁ ଅଧିକ ଛାତ୍ରୀଛାତ୍ର ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମୂର୍ତ୍ତି ଆବର୍ଜନାରେ କୁଆଖାଇ ପ୍ରଦୂଷିତ

ଭୁବନେଶ୍ୱର, ୯।୯ (ବ୍ୟୁରୋ)

ନଦୀଜଳକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଅସ୍ଥାୟୀ ପୁଷ୍କରିଣୀ କରାଯାଇ ଠାକୁରଙ୍କ ବିସର୍ଜନ ବ୍ୟବସ୍ଥା ହୋଇଛି। ପୂଜା ପରେ ଠାକୁରଙ୍କୁ ନଦୀରେ ନ ଫିଙ୍ଗି ସେଠାରେ ବିସର୍ଜନ କରିବାକୁ ମଧ ସଚେତନ କରାଯାଉଛି। ହେଲେ କୁଆଖାଇର ସ୍ଥିତିକୁ ଦେଖିଲେ ରାଜଧାନୀବାସୀ କେତେ ସଚେତନ ଓ ବିଏମ୍ସି କେତେ ଖାମଖିଆଲ ତାହା ସ୍ପଷ୍ଟ ବାରି ହୋଇପଡୁଛି। କଟକଣା, ସଚେତନତା ସତ୍ତ୍ୱେ ଲୋକେ ଠାକୁରଙ୍କୁ ନଦୀରେ ବିସର୍ଜନ କରିଥିବାବେଳେ ବିଏମ୍ସି ମଧ ଅସ୍ଥାୟୀ ପୁଷ୍କରିଣୀରୁ ମୂର୍ତ୍ତି ଆବର୍ଜନାକୁ କାଢ଼ି ନଦୀକୂଳରେ ଜମା କରି ରଖିଛି। ଫଳରେ ବର୍ଷା, ପବନରେ ତାହା ଧୀରେ ଧୀରେ ପାଣିରେ ମିଶି ପ୍ରଦୂଷଣ ମାତ୍ରା ବଢ଼ାଉଛି। ଏବେ ନଦୀଜଳରେ ଶହଶହ ମୂର୍ତ୍ତି ଆବର୍ଜନା ଜମି ରହି ପଚି ଦୁର୍ଗନ୍ଧ ହେଉଥିବାବେଳେ କୂଳର ଏକାଧିକ ସ୍ଥାନରେ ନଡ଼ା, ବାଉଁଶ, ଫୁଲ, କଦଳୀ ପତ୍ର, କଳସ, ସାଲୁକନା, ପଇଡ଼, ପ୍ଲାଷ୍ଟିକ, ପଲିଥିନ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଗଦା ହୋଇ ପରିବେଶକୁ ଦୂଷିତ କରୁଛି।

## ୭ ଦିନରେ ଉଠିବ ସମସ୍ତ ଆବର୍ଜନା : ବିଏମ୍ସି

ବିଏମ୍ସି ପକ୍ଷରୁ ନିର୍ମିତ ଅସ୍ଥାୟୀ ପୋଖରୀ ସମ୍ପର୍କରେ ସହରବାସୀଙ୍କୁ ସୋସିଆଲ ମିଡିଆ ଓ ଗଣମାଧ୍ୟମରେ ସଚେତନ କରାଯାଇଥିଲା। ଫଳରେ କୁଆଖାଇ ଅସ୍ଥାୟୀ ପୋଖରୀରେ ୧ହଜାର, ଦୟାରେ ୫ଶହ ଏବଂ ଟଙ୍କପାଣିରେ ୩ଶହକୁ ମିଶାଇ ମୋଟ ୧୮ଶହ ମୂର୍ତ୍ତି ବିସର୍ଜନ କରାଯାଇଛି। ବିସର୍ଜନ ପରେ ବିଏମ୍ସି ପକ୍ଷରୁ ଏଗୁଡିକୁ ସଫା କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଶୁକ୍ରବାର ସୁଦ୍ଧା ୧୫ ଟ୍ରିପ୍ ଆବର୍ଜନା ଉଠି ସାରିଥିବାବେଳେ ଆସନ୍ତା ୭ଦିନ ମଧରେ ସମସ୍ତ ଆବର୍ଜନା ଉଠିଯିବ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି। ଏହାପରେ ଅସ୍ଥାୟୀ ପୋଖରୀଗୁଡିକୁ ଦୁର୍ଗାପୂଜା ସମୟରେ ମୂର୍ତ୍ତି ବିସର୍ଜନ କରିବା ପାଇଁ ପ୍ରସ୍ତୁତ କରାଯିବ। ତେବେ ସଚେତନତା ସତ୍ତ୍ୱେ କିଛି ଲୋକ ଅସ୍ଥାୟୀ ପୋଖରୀରେ ବିସର୍ଜନ ନ କରି ନଦୀରେ ମୂର୍ତ୍ତି ବିସର୍ଜନ କରୁଛନ୍ତି। ଏଥିରୁ ନିବୃତ୍ତ ରହିବା ପାଇଁ ସଚେତନତା ଜାରି ରହିଛି। ନାଗରିକମାନେ ସଚେତନ ହୋଇ ଏଥିରେ ସାମିଲ ହେବେ ବୋଲି ମେୟର ସୁଲୋଚନା ଦାସ ଆଶା ପ୍ରକାଶ କରିଛନ୍ତି।

ଅଗଷ୍ଟ ୩୧ରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ଦୀର୍ଘ ୨ ବର୍ଷ ପରେ ବିନା କଟକଣାରେ ପୂଜା ହେଉଥିବାରୁ ବିଭିନ୍ନ ଅନୁଷ୍ଠାନ ଓ ପୂଜା କମିଟି ପକ୍ଷରୁ ଏହା ଧୁମ୍‌ଧାମ୍‌ରେ ପାଳନ କରାଯାଇଥିଲା। ଛୋଟ ଛୋଟ ମୂର୍ତ୍ତିଠାରୁ ଆରମ୍ଭ କରି ୫୧ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଡ଼ ବଡ଼ ମୂର୍ତ୍ତି ନିର୍ମାଣ କରାଯାଇ ଗଣପତିଙ୍କୁ ଆବାହନ କରାଯାଇଥିଲା। ମାତ୍ର ପୂଜା ସମୟରେ ଆୟୋଜକଙ୍କ ମଧରେ ଯେଉଁ ଭକ୍ତିଭାବ ରହିଥିଲା ବିସର୍ଜନ ସମୟରେ ନ ଥିଲା। କେବଳ ଅସ୍ଥାୟୀ ପୋଖରୀରେ ମୂର୍ତ୍ତି ବିସର୍ଜନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲେ ବି ଅନେକ ଲୋକ ଏହାକୁ ଅବମାନନା କରି ନଦୀ, ପୋଖରୀରେ ଠାକୁର ଓ ପୂଜା ଆବର୍ଜନା ପକାଇଥିଲେ। ମାତ୍ର ଏସବୁକୁ ଦେଖି ନ ଦେଖିବା ଭଳି ବସି ରହିଛି ବିଏମ୍ସି, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସହରରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ବିଏମ୍ସିର ଦାୟିତ୍ୱ। ମାତ୍ର ଅନେକ ସମୟରେ ପରିମଳ ପରିଚାଳନାରେ ତ୍ରୁଟି ପରିଲକ୍ଷିତ ହେଉଛି। ସେହିପରି କେତେକ ସମୟରେ କାର୍ଯ୍ୟକ୍ରମକୁ ସୁବ୍ୟବସ୍ଥିତ କରିବା ପାଇଁ ବିଏମ୍ସି ବିଭିନ୍ନ ଯୋଜନା ବା ପଦକ୍ଷେପ ହାତକୁ ନେଉଛି। ମାତ୍ର ତାହାର ପରବର୍ତ୍ତୀ ପର୍ଯ୍ୟାୟ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୁଲି ଯାଉଛି। ସ୍ଥିତି ବିଗିଡିଯିବା ପରେ ବିଏମ୍ସିକୁ ସମାଲୋଚନାର ଶିକାର ହେବାକୁ ପଡୁଛି। ମୂର୍ତ୍ତି ବିସର୍ଜନ ପାଇଁ ବିଏମ୍ସି ପକ୍ଷରୁ ଟଙ୍କପାଣିରୋଡ୍ ବ୍ରିଜ୍, କୁଆଖାଇ ବ୍ରିଜ୍ ଓ ଦୟା ବ୍ରିଜ୍ ନିକଟ ନଦୀକୂଳରେ ଗୋଟିଏ ଲେଖାଏ ମୋଟ ୩ଟି ଅସ୍ଥାୟୀ ପୋଖରୀ ନିର୍ମାଣ କରାଯାଇଥିଲା। ମାତ୍ର ଅସ୍ଥାୟୀ ପୋଖରୀରେ କିପରି ସମସ୍ତ ମୂର୍ତ୍ତି ବିସର୍ଜନ ହୋଇପାରିବ ସେନେଇ ପଦକ୍ଷେପ ନିଆଗଲା ନାହିଁ କି ପରବର୍ତ୍ତୀ ତଦାରଖ କରାଗଲା ନାହିଁ। ଏବେପୁଣି ବିଏମ୍ସି ନିଜେ ନଦୀକୂଳକୁ ଆବର୍ଜନାମୟ କରୁଥିବା ଅଭିଯୋଗ ହେଉଛି। ଅସ୍ଥାୟୀ ପୁଷ୍କରିଣୀରୁ ମୂର୍ତ୍ତି ଆବର୍ଜନାକୁ ସ୍ଥାନାନ୍ତର କରୁଥିବା ନ ଥିବାରୁ ବିଶେଷକରି କୁଆଖାଇ ନଦୀ ଓ କୂଳ ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇପଡିଛି।



## ପଚା ଗନ୍ଧଉଛି ନଦୀ ଜଳ

- ବିଏମ୍ସିର ଅସ୍ଥାୟୀ ପୋଖରୀ ପ୍ରହସନ
- ପାଣିରୁ ଉଠାଇ କୂଳରେ ଜମା କରିଦେଲେ





## ଭସାଣି ସହ ଶେଷହେଲା ଗଣେଶ ମହୋତ୍ସବ



ଭୁବନେଶ୍ୱର,୯।୯

ଭୁବନେଶ୍ୱରର ସର୍ବପୁରାତନ ଗଣେଶ ପୂଜା ୟୁନିଟ୍-୪ ଭୌମନଗର ହାଟ ବ୍ୟବସାୟ ସଂଘ ପକ୍ଷରୁ ମହା ଆଡମ୍ବର ସହକାରେ ପାଳନ କରାଯାଏ। କୋଭିଡ୍ ମହାମାରୀ ଯୋଗୁ ଗତ ୨ବର୍ଷ ହେବ ନିରାଡମ୍ବର ସହକାରେ ଶ୍ରୀଗଣେଶପୂଜା ହୋଇଥିଲା। ଚଳିତ ବର୍ଷ ସବୁ କିଛି ଠିକ୍ ଥିବାରୁ ପୂଜା କମିଟି ପକ୍ଷରୁ ଆଡମ୍ବର ସହକାରେ ୧୧ ଦିନିଆ ଗଣେଶ ମହୋତ୍ସବର ଆୟୋଜନ କରାଯାଇଥିଲା। ବିଶେଷକରି ଅଗଷ୍ଟ ୩୦ରୁ କଳସଯାତ୍ରା ଆରମ୍ଭଠାରୁ ସେପ୍ଟେମ୍ବର ୯ ଭସାଣି ଯାତ୍ରା ପର୍ଯ୍ୟନ୍ତ ବୈଦିକ ରୀତିନୀତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ମହୋତ୍ସବ ଶେଷ ହୋଇଥିବା କମିଟି ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଦିନ ସନ୍ଧ୍ୟାରେ ଭଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ପ୍ରତିଭା ଓ ଜଣାଶୁଣା ସାମାଜିକ କର୍ମୀଙ୍କୁ ସମ୍ମାନିତ ମଧ କରାଯାଇଥିଲା। ଅପରପକ୍ଷରେ ଉଭୟ ବିଏମ୍ସି ଓ କମିଶନରେଟ ପୋଲିସର ନିର୍ଦ୍ଦେଶାବଳୀ ଅନୁଯାୟୀ ପୂଜା ଓ ଭସାଣି କାର୍ଯ୍ୟ ସମାପନ ହୋଇଥିଲା। ଏ ସମ୍ପର୍କରେ ପୂଜା କମିଟି ମୁଖ୍ୟ ତଥା ସଂଘର ସାଧାରଣ ସମ୍ପାଦକ ବଦ୍ରିନାରାୟଣ ମିଶ୍ର କହିଛନ୍ତି, ଭୁବନେଶ୍ୱରରେ ଯେତେ ପୂଜା ମଣ୍ଡପ ଅଛି ୪ ନମ୍ବର ହାଟ ପୂଜା ଭିନ୍ନ ଓ ଅଧିକ ଦିନର କାର୍ଯ୍ୟକ୍ରମରେ ପାଳିତ ହୋଇଥାଏ। ଏଠାରେ ଉଭୟ କଳାକାର ଓ ସାମାଜିକ କର୍ମୀଙ୍କୁ ସମ୍ମାନ ପ୍ରଦାନ ସାଙ୍ଗକୁ ସ୍ଥାନୀୟ ଅଞ୍ଚଳର ଗରିବ ଓ ଅସହାୟଙ୍କୁ ମଧ ସହାୟତା ପ୍ରଦାନ ସହ ୧୧ ଦିନ ଯାକ ପ୍ରସାଦ ସେବନ ଓ ବଣ୍ଟନ କରାଯାଇଥାଏ। ସେହିଭଳି ପୂଜାର ଅନ୍ତିମ କାର୍ଯ୍ୟ ଶୁକ୍ରବାର ସ୍ଥାନୀୟ କୁଆଖିଆ ନଦୀପଠାରେ ବିଏମ୍ସିର ଚିହ୍ନିତ ସ୍ଥାନରେ ଗଣେଶ ମୂର୍ତ୍ତି ବିସର୍ଜନ କରାଯାଇଥିଲା।

## ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ସାମିଲ ହେବାକୁ ରାଜ୍ୟପାଳଙ୍କ ନିବେଦନ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ ଶୁକ୍ରବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଭିଡିଓ କନ୍‌ଫରେନ୍ସିଂ ମାଧମରେ ଓଡ଼ିଶା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏଥିରେ ଅଂଶଗ୍ରହଣ କରିଥିଲେ। ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ନିମନ୍ତେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ଅଭିଯାନ ଓ ଯୋଜନାର ସଫଳ ରୂପାୟନ ପାଇଁ ରାଜ୍ୟପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହି ଅଭିଯାନରେ ନି-କ୍ଷୟ ମିତ୍ର ଭାବେ ସହଯୋଗ କରିବା ପାଇଁ ବ୍ୟବସ୍ଥା ରହିଛି। ବ୍ୟକ୍ତି, ଅନୁଷ୍ଠାନ, ସମବାୟ ସଂସ୍ଥା, କର୍ପୋରେଟ୍, ନିର୍ବାଚିତ ଲୋକ ପ୍ରତିନିଧି, ବ୍ୟବସାୟ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନ, ରାଜନୈତିକ ଦଳ ଆଦି ନି-କ୍ଷୟ ମିତ୍ର ଭାବେ ଯକ୍ଷ୍ମା ରୋଗୀମାନଙ୍କୁ ଅତିରିକ୍ତ ଖାଦ୍ୟ ଓ ପୋଷଣ ସହାୟତା ଏବଂ ଥଇଥାନ ଆଦି ସହାୟତା ଯୋଗାଇ ଓଡ଼ିଶାରୁ ଯକ୍ଷ୍ମା ରୋଗର ମୂଳୋତ୍ପାଟନ ନିମନ୍ତେ ସହଯୋଗ କରିବାକୁ ରାଜ୍ୟପାଳ ନିବେଦନ କରିଛନ୍ତି।

## ଠାକୁରଙ୍କୁ ଦର୍ଶନ କଲେ ୨୦ ହଜାର ଶ୍ରଦ୍ଧାଳୁ

ପୁରୁଣା ଭୁବନେଶ୍ୱର,୯।୯(ଡି.ଏନ୍.ଏ.)

କୋଭିଡ୍ କଟକଣା ପାଇଁ ଗତ ଦୁଇବର୍ଷ ଶ୍ରୀ ଅନନ୍ତ ବାସୁଦେବ ମନ୍ଦିରରେ ନିରାଡ଼ମ୍ବରରେ ପାଳନ କରାଯାଇଥିଲା ଅନନ୍ତ ବ୍ରତ। ତେବେ ଚଳିତ ବର୍ଷ କଟକଣା କୋହଳ ପରେ ଶୁକ୍ରବାର ମନ୍ଦିରରେ ବ୍ରତଧାରୀ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିବା ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର କହିଛନ୍ତି। ପ୍ରାତଃ ୩ଟାରୁ ଅନନ୍ତ ବାସୁଦେବଙ୍କ ମନ୍ଦିରର ଦ୍ୱାର ଖୋଲାଯାଇଥିଲା। ମଙ୍ଗଳ ଆଳତି, ଅବକାଶ, ବେଶ, ଅନ୍ୟାନ୍ୟ ପୂଜାର୍ଚ୍ଚନା ପରେ ସାଧାରଣ ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଧାଡ଼ିରେ ଛଡ଼ାଯାଇଥିଲା। ବ୍ୟାରିକେଡ୍ ଦେଇ ବ୍ରତଧାରୀ ଆଣିଥିବା ୧୪ ପ୍ରକାର ଫଳ ଓ ୧୪ ପ୍ରକାର ଫୁଲ ଠାକୁରଙ୍କୁ ଲାଗି କରିବା ସହ ଦର୍ଶନ କରି ପ୍ରସ୍ଥାନ କରିଥିଲେ। ଅପରାହ୍ନ ୨ଟା ୩୦ ପର୍ଯ୍ୟନ୍ତ ଶ୍ରଦ୍ଧାଳୁ ଠାକୁରଙ୍କ ଦର୍ଶନ କରିଥିବା ପାଳିଆ ସେବାୟତ ଶରତ ମହାପାତ୍ର କହିଛନ୍ତି।



### ଶ୍ରୀଅନନ୍ତ ବାସୁଦେବ ମନ୍ଦିରରେ ଅନନ୍ତ ବ୍ରତ

## ଆସିବ ବାବୁଶାନ୍‌ଙ୍କ ଫିଲ୍ମ 'ଅନ୍ତର୍ଯ୍ୟାମୀ'

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଅଭିନେତା ବାବୁଶାନ୍‌ଙ୍କୁ ନେଇ ଆସୁଛି ପୁଣିଏକ ନୂଆ ଚଳଚ୍ଚିତ୍ର। ନିକଟରେ ବ୍ରହ୍ମପୁରରେ ଏକ ଉତ୍ସବରେ ତାଙ୍କର ଆଗାମୀ ସିନେମା 'ଅନ୍ତର୍ଯ୍ୟାମୀ'ର ଘୋଷଣା ସାଙ୍ଗକୁ ଫାଷ୍ଟଲୁକ୍ ବା ପୋଷ୍ଟର ରିଲିଜ୍ ହୋଇଛି। ଏହି ସିନେମାଟି ହିନ୍ଦୀ, ଓଡ଼ିଆ ସମେତ ତେଲୁଗୁ ଭାଷାରେ ରିଲିଜ୍ ହେବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ଅମ୍ରିତ ନିଶାଦ ଏହାକୁ ପ୍ରଯୋଜନା ଦେଇଥିବାବେଳେ ସିନେମାର କାହାଣୀ, ସଂଳାପ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର ବହନ କରିଛନ୍ତି ଶିବ ସତ୍ୟମ୍। କୌଶିକ ପଙ୍ଗୁଲୁରି କଥାବସ୍ତୁ ରଚନା କରିଥିବାବେଳେ ସହାୟତା କରିଛନ୍ତି ସ୍ୱାତିରାଣୀ। ସଙ୍ଗୀତ ନିର୍ଦ୍ଦେଶନାରେ ଜିଜେ କାର୍ତ୍ତିକେୟନ, ସମ୍ପାଦନାରେ ଅସ୍ମିତ କୁମାର ଓ ସହ ପ୍ରଯୋଜନାରେ ଇନ୍ଦଲା ରାମାରାଓ ରହିଛନ୍ତି।

## ଉତ୍କଳ କନିକା ଗ୍ୟାଲେରିଆରେ ଖୋଲିଲା 'ଶୱର୍ମା ହଟ୍'




ଭୁବନେଶ୍ୱର,୯।୯

ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଫୁଡ୍ କୋର୍ଟରେ ଶୁକ୍ରବାର ଏକ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ 'ଶୱର୍ମା ହଟ୍' ଫୁଡ୍ ଆଉଟ୍‌ଲେଟ୍‌ର ଶୁଭାରମ୍ଭ ହୋଇଯାଇଛି। ଅଭିନେତା ଆକାଶ ଦାସନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆଉଟ୍‌ଲେଟ୍ ମାଲିକ ହରି ପ୍ରସାଦ ପଣ୍ଡା, ଦୀପ୍ଶିଖା ସାହୁଙ୍କ ସମେତ ମଲ୍‌ର ନିର୍ଦ୍ଦେଶିକା ପୂର୍ଣ୍ଣିମା ବୈଦ, ଜେନେରାଲ ମ୍ୟାନେଜର କ୍ରିଷ୍ଣେନ୍ଦୁ ପଣ୍ଡିତ ଓ ମାର୍କେଟିଂ ମୁଖ୍ୟ ଦୁଲାଲ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱରକୁ ପ୍ରତିଦିନ ଦେଶ ବିଦେଶରୁ ପର୍ଯ୍ୟଟକ ଆସୁଛନ୍ତି। ସେହି ଅନୁଯାୟୀ ଖାଦ୍ୟର ଅନେକ ଚାହିଦା ବଢ଼ିଛି। ଉକ୍ତ ମଲ୍‌ର ଏହି ଫୁଡ୍ ଆଉଟ୍‌ଲେଟ୍‌ରେ ଗ୍ରାହକମାନେ ସେମାନଙ୍କ ଚାହିଦା ପୂରଣ ସହ ନୂତନ ବ୍ୟଞ୍ଜନର ସ୍ୱାଦ ଚାଖିପାରିବେ ବୋଲି ଆକାଶ ମତବ୍ୟକ୍ତ କରିଛନ୍ତି।

ସେହିଭଳି ଭାରତରେ 'ଶୱର୍ମା ହଟ୍'ର ୧୦୦ରୁ ଉର୍ଦ୍ଧ୍ୱ ଆଉଟ ଲେଟ୍ ରହିଛି। ଭୁବନେଶ୍ୱରରେ ଏହା ପ୍ରଥମ ଥର ଲାଗି ଖୋଲାଯାଇଛି। ଏହା ଜରିଆରେ ଖାଦ୍ୟପ୍ରେମୀଙ୍କୁ ନୂଆ ଅନୁଭୂତି ମିଳିବ। ଏପରିକି ମଲ୍‌କୁ ବୁଲି ଆସୁଥିବା ଗ୍ରାହକମାନେ ଉକ୍ତ ଆଉଟ୍‌ଲେଟ୍‌ରୁ ମନ ପସନ୍ଦର ଖାଦ୍ୟ ଖାଇପାରିବେ ବୋଲି ଆଉଟ୍‌ଲେଟ୍ ମାଲିକ ପଣ୍ଡା କହିଛନ୍ତି। ଏଠାରେ ଖାଦ୍ୟର ଗୁଣବତ୍ତା, ହାଇଜେନିକ୍ ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ସେଥିପାଇଁ ହାଇଦ୍ରାବାଦରୁ ସ୍ୱତନ୍ତ୍ର ସେଫ୍‌ଙ୍କୁ ଅଣାଯାଇଛି।

ସେହିପରି ଆଉଟ୍‌ଲେଟ୍‌ର ଅନ୍ୟତମ ମାଲିକ ଦୀପ୍ଶିଖା ସାହୁ କହିଛନ୍ତି, ଏଠାରେ ଶୱର୍ମା ରୋଲ୍, ସାଣ୍ଡୱିଚ୍, ମକ୍‌ଟେଲ୍, ସ୍ୱତନ୍ତ୍ର ଶୱର୍ମା ଥାଳି, ଆରୋବିକ୍ ପନିର୍, ଶୱର୍ମା ସାଲାଡ୍, ପ୍ଲାଟର, ବକେଟ୍ ଶୱର୍ମା, ଜମ୍ବୋ ଶୱର୍ମା, ମିଲ୍ ଶୱର୍ମା, ମିଲ୍ସ ସହ ୧୦୦ରୁ ଉର୍ଦ୍ଧ୍ୱ ପ୍ରକାର ଖାଦ୍ୟ ମିଳିବ।

## ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସବୁଜ ଗୋଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା

### ଓୟୁଏଟିରେ ସବୁଜ ଗୋଖାଦ୍ୟ ଦିବସ ପାଳିତ

ଭୁବନେଶ୍ୱର,୯।୯(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)ର ଗବେଷଣା ଫାର୍ମ, ଖଣ୍ଡଗିରି ପରିସରରେ ଶୁକ୍ରବାର 'ସବୁଜ ଗୋଖାଦ୍ୟ' ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପଶୁ ଚିକିତ୍ସା ଓ ପଶୁପାଳନ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପାଇଁ ସବୁଜ ଗୋଖାଦ୍ୟ ଫସଲର ଉତ୍ପାଦନ ଓ ଉପଯୋଗିତା ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ଗବେଷଣା ଅଧକ୍ଷ ପ୍ରଫେସର ମନମୋହନ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଦୁଗ୍ଧ ଉତ୍ପାଦନ ବୃଦ୍ଧିରେ ସବୁଜ ଗୋଖାଦ୍ୟର ଉପଯୋଗିତା ସମ୍ପର୍କରେ ଆଲୋଚନା କରିଥିଲେ। ସବୁଜ ଗୋଖାଦ୍ୟ ଗବେଷଣା କେନ୍ଦ୍ର ମୁଖ୍ୟ ଡ. ଅରବିନ୍ଦ ଧଳଙ୍କ ପରିଚାଳନାରେ ଆୟୋଜିତ ସଭାରେ ସୋଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କୃଷି ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ବିଜୟ ସାହୁ, ଉପକୂଳ ଅଞ୍ଚଳ ସହ ଗବେଷଣା ନିର୍ଦ୍ଦେଶକ ପ୍ରଫେସର ଚନ୍ଦ୍ରମଣି ଖଣ୍ଡା, ପ୍ରଫେସର ମନୋରଞ୍ଜନ ଶତପଥୀ, ଡ. ସୁମନ ଯୋଶୀ, ଡ. ଅନୀତା ମହାନ୍ତି, ଡ. ସୁଶାନ୍ତ କୁମାର ସ୍ୱାଇଁ, ଡ. ଦିଗ୍‌ବିଜୟ ସ୍ୱାଇଁ, ଡ. ସ୍ୱର୍ଣ୍ଣଲତା ଦାସ, କାର୍ତ୍ତିକ ଚନ୍ଦ୍ର ପ୍ରଧାନ, ବିନାୟକ ଦାଶ ଓ ନଳିନୀକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ରାଜ୍ୟରେ କ୍ଷୀର ଉତ୍ପାଦନର ଚାହିଦାକୁ ଦୃଷ୍ଟିରେ ରଖି ନୂତନ କିସମ ସବୁଜ ଗୋଖାଦ୍ୟ ଫସଲର ଉତ୍ପାଦନ ଓ ଉପଯୋଗିତା ସମ୍ପର୍କରେ, ଦୁଗ୍ଧ ଚାଷୀ ଓ ସବୁଜ ଗୋଖାଦ୍ୟ ଫସଲ ଉତ୍ପାଦକ ଅଗ୍ରଣୀ ଚାଷୀଙ୍କ ମଧ୍ୟରେ ତାଲିମ ଶିବିର, ଦଳଗତ ଆଲୋଚନା ଓ ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନୀ ଆୟୋଜନର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଦିବସରେ ସବୁଜ ଗୋଖାଦ୍ୟ ଫସଲ ସମ୍ପର୍କରେ ଏକ କୁଇଜ୍ କାର୍ଯ୍ୟକ୍ରମ ହୋଇଥିବା ବେଳେ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।






# ଅପରେଶନ ଲଣ୍ଡନ ବ୍ରିଜ୍

ଲଣ୍ଡନ,୯।୯

ବ୍ରିଟେନକୁ ସର୍ବାଧିକ ୭୦ ବର୍ଷ ଧରି ଶାସନ କରିଥିବା ମହାରାଣୀ ଏଲିଜାବେଥ ୨ୟ ଗୁରୁବାର ୯୬ ବର୍ଷ ବୟସରେ ତାଙ୍କ ସ୍କଟିଶ ଏଷ୍ଟେଟ୍ ବାଲ୍‌ମୋରାଲ କ୍ୟାସେଲରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ମୃତ୍ୟୁ ପରେ କ'ଣ ସବୁ କରାଯିବ ତାହା ବହୁ ପୂର୍ବରୁ ସ୍ଥିର କରାଯାଇଥିଲା। ତେବେ ପ୍ରଥମେ ୨୦୧୭ରେ ଗାର୍ଡିଆନ୍‌ରେ ଏବଂ ପରେ ୨୦୨୧ରେ ପଲିଟିକୋରେ ଏନେଇ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରୋଟୋକଲ ଅନୁଯାୟୀ ଏହି ରାଜକୀୟ ଉତ୍ତରାଧିକାର ସୂତ୍ର ଓ ରାଜନୈତିକ

## ମହାରାଣୀଙ୍କ ଅବର୍ତ୍ତମାନରେ ରାଜକାର୍ଯ୍ୟ ପୂର୍ବ ନିର୍ଦ୍ଧାରିତ

କାର୍ଯ୍ୟକ୍ରମ 'ଅପରେଶନ ଲଣ୍ଡନ ବ୍ରିଜ୍' ନାମରେ ପରିଚିତ। ଏପରି କି ମହାରାଣୀଙ୍କ ସମ୍ଭାବ୍ୟ ମୃତ୍ୟୁ ତାଙ୍କ ପ୍ରିୟ ସ୍ଥାନ ସ୍କଟ୍‌ଲାଣ୍ଡର ବାଲ୍‌ମୋରାଲରେ ହେବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ କରାଯାଇଥିଲା। ଏହି ଯୋଜନା 'ଅପରେଶନ ୟୁନିକର୍ନ' ରୂପେ ମଧ୍ୟ ଜଣାଶୁଣା। ପୂର୍ବ ଯୋଜନା ଅନୁସାରେ ସମସ୍ତ କାର୍ଯ୍ୟପଦ୍ଧତି ଆପଣାଯାଉଛି। ସେପ୍ଟେମ୍ବର ୮ରେ ପ୍ରଧାନମନ୍ତ୍ରୀ ଲିଜ୍ ଟ୍ରସ୍‌ଙ୍କୁ ତାଙ୍କ ପ୍ରାଇଭେଟ୍ ସେକ୍ରେଟାରି ମହାରାଣୀଙ୍କ ମହାପ୍ରୟାଣ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଏହି ଖବର ୧୪ କମନୱେଲ୍‌ଥ (ରାଜ୍ୟଗୋଷ୍ଠୀ) ଓ ଅନ୍ୟ ୩୮ ରାଷ୍ଟ୍ରକୁ ଜଣାଇ ଦିଆଯାଇଥିଲା। ମହାରାଣୀ କମନୱେଲ୍‌ଥ ରାଷ୍ଟ୍ରମୁଖ୍ୟ ଥିଲେ। ମହାରାଣୀଙ୍କ ପରଲୋକ ଦିନକୁ ଡି-ଡେ କୁହାଯାଉଥିବାବେଳେ ଏହାର ପରବର୍ତ୍ତୀ ଦିବସଗୁଡ଼ିକୁ ଯଥାକ୍ରମେ ଡି+୧, ଡି+୨, ଡି+୩, .........ଡି+୧୦ ରୂପେ ପାଳନ କରାଯାଉଛି। ଏହି ୧୦ ଦିନ ପାଇଁ ମହାରାଣୀଙ୍କ ସ୍ମୃତିରେ ହାଉସ୍ ଅଫ୍ କମନ୍ସର ସମସ୍ତ ସଂସଦୀୟ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି। କିଙ୍ଗ୍ ଚାର୍ଲ୍ସଙ୍କ ଧର୍ମପତ୍ନୀ ତଥା ଡଚେସ୍ ଅଫ୍ କର୍ନୱାଲ ଏଣିକି କୁଇନ୍ କନ୍‌ସର୍ଟ ନାମରେ ପରିଚିତ ହେବେ। ମହାରାଣୀଙ୍କ କଫିନକୁ ଏଡିନ୍‌ବର୍ଗକୁ ନିଆଯିବ। ସେଠାରେ ରାଜପରିବାର ତାଙ୍କ ଶେଷ ଦର୍ଶନ କରିବା ପରେ ସେଣ୍ଟ ଗିଲେସ୍ କ୍ୟାଥେଡ୍ରାଲରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମରଶରୀରକୁ ରଖାଯିବ। ପରେ କଫିନକୁ ଲଣ୍ଡନ ନିଆଯିବ, ଯେଉଁଠି ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନ୍ୟ ମନ୍ତ୍ରୀମାନେ ଉପସ୍ଥିତ ରହିବେ। ପରେ ବକିଂହାମ୍ ପ୍ୟାଲେସରେ ମରଶରୀରକୁ ରଖାଯିବ। ଦଶମ ଦିନରେ ଏକ ବିଶାଳ ସ୍ମୃତିସଭା ପରେ ୱେଷ୍ଟମିନିଷ୍ଟରରେ ଶେଷକୃତ୍ୟ ସମ୍ପନ୍ନ ହେବ।

## କମନ୍‌ୱେଲ୍‌ଥ ମୁଖ୍ୟ କିଙ୍ଗ୍ ଚାର୍ଲ୍ସ

➡ମହାରାଣୀ ଏଲିଜାବେଥ ୨ୟ ଗୁରୁବାର ମୃତ୍ୟୁ ପର୍ଯ୍ୟନ୍ତ କମନ୍‌ୱେଲ୍‌ଥ (ରାଜ୍ୟଗୋଷ୍ଠୀ) ମୁଖ୍ୟ ଥିଲେ। ପୂର୍ବରୁ ଏହାକୁ ବ୍ରିଟିଶ୍ କମନ୍‌ୱେଲ୍‌ଥ କୁହାଯାଉଥିଲା।

➡୧୯୨୬ରେ ବାଲ୍‌ଫୋର ଘୋଷଣାନାମା ଅନୁସାରେ ପ୍ରତିଷ୍ଠିତ କମନ୍‌ୱେଲ୍‌ଥ ହେଉଛି ବିଶ୍ୱର ଅନ୍ୟତମ ବୃହତ୍ ସଙ୍ଗଠନ। ଜାତିସଂଘ ପ୍ରତିଷ୍ଠା ହେବା ପୂର୍ବରୁ ଏହା ରହିଛି।

➡୬ ମହାଦେଶର ୫୬ ଦେଶ ଏହି ସଙ୍ଗଠନର ସଦସ୍ୟ। ଏହି ରାଷ୍ଟ୍ରଗୁଡ଼ିକ ଏକଦା ବ୍ରିଟିଶ ଶାସନାଧୀନ ଥିଲା।

➡ଏଥିରେ ୨୧ ଆଫ୍ରିକୀୟ, ୧୩ କେରିବିଆନ୍ ଓ ଆମେରିକୀୟ ରାଷ୍ଟ୍ର, ୧୧ ପାସିଫିକ୍ ଆଇଲାଣ୍ଡ, ୮ ଏସୀୟ ଓ ୩ ୟୁରୋପୀୟ ଦେଶ ଅନ୍ତର୍ଭୁକ୍ତ।

➡ମହାରାଣୀଙ୍କ ମୃତ୍ୟୁ ପରେ କିଙ୍ଗ୍ ଚାର୍ଲ୍ସ ୩ୟ ସ୍ୱତଃ କମନ୍‌ୱେଲ୍‌ଥର ମୁଖ୍ୟ ନୁହନ୍ତି। କାରଣ ରାଜପରିବାର ଏହା ଉପରେ ନିଷ୍ପତ୍ତି ନେଇ ନ ଥାଏ।

➡୨୦୧୮ରେ ମହାରାଣୀଙ୍କ ଅନୁରୋଧକ୍ରମେ ତାଙ୍କ ଉତ୍ତରାଧିକାରୀ କିଙ୍ଗ୍ ଚାର୍ଲ୍ସଙ୍କୁ କମନ୍‌ୱେଲ୍‌ଥ ମୁଖ୍ୟ କରିବା ପାଇଁ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହମତି ପ୍ରକାଶ କରିଥିଲେ। ତଦନୁଯାୟୀ ଚାର୍ଲ୍ସ ଏବେ ରାଜ୍ୟଗୋଷ୍ଠୀ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିବେ।




ମହାରାଣୀ ଏଲିଜାବେଥ ୧୯୯୮ରେ ବ୍ୟବହାର କରିଥିବା ଏହି ଟି-ବ୍ୟାଗ୍ ଏବେ ଚର୍ଚ୍ଚାରେ। ଆଇସିଏ ଦ୍ୱାରା ପ୍ରମାଣୀକୃତ ଏହି ବ୍ୟାଗ୍‌କୁ ଇବେ'ରେ ନିଲାମି ପାଇଁ ରଖାଯାଇଛି। ଇ-କମର୍ସ ପ୍ଲାଟଫର୍ମରେ ଏହାର ବର୍ତ୍ତମାନ ମୂଲ୍ୟ ହେଉଛି ୧୨,୦୦୦ ଡଲାର। ମହାରାଣୀଙ୍କୁ ସାହାଯ୍ୟ କରିବା ପାଇଁ ଡକାଯାଇଥିବା ଜଣେ ବ୍ୟକ୍ତି ଏହାକୁ ଚୋରି କରି ନେଇଯାଇଥିଲେ।

## ନୋଟ୍‌ରେ ରହିବ ଚାର୍ଲ୍ସଙ୍କ ଫଟୋ




ମହାରାଣୀ ଏଲିଜାବେଥ ୨ୟଙ୍କ ମୁହଁ ଫଟୋ ଥିବା ବ୍ୟାଙ୍କନୋଟ୍ ଓ ମୁଦ୍ରା କେବଳ ବ୍ରିଟେନ ନୁହେଁ, ବରଂ ବିଶ୍ୱର ଅନ୍ୟୁନ ୨୦ ଦେଶରେ ପ୍ରଚଳିତ। ବର୍ତ୍ତମାନ ବ୍ରିଟେନରେ ଥିବା ସମସ୍ତ ୨୯ ବିଲିୟନ୍ କଏନ୍ ଓ ୪.୭ ବିଲିୟନ୍ ନୋଟ୍‌ରେ ରାଣୀଙ୍କ ଫଟୋ ରହିଛି। ଏଥିରୁ ତାଙ୍କ ରାଜକୀୟ ପରାକାଷ୍ଠା ଓ ଆଦୃତିର ପରିଚୟ ମିଳେ। କିନ୍ତୁ ମହାରାଣୀଙ୍କ ପରଲୋକ ପରେ ଆଗକୁ ମହାରାଣୀଙ୍କ ଫଟୋକୁ ହଟାଇ ତାଙ୍କ ପୁଅ ତଥା ବ୍ରିଟେନର ନୂଆ ରାଜା ଚାର୍ଲ୍ସ ଦ୍ୱିତୀୟଙ୍କ ଫଟୋ ରଖାଯିବା ନେଇ ବିଚାର ଚାଲିଛି। ତେବେ ପୁରୁଣା ନୋଟ୍ ପରିବର୍ତ୍ତେ ନୂଆ କରେନ୍ସି କେବେଠୁ ଲାଗୁ କରାଯିବ ସେନେଇ ମୁଦ୍ରଣ ସଂସ୍ଥା ରୟାଲ ମିଣ୍ଟ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ।

## ରାଜା ଚାର୍ଲ୍ସ ତୃତୀୟଙ୍କୁ ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ଲୋଡ଼ା ନାହିଁ

ବ୍ରିଟେନର ନୂଆ ରାଜା ଚାର୍ଲ୍ସ ତୃତୀୟଙ୍କୁ ଗାଡ଼ି ଚଳାଇବା ପାଇଁ ଡ୍ରାଇଭିଂ ଲାଇସେନ୍ସ ଦରକାର ନାହିଁ। ସେହିପରି ବିଦେଶ ଯିବାକୁ ହେଲେ ତାଙ୍କୁ ପାସ୍‌ପୋର୍ଟ ମଧ୍ୟ ଆବଶ୍ୟକ ପଡ଼ିବ ନାହିଁ। କାରଣ ବ୍ରିଟେନ ରାଜତନ୍ତ୍ରରେ ରାଷ୍ଟ୍ରମୁଖ୍ୟଙ୍କ ନାମରେ ଏହି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜାରି କରାଯାଇଥାଏ। ମହାରାଣୀ ଏଲିଜାବେଥ୍ ଦ୍ୱିତୀୟଙ୍କ ଭଳି ଚାର୍ଲ୍ସ ମଧ୍ୟ ବର୍ଷକୁ ଦୁଇଥର ଜନ୍ମଦିନ ପାଳନ କରିବେ। ଚାର୍ଲ୍ସଙ୍କ ପ୍ରକୃତ ଜନ୍ମଦିନ ନଭେମ୍ବର ୧୪ ହୋଇଥିବାବେଳେ ଗ୍ରୀଷ୍ମଋତୁରେ ଏକ ଭିନ୍ନ ଦିନରେ ମଧ୍ୟ ସେ ଜନ୍ମଦିନ ପାଳନ କରିପାରନ୍ତି।

ବ୍ରିଟିଶ ସମ୍ରାଟ ମତଦାନ କରନ୍ତି ନାହିଁ କି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅବତୀର୍ଣ୍ଣ ହୁଅନ୍ତି ନାହିଁ। ରାଷ୍ଟ୍ରମୁଖ୍ୟ ହୋଇଥିବାରୁ ସେ ରାଜନୈତିକ ବ୍ୟାପାରରେ ନିରପେକ୍ଷ ଭୂମିକା ନିଭାଇଥାନ୍ତି। ତେବେ ପାର୍ଲାମେଣ୍ଟ ଅଧିବେଶନ ଆରମ୍ଭ ବେଳେ ଓ ଗୃହୀତ ବିଲ୍‌କୁ ଆଇନରେ ପରିଣତ ଲାଗି ରାଣୀ କିମ୍ବା ରାଜାଙ୍କ ସମ୍ମତି ଦରକାର ପଡ଼ିଥାଏ। ଏହାବାଦ୍ ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ସେ ନିଯୁକ୍ତି ଦେଇଥାନ୍ତି।




# ସାରା ଜୀବନ ସେବା କରିବି: ରାଜା ଚାର୍ଲ୍ସ



କୁଇନ୍ କନ୍‌ସର୍ଟ କାମିଲାଙ୍କ ସହ କିଙ୍ଗ୍ ଚାର୍ଲ୍ସ ୩ୟ।

ବ୍ରିଟେନ ରାଜା ଚାର୍ଲ୍ସ ତୃତୀୟ ତାଙ୍କ ଦିବଂଗତ ମାଆ ମହାରାଣୀ ଏଲିଜାବେଥ ଦ୍ୱିତୀୟଙ୍କ ଭଳି କର୍ତ୍ତବ୍ୟ ପ୍ରତି ନିଜକୁ ଉତ୍ସର୍ଗ କରି ଦୃଷ୍ଟାନ୍ତ ସାଜିବା ପାଇଁ ପ୍ରତିଜ୍ଞା କରିଛନ୍ତି। ମହାରାଣୀଙ୍କ ବିୟୋଗ ପରେ ପ୍ରଥମ ଥର ପାଇଁ ବ୍ରିଟେନ ତଥା କମନୱେଲ୍‌ଥକୁ ସମ୍ବୋଧନ କରି ଚାର୍ଲ୍ସ କହିଛନ୍ତି, ମହାରାଣୀ ଜଣେ ମହୀୟସୀ ମହିଳା ଥିଲେ। ତାଙ୍କ ସ୍ନେହ, ପ୍ରଶଂସା ଓ ସମ୍ମାନ ମହାରାଣୀଙ୍କ ଶାସନକୁ ଉଜ୍ଜ୍ୱଳମୟ କରିଥିଲା। ତାଙ୍କ ବିୟୋଗ ଅନେକଙ୍କୁ ମର୍ମାହତ କରିଛି। ଏହି ଦୁଃଖଦ ସମୟରେ ମୁଁ ଓ କାମିଲା ସମସ୍ତଙ୍କ ସହଯୋଗରେ ନୂତନ ଭୂମିକା ନିଭାଇବୁ। ମାଆଙ୍କ ପଦାଙ୍କ ଅନୁସରଣ କରି ସେ ସାରା ଜୀବନ ଦେଶବାସୀ ଓ କମନୱେଲ୍‌ଥ ରାଷ୍ଟ୍ରସମୂହ ପାଇଁ ସେବା କରିବେ ବୋଲି ଚାର୍ଲ୍ସ କହିଛନ୍ତି।

## କୁଇନ୍ କନ୍‌ସର୍ଟ କାମିଲା

ଯେତେବେଳେ ମହାରାଣୀ ଏଲିଜାବେଥ ୨ୟ ୭୦ ବର୍ଷ ଧରି ବ୍ରିଟେନକୁ ଶାସନ କରୁଥିଲେ, ସେତେବେଳେ ତାଙ୍କ ସ୍ୱାମୀ କିଙ୍ଗ୍ ଫିଲିପ୍ ନ ଥିଲେ, ବରଂ ଏଚ୍‌ଆର୍‌ଏଚ୍ ପ୍ରିନ୍ସ ଫିଲିପ୍, ଡ୍ୟୁକ୍ ଅଫ୍ ଏଡିନ୍‌ବର୍ଗ ରୂପେ ପରିଚିତ ଥିଲେ। ଠିକ୍ ସେହିପରି ମହାରାଣୀ ତାଙ୍କ ଅନ୍ତେ ପ୍ରିନ୍ସ ଚାର୍ଲ୍ସଙ୍କ ସ୍ତ୍ରୀ କାମିଲା ବ୍ରିଟେନର ପରବର୍ତ୍ତୀ କୁଇନ୍ କନ୍‌ସର୍ଟ ହେବେ ବୋଲି ଗତ ଫେବୃୟାରୀରେ ସ୍ଥିର କରିଥିଲେ। ଅର୍ଥାତ୍ ରାଜାଙ୍କ ସ୍ତ୍ରୀ ହିସାବରେ ସେ ରାଣୀ ରୂପେ ପରିଚିତ ହେବେ। କିନ୍ତୁ ତାଙ୍କ ହାତରେ ସାର୍ବଭୌମତ୍ୱ କ୍ଷମତା ରହିବ ନାହିଁ। ଏହି କ୍ଷମତା କେବଳ ରାଜାଙ୍କର ରହିବ।

# ଚାର୍ଲ୍ସଙ୍କୁ ଚୁମ୍ବନ ଦେଇଥିଲେ ପଦ୍ମିନୀ କୋହ୍ଲାପୁରୀ



୧୯୮୧ରେ ମୁମ୍ବାଇରେ ହିନ୍ଦୀ ଫିଲ୍ମ 'ଆହିସ୍ତା ଆହିସ୍ତା'ର ଶୁଟିଂ ଚାଲିଥିବାବେଳେ ପ୍ରିନ୍ସ ଚାର୍ଲ୍ସ ଶୁଟିଂ ସେଟ୍‌କୁ ଯାଇଥିଲେ। ଅଭିନେତ୍ରୀ ପଦ୍ମିନୀ କୋହ୍ଲାପୁରୀ ତାଙ୍କୁ ସ୍ୱାଗତ କରିବାକୁ ଯାଇ ବେକରେ ଫୁଲମାଳ ପିନ୍ଧାଇଥିଲେ। ଏହାସହ ତାଙ୍କ ଗାଲରେ ଚୁମ୍ବନ ଦେଇଥିଲେ। କେହି କିଛି ବୁଝିବା ପୂର୍ବରୁ ପଦ୍ମିନୀ ହସିହସି ସେଠାରୁ ଚାଲିଯାଇଥିଲେ। ଏହା ଦେଖି ଉପସ୍ଥିତ ଲୋକେ ବିସ୍ମିତ ହୋଇଯାଇଥିଲେ।

## ଚାର୍ଲ୍ସ ପ୍ରଥମ ଓ ଦ୍ୱିତୀୟ କିଏ

ବ୍ରିଟେନ ପାଇଛି ନୂଆ ଶାସକ କିଙ୍ଗ ଚାର୍ଲ୍ସ ତୃତୀୟଙ୍କୁ। ଚାର୍ଲ୍ସ ପୂର୍ବରୁ ପ୍ରିନ୍ସ ଚାର୍ଲ୍ସ ନାମରେ ପରିଚିତ ଥିଲେ। ତାଙ୍କ ନୂଆ ନାମକରଣ ପରେ କିଙ୍ଗ୍ ଚାର୍ଲ୍ସ ପ୍ରଥମ ଓ ଦ୍ୱିତୀୟ କିଏ ବୋଲି ପ୍ରଶ୍ନ ଉଠିଛି। ଚାର୍ଲ୍ସ ପ୍ରଥମଙ୍କ ରାଜାଭିଷେକ ୧୬୨୫ରେ ହୋଇଥିଲା। ସେ ହାଉସ୍ ଅଫ୍ ଷ୍ଟୁଆର୍ଟରୁ ଇଂଲଣ୍ଡ, ସ୍କଟ୍‌ଲାଣ୍ଡ ଓ ଆୟର୍ଲାଣ୍ଡକୁ ଶାସନ କରୁଥିଲେ। ୧୬୪୨ ଗୃହଯୁଦ୍ଧ ବେଳେ ଚାର୍ଲ୍ସ ପ୍ରଥମଙ୍କ ସାମ୍ବିଧାନିକ କ୍ଷମତା ଛଡ଼ାଇ ଆଣିବା ପାଇଁ ଦାବି ହୋଇଥିଲା। ୧୬୪୯ରେ ସେ ଦୋଷୀସାବ୍ୟସ୍ତ ହେବା ପରେ ତାଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ପରେ ଇଂଲଣ୍ଡରେ ରାଜତନ୍ତ୍ର ଲୋପ ପାଇଥିଲା। ଗୃହଯୁଦ୍ଧ ସମୟରେ କିଙ୍ଗ୍ ଚାର୍ଲ୍ସ ପ୍ରଥମଙ୍କ ପୁଅ କ୍ରୋମ୍ ୱେଲ୍ ବାପାଙ୍କ ପାଇଁ ଲଢ଼ିଥିଲେ। ୧୬୪୯ରେ ସେ ନେଦରଲାଣ୍ଡ୍‌ସ ଚାଲିଯାଇଥିଲେ। ୧୬୫୧ ଜାନୁୟାରୀ ୧ରେ ସେ ସ୍କଟ୍‌ଲାଣ୍ଡକୁ ଶାସନ କରୁଥିବା ବେଳେ କିଙ୍ଗ୍ ଚାର୍ଲ୍ସ ଦ୍ୱିତୀୟ ପରିଚୟ ଲାଭ କରିଥିଲେ। ୱେର୍ସେଷ୍ଟର ଯୁଦ୍ଧରେ ପରାଜିତ ହେବା ପରେ ସେ ଫ୍ରାନ୍ସକୁ ପଳାଇଥିଲେ। ଗୃହଯୁଦ୍ଧ ଓ ସାମରିକ ବିଦ୍ରୋହ ବେଳେ ଆକ୍ରମଣର ଶିକାର ହୋଇ ୧୪ ଦିନ ଧରି ଶଯ୍ୟାଶାୟୀ ହୋଇଥିଲେ। ୧୬୮୫ ଫେବୃୟାରୀ ୨ରେ ତାଙ୍କର ମୃତ୍ୟୁ ଘଟିଥିଲା।



ମହାରାଣୀ ଏଲିଜାବେଥ-୨ୟଙ୍କ ମୃତ୍ୟୁ ଖବର ଘୋଷଣା କରାଯିବା ପୂର୍ବରୁ ବକିଂହାମ ପ୍ୟାଲେସ ଆକାଶରେ ଏକ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ସ୍ଥାନୀୟ ସମୟ ୬ଟା ୩୦ରେ ଦୁଇଟି ଇନ୍ଦ୍ରଧନୁର ଛଟା ଦେଖି ଲଣ୍ଡନବାସୀ ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। ଉପସ୍ଥିତ ଜନତା ପ୍ରାର୍ଥନା କରିଥିଲେ, ଭଗବାନ ମହାରାଣୀଙ୍କୁ ରକ୍ଷା କରନ୍ତୁ। କେହି କେହି କହିଥିଲେ, ଏହା ହେଉଛି ସ୍ୱର୍ଗରେ କୁଇନ୍ ଓ ପ୍ରିନ୍ସ ଫିଲିପ୍‌ଙ୍କ ମହାମିଳନ।

## ସେନ୍‌ସେକ୍ସରେ ୧୦୫ ପଏଣ୍ଟ ବୃଦ୍ଧି

ନୂଆଦିଲ୍ଲୀ: ଗତ କିଛିଦିନ ହେଲା ଶେୟାର ବଜାର କାରବାର ଅସ୍ଥିରତା (ଲାଭକ୍ଷତି) ମଧ୍ୟରେ ଶେଷ ହେଉଛି। ଫଳରେ ଦଲାଲ ଷ୍ଟ୍ରିଟ୍‌ର ନିବେଶକମାନେ ମଧ ଦ୍ୱନ୍ଦ୍ୱ ମଧ୍ୟରେ ନିବେଶ କରୁଛନ୍ତି। ଚଳିତ ସପ୍ତାହର ୫କାର୍ଯ୍ୟଦିବସର ଫଳାଫଳ ଅନୁଯାୟୀ ଷ୍ଟକ୍ ବଜାରର କାରବାର କିଛି ପରିମାଣରେ ବୃଦ୍ଧି ପାଇଛି। ଏପରିକି ଉଭୟ ସେନ୍‌ସେକ୍ସ ଏବଂ ନିଫ୍ଟିରେ ପ୍ରାୟ ୧%ରେ ବଜାର ଶେୟାର ବୃଦ୍ଧି ଘଟିଥିବା ଜଣାପଡ଼ିଛି। ଶୁକ୍ରବାର ସେନ୍‌ସେକ୍ସ ୧୦୫ (୧୦୪.୯୨) ପଏଣ୍ଟ ବଢ଼ି ୫୯,୭୯୩ .୧୪ଅଙ୍କରେ କାରବାର ବନ୍ଦ କରିଥିବା ବେଳେ ନିଫ୍ଟି-୫୦ରେ ମଧ ୩୫ (୩୪.୬୦) ପଏଣ୍ଟ ବୃଦ୍ଧି ଘଟି ୧୭,୮୩୩.୩୫ ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଭିତ୍ତିଭୂମି ବିକାଶ ସହ ସୂଚନା ପ୍ରଯୁକ୍ତିର ସମନ୍ୱୟ ଜରୁରୀ: ମନ୍ତ୍ରୀ



ସିଆଇଆଇର ୨ୟ ଇଷ୍ଟ ଇଣ୍ଡିଆ ସମିଟ୍-୨୦୨୨ର ଶୁଭାରମ୍ଭ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଭୁବନେଶ୍ୱର,୯।୯

ରାଜ୍ୟରେ ଅର୍ଥନୈତିକ କାର୍ଯ୍ୟକଳାପ ଓ ପ୍ରଶାସନିକ କାର୍ଯ୍ୟ ପାଇଁ ଭିତ୍ତିଭୂମିର ବିକାଶକୁ ସର୍ବୋଚ୍ଚ ଅଗ୍ରାଧିକାର କ୍ଷେତ୍ର ଭାବେ ବର୍ଣ୍ଣନାକରି ରାଜ୍ୟ ଆଇଟି, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ଯୋଜନା ପ୍ରସ୍ତୁତ ହେବା ସ୍ତରଠାରୁ ଭିତ୍ତିଭୂମି ପ୍ରକଳ୍ପ ସହ ଆଇଟି ଯୋଡ଼ିହୋଇ ରହୁଛି। ଏହା ଭିତ୍ତିଭୂମି ବିକାଶର ମୂଳଦୁଆ ସହ ପ୍ରକଳ୍ପରେ ପଥରଟିଏ ପକାଇବା ପୂର୍ବରୁ ଆଇଟିର ବ୍ୟବହାର ଜରିଆରେ ତା'ର ଯୋଜନା ପ୍ରସ୍ତୁତ ହେଉଛି। ତେଣୁ ଭିତ୍ତିଭୂମି ପ୍ରକଳ୍ପ ସହ ଆଇଟିର ସମନ୍ୱୟ ସ୍ଥାପନ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ଓଡ଼ିଶା ଚାପ୍ଟର ପକ୍ଷରୁ ଭୁବନେଶ୍ୱରଠାରେ ଆୟୋଜିତ ୨ୟ ଇଷ୍ଟ ଇଣ୍ଡିଆ ସମ୍ମିଳନୀ-୨୦୨୨କୁ ସମ୍ବୋଧିତ କରି ମନ୍ତ୍ରୀ ରାଜ୍ୟ ସରକାର ଘୋଷଣା କରିଥିବା ଓଡ଼ିଶା ଆଇଟି ନୀତି-୨୦୨୨ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଆମ ନୀତିରେ ପୁଞ୍ଜି ବ୍ୟୟ ସବ୍‌ସିଡି, ବିଦ୍ୟୁତ୍ ସବ୍‌ସିଡି, ସୁଧ ସବ୍‌ସିଡି, ଜମି ଏବଂ ଭଡ଼ା ସବ୍‌ସିଡି, ଆର୍ ଆଣ୍ଡ ଡି ସହାୟତା ସବ୍‌ସିଡି ଏବଂ ମାନବ ସମ୍ବଳ ବ୍ୟୟରେ ସବ୍‌ସିଡି ପ୍ରଦାନ କରିବାର ବ୍ୟବସ୍ଥା ରହିଛି। ଏହା ବ୍ୟତୀତ ଯେଉଁ ସଂସ୍ଥାଗୁଡ଼ିକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେଶିନ ଲର୍ନିଂ, କ୍ଲାଉଡ୍ କମ୍ପ୍ୟୁଟିଂ ଓ ଆନାଲିଟିକ୍ସ ଉପରେ କାମ କରିବେ ସେମାନଙ୍କୁ ଅତିରିକ୍ତ ସବ୍‌ସିଡି ପ୍ରଦାନ କରାଯିବ। ନିବେଶକମାନଙ୍କୁ ସବୁ ପ୍ରକାର ସହଯୋଗ ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରତିବଦ୍ଧ ରହିଛନ୍ତି ବୋଲି ମନ୍ତ୍ରୀ ବେହେରା କହିଛନ୍ତି। ସେହିଭଳି ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି, ରାଜ୍ୟର ୧୨ଟି ଶିଳ୍ପାଞ୍ଚଳରେ ଇଡ୍‌କୋ ପକ୍ଷରୁ ଶ୍ରମିକ ହଷ୍ଟେଲ ନିର୍ମାଣ କରାଯାଉଛି। ଉକ୍ତ କାର୍ଯ୍ୟ ବଡ଼ ଧରଣରେ କରାଯାଉଛି। ପାରାଦୀପ, ଯାଜପୁର, ଖୋର୍ଦ୍ଧା, କଳିଙ୍ଗନଗର, କଟକ, ଅନୁଗୋଳ, ଢେଙ୍କାନାଳ, ରାଉରକେଲା ଓ ଝାରସୁଗୁଡ଼ା ଭଳି ଶିଳ୍ପାଞ୍ଚଳରେ ଥିବା ଶିଳ୍ପ ସଂସ୍ଥାଗୁଡ଼ିକ ମଧ ଏଭଳି ହଷ୍ଟେଲ ପାଇଁ ଦାବି କରିଛନ୍ତି। ଆସନ୍ତା କିଛି ବର୍ଷ ଭିତରେ ସେହି ସବୁ ସ୍ଥାନରେ ମଧ ଇଡ୍‌କୋ ହାଉସିଂ ପ୍ରକଳ୍ପ ନିର୍ମାଣ କରିବ ବୋଲି ଶର୍ମା କହିଛନ୍ତି। ଏହି ଅବସରରେ ସିଆଇଆଇ ଓଡ଼ିଶାର ପୂର୍ବତନ ଅଧ୍ୟକ୍ଷ ମନୀଷ ଖରବନ୍ଦା ଭିତ୍ତିଭୂମି ବିକାଶ ପାଇଁ ଘରୋଇ ସରକାରୀ ସହଭାଗିତା (ପିପିପି) ଓ ଘରୋଇ କ୍ଷେତ୍ରର ନିବେଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ କହିଛନ୍ତି, ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ପାରାଦୀପ ବନ୍ଦରରେ ବଡ଼ ଜାହାଜ ପାଇଁ ବର୍ଥ ନିର୍ମାଣ କରିବାକୁ ଯୋଜନା ରଖିଛି। ଏପରିକି ପ୍ରାୟ ୧୨.୫ ନିୟୁତ ଟନ ଲେଖାଏଁ ୨ଟି ପର୍ଯ୍ୟାୟରେ ଏହି ବର୍ଥ ସ୍ଥାପନ କରାଯିବ। ଫଳରେ ପାରାଦୀପ ବନ୍ଦର ଅତିରିକ୍ତ ୨୫ ନିୟୁତ ଟନ୍ ପଣ୍ୟର ପରିଚାଳନା କରିପାରିବ। ସିଆଇଆଇ ଓଡ଼ିଶାର ଉପାଧ୍ୟକ୍ଷ ଶଶିଶେଖର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ, ପ୍ରତ୍ୟକ୍ଷ ଭିତ୍ତିଭୂମି ସହ ଡିଜିଟାଲ ଭିତ୍ତିଭୂମିର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହାଦ୍ୱାରା ବିକାଶ କ୍ଷେତ୍ରରେ ଭାରତ ଆଗକୁ ବଢ଼ିପାରିବ ଓ ସମସ୍ତଙ୍କ ପାଖରେ ତା'ର ଲାଭ ମଧ୍ୟ ପହଞ୍ଚିପାରିବ ବୋଲି ସେ କହିଛନ୍ତି। ସେହିପରି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି, ଜାତୀୟ ହାରଠାରୁ ଓଡ଼ିଶା ଦ୍ରୁତଗତିରେ ଆଗକୁ ବଢୁଛି। ଭୁବନେଶ୍ୱର ବିକାଶର କେନ୍ଦ୍ରସ୍ଥଳ ପାଲଟିଛି। ସେଥିପାଇଁ ଏହା ଦେଶର ଶ୍ରେଷ୍ଠ ୩ ବ୍ୟବସାୟ ସ୍ଥଳ ତାଲିକାରେ ସ୍ଥାନ ପାଇଛି। ଭୁବନେଶ୍ୱରରେ ଥିବା ଶିଳ୍ପସଂସ୍ଥାଗୁଡ଼ିକୁ ମୌଳିକ ସୁବିଧା ଯୋଗାଇଦେବା ଉପରେ ଆମେ କାମ କରୁଛୁ। ପରିଶେଷରେ ସିଆଇଆଇ ନର୍ଥ ଓଡ଼ିଶା ଜୋନାଲ ପରିଷଦର ଅଧ୍ୟକ୍ଷ ନୀତିନ କାଲେ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଇଫୋନ୍ ତିଆରି କରିବ ଟାଟା

ନୂଆଦିଲ୍ଲୀ,୯।୯: ଦେଶର ପ୍ରମୁଖ ବାଣିଜ୍ୟିକ ସଂସ୍ଥା ଟାଟା ବିଶ୍ୱର ସବୁ ଠାରୁ ସୌଖୀନ ଫୋନ ଆଇଫୋନ୍ ତିଆରି କରିବ ବୋଲି ଚର୍ଚ୍ଚା ହେଉଛି। ଏପରିକି ଭାରତରେ ଆଇଫୋନ୍ ଆସେମ୍ବଲ କରିବାକୁ ଟାଟା କମ୍ପାନୀ ବିଭିନ୍ନ ସ୍ତରରେ ଆଲୋଚନା ଆରମ୍ଭ କରିଛି। ତେବେ ଏପର୍ଯ୍ୟନ୍ତ ତାଇୱାନ କମ୍ପାନୀ ଫକ୍ସକନ ଓ ୱିଷ୍ଟ୍ରନ୍ ଭାରତ ଓ ଚୀନରେ ଆଇଫୋନ ଆସେମ୍ବଲ କରୁଥିଲେ। ହେଲେ ଅଧିକାଂଶ ଆଇ ଫୋନ ଚୀନରେ ତିଆରି ହୋଇ ଭାରତକୁ ରପ୍ତାନୀ କରାଯାଉଥିଲା। ବର୍ତ୍ତମାନ ଭାରତରେ ଆଇଫୋନକୁ ଆସେମ୍ବଲ କରିବାକୁ ଟାଟା ଆଗଭର ହୋଇଥିବା ଜଣାପଡିଛି। ଏପରିକି ଟାଟା ଗ୍ରୁପ୍ ତାଇୱାନୀ କମ୍ପାନୀ ସହ ଆଲୋଚନା ଜାରି ରଖିଛି। ଉଭୟ କମ୍ପାନୀ ମିଶି ଭାରତରେ ମେନୁଫେକ୍ଚର ଜଏଣ୍ଟ ଭେଞ୍ଚର ଆରମ୍ଭ କରିବେ ବୋଲି ଚର୍ଚ୍ଚା ହେଉଛି। ଉଭୟ କମ୍ପାନୀ ମିଶି ଦକ୍ଷିଣ ଏସିଆ ରାଷ୍ଟ୍ରଗୁଡ଼ିକରେ ଆଇଫୋନ୍ ନିର୍ମାଣକାରୀ ପ୍ଲାଣ୍ଟ ବସାଇବେ ବୋଲି କୁହାଯାଉଛି। ଏହା ବି ଶୁଣିବାକୁ ମିଳୁଛି ଯେ ଟାଟା ୱିଷ୍ଟ୍ରନ୍ କର୍ପ କମ୍ପାନୀର ଇକ୍ୱିଇଟି କିଣିବାକୁ ଆଲୋଚନା କରୁଛି। ଯଦି ଏହା ସଫଳ ହେଲା ତେବେ ଆଇଫୋନ୍ ତିଆରି କରିବାରେ ଟାଟା ପ୍ରଥମ ଭାରତୀୟ କମ୍ପାନୀ ହେବ। ତେବେ ଟାଟା ଗ୍ରୁପର ଚେୟାର ମ୍ୟାନ୍ ନଟରାଜନ ଚନ୍ଦ୍ରଶେଖରନ କହିଛନ୍ତି, ଇଲେକ୍ଟ୍ରୋନିକ ଓ ହାଇଟେକ୍ ମେନୁଫେକ୍ଚରିଂ ଉପରେ କମ୍ପାନୀ ଅଧିକ ଗୁରୁତ୍ୱ ଦେଉଛି। ଏଥିରୁ ଜଣାପଡୁଛି ଯେ କମ୍ପାନୀ ଏବେ ଫୋନ୍ ମେନୁ ଫେକ୍ୟାଚରକୁ ଓହ୍ଲାଇବ।

# ୟୁକୋ ବ୍ୟାଙ୍କ ସହ ଟିକେଏମ୍‌ର ଚୁକ୍ତିନାମା

ନୂଆଦିଲ୍ଲୀ,୯।୯

ୟୁକୋ ବ୍ୟାଙ୍କ ସହ ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ୍)ର ଏକ ଦ୍ୱିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଯାଇଛି। ଏହା ଅନ୍ତର୍ଗତ ଅଧିକରୁ ଅଧିକ ଗ୍ରାହକଙ୍କୁ ଟୟୋଟାର ବିଶ୍ୱସ୍ତରୀୟ ଉତ୍ପାଦ ଏବଂ ସେବାଗୁଡିକରେ ଅଧିକ ପ୍ରବେଶ ପାଇଁ ସକ୍ଷମ ହେବାକୁ ଯୋଜନା କରାଯାଇଛି। ଏହି ସହଭାଗିତା ଦ୍ୱାରା କେବଳ ପ୍ରଥମ ଶ୍ରେଣୀ ବଜାର ନୁହେଁ, ବରଂ ସମସ୍ତ ରାଜ୍ୟ ଏବଂ ୟୁନିୟନ ଟେରିଟୋରି ଏବଂ ଗ୍ରାହକଙ୍କୁ ଉପକୃତ କରିବା ତଥା ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ବଜାରରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ପାଇଁ ଟିକେଏମ୍ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ବିଶେଷକରି କୁଲ୍ ନ୍ୟୁ ଗ୍ଲାନ୍‌ଜା, ଅର୍ବାନ କ୍ରୁଜର ଏବଂ ନିକଟରେ ବଜାର ପ୍ରବେଶ ହୋଇଥିବା ଅର୍ବାନ କ୍ରୁଜ୍‌ର ହ୍ୟାରିଡର ଭଳି ନୂତନ ମଡେଲ ସହ ଏ ଏବଂ ବି-ସେଗ୍‌ମେଣ୍ଟରେ ପ୍ରବେଶ କରି ଟିକେଏମ୍ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ବଜାରରେ ଗ୍ରାହକଙ୍କ ନିକଟରେ ପହଞ୍ଚିବା ସହିତ ଭାରତରେ ଏହାର ନେଟ୍‌ୱର୍କ ବିସ୍ତାର କରିବା ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ଟିକେଏମ୍‌ର ବିକ୍ରୟ ଏବଂ ଷ୍ଟ୍ରାଟେଜିକ ମାର୍କେଟିଂ ଆସୋସିଏଟ୍ ଉପାଧ୍ୟକ୍ଷ ଅତୁଲ ସୁଦ୍ କହିଛନ୍ତି, ଏ ଏବଂ ବି-ସେଗ୍‌ମେଣ୍ଟରେ ଆମର ସଫଳ ଅଗ୍ରଗତି ପରେ ଗ୍ରାମୀଣ ବଜାରରେ ଟୟୋଟା ଯାନର ଚାହିଦାକୁ ଦୃଷ୍ଟିରେ ରଖି ଏଭଳି ପଦକ୍ଷେପ ଗ୍ରହଣ କରିଛୁ।

# ଆଜିଠାରୁ ଅନ୍‌ଲାଇନରେ ୨ଦିନିଆ ୟାଟ୍‌ସ ପ୍ରତିଯୋଗିତା

ନୂଆଦିଲ୍ଲୀ,୯।୯

ପ୍ରତିବର୍ଷ ପରି ଚଳିତବର୍ଷ ମଧ ଟାଟା ଷ୍ଟିଲ୍ ପଠାଣି ସାମନ୍ତ ପ୍ଲାନେଟୋରିୟମ ସହଭାଗିତାରେ ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟ୍‌ସ) କାର୍ଯ୍ୟକ୍ରମ ଆୟୋଜନ କରିଛି। ବିଶେଷକରି ଚଳିତବର୍ଷ ଉକ୍ତ ପ୍ରତିଯୋଗିତାକୁ ହାଇବ୍ରିଡ୍ ମୋଡ୍‌ରେ ଆୟୋଜନ କରାଯାଉଥିବା ଜଣାପଡ଼ିଛି। ଏଥିରେ ଛାତ୍ରୀଛାତ୍ରମାନେ ବ୍ୟକ୍ତିଗତ ଭାବେ ବିଦ୍ୟାଳୟରେ କିମ୍ବା ଭର୍ଚୁଆଲି ମାଧ୍ୟମରେ ୟାଟ୍‌ସ ୱେବ୍‌ସାଇଟ୍ ଜରିଆରେ ଅଂଶଗ୍ରହଣ କରିପାରିବେ। ସେହିଭଳି ଓଡ଼ିଶାର ସମସ୍ତ ବିଦ୍ୟାଳୟର ୯ମ ଓ ୧୦ମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ଏହି ପରୀକ୍ଷା ଅନ୍ତର୍ଗତ କ୍ଷୁଦ୍ର ପ୍ରଶ୍ନାବଳୀ ସହ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ମଧ ଆୟୋଜନ ହେବ। ସେହିଭଳି ଅନ୍‌ଲାଇନରେ ୨ଦିନିଆ ୟାଟ୍‌ସ ପ୍ରତିଯୋଗିତାର ପ୍ରାରମ୍ଭ କାର୍ଯ୍ୟକ୍ରମ ୧୦ ଓ ୧୧ ତାରିଖରେ ମକ୍ ଟେଷ୍ଟ ହେବାକୁ ଥିବାବେଳେ ୧୭ ରୁ ୨୩ ତାରିଖ ମଧ୍ୟରେ ଫାଇନାଲ ଅନ୍‌ଲାଇନ ଟେଷ୍ଟର ଆୟୋଜନ ମଧ କରିବାକୁ ନିର୍ଦ୍ଧାରଣ କରାଯାଇଛି। ଫଳରେ ମକ୍ ଟେଷ୍ଟ ବିଦ୍ୟାର୍ଥୀମାନଙ୍କୁ ମେନ୍ ଟେଷ୍ଟର ଫର୍ମାଟ୍ ବୁଝିବାରେ ସହାୟତା କରିବ। ବର୍ତ୍ତମାନ ଓଡ଼ିଶାର ୩୦୦ ବିଦ୍ୟାଳୟରେ କୁଇଜ ଓ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରାଯାଉଛି। ଉକ୍ତ ପ୍ରତିଯୋଗିତାରେ ଭାଗ ନେଇପାରୁ ନ ଥିବା ବିଦ୍ୟାର୍ଥୀମାନେ କେବଳ ଏହି ଅନ୍‌ଲାଇନ ଟେଷ୍ଟରେ ଭାଗ ନେଇପାରିବେ।

ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ଅଭିପ୍ସା ମାହାଣା (ମିକି)
ବାଲିପାଟଣା, ଖୋର୍ଦ୍ଧା।
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ଜେଜେ, ମା', ବଡ଼ବାବା, ବଡ଼ମାମା, ବାବା, ମାମା, ଦାଦା, ବର୍ଷା ନାନା, ବୁବୁନ୍ ଭାଇ, ଖୁସି ନାନା, ଅଜା, ଆଈ, ମାମୁ।
ଧ-୭୩୯୭୪

# ୭୦୫ ନୂତନ ୟୁଜିଏଲ୍‌ପି ଉଦ୍‌ଘାଟିତ

ନୂଆଦିଲ୍ଲୀ,୯।୯

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଓଆଇ) ପକ୍ଷରୁ ନିକଟରେ ୭୦୫ ନୂତନ ୟୁନିୟନ ଗୋଲ୍ଡ ଲୋନ୍ ପଏଣ୍ଟ (ୟୁଜିଏଲ୍‌ପି) ର ଶୁଭାରମ୍ଭ କରାଯାଇଛି। ବିଶେଷକରି ଗୋଲ୍ଡ ଲୋନ୍ କାରବାର ଏବଂ ଗ୍ରାହକ ସେବାକୁ ଆହୁରି ଅଧିକ ସୁଦୃଢ କରିବା ନିମନ୍ତେ ଏହି ପଏଣ୍ଟଗୁଡିକର ଆରମ୍ଭ ହୋଇଥିଲା। ଦେଶରେ ବର୍ତ୍ତମାନ ୟୁବିଓଆଇର ୧୨୨୧ ୟୁଜିଏଲ୍‌ପି ରହିଛି। ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ. ମଣିମେଖାଲାଇ କହିଛନ୍ତି, ଉପଯୁକ୍ତ ସୁନାରଣ ବ୍ୟବସାୟର ସୁଯୋଗକୁ ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି। କାରଣ ଏହା କମ୍ ସମୟ ମଧ୍ୟରେ ସବୁଠାରୁ ସୁରକ୍ଷିତ ଏବଂ ଅସୁବିଧା ମୁକ୍ତ ଋଣ ପ୍ରଦାନର ମାଧ୍ୟମ। ଏହାର ଅର୍ଥ ହେଲା ଦ୍ରୁତ ଟିଏଟିରେ ସହଜ ଋଣ ଏବଂ ଭାରତୀୟ ସମାଜରେ ସୁନା ଅଳଙ୍କାର ପ୍ରତି ଭାବପ୍ରବଣ ମୂଲ୍ୟବୋଧ ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସେହିଭଳି ୟୁବିଓଆଇ ଗ୍ରାହକଙ୍କ ବିଶ୍ୱାସକୁ ଅକ୍ଷୁଣ୍ଣ ରଖିବାକୁ ସର୍ବଦା ଯତ୍ନଶୀଳ ରହିଛି। ୟୁବିଓଆଇ ୨୦୨୨ ଜୁନ୍ ତ୍ରୈମାସ ପାଇଁ ନୂତନ ପଦକ୍ଷେପର ଏକ ଅଂଶ ଭାବେ ୟୁନିୟନ ଗୋଲ୍ଡ ଲୋନ୍ ଭର୍ଟିକାଲ ସମ୍ପର୍କରେ ଘୋଷଣା କରିଛି। ଗୋଲ୍ଡ ଲୋନ୍ ପୋର୍ଟଫୋଲିଓ ଅନ୍ତର୍ଗତ ମାର୍କେଟ ଶେୟାରକୁ ଟ୍ୟାପ୍ କରିବା ଉଦ୍ଦେଶ୍ୟରେ ଏହି ଭର୍ଟିକାଲକୁ ଧାରଣ କରାଯାଇଛି। ସେହିପରି ୨୦୨୦ରେ ବ୍ୟାଙ୍କ ନିଜର ପ୍ରମୁଖ ଶାଖାଗୁଡିକରେ ୟୁଜିଏଲ୍‌ପିର ଶୁଭାରମ୍ଭ କରିଥିଲା। ବ୍ୟାଙ୍କର ବଛା ବଛା ଶାଖାଗୁଡିକରେ ଏହାଦ୍ୱାରା ବ୍ୟବସାୟିକ କାରବାରର ବିକାଶ ଉପରେ ମଧ ଧ୍ୟାନ ଦିଆଯାଇପାରିବ। ବିଶେଷ ଭାବେ ଡିଜାଇନ ହୋଇଥିବା ଏହାର ୫୧୬ ୟୁଜିଏଲ୍‌ପି ଶାଖା ରହିଛି, ଯାହା ଗ୍ରାହକମାନଙ୍କୁ ସୁନାରଣ ପ୍ରଦାନ କରିବାକୁ ବିଶେଷ ଭାବେ ସମର୍ଥ।


ଏନ୍‌ଇଇଟ(ୟୁଜି)-୨୦୨୨ରେ କୃତକାର୍ଯ୍ୟ ହୋଇଥିବା 'ଜିନ୍ଦେଗୀ ଫାଉଣ୍ଡେଶନ'ର ଛାତ୍ରୀଛାତ୍ର ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିନ୍ଦେଗୀ ଫାଉଣ୍ଡେଶନା ମୁଖ୍ୟ ଏ.ବି. ସିଂହଙ୍କ ସମେତ ଫାଉଣ୍ଡେଶନ ଓ ରାଜଭବନର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଅଛନ୍ତି।

CLASSIFIED DISPLAY
MORE SPACE • SAME PRICE
TARIFF GST 5%

GALAXY TOWER
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାୱାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 60 ଲକ୍ଷ advance 45,000/- rent, 1 ଜଣଙ୍କୁ ଚାକିରି ସହିତ 20,000/- ଦରମା
Bansal Market Complex, B wing, Bangalore, Karnataka-400021
8901110759

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଆଜି ଝାରସୁଗୁଡ଼ା ଖିମ୍‌ଜୀ ଜୁଏଲର୍ସର ପ୍ରଥମ ବାର୍ଷିକୀ

- ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି
- ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦% ରିହାତି




ଭୁବନେଶ୍ୱର,୯।୯

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଖିମ୍‌ଜୀ ଜୁଏଲର୍ସ ଝାରସୁଗୁଡା ଷ୍ଟୋର ଶନିବାର ତା'ର ପ୍ରଥମ ବାର୍ଷିକୀ ଉତ୍ସବ ପାଳନ କରିବ। ଏହି ପରିପ୍ରେକ୍ଷୀରେ ଖିମ୍‌ଜୀର ମୂଲ୍ୟବାନ୍ ଗ୍ରାହକଙ୍କ ପାଇଁ ସୁନା ଅଳଙ୍କାରର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୩୦% ରିହାତି ରହିଥିବା ବେଳେ ହୀରା ଅଳଙ୍କାର ଉପରେ ଫ୍ଲାଟ୍ ୨୦%ର ରିହାତି ପ୍ରଦାନ କରାଯାଉଛି। ଏପରିକି ଗ୍ରାହକଙ୍କୁ ଦିଆଯାଇଥିବା ଅଫରରୁ ଲାଭବାନ୍ ହେବାର ଟିକେ ଅଧିକ ସୁଯୋଗ ଦେଇ ଖିମ୍‌ଜୀ ଜୁଏଲର୍ସ ତା'ର ଝାରସୁଗୁଡା ଷ୍ଟୋରରେ ଏହି ଅଫରର ବୈଧତା କେବଳ ସେହିଦିନରେ ସୀମିତ ନ ରଖି ଚଳିତ ବର୍ଷ ସେପ୍ଟେମ୍ବର ୯ ରୁ ୧୮ ପର୍ଯ୍ୟନ୍ତ ଉପଲବ୍ଧ କରାଇଛି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ପାୱାର ସିଟିରେ ସଫଳତାର ପ୍ରଥମ ବର୍ଷ ପାଳନ କରି ଆମେ ଆନନ୍ଦିତ। ଏହି ବର୍ଷକ ମଧ୍ୟରେ ଆମକୁ ବିଶ୍ୱାସକରି ଏବଂ ଏହାକୁ ସମଗ୍ର ପଶ୍ଚିମ ଓଡ଼ିଶାର ସବୁଠାରୁ ବେଶି ଆଦୃତ ଅଳଙ୍କାର ବ୍ରାଣ୍ଡ ଭାବେ ପରିଣତ କରିଥିବାରୁ ଆମର ମୂଲ୍ୟବାନ୍ ଗ୍ରାହକଙ୍କ ନିକଟରେ ଆମେ କୃତଜ୍ଞ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇ ସେମାନଙ୍କ ସହ ନିଜର ଅଭିବୃଦ୍ଧି ଯାତ୍ରା ଜାରି ରଖିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
କର୍ମ ସୁଯୋଗ ପାଇଁ ଆଗ୍ରହୀ ମହିଳା ଓ ପୁରୁଷ ଯୋଗାଯୋଗ କରନ୍ତୁ। କୋଭିଡ ମାହାମାରୀ ଦ୍ୱାରା ଅସହାୟଙ୍କୁ ଅଗ୍ରାଧିକାର। ସଂପର୍କ ହେତୁ:
Mobile Number - ୮୧୭୮୬୧୬୩୬୧, ୯୯୫୮୪୯୯୪୮୭

REQUIREMENT
Prayatn Sanstha, requires field workers in Gop, Puri to work in villages. Eligibility: Graduation and above. Interested candidates may send their resume at prayatnhrdppuri@gmail.com or WhatsApp resume at 7004279584.

UNITY Small Finance Bank
WE ARE HIRING

| Position Available | Age (In years) | Qualification | Experience | No. of Vacant Position |
|---|---|---|---|---|
| Customer Relationship Manager (SME Loan) | 18 to 30 | Graduation & above | Fresher or any Work Exp. | 30 |
| Loan Officer | 18 to 30 | 10th/12th & above | Fresher or any Work Exp. | 100 |

Two Wheeler is Must
Venue: Hotel Pushpak, Plot No. - 68, Kalpana Square, Puri - Cuttack Road, Buddha Nagar, Bhubaneswar, Odisha - 751006
Date: 11th Sept. 2022, Time: 9 A.M. to 5 P.M.
Document Required: Aadhaar Card, PAN Card, Driving Licence, Educational Certificate
Employee Benefits: Salary best in Industry, Performance Based Incentives, Fuel & Mobile Allowance, PF & Pension Scheme, Gratuity & ESIC, Health & Life Insurance Reward & Recognition.
Interested Candidates can Call or WhatsApp in the Number given below:
Anjan: 9853003301 | 9136778117
Note: We do not charge any fees or entertain any favour to apply or work at Unity Small Finance Bank.

SMiLE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products
Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

ମନେ ପଡ଼ନ୍ତି

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



୰ବାଞ୍ଛାନିଧି ପଣ୍ଡା
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ
(ତା ୧୦।୦୯।୨୦୧୪ରିଖ)
ସ୍ନେହର ବନ୍ଧନ ତୁଟାଇକି ବାପା ଚାଲିଗଲେ ସେପାରିକୁ, ଏ ଜନ୍ମରେ ଆମେସବୁ ବାପା ବୋଲି ଡାକିବୁ ଆଉ କାହାକୁ। ପ୍ରଭୁଙ୍କ ପାଦରେ ପ୍ରାର୍ଥନା ଏତିକି କରୁଅଛୁ ସଦା ସର୍ବେ, ସବୁ ଜନମରେ ଆପଣଙ୍କ କୋଳେ ଜନ୍ମ ନେଉଥାଉ ଭବେ। ଯେଉଁଠି ଅଛନ୍ତି ଭଲରେ ଥାଆନ୍ତୁ, ସୁଖରେ ଥାଆନ୍ତୁ ବୋଲି, ଜଗତର ନାଥ ଜଗନ୍ନାଥ ପାଦେ କରୁଅଛୁ ଆମେ ଅଳି।"
ଶୋକସନ୍ତପ୍ତ:ଝିଅ-ଜ୍ୱାଇଁ, ନାତି-ନାତୁଣୀମାନେ)
ଧ-୧୪୭୪

ତୃତୀୟ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଶୁଭଙ୍କର ମଲ୍ଲିକ (ବଣ୍ଟି)
ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯
ବଣ୍ଟିରେ...! ଆମଠାରୁ ଦୂରେଇ ଯାଇ ବାଛିନେଲୁ ଈଶ୍ୱରଙ୍କୁ, ଚାହୁଁ ଚାହୁଁ ତିନି ବର୍ଷ ହୋଇଗଲା। ତୋର ହସହସ ମୁହଁ ସବୁବେଳେ ମନେ ପଡ଼ୁଛି। ତୋ ବିନା ଜୀବନଟା ଲାଗୁଛିରେ ଅଧୁରା। ଆଜି ତୋର ତୃତୀୟ ପୁଣ୍ୟତିଥି ଅବସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁ ଯେଉଁଠି ଥାଆ ଭଲରେ ଥାଆ। ଏହା ଆମର ଭଗବାନଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ତୋର ହତଭାଗ୍ୟ- ବାବା, ମାମା, ଜେଜେମା, ଭଉଣୀ ଶୀତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ।
ଧ-୧୪୬୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ନନ୍ଦ କିଶୋର ଦାଶ
ମାରୁତି ନଗର, ସିଦ୍ଧ ମହାବୀର, ପୁରୀ
ଆବିର୍ଭାବ: ୧୩।୧୦।୧୯୪୭
ତିରୋଧାନ: ୨୦।୦୯।୨୦୨୧
ସଂସାରର ସମସ୍ତ ଜଞ୍ଜାଳକୁ ସାମ୍ନା କରି ତୁମେ ଆମକୁ ଛାଡ଼ି ଚାଲି ଯିବାର ବର୍ଷଟିଏ ଅତିକ୍ରାନ୍ତ ହୋଇ ଗଲାଣି। ତୁମେ ଅମାୟିକ, ତୁମେ ସ୍ଥିତପ୍ରଜ୍ଞ, ତୁମେ ପବିତ୍ର ପୁଣ୍ୟାତ୍ମା, ତୁମେ ଏକ ଅନୁଷ୍ଠାନ। ସେ ଅନୁଷ୍ଠାନରୁ ଆମେ କେତେ ଟିକିଏ ଶିଖିଛୁ, ତାହା ଆମମାନଙ୍କ ପାଇଁ ନିତ୍ୟ ପାଥେୟ ହେଉ। ପବିତ୍ର ପୁଣ୍ୟତିଥି ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସେହି ରାଧାରମଣଙ୍କ ପଦଯୁଗଳରେ ପ୍ରାର୍ଥନା।
ଶୋକସନ୍ତପ୍ତ: "ଆମେ ସମସ୍ତେ"
ଧ-୭୩୫୧୬

# ଆନ୍ତର୍ଜାତିକ ସାକ୍ଷରତା ଦିବସରେ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା


ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ସାକ୍ଷରତା ଦିବସ ପରିପ୍ରେକ୍ଷୀରେ ସ୍ଥାନୀୟ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଭୁବନେଶ୍ୱର,୯।୯

ଦେଶର ପ୍ରମୁଖ ଘରୋଇ କମ୍ପାନୀ ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା ୟୁନିଟ୍ ପକ୍ଷରୁ ଶୁକ୍ରବାର ଆନ୍ତର୍ଜାତିକ ସାକ୍ଷରତା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକର ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ କମ୍ପାନୀ ପକ୍ଷରୁ ଏକ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଶେଷ କରି ବେଦାନ୍ତ ଆଲୁମିନିୟମ ସ୍ଥାନୀୟ ଗୋଷ୍ଠୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଆବଶ୍ୟକ ପଦକ୍ଷେପ ସାଙ୍ଗକୁ ସଶକ୍ତ କରିବା ପାଇଁ ସାକ୍ଷରତା ପ୍ରୟାସ ଜାରି ରଖିଛି। ଏପରିକି କମ୍ପାନୀ ଗତ ୨ବର୍ଷ ମଧ୍ୟରେ କୋଭିଡ୍ ମହାମାରୀ ଯୋଗୁ ଶିକ୍ଷଣ ବ୍ୟବଧାନକୁ ଦୂର କରିବା ପାଇଁ ପ୍ରାକ୍ ବିଦ୍ୟାଳୟ ଶିକ୍ଷାଠାରୁ ଆରମ୍ଭକରି ଇ-ଲର୍ନିଂ ପରି ଉଚ୍ଚମାନର ଶିକ୍ଷା କାର୍ଯ୍ୟକ୍ରମ ପରିଚାଳନା କରୁଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଝାରସୁଗୁଡ଼ା ଜିଲାର ହାରାହାରି ସାକ୍ଷରତା ସ୍ତରକୁ ୨୦୦୧ ରୁ ୨୦୧୧ ମଧ୍ୟରେ ୭୦.୫୫% ରୁ ୭୮.୮୬%କୁ ବୃଦ୍ଧି କରାଇବାରେ କମ୍ପାନୀ ପ୍ରମୁଖ ଭୂମିକା ଗ୍ରହଣ ସହ ପ୍ରାୟ ୬୪୦୦ ପିଲା ଉପକୃତ ହୋଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ (ଝାରସୁଗୁଡ଼ା ୟୁନିଟ୍) ସୁନୀଲ ଗୁପ୍ତା କହିଛନ୍ତି, ଆମେ ଗୁଣାତ୍ମକ ଶିକ୍ଷା ଉଦ୍ଦେଶ୍ୟକୁ ନେଇ ୟୁଏନ୍ ସଷ୍ଟାନେବୁଲ ଗୋଲ ପାଇଁ ପ୍ରତିବଦ୍ଧ। କାରଣ ଆମେ ବିଶ୍ୱାସକରୁ ଯେ ଆମ ସ୍ଥାନୀୟ ଗୋଷ୍ଠୀର ଏହା ହେଉଛି ମୌଳିକ ଅଧିକାର ଓ ବିକାଶର ପ୍ରାଥମିକତା। ଝାରସୁଗୁଡ଼ା ଅଞ୍ଚଳରେ ଶିକ୍ଷାର ପ୍ରସାର ଘଟିଛି, ଯାହା ଏଥର ମାଟ୍ରିକ ପାସ୍ ହାରରୁ ପ୍ରତିଫଳିତ ହୋଇଛି।

STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India

Advt. No. 02/2022 Date: 05/09/2022

Rourkela Steel Plant (RSP), a unit of Steel Authority of India Limited (SAIL) - a Maharatna Public Sector Enterprise and the leading steel-making company in India, invites applications from eligible persons for the following posts:

| Sl.No. | Post | Vacancy |
|---|---|---|
| 01 | Consultant (E-3) | 10 |
| 02 | Sr. Medical Officer (E-2) | Anaesthesia (Critical Care)-2, Dental-1, Dermatology-1, General Surgery-1, O&G-1, Pathology-1, Psychiatry-1, Radiology-1, Pulmonary Medicine-1 |
| 03 | Medical Officer (E-1) | 05 |

For full details of the advertisement, please visit Company's website www.sail.co.in
• Last Date for receipt of applications through Speed Post / Registered Post is 14/10/2022.

DGM (PL) Rectt. & Gen.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦/୨୦୨୨ | Bhubaneswar, | Saturday, September 10/ 2022

# ସ୍ୱିଟେକ୍-ଜାବେର ଫାଇନାଲ

ନ୍ୟୁୟର୍କ,୯।୯(ପି.ଟି)

ୟୁଏସ୍ ଓପନ ଟେନିସ୍ ଟୁର୍ନାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି ପୋଲାଣ୍ଡର ଇଗା ସ୍ୱିଟେକ୍ ଓ ଟ୍ୟୁନିସିଆର ଓନ୍ସ ଜାବେର। କ୍ରମାଗତ ଦ୍ୱିତୀୟ ଥର ପାଇଁ ଜାବେର କୌଣସି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଦୁଇମାସ ତଳେ ୱିମ୍ବେଲଡନ

## ୟୁଏସ୍ ଓପନ

ଫାଇନାଲରେ ପ୍ରବେଶ କରି ସେ ରନର୍ସଅପ୍ ହୋଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ସେମି ଫାଇନାଲ ମ୍ୟାଚରେ ଜାବେର କାରୋଲିନା ଗାର୍ସିଆଙ୍କୁ ୬-୧ ଓ ୬-୩ ସେଟରେ ପରାସ୍ତ କରିଥିଲେ। କ୍ରମାଗତ ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିବା ମୋ ପାଇଁ ବେଶ୍ ଖୁସିର ମୁହୂର୍ତ୍ତ ବୋଲି ଜାବେର ନିଜ ପ୍ରତିକ୍ରିୟାରେ



ମ୍ୟାଚ ଜିତିବା ପରେ ଉଲ୍ଲସିତ ଓନ୍ସ ଜାବେର।

କହିଥିଲେ। ୱିମ୍ବେଲଡନ ମୋ ପାଇଁ ସ୍ୱପ୍ନ ପରି ଥିଲା। ତେବେ ଏଠାରେ କଣ କରିବାକୁ ହେବ ତାହା ମୁଁ ଜାଣିଛି ବୋଲି ସେ କହିଛନ୍ତି। କ୍ୱାର୍ଟରରେ ଆମେରିକୀୟ କୋକୋ ଗଫ୍‌ଙ୍କୁ ପରାସ୍ତ କରି ସେମିକୁ ଆସିଥିବା ଗାର୍ସିଆଙ୍କ କ୍ରମାଗତ ୧୩ ମ୍ୟାଚ ବିଜୟ ଧାରାକୁ ରୋକିଥିଲେ।

ମହିଳା ସିଙ୍ଗଲ୍ସର ଦ୍ୱିତୀୟ ସେମିଫାଇନାଲକୁ ଜିତି ନେଇଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ଖେଳାଳି ଇଗା ସ୍ୱିଟେକ୍। ୩ ସେଟ ବିଶିଷ୍ଟ ମ୍ୟାଚରେ ବିଶ୍ୱ ମାନ୍ୟତାରେ ୬ ନମ୍ବର ସ୍ଥାନରେ ରହିଥିବା ସେ ଆରିନା ସାବାଲେଙ୍କାଙ୍କୁ ୩-୬, ୬-୨ ଓ ୪-୬ରେ ପରାସ୍ତ କରିଥିଲେ। ଶେଷ ୨୦ ପଏଣ୍ଟରୁ ୧୬ ପଏଣ୍ଟ ହାସଲ କରିବା ସହିତ ଶେଷ ୪ଟି ଯାକ ଗେମ୍ ଜିତି ଫାଇନାଲରେ ପହଞ୍ଚିଥିଲେ ସ୍ୱିଟେକ୍। ୨୧ ବର୍ଷୀୟ ପଲିସ୍ ଖେଳାଳି ଜଣଙ୍କ ପ୍ରଥମ ସେଟ୍‌କୁ ହାରିବା ପରେ ଦ୍ୱିତୀୟ ସେଟକୁ ଜିତି ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲେ। ତେବେ ନିର୍ଣ୍ଣାୟକ ସେଟ୍‌ରେ ୪-୨ରେ ପଛୁଆ ରହିଥିଲେ। ଠିକ୍ ଏହି ସମୟରେ ବାଥରୁମ୍ ବ୍ରେକ୍ ନେବା ସହିତ ସମ୍ପୂର୍ଣ୍ଣ ସତେଜ ହୋଇ କୋର୍ଟକୁ ଫେରିଥିଲେ। ପରବର୍ତ୍ତୀ ୧୭ ମିନିଟ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ କ୍ରମାଗତ ୪ଟି ଗେମରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଥିଲେ। ସ୍ୱିଟେକ୍ ଦୁଇ ଦୁଇ ଥର ଫ୍ରେଞ୍ଚ ଓପନ ଟାଇଟଲ ହାସଲ କରିଥିଲେ ମଧ୍ୟ ପ୍ରଥମ ଥର ପାଇଁ ୟୁଏସ୍ ଓପନ ଫାଇନାଲରେ ପ୍ରବେଶ କରିଛନ୍ତି। ଏହା ପୂର୍ବରୁ ସେ ଥରେ ମଧ୍ୟ ୟୁଏସ୍ ଓପନର ୪ର୍ଥ ରାଉଣ୍ଡ ଅତିକ୍ରମ କରିନାହାନ୍ତି। ସେହିପରି ପ୍ରଫେସନାଲ ଏରାରେ ପ୍ରଥମ ଆଫ୍ରିକୀୟ ମହିଳା ଭାବେ ୟୁଏସ୍ ଓପନ ଫାଇନାଲ ଖେଳିବେ। ପୁରୁଷ ସିଙ୍ଗଲ୍ସ ସେମି ଫାଇନାଲ ମ୍ୟାଚ୍ ୩ ନମ୍ବର ସିଡ୍ ସ୍ପେନର କାର୍ଲୋସ୍ ଆଲକାରେଜ୍ ଓ ୨୨ ନମ୍ବର ସିଡ୍ ଆମେରିକୀୟ ଫ୍ରାନ୍ସେସ୍ ଟିଆଫୋଙ୍କ ମଧ୍ୟରେ ଓ ଦ୍ୱିତୀୟ ମ୍ୟାଚଟି ନରୱେର କାସ୍ପର ରଡ ଓ ରୁଷିଆର କାରେନ୍ ଖାଚାନୋଭଙ୍କ ମଧ୍ୟରେ ଖେଳାଯିବ।

# ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ


ପ୍ରସ୍ତୁତି ବୈଠକରେ ଉପସ୍ଥିତ ଉଚ୍ଚପଦସ୍ଥ ଅଧିକାରୀ।

ଭୁବନେଶ୍ୱର, ୯।୯ (ସ୍ପୋର୍ଟ୍ସ ବ୍ୟୁରୋ)

## ୧୭ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ୍

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱରେ ଓଡ଼ିଶା କ୍ରୀଡ଼ା କାର୍ଯ୍ୟକଳାପର ଆଉ ଏକ ମାଇଲ ଖୁଣ୍ଟ ହାସଲ କରିବାକୁ ଯାଉଛି। ଓଡ଼ିଶା ୧୭ ବର୍ଷରୁ କମ୍ ଫିଫା ମହିଳା ଫୁଟ୍‌ବଲ ବିଶ୍ୱକପର କେତୋଟି ମ୍ୟାଚ ଆୟୋଜନ କରିବାକୁ ଯାଉଛି। ଏହା ଚଳିତବର୍ଷ ଅକ୍ଟୋବର ୧୧, ୧୪ ଓ ୧୭ରେ କଳିଙ୍ଗ ଷ୍ଟାଡିୟମରେ ଖେଳାଯିବ। ଏଥିପାଇଁ ଲୋକସେବା ଭବନ କନ୍‌ଫରେନ୍ସ ହଲ୍‌ରେ ମୁଖ୍ୟଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା ଭିତ୍ତିଭୂମି ବିକାଶ ଓ ମ୍ୟାଚ ଆୟୋଜନ ସଂକ୍ରାନ୍ତ ରୋଡ୍‌ମ୍ୟାପ ଉପସ୍ଥାପନ କରିଥିଲେ। ପ୍ରସ୍ତୁତି କାର୍ଯ୍ୟ ସମୀକ୍ଷା କରିବାକୁ ଯାଇ ମୁଖ୍ୟ ଶାସନ ସଚିବ ସମ୍ପୃକ୍ତ ବିଭାଗଗୁଡ଼ିକୁ ସେପ୍ଟେମ୍ବର ଶେଷ ସୁଦ୍ଧା ଶେଷ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ, ପରିମଳ, ସୁରକ୍ଷା ଓ ଅଗ୍ନିଶମ ସେବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଫିଫା ଅଫିସିଆଲ ରୋମା ଖାନ୍ନା ପ୍ରସ୍ତୁତି କାର୍ଯ୍ୟରୁ ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଥିଲେ। ଓଡ଼ିଶା ହକିର ବାସସ୍ଥାନ ପାଲଟିଛି। ଆଗକୁ ରାଜ୍ୟ ଫୁଟ୍‌ବଲର ବାସସ୍ଥାନ ହେବାକୁ ଯାଉଛି। ଡେଭଲପମେଣ୍ଟ କମିଶନର ପ୍ରଦୀପ କୁମାର ଜେନା କଳିଙ୍ଗ ଷ୍ଟାଡିୟମରେ ଆଗୁଆ ଓଡ୍ରାଫ୍ ଓ ଫାୟାର ସର୍ଭିସ ଟିମ୍ ମୁତୟନ ପାଇଁ ପରାମର୍ଶ ଦେଇଥିଲେ। ବୈଠକରେ ଇଭେଣ୍ଟକୁ ସୁଗମ, ନିରାପଦ ଓ ସ୍ମରଣୀୟ କରିବା ଲାଗି ସମ୍ପୃକ୍ତ ବିଭାଗଗୁଡ଼ିକଠାରୁ ସକ୍ରିୟ ସହଯୋଗ କାମନା କରାଯାଇଥିଲା। ମ୍ୟାଚ ଦେଖିବା ଲାଗି ଦର୍ଶକଙ୍କୁ ଅନୁମତି ଦେବା ଏବଂ ଅନ୍‌ଲାଇନ୍‌ରେ ଟିକେଟ ବିକ୍ରି ବ୍ୟବସ୍ଥା କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। କଳିଙ୍ଗ ଷ୍ଟାଡିୟମରେ ଭାରତ ଏହାର ୩ଟି ମ୍ୟାଚ ଖେଳିବ। ଦଳ ଅକ୍ଟୋବର ୧୧ରେ ଯୁକ୍ତରାଷ୍ଟ୍ର ଆମେରିକା, ୧୪ରେ ମରକ୍କୋ ଏବଂ ୧୭ରେ ବ୍ରାଜିଲ ବିପକ୍ଷରେ ଖେଳିବ। ଶୁକ୍ରବାର ଅନୁଷ୍ଠିତ ବୈଠକରେ ଡେଭଲପମେଣ୍ଟ କମିଶନର ପ୍ରଦୀପ କୁମାର ଜେନା, ପୋଲିସ ଡିଜି ସୁନୀଲ କୁମାର ବଂଶଲ, ଅର୍ଥ ବିଭାଗ ପ୍ରମୁଖ ସଚିବ ବିଶାଲ କୁମାର ଦେବ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ସଚିବ ସଞ୍ଜୟ କୁମାର ସିଂ, ହ୍ୟାଣ୍ଡିକ୍ରାଫ୍ଟ, ହ୍ୟାଣ୍ଡଲୁମ୍ ଓ ଟେକ୍ସଟାଇଲ ସଚିବ ଏସ୍. ଶର୍ମା, ଇଡ୍‌କୋ ସିଏମ୍‌ଡି ଭୂପେନ୍ଦ୍ର ସିଂ ପୁନିଆ, ପୋଲିସ କମିଶନର ଏସ୍.କେ. ପ୍ରିୟଦର୍ଶୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଫିଫା ପ୍ରତିନିଧି ରୋମା ଖାନ୍ନା, ଫିଫା ସ୍ଥାନୀୟ ଆୟୋଜକ କମିଟି ନିର୍ଦ୍ଦେଶକ ନନ୍ଦିନୀ ଆରୋରାଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

# ସ୍ପେନ୍‌ର ଉପସ୍ଥିତି ପୁଲ୍‌କୁ ଆହୁରି କଠିନ କରିଛି: ଗ୍ରାହମ ରିଡ୍

ନୂଆଦିଲ୍ଲୀ, ୯।୯(ପି.ଟି.)

## ଏଫ୍‌ଆଇଏଚ୍ ବିଶ୍ୱକପ୍




ପୁଲ୍ ଡି'ରେ ସ୍ପେନ୍‌ର ଉପସ୍ଥିତି ଯୋଗୁ ଏଫ୍‌ଆଇଏଚ୍ ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟ ଆମ ପାଇଁ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି କହିଛନ୍ତି ଭାରତୀୟ ପୁରୁଷ ହକି ଦଳର ମୁଖ୍ୟ କୋଚ୍ ଗ୍ରାହମ ରିଡ୍। ପୁଲ୍ ଡି'ରେ ଭାରତ (ବିଶ୍ୱର ୫ ନମ୍ବର ମାନ୍ୟତାପ୍ରାପ୍ତ) ଓ ସ୍ପେନ୍ (୮) ବ୍ୟତୀତ ଇଂଲଣ୍ଡ (୬) ଓ ୱେଲ୍ସ ରହିଛନ୍ତି। ଭୁବନେଶ୍ୱର ଓ ରାଉରକେଲା ଆସନ୍ତାବର୍ଷ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ହେବାକୁଥିବା ହକି ବିଶ୍ୱକପର ଆୟୋଜକ ହୋଇଛି। ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିବା ପଥରେ ଇଂଲଣ୍ଡ ବିପକ୍ଷ ମ୍ୟାଚକୁ ଭାରତ ୪-୪ ଗୋଲ୍‌ରେ ଡ୍ର ରଖିଥିବା ବେଳେ ୱେଲ୍ସକୁ ୪-୧ ଗୋଲରେ ପରାସ୍ତ କରିଥିଲା। ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଓ ଅଲିମ୍ପିକ୍ସରେ ପୁଲ୍‌ଗୁଡ଼ିକ ସବୁବେଳେ କଠିନ ହୋଇଥାଏ। କାରଣ ପ୍ରତ୍ୟେକ ଟିମ୍ ଏଠାକୁ ଜିତିବା ଲକ୍ଷ୍ୟ ନେଇ ଆସିଥାନ୍ତି। ଆମେ ନିକଟରେ ବର୍ମିଂହାମ୍ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଇଂଲଣ୍ଡ ଓ ସ୍ପେନ ସହ ଖେଳିଛୁ। ଗେମ୍ ଦୁଇଟି ଉଚ୍ଚକୋଟିର ଥିଲା ବୋଲି ରିଡ୍ ପ୍ରକାଶ କରିଛନ୍ତି। ଗତ ୧୨ମାସ ମଧ୍ୟରେ ସ୍ପେନ୍ ଦିନକୁ ଦିନ ଏହାର ପ୍ରଦର୍ଶନରେ ଉନ୍ନତି ଆଣିବାରେ ଲାଗିଛି। ଏଫ୍‌ଆଇଏଚ୍ ବିଶ୍ୱକପ୍‌ର ଆମେ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଗେମ୍‌ର ପ୍ରତିଟି ଦିଗ ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ ବୋଲି ରିଡ୍ କହିଛନ୍ତି। ହକିର ଏହି ମେଗା ଇଭେଣ୍ଟ ପୂର୍ବରୁ ଭାରତ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୩୦ରୁ ନଭେମ୍ବର ୬ ପର୍ଯ୍ୟନ୍ତ ହେବାକୁଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ୨୦୨୨-୨୩ ସିଜନରେ ସ୍ପେନ ବିପକ୍ଷରେ ଖେଳିବ।

# ଡାଇମଣ୍ଡ ଲିଗ୍ ସଫଳତା ପାଇଁ ନୀରଜଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ



ନୀରଜ ଚୋପ୍ରା

ନୂଆଦିଲ୍ଲୀ, ୯।୯(ପି.ଟି.)

ମର୍ଯ୍ୟାଦାପୂର୍ଣ୍ଣ ଡାଇମଣ୍ଡ ଲିଗ୍ ଫାଇନାଲ୍ସ ଟାଇଟଲ ଜିତିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୁଇଜରଲାଣ୍ଡର ଜୁରିଚ୍‌ଠାରେ ୮୮.୪୪ ମିଟର ଥ୍ରୋ କରି ଚୋପ୍ରା ପ୍ରଥମ ଭାରତୀୟ ଭାବେ ଏହି ସଫଳତା ହାସଲ କରିଛନ୍ତି। ସେ ମହାନ୍ ଉତ୍ସର୍ଗୀକୃତ ଓ ସ୍ଥିରତା ପ୍ରଦର୍ଶନ କରିଛନ୍ତି। ତାଙ୍କର କ୍ରମାଗତ ସଫଳତା ଦ୍ୱାରା ଭାରତୀୟ ଆଥ୍‌ଲେଟିକ୍ସର ଅଗ୍ରଗତି ଘଟୁଥିବା ସୂଚିତ ହେଉଛି। ଗୁରୁବାର ଅନୁଷ୍ଠିତ ଏହି ଇଭେଣ୍ଟରେ ଅଲିମ୍ପିକ ରୌପ୍ୟ ପଦକ ବିଜେତା ଚେକ୍‌ରିପବ୍ଲିକର ଜାକବ ଭାଡେଲ୍‌ଚ ତାଙ୍କ ଶ୍ରେଷ୍ଠ ଥ୍ରୋ ୮୬.୯୪ ମିଟର ସହ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଜର୍ମାନୀର ଜୁଲିଆନ ୱେବର (୮୩.୭୩ ମିଟର) ତୃତୀୟ ସ୍ଥାନରେ ରହିଥିଲେ।

# ଆଇଓଏକୁ ଆଇଓସିର ଅନ୍ତିମ ଚେତାବନୀ

ନୂଆଦିଲ୍ଲୀ,୯।୯(ପି.ଟି.)

ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ)କୁ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ଅନ୍ତିମ ଚେତାବନୀ ଦେଇଛି। ଡିସେମ୍ବର ସୁଦ୍ଧା ନିର୍ବାଚନ ନ କଲେ ଭାରତକୁ ବାସନ୍ଦ କରାଯିବ ବୋଲି ଆଇଓସି କହିଛି। ଗୁରୁବାର ଲାଉସାନେ ଆଇଓସିର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକ ବସିଥିଲା। ଭାରତୀୟ ଅଲିମ୍ପିକ ଆସୋସିଏଶନ ସଭାପତି ପଦବୀରୁ ନରିନ୍ଦର ବାତ୍ରା ବହିଷ୍କୃତ ହେବା ପରେ ତାଙ୍କ ସ୍ଥାନରେ କୌଣସି କାମଚଳା/କାର୍ଯ୍ୟକାରୀ ସଭାପତିଙ୍କୁ ସ୍ୱୀକୃତି ନ ଦେବା ଲାଗି ବୈଠକରେ ନିଷ୍ପତ୍ତି ନିଆଯାଇଛି। ନିର୍ବାଚନ ହେବା ପର୍ଯ୍ୟନ୍ତ ଆଇଓଏ ବ୍ୟାପାର ନେଇ ଆଇଓସି ଏହାର ସାଧାରଣ ସମ୍ପାଦକ ରାଜୀବ ମେହେଟାଙ୍କ ସହ ଯୋଗାଯୋଗ କରିବ।

## ପାକିସ୍ତାନକୁ ହରାଇଲା ଶ୍ରୀଲଙ୍କା

**ଦୁବାଇ,୯।୯:** ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ପରେ ପଥୁମ ନିସଙ୍କାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ଶ୍ରୀଲଙ୍କା ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଅନ୍ତିମ ଲିଗ୍ ମ୍ୟାଚରେ ପାକିସ୍ତାନକୁ ୫ ଉଇକେଟରେ ପରାସ୍ତ କରିଛି। ଉଭୟ ଦଳ ଫାଇନାଲରେ ପ୍ରବେଶ କରିସାରିଥିବାରୁ ଏହି ମ୍ୟାଚ କେବଳ ଔପଚାରିକତା ଦୃଷ୍ଟିରୁ ଖେଳାଯାଇଥିଲା। ତେବେ ଫାଇନାଲ ପୂର୍ବ ଷ୍ଟେଜ ରିହର୍ସାଲ ମ୍ୟାଚଜିତି ଶ୍ରୀଲଙ୍କା ମନୋବଳ ଦୃଢ଼ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୧୯.୧ ଓଭରରେ ୧୨୧ ରନକରି ଅଲଆଉଟ ହୋଇ ଯାଇଥିଲା। ଅଧିନାୟକ ବାବର ଆଜମ ଦଳ ପକ୍ଷରୁ ସର୍ବାଧିକ ୩୦ ରନ କରିଥିବାବେଳେ ଶ୍ରୀଲଙ୍କାର ୱାନିନ୍ଦୁ ହସରଙ୍ଗା ୩ଟି, ମହେଶ ଥିକସାନା ଓ ପ୍ରମୋଦ ମଦୁଶାନ ୨ଟି ଲେଖାଏ ଏବଂ ଧନଞ୍ଜୟ ଡି'ସିଲ୍‌ଭା ଓ ଚାମିକା କରୁଣାରତ୍ନେ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ଶ୍ରୀଲଙ୍କା ୧୭ ଓଭରରେ ୫ ଉଇକେଟ ହରାଇ ୧୨୪ ରନ ସଂଗ୍ରହ କରି ନେଇଥିଲା। ନିସଙ୍କା ୫୫ ରନକରି ଅପରାଜିତ ରହିଥିଲେ। ପାକିସ୍ତାନର ମହମ୍ମଦ ହାସନେନ ଓ ହାରିସ ରୌଫ ୨ଟି ଲେଖାଏ ଉଇକେଟ ନେଇଥିଲେ। ଶ୍ରୀଲଙ୍କା ଓ ପାକିସ୍ତାନ ମଧ୍ୟରେ ଫାଇନାଲ ଆସନ୍ତା ରବିବାର ଅନୁଷ୍ଠିତ ହେବ।

# ବନ୍ଧୁକ ଚାଳନା ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶେଷ


ବନ୍ଧୁକ ଚାଳନା ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୯।୯ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ରାଇଫଲ ଆସୋସିଏଶନ ଆନୁକୂଲ୍ୟରେ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଶେଷ ହୋଇଛି। ୮ ଓ ୯ ତାରିଖରେ ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟରେ ୫୦ ମିଟର ରାଇଫଲ ଓପନ ପ୍ରୋନ୍, ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ, ୨୫ ମିଟର ସେଣ୍ଟର ଫାୟାର୍ଡ ପିସ୍ତଲ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦୦ ଜଣ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨ ଦିନ ଏୟାର ରାଇଫଲ ଓ ଏୟାର ପିସ୍ତଲ ଇଭେଣ୍ଟରେ ପ୍ରତିଯୋଗିତା ହେବ। ଏଥିରେ ୧୫୦ ପ୍ରତିଯୋଗୀ ଅଂଶଗହଣ କରିବେ। ୧୧ ତାରିଖରେ ଉତ୍କଳ କରାଟେ ସ୍କୁଲ ପରିସରରେ ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୧୫ ଜିଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଛନ୍ତି। ଓଡ଼ିଶା ରାଇଫଲ ଆସୋସିଏଶନ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରତିଯୋଗିତାକୁ ସଦସ୍ୟ ବଳଭଦ୍ର ଦାସ, ଆଶିଷ ପଟ୍ଟନାୟକ, ରାଜ ନାରାୟଣ ଖୁଣ୍ଟିଆ ପ୍ରମୁଖ ପରିଚାଳନା କରିଥିଲେ।

# ଏକାଧିକ ରେକର୍ଡ ଭାଙ୍ଗିଲେ କୋହଲି

ଦୁବାଇ,୯।୯



ବିରାଟ କୋହଲି ଓ ରୋହିତ ଶର୍ମା।

ଆଫଗାନିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ସୁପର ୪ ମ୍ୟାଚରେ ଶତକ ସହିତ ୧୦୨୧ ଦିନର ପ୍ରତୀକ୍ଷାର ଅନ୍ତ ଘଟାଇଥିବା ବିରାଟ କୋହଲି ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। କୋହଲି ୧୨୨ ରନ ସହିତ ଟି ୨୦ରେ ଭାରତର ସର୍ବାଧିକ ସ୍କୋରର ପାଲଟିଛନ୍ତି। ଏହା ସହିତ ରୋହିତ ଶର୍ମାଙ୍କ ପରେ ଦ୍ୱିତୀୟ ଭାରତୀୟ ଖେଳାଳି ଭାବରେ ଟି୨୦ରେ ୧୦୦ ଛକା ମାରିଛନ୍ତି। ଅନ୍ତର୍ଜାତୀୟ ଶତକ ସଂଖ୍ୟାରେ ରିକି ପଣ୍ଟିଂ(୭୧)ଙ୍କ ସହିତ ସମକକ୍ଷ ହୋଇଛନ୍ତି କୋହଲି। ଭାରତୀୟ କିମ୍ବଦନ୍ତୀ ସଚିନ୍ ତେନ୍ଦୁଲକର୧୦୦ ଶତକ ସହିତ ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଶତକ ସହିତ ଦ୍ୱିତୀୟ ଭାରତୀୟ କ୍ରିକେଟର ଭାବେ କୋହଲି ଟି ୨୦ରେ ୩୫୦୦ ରନ୍ ପୂରଣ କରିଛନ୍ତି। ୯୬ ଇନିଂସରୁ ୩୫୦୦ ରନ କରିବା ସହିତ ଏହି କ୍ଲବରେ କୋହଲି ଦ୍ରୁତତମ ସାବ୍ୟସ୍ତ ହୋଇଛନ୍ତି। ଏହି ମ୍ୟାଚରେ ନିଜର ୩୩ତମ ଅର୍ଦ୍ଧଶତକ ହାସଲ କରିଛନ୍ତି କୋହଲି। ରୋହିତ ଶର୍ମା(୩୨)ଙ୍କୁ ପଛରେ ପକାଇ ସେ ସର୍ବାଧିକ ଟି୨୦ ଅର୍ଦ୍ଧଶତକର ରେକର୍ଡ ନିଜ ନାମରେ କରିଛନ୍ତି। ଏସିଆ କପ୍ ଟି୨୦ରେ ଏହା ପ୍ରଥମ ଶତକ ହୋଇଥିବା ବେଳେ ୟୁଏଇ ମାଟିରେ ଏହା ସର୍ବାଧିକ ବ୍ୟକ୍ତିଗତ ସ୍କୋର ରହିଛି। ସେହିପରି ଅନ୍ତର୍ଜାତୀୟ କ୍ରିକେଟରେ କୋହଲି ନିଜର ୨୪ ହଜାର ରନ ପୂରଣ କରିଛନ୍ତି। ଏହି କ୍ରମରେ ସେ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ତେନ୍ଦୁଲକର ୫୪୦ ଇନିଂସରୁ ୨୪ ହଜାର ରନ ପୂରଣ କରିଥିବା ବେଳେ କୋହଲି ୫୨୨ ଇନିଂସରେ ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି।

## ରୋହିତଙ୍କୁ ଶ୍ରେୟ ଦେଲେ

ଆଫଗାନିସ୍ତାନ ବିପକ୍ଷ ଏସିଆ କପ୍ ଟି୨୦ ସୁପର ୪ ମ୍ୟାଚରେ ଶତକ ହାସଲ କରି ବିରାଟ କୋହଲି ସମାଲୋଚକଙ୍କ ମୁହଁ ବନ୍ଦ କରି ଦେଇଛନ୍ତି। ଚଳିତ ଏସିଆ କପ୍‌ରେ ନିଜର ୭୧ ଶତକ ହାସଲ ପରେ କୋହଲି ଅଧିନାୟକ ରୋହିତ ଶର୍ମାଙ୍କୁ ନିଜ ସଫଳତାର ଶ୍ରେୟ ଦେଇଛନ୍ତି। ରୋହିତଙ୍କ ସହିତ ମୋର ଆଲୋଚନା ବେଶ୍ ସକାରାତ୍ମକ ରହିଥିଲା। ଏହି ଆଲୋଚନା ପରେ ମୁଁ ମୋ କ୍ରିକେଟ ଉପରେ ଧ୍ୟାନକେନ୍ଦ୍ରିତ କରିବାରେ ସଫଳ ହେଲି ବୋଲି କୋହଲି କହିଛନ୍ତି। ଏହା ସହିତ ଖରାପ ଫର୍ମ ସମୟରେ ଉଭୟ ଅଧିନାୟକ ଓ ଟିମ୍ ମ୍ୟାନେଜମେଣ୍ଟର ତାଙ୍କ ପ୍ରତି ରହିଥବା ସମର୍ଥନ ତାଙ୍କୁ ଆତ୍ମବିଶ୍ୱାସ ଯୋଗାଇଥିଲା ବୋଲି କୋହଲି କହିଛନ୍ତି। ଏକ ମାସର ବିରତି ପରେ ଟିମ୍‌କୁ ଫେରିବା ପରେ ଯେଉଁ ଭଳି ଢଙ୍ଗରେ ସ୍ୱାଗତ କରାଗଲା ତାହା ବେଶ୍ ଉତ୍ସାହୋଦ୍ଦୀପକ ଥିଲା। ସେହିପରି ଟି୨୦ କ୍ରିକେଟରେ ଛକା ବା ବଡ ଶଟ୍ ଖେଳିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି କୋହଲି କହିଛନ୍ତି। ଟିମ୍‌ରେ ମୋର ଭୂମିକା ହେଉଛି ଦାୟିତ୍ୱବାନ ହୋଇ ପରିସ୍ଥିତି ଅନୁସାରେ ଖେଳିବା। ଷ୍ଟ୍ରାଇକ ରେଟ୍‌ର ଟି୨୦ରେ ଏକ ବଡ ଭୂମିକା ରହିଛି, ମାତ୍ର ଏଥିପାଇଁ କେବଳ ଛକା ଉପରେ ଭରସା କରାଯାଇପାରିବ ନାହିଁ। ବଡ ଶଟ୍ ଖେଳିବା ଅପେକ୍ଷା ଗ୍ୟାପ୍‌ରେ ରନ୍ ସଂଗ୍ରହ କରିବା ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ। ସମୟ ସମୟରେ କ୍ରିଜ୍‌ରେ ସେଟ୍ ହେବା ପାଇଁ ୧୦-୧୫ ବଲ ଆବଶ୍ୟକ ପଡିଥାଏ, ଯାହାକି ଜରୁରୀ ମଧ୍ୟ। ପୂର୍ବରୁ ଆକ୍ରମଣାତ୍ମକ ଖେଳିବାକୁ ପ୍ରୟାସ କରିବା ଦ୍ୱାରା ଖେଳ ପ୍ରଭାବିତ ହେଉଥିବା କୋହଲି ସ୍ୱୀକାର କରିଛନ୍ତି।

ସେହିପରି କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ଟିପ୍ସ ମଧ୍ୟ ତାଙ୍କ ପାଇଁ ବେଶ୍ ଲାଭଦାୟକ ରହିଥିଲା। ମିଡ୍‌ଲ ଓଭରରେ କେଉଁଭଳି ଭାବରେ ଷ୍ଟ୍ରାଇକ୍ ରୋଟେଟ୍ କରିବା ଉଚିତ ସେ ନେଇ ରାହୁଲଙ୍କ ପରାମର୍ଶ କାମରେ ଆସିଥିଲା ବୋଲି ସାକ୍ଷାତକାର ସମୟରେ କୋହଲି କହିଛନ୍ତି। ସେହିପରି ସେ ଆଗାମୀ ଦିନରେ ଓପନ୍ କରିବେ କି ବୋଲି ପ୍ରଶ୍ନକୁ ଖାରଜ କରିଥିଲେ କୋହଲି। ଓପନର ଭାବରେ ଲୋକେଶ ରାହୁଲଙ୍କ ପ୍ରଦର୍ଶନ ବେଶ୍ ଚମତ୍କାର।

# ଏସିଆନ ବାସ୍କେଟବଲରେ ଅନନ୍ୟାଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୯।୯ (କ୍ରୀଡ଼ା ପ୍ରତିନିଧି)



ଅନନ୍ୟା ପଟ୍ଟନାୟକ

ବାସ୍କେଟବଲ ଫେଡେରେଶନ ଅଫ ଇଣ୍ଡିଆ (ଏଫ୍‌ଆଇବିଏ) ଆନୁକୂଲ୍ୟରେ ବେଙ୍ଗାଲୁରୁଠାରେ ୧୮ ବର୍ଷରୁ କମ୍ ଏସିଆନ ମହିଳା ବାସ୍କେଟବଲ ଚାମ୍ପିୟନଶିପ୍ ଆରମ୍ଭ ହୋଇଛି। ଏଥିରେ ଓଡ଼ିଶାର ଅନନ୍ୟା ପଟ୍ଟନାୟକ ପରିସଂଖ୍ୟାନବିତ୍‌ଭାବେ ଦାୟିତ୍ୱ ତୁଲାଇବାର ସୌଭାଗ୍ୟ ପାଇଛନ୍ତି। ପ୍ରଥମ ଓଡ଼ିଆ ଭାବେ ସେ ଏହି ଦାୟିତ୍ୱ ପାଇଛନ୍ତି। ଭୁବନେଶ୍ୱରର ଅନନ୍ୟାଙ୍କ ମା' ଭାଷା ପଟ୍ଟନାୟକ ଏବଂ ବାପା ଦିଗନ୍ତ କେଶରୀ ପଟ୍ଟନାୟକ। ସ୍କୁଲ କ୍ୟାରିୟରରେ ୧୦୦, ୨୦୦ ମିଟର ରେସ୍, ଓ ଲଙ୍ଗଜମ୍ପ ରେ ଭାଗ ନେଇଥିବା ଅନନ୍ୟା କବାଡି ଦଳର ଅଧିନାୟିକା ଥିଲେ। କଲେଜ କ୍ୟାରିୟରରେ ମଧ୍ୟ ସେ ବିଭିନ୍ନ ଆଥଲେଟିକ୍ ଓ ବାସ୍କେଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛନ୍ତି। ଗତ ୩ ଓ ୪ ତାରିଖରେ ଅନୁଷ୍ଠିତ ବାସ୍କେଟବଲ ପରିସଂଖ୍ୟାନବିତ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଏଫ୍‌ଆଇବିଏ ଲାଇସେନ୍ସ ହାସଲ କରିଥିଲେ ଏବଂ ୧୮ ବର୍ଷରୁ କମ୍ ଏସିଆନ ମହିଳା ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଦାୟିତ୍ୱ ତୁଲାଇବା ପାଇଁ ମନୋନୀତ ହୋଇଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

(ପୃଷ୍ଠା-୧୨+୮)

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୦/୨୦୨୨ (୧୨+୮=୨୦ ପୃଷ୍ଠା) | Bhubaneswar, Saturday, September 10/2022 | Page 20 | ପୃଷ୍ଠା-୧




**ଭୋଲ୍କର ମାନବାଧିକାରର ନୂଆ ମୁଖ୍ୟ**

ଅଷ୍ଟ୍ରିଆର ଭୋଲ୍କର ଟର୍କଙ୍କୁ ଜାତିସଂଘ ମାନବାଧିକାରର ନୂଆ ହାଇକମିଶନର ଭାବେ ନିଯୁକ୍ତି ମିଳିଛି।

୦୬

୦୮

**ଏନ୍‌ଇଇଟିରେ ପରିବା ବିକାଳିଙ୍କ ଝିଅଙ୍କ କୃତିତ୍ୱ**

ଏନ୍‌ଇଇଟି (ୟୁଜି)ରେ ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଗାଁର ପରିବା ବିକାଳିଙ୍କ ଝିଅ ଇଶ୍ରିତା ପଣ୍ଡା କୃତିତ୍ୱ ହାସଲ କରିଛନ୍ତି।





କୃତ୍ରିମ ପୋଖରୀରେ ଗଣେଶ ମୂର୍ତ୍ତି ବିସର୍ଜନ ପରେ ଆବର୍ଜନାଗୁଡ଼ିକ ଭୁବନେଶ୍ୱର କୁଆଖାଇ ନଦୀ କୂଳରେ ଗଦାହୋଇଛି।

# ପାର୍ବଣରେ ରାଜଧାନୀ ଅଶାନ୍ତ

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ କରି ହତ୍ୟା



- ଆକ୍ରମଣ ପଛରେ ଜଣେ ମହିଳା: ନିଶା କାରବାର, ଦେହ ବ୍ୟବସାୟ ସନ୍ଦେହ
- ୨ ଆହତ, ଆକ୍ରମଣକାରୀଙ୍କୁ ଖୋଜୁଛି ପୋଲିସ
- କ୍ୟାପିଟାଲ ହସ୍ପିଟାଲରେ ଉତ୍ତେଜନା

ଭୁବନେଶ୍ୱର,୯।୯ (ବ୍ୟୁରୋ)

ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ରାଜଧାନୀ ଅଶାନ୍ତ ହୋଇଛି। ବିଶେଷକରି ନିଶା କାରବାର ଏବଂ ଅନ୍ୟ କାରଣ ଯୋଗୁ ବସ୍ତିରେ ଉତ୍ତେଜନା ସୃଷ୍ଟି ହେବା ସହ ଗୋଷ୍ଠୀ ସଂଘର୍ଷ ବଢ଼ିଛି। ଶୁକ୍ରବାର ରାତି ପ୍ରାୟ ୯ଟାରେ କ୍ୟାପିଟାଲ ଥାନା ଅନ୍ତର୍ଗତ ୟୁନିଟ-୮ ସ୍ଥିତ ନାରାୟଣ ବସ୍ତିର ତୁଳସୀ ସାହିରେ ୩ ଯୁବକଙ୍କୁ କେତେଜଣ ଲୋକ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସେହି ବସ୍ତିର ପି. ସୁବ୍ରତ ରାଓ ଓରଫ ଚନ୍ଦୁ। ପୋଲିସ ଚନ୍ଦୁଙ୍କ ମୃତଦେହକୁ କ୍ୟାପିଟଲ ହସ୍ପିଟାଲରେ ରଖିଛି। ସେହିପରି ମିଥଲ୍ ନାମକ ଜଣେ ଯୁବକ ଗୁରୁତର ଆହତ ହୋଇଥିବାବେଳେ ଆଉଜଣେ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ମିଥଲଙ୍କୁ ପ୍ରାଥମିକ ଚିକିତ୍ସା ପରେ ପୋଲିସ ଥାନାକୁ ନେଇ ଘଟଣା ସମ୍ପର୍କରେ ପଚରାଉଚରା କରୁଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଆକ୍ରମଣକାରୀମାନେ ଫେରାର ଅଛନ୍ତି। କେଉଁ କାରଣ ପାଇଁ ଏଭଳି ଘଟିଛି ତାହା ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ କରାଯାଉଥିବା ସେ କହିଛନ୍ତି। ତେବେ ନିଶା କାରବାର ଏବଂ ଦେହ ବ୍ୟବସାୟ ଯୋଗୁ ସଂଘବଦ୍ଧ ଆକ୍ରମଣ ହୋଇଥିବା କୁହାଯାଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଚନ୍ଦୁ ଓ ମିଥଲ୍‌ଙ୍କ ସହ ସ୍ଥାନୀୟ ଅଞ୍ଚଳର ଜଣେ ମହିଳାଙ୍କ ସହ ଶତ୍ରୁତା ☞ପୃଷ୍ଠା-୫

# ପୁଅ ଆଗରେ ଭାସିଗଲେ ବାପା

**କେନ୍ଦୁଝର,୯।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ବାଂଶପାଳ ବ୍ଲକ ଅନ୍ତର୍ଗତ କେନ୍ଦୁଘାଟି ଗାଁ ନିକଟସ୍ଥ ବୈତରଣୀ ନଦୀର କଲଭର୍ଟ ଉପରେ ପ୍ରବାହିତ ପାଣିସ୍ରୋତରେ ପୁଅ ଆଗରେ ଭାସିଯାଇଛନ୍ତି ବାପା। ଶୁକ୍ରବାର ଅପରାହ୍ନରେ ଏହି ଘଟଣା ଘଟିଥିଲେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ନିଖୋଜ ହୋଇଯାଇଥିବା ବୃଦ୍ଧଙ୍କ ନାଁ ପୂର୍ଣ୍ଣଚନ୍ଦ୍ର ଦେହୁରୀ। ପ୍ରକାଶ ଯେ, ଶୁକ୍ରବାର ସକାଳେ ପୂର୍ଣ୍ଣଚନ୍ଦ୍ର ତାଙ୍କ ପୁଅ ଦେଶ ଦେହୁରୀଙ୍କ ସହିତ ଶୁଆକାଟିସ୍ଥିତ ବ୍ୟାଙ୍କକୁ ଯାଇଥିଲେ। ଅପରାହ୍ନରେ ଫେରୁଥିବା ବେଳେ ବର୍ଷା ଯୋଗୁ କଲଭର୍ଟ ଉପରେ ପ୍ରଖର ସ୍ରୋତରେ ପାଣି ପ୍ରବାହିତ ହେଉଥିଲା। ତେଣୁ ପୁଅ ଦେଶ ଦେହୁରୀ ବାପାଙ୍କୁ ବାଇକରୁ ଓହ୍ଲାଇ ଦେଇ ଏକୁଟିଆ କଲଭର୍ଟ ପାରି ହୋଇଥିଲେ। ପଛରେ ବାପା ପୂର୍ଣ୍ଣଚନ୍ଦ୍ର ଚାଲି ଚାଲି ଆସୁଥିବା ବେଳେ ଅସାବଧାନତା ବଶତଃ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ଭାସିଯାଇଥିଲେ। ☞ପୃଷ୍ଠା-୫

# ସହାୟତା ମିଳିଲାନି, ଆତ୍ମହତ୍ୟା କଲେ ଦିବ୍ୟାଙ୍ଗ

- ଫେସ୍‌ବୁକ୍‌ରେ ଅପ୍‌ଲୋଡ୍ କରିଥିଲେ ବିଷ ପିଇବାର ଦୃଶ୍ୟ
- ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କଠାରେ ଇଚ୍ଛାମୃତ୍ୟୁ ଲାଗି ଆବେଦନ କରିଥିଲେ

ବାହାନଗା, ୯।୯(ଡି.ଏନ.ଏ.)

ସଡ଼କ ଦୁର୍ଘଟଣାରେ ଦିବ୍ୟାଙ୍ଗ ପାଲଟିଯାଇଥିବା ଜଣେ ଯୁବକ ସହାୟତା ନ ପାଇ ଚାରିଆଡୁ ନିରାଶ ହେବା ପରେ ଶେଷରେ କୀଟନାଶକ ପିଇ ଆତ୍ମହତ୍ୟା କରିଛନ୍ତି। କିଟନାଶକ କିଣି ପିଇବା ସମୟର ଏକ ଭିଡିଓ କରି ସେ ନିଜେ ଫେସବୁକ୍ ପେଜରେ ଅପଲୋଡ କରିଥିଲେ। ଏ ସମ୍ପର୍କରେ ତାଙ୍କ ସାଙ୍ଗ ସାଥୀ ଓ ଘର ଲୋକ ଜାଣିବା ପରେ ମୁମୂର୍ଷ ଅବସ୍ଥାରେ ପଡିଥିବା ସ୍ଥାନରୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସା କରାଯାଉଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରେମୁଣା ବ୍ଲକ ବରୁଣସିଂ ଗ୍ରାମର ବିଜୟ ଯେନା।

ସଡ଼କ ଦୁର୍ଘଟଣାରେ ମେରୁଦଣ୍ଡରେ ଆଘାତ ଯୋଗୁ ବିଜୟ ଶଯ୍ୟାଶାୟୀ ହୋଇ ଚିକିତ୍ସାଧୀନ ଥିଲେ। ତେବେ ତାଙ୍କର ଛାତି ପାଖରୁ ଗୋଡ଼ ଯାଏ କୌଣସି ଅଙ୍ଗପ୍ରତ୍ୟଙ୍ଗ ଠିକ୍ ଭାବେ କାମ କରୁ ନ ଥିଲା। ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିବାରୁ ସେ ଜିଲା ପ୍ରଶାସନଠାରୁ ଆରମ୍ଭ କରି ସମସ୍ତଙ୍କ ପାଖରେ ଗୁହାରି କରିଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣି ନ ଥିଲେ। ମୁଣ୍ଡ ଗୁଞ୍ଜିବାକୁ ତାଙ୍କର ଘରଟିଏ ମଧ ନାହିଁ। ଦୁର୍ଘଟଣାରେ ☞ପୃଷ୍ଠା-୫

# ନଭେମ୍ବର ୮ରୁ କଟକ ବାଲିଯାତ୍ରା

- ନିର୍ଦ୍ଧାରିତ ସମୟ ପୂର୍ବରୁ ପ୍ରସ୍ତୁତି ଶେଷ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ
- ପରିମଳ, ସ୍ୱାସ୍ଥ୍ୟସେବା, ପାର୍କିଂ, ଟ୍ରାଫିକ୍ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଦୁଇବର୍ଷ ପରେ ଆସନ୍ତା ନଭେମ୍ବର ୮ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ କଟକର ବିଶ୍ୱପ୍ରସିଦ୍ଧ ବାଲିଯାତ୍ରା। ଏହାକୁ ରାଜ୍ୟସ୍ତରୀୟ ଉତ୍ସବ ଭାବେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଉତ୍ସବର ପରିଚାଳନା ଓ ଆର୍ଥିକ ବ୍ୟବସ୍ଥା ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ।

ବାଲିଯାତ୍ରାରେ ଓଡ଼ିଶାର ବିଭିନ୍ନ ଜିଲାରୁ ଅଧିକ ସଂଖ୍ୟକ କଳାକାର ଓ ଶିଳ୍ପୀମାନଙ୍କୁ ସାମିଲ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଯାତ୍ରା ପଡ଼ିଆକୁ ☞ପୃଷ୍ଠା-୫

# ପ୍ରକାଶ ପାଇଲା ଓସିଏସ୍ ପରୀକ୍ଷା ଫଳ

- ୭୮୫ ପରୀକ୍ଷାର୍ଥୀ କୃତକାର୍ଯ୍ୟ
- ୧୯ରୁ ଡକ୍ୟୁମେଣ୍ଟ ଯାଞ୍ଚ ଓ ସାକ୍ଷାତ୍‌କାର

**କଟକ ଅଫିସ,୯।୯:** ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ(ଓସିଏସ୍)-୨୦୨୦ର ଲିଖିତ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିରେ ମୋଟ୍ ୭୮୫ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୨୮୭ ଜଣ ମହିଳା ରହିଛନ୍ତି। ପରୀକ୍ଷାର୍ଥୀମାନେ ନିଜ ପରୀକ୍ଷା ଫଳ ଓପିଏସ୍‌ସି ୱେବ୍‌ସାଇଟ୍‌ରେ ଦେଖିପାରିବେ। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନଙ୍କର ରୋଲ୍ ନମ୍ବର ଓପିଏସ୍‌ସି ୱେବ୍‌ସାଇଟରେ ରହିଛି। ଆସନ୍ତା ୧୯ ତାରିଖଠାରୁ ଓପିଏସ୍‌ସି କାର୍ଯ୍ୟାଳୟରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ପରୀକ୍ଷାର୍ଥୀଙ୍କ ଡକ୍ୟୁମେଣ୍ଟ ଯାଞ୍ଚ ଏବଂ ସାକ୍ଷାତକାର ପ୍ରକ୍ରିୟା ହେବ। ଏହି ପ୍ରକ୍ରିୟାର ସମ୍ପୂର୍ଣ୍ଣ ସୂଚୀ ଖୁବ୍‌ଶୀଘ୍ର ☞ପୃଷ୍ଠା-୫

# ପ୍ରଭାତ କୁମାର ରାଉଳ ଓୟୁଏଟି କୁଳପତି ନିଯୁକ୍ତ

ଭୁବନେଶ୍ୱର, ୯।୯(ବ୍ୟୁରୋ)



ପ୍ରଭାତ କୁମାର ରାଉଳ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ହେଲେ ପ୍ରଫେସର ପ୍ରଭାତ କୁମାର ରାଉଳ। ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ପ୍ରଫେସର ରାଉଳଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ଯୋଗଦାନଠାରୁ ୩ବର୍ଷ ପର୍ଯ୍ୟନ୍ତ ସେ ଏହି ପଦବୀରେ ରହିବେ। ପ୍ରଫେସର ରାଉଳ ବର୍ତ୍ତମାନ ଆପିକଲର ପରିଚାଳନା ନିର୍ଦ୍ଦେଶକ ଭାବେ ଅଛନ୍ତି। ତାଙ୍କର ୨୯ବର୍ଷର ଶିକ୍ଷକତା ଅଭିଜ୍ଞତା ରହିଥିବାବେଳେ ୯ଜଣ ପିଏଚ୍.ଡି. ସ୍କଲାରଙ୍କୁ ମାର୍ଗଦର୍ଶନ ଦେଇଛନ୍ତି। ଏଥିସହ ତାଙ୍କ ରଚିତ ୨୪ଟି ପୁସ୍ତକ ପ୍ରକାଶିତ ହୋଇଛି।

ସୂଚନାଯୋଗ୍ୟ, ଓୟୁଏଟିର କୁଳପତି ପ୍ରଫେସର ପଣ୍ଡନ କୁମାର ଅଗ୍ରୱାଲ ଅବସର ନେବା ପରେ ଏହି ପଦବୀ ଖାଲି ପଡିଥିଲା। କୃଷି ଉତ୍ପାଦନ କମିଶନର ସଞ୍ଜୀବ ଚୋପ୍ରାଙ୍କୁ ଓୟୁଏଟି କୁଳପତି ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା।

# ଉନ୍ନୟନ କାର୍ଯ୍ୟ ପାଇଁ ଭିକ୍ଷା ମାଗିଲେ ସରପଞ୍ଚ

## ପ୍ରଶାସନିକ ଅବହେଳାର ଶିକାର ପେଗରପଡ଼ାବାସୀ

କେନ୍ଦ୍ରାପଡ଼ା ଅଫିସ, ୯।୯

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ପେଗରପଡା ପଞ୍ଚାୟତବାସୀ ପ୍ରଶାସନିକ ଅବହେଳାର ଶିକାର ହୋଇଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ଲୋକ ପ୍ରତିନିଧି ଉନ୍ନୟନ କାର୍ଯ୍ୟ କରିବାରେ ବାଧା ଉପୁଜୁଛି। ସରକାରୀ ଯୋଜନା ଏହି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇପାରୁନାହିଁ। ପଞ୍ଚାୟତର ଶର୍ତାବାଦ ଦାଣ୍ଡି(ରାସ୍ତା)ରେ କାଦୁଅ ଓ ପାଣି ଜମି ରହି ଦୁର୍ଗନ୍ଧ ହେଉଛି। ଏଥିସହ ରାସ୍ତାକୁ ସଂଯୋଗ କରୁଥିବା ୧ ନଂ. ଓ ୫ ନଂ. ୱାର୍ଡରେ ଥିବା ଅଧିବାସୀଙ୍କ ଘରେ ଘରେ ଥଣ୍ଡା ଓ ଜ୍ୱର ରୋଗୀ ଦେଖିବାକୁ ମିଳୁଛି। ଦାଣ୍ଡିରୁ ପାଣି ବାହାର କରି କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟ ଘରକୁ ଘର ବୁଲି ଭିକ୍ଷା ମାଗୁଛନ୍ତି। ଏହା ଗତ ଦୁଇଦିନ ଧରି କେନ୍ଦ୍ରାପଡ଼ା ଜିଲାରେ ଆଲୋଚନାର ବିଷୟ ହୋଇଛି।



ପେଗରପଡା ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ରାସ୍ତା କାମ ପାଇଁ ଗାଁରେ ଭିକ୍ଷା ମାଗୁଛନ୍ତି।

ଏ ସମ୍ପର୍କରେ ବିନୋଦ କୁମାର ସାହାଣୀ, ବିପ୍ରଚରଣ ନାୟକ, ସୌମ୍ୟରଞ୍ଜନ ପଲାଇ ପ୍ରମୁଖ କହିଛନ୍ତି, ପେଗରପଡ଼ା ପଞ୍ଚାୟତରେ ବାଲିଭାଣ୍ଡ, ପେଗରପଡା ଓ ପତ୍ରପୁର ରାଜସ୍ୱ ଗ୍ରାମ ରହିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ☞ପୃଷ୍ଠା-୫




# ୨ ବାଘ ଶିକାର ଘଟଣା ପଦାକୁ ଆସିଲା

**ନୟାଗଡ଼ ଅଫିସ/ ରଣପୁର,୯।୯(ସ୍ୱ.ପ୍ର.)**

ଖୋର୍ଦ୍ଧା ବନଖଣ୍ଡ ରଣପୁର ରେଞ୍ଜ୍‌ନୟାଗଡ଼ ଜିଲାର ଅସୁରକୁମାରୀ ଜଙ୍ଗଲରେ ୨୦୨୦ ଏପ୍ରିଲରେ ଘଟିଥିବା ୨ ବାଘ ଶିକାର ଘଟଣାର ଗୁମର ଖୋଲିଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ରଣପୁର ଥାନା ପୋଲିସ ଖୋର୍ଦ୍ଧା ବନଖଣ୍ଡର ତତ୍କାଳୀନ ଏସିଏଫ୍ ରବୀନ୍ଦ୍ର ମହାପାତ୍ର, ଭାରପ୍ରାପ୍ତ ସହକାରୀ ରେଞ୍ଜର ଶରତ ଚନ୍ଦ୍ର ଶତପଥୀ, ଫରେଷ୍ଟ ଗାର୍ଡ ରୀତା ସାହୁ, ରଣପୁର ଫରେଷ୍ଟର କୈବଲ୍ୟ ବେହେରା, ମା'ଅସୁରକୁମାରୀ ବନ ସୁରକ୍ଷା ସମିତି ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡା, ବଜ୍ରକୋଟ ଗାଁ ସଭାପତି ସୁରେଶ ଚନ୍ଦ୍ର ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଜଣଙ୍କ ନାମରେ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ବାଘ ଶିକାର ଓ ଜାଲ୍ ରିଜୋଲ୍ୟୁଶନ କରି କିପରି ଏହି ଘଟଣାକୁ ଚାପି ଦିଆଯାଇଥିଲା ସେନେଇ ଅଭିଯୋଗକାରୀ ରଣପୁର ଥାନାରେ ଅଭିଯୋଗ କରିଥିଲେ। ଏପରି କି ଏସ୍‌ପିଙ୍କୁ ମଧ୍ୟ ଅବଗତ କରାଇଥିଲେ। ହେଲେ ସେ ସମୟରେ ରଣପୁର ଥାନା ଆଇଆଇସି ଓ ନୟାଗଡ଼ ଏସ୍‌ପି ଘଟଣାକୁ ଅଣଦେଖା କରି ବନ ବିଭାଗକୁ ସୁରକ୍ଷା ଦେଇଥିବା ଅଭିଯୋଗ କରି କୋର୍ଟରେ ମାମଲା ରୁଜୁ ହୋଇଥିଲା।

ବଜ୍ରକୋଟ ଗାଁର ଲିଙ୍ଗରାଜ ସାମନ୍ତରାୟଙ୍କ ଅଭିଯୋଗ ଅନୁଯାୟୀ, ୨୦୨୦ ଏପ୍ରିଲରେ ଅସୁରକୁମାରୀ ସଂରକ୍ଷିତ ଜଙ୍ଗଲର ବଜ୍ରକୋଟ ଅଞ୍ଚଳରେ ଦୁଇଟି ବାଘକୁ ଶିକାର କରାଯାଇ ଥିଲା। ଶିକାରୀମାନେ ବନ୍ୟ ଜୀବଜନ୍ତୁଙ୍କ ଶିକାର ପାଇଁ କରିଥିବା ବିଦ୍ୟୁତ୍ ଫାଶରେ ପଡ଼ି ମା' ଓ ଛୁଆ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଶିକାରୀମାନେ ବାଘର ହାଡ଼ ଓ ଚମଡ଼ା ନେଇଯାଇଥିଲେ ମଧ୍ୟ କିଛି ଅଂଶ ରାସ୍ତାରେ ପଡ଼ି ରହିଥିଲା। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗର ନିଦ ଉଡ଼ିଯାଇଥିଲା। ପରେ ବାଘ ଶିକାର ଘଟଣାର ତଦନ୍ତ ହୋଇଥିଲା। ରଣପୁର ବନ ବିଭାଗର କର୍ମଚାରୀ ଓ ଅଧିକାରୀ ବାଘ ଶିକାର ଘଟଣାର ଖୋଳତାଡ଼ କରିଥିଲେ। ପରେ ବିଭାଗ କର୍ମଚାରୀ କିଛି ଚମଡ଼ା, ହାଡ଼ ଜବତ କରିଥିଲେ। ତେବେ ବାଘ ଶିକାର କିଏ କଲା, କାହିଁକି କଲା ତା'ର ତଦନ୍ତ ନ ହୋଇ ଉକ୍ତ ଘଟଣାକୁ ଚାପିଦେବା ପାଇଁ ଉଦ୍ୟମ ହୋଇଥିଲା। ଅସୁରକୁମାରୀ ଜଙ୍ଗଲରେ ବାଘ ନାହାନ୍ତି ବୋଲି ରିପୋର୍ଟ ଦିଆଯାଇଥିଲା।

- **ଚାପିଦେବାକୁ ଉଦ୍ୟମ କରିଥିଲା ବନ ବିଭାଗ**
- **ହାଇକୋର୍ଟ ନିର୍ଦ୍ଦେଶ ପରେ ପୋଲିସର ଭାଙ୍ଗିଲା ନିଦ**
- **ପୂର୍ବତନ ଏସିଏଫ୍, ରେଞ୍ଜରଙ୍କ ସମେତ ୧୫ ଜଣଙ୍କ ନାମରେ ମାମଲା**

ଏପରି କି କେହି ବାଘ ଚମଡ଼ା ଓ ହାଡ଼ ଆଣି ଅସୁରକୁମାରୀରେ ଫୋପାଡ଼ି ଦେଇଥିବା କୁହାଯାଇଥିଲା। ବନ ବିଭାଗକୁ ବଦନାମ୍ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଥିଲା। ଏପରି କିଛି ଦର୍ଶାଯାଇ ବଜ୍ରକୋଟ ଗାଁର ଲୋକଙ୍କଠାରୁ ସ୍ୱାକ୍ଷର ନେବା ପାଇଁ ତତ୍କାଳୀନ ଭାରପ୍ରାପ୍ତ ରେଞ୍ଜର ଓ କର୍ମଚାରୀ ଗାଁକୁ ଆସି ଲୋକଙ୍କୁ ବୁଝାଶୁଝା କରିଥିଲେ। ହେଲେ କେତେଜଣ ଲୋକ ଯୁକ୍ତି ବାଢ଼ିଥିଲେ ଅସୁରକୁମାରୀ ଜଙ୍ଗଲରେ ବାଘ ଚଳପ୍ରଚଳ ହେଉଛନ୍ତି। ସ୍ଥାନୀୟ ଲୋକେ ବାଘଙ୍କୁ ବିଭିନ୍ନ ସମୟରେ ଦେଖିଛନ୍ତି। ଏପରି କି ବାଘ ଛେଳି ଖାଇଥିବା ଲୋକେ ବିଭାଗକୁ କହିଥିଲେ। ଏହାପରେ ବିଭାଗ କର୍ମଚାରୀ ଫେରିଯାଇ ଉକ୍ତ ଘଟଣାକୁ ଲୁଚାଇବା ପାଇଁ ଯୋଜନା କରିଥିଲେ। ଏନେଇ ଲିଙ୍ଗରାଜ ଆରଟିଆଇରେ ତଥ୍ୟ ମାଗିଥିଲେ ମଧ୍ୟ ତଦନ୍ତରେ ବ୍ୟାଘାତ ସୃଷ୍ଟି ହେବା ଦର୍ଶାଇ ଜନସୂଚନା ଅଧିକାରୀ ଖୋର୍ଦ୍ଧା ଡିଏଫ୍‌ଓଙ୍କ କାର୍ଯ୍ୟାଳୟ, ଜନସୂଚନା ଅଧିକାରୀ ଜଙ୍ଗଲ ଓ ପରିବେଶ ବିଭାଗ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ପିସିଏଫ୍‌ଙ୍କୁ ସୂଚନା ଆଇନରେ ତଥ୍ୟ ମାଗିଥିଲେ। ସୂଚନା ଅଧିକାରରେ ମିଳିଥିବା ତଥ୍ୟରୁ ବାଘ ଶିକାର ଘଟଣାକୁ ଲୁଚାଯାଇଥିବା ଜଣାପଡ଼ିଥିଲା। ମା' ଅସୁରକୁମାରୀ ବନ ସୁରକ୍ଷା ସମିତି ବଜ୍ରକୋଟର ବୈଧତା ନ ଥିବାବେଳେ ଏହାର କାର୍ଯ୍ୟକାରୀ ସଭାପତି ସଦାଶିବ ଇନ୍ଦ୍ରଜିତ ଓ ସମ୍ପାଦକ ବିଜୟ କୁମାର ପରିଡ଼ା ଫେକ୍ ରିଜୋଲ୍ୟୁଶନ ତିଆରି କରି ଜଙ୍ଗଲରେ ବାଘ ନ ଥିବା ଦର୍ଶାଇଥିଲେ। ଏପରି କି କେହି ବାଘ ଶିକାର କରିବା ପରେ ଅସୁରକୁମାରୀ ଜଙ୍ଗଲରେ ଫୋପାଡ଼ି ଦେଇଛନ୍ତି। ସମ୍ପୃକ୍ତ ବ୍ୟକ୍ତି ରଣପୁର ବନ ବିଭାଗ, ବଜ୍ରକୋଟ ଗ୍ରାମବାସୀ ଓ ମା' ଅସୁରକୁମାରୀ ବନ ସୁରକ୍ଷା ସମିତିକୁ ବଦନାମ୍ କରିବାକୁ ଏପରି କରିଛନ୍ତି ବୋଲି ଦର୍ଶାଇଥିଲେ। ସେହିପରି ବାଘ ଶିକାର ନେଇ ଗାଁରେ ସଭା ନ କରି ଗାଁ ସଭାପତିଙ୍କ ଘରେ ଗୁପ୍ତ ବୈଠକ କରାଯାଇଥିଲା। ମାଛ ଭାଗବଣ୍ଟା ହେବା ବାହାନାରେ ଚଞ୍ଚକତା କରି କେତେଜଣ ଲୋକଙ୍କଠାରୁ ଦସ୍ତଖତ ନିଆଯାଇଥିଲା। ତାହାକୁ ବାଘ ଶିକାର ଫାଇଲରେ ଯୋଡ଼ି ଶୀତଳଭଣ୍ଡାରରେ ଫୋପାଡ଼ି ଦିଆଯାଇଥିଲା। ଏ ନେଇ ୨୦୨୧ ନଭେମ୍ବର ୮ରେ ରଣପୁର ଥାନା ଆଇଆଇସିଙ୍କ ନିକଟରେ ଅଭିଯୋଗ ହୋଇଥିଲା। ପରେ ୨୦୨୧ ନଭେମ୍ବର ୧୯ରେ ରେଜିଷ୍ଟ୍ରି ଡାକ ଯୋଗେ ଲିଙ୍ଗରାଜ ଏସ୍‌ପିଙ୍କୁ ମଧ୍ୟ ଅନୁରୂପ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏତଲାକୁ ପଞ୍ଜୀକୃତ କରି ନ ଥିଲା। ନ୍ୟାୟ ନ ମିଳିବାରୁ ଅଭିଯୋଗକାରୀ ହାଇକୋର୍ଟଙ୍କ ଆଶ୍ରୟ ନେଇଥିଲେ।

ଏନେଇ ଲିଙ୍ଗରାଜ ସାମନ୍ତରାୟ କୁହନ୍ତି, ବିଳମ୍ବ ହେଲେ ବି ବାଘ ଶିକାର ଘଟଣା ପଦାକୁ ଆସିଛି। ବନ ବିଭାଗର ଗୁମର ଖୋଲିବ। ବାଘ ଶିକାର ଘଟଣାରେ ଅନେକ ନିର୍ଦ୍ଦୋଷ ଲୋକଙ୍କୁ ଫସାଇ ଦିଆଯାଇଛି ବୋଲି କହିଛନ୍ତି। ସେ ଘଟଣାର ସତ୍ୟ ଉନ୍ମୋଚନ ନ ହେବା ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

## ଗୁପ୍ତାଙ୍ଗ କାଟିଦେବା ଅଭିଯୋଗରେ ମହିଳାଙ୍କୁ ୭ ବର୍ଷ ଜେଲ

**କେନ୍ଦୁଝର, ୯।୯(ସ୍ୱ.ପ୍ର.)**

ଜଣେ ବ୍ୟକ୍ତିଙ୍କ ଗୁପ୍ତାଙ୍ଗ କାଟିଦେବା ଅଭିଯୋଗରେ ଶୁକ୍ରବାର ସ୍ଥାନୀୟ ସିଜେଏମ୍ ରଞ୍ଜୁଲତା ଲେଙ୍କା ଅଭିଯୁକ୍ତ ମହିଳା କମଳା ପାତ୍ରଙ୍କୁ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ଜେଲ୍ ଦଣ୍ଡାଦେଶ ଓ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଆଉ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ନଭେମ୍ବର ୭ ତାରିଖରେ ହରିଚନ୍ଦନପୁର ଥାନା ଅନ୍ତର୍ଗତ ନୂଆଗାଁର ମହିଳା କମଳା ପାତ୍ର ପଣ୍ଡାପଡ଼ା ଥାନା ଅନ୍ତର୍ଗତ ଝାରବେଡ଼ା ଗ୍ରାମର ରାଜେନ୍ଦ୍ର ନାୟକଙ୍କୁ ସନ୍ଧ୍ୟାରେ ଘରକୁ ଡାକିଥିଲେ। ତାଙ୍କୁ ଅତ୍ୟଧିକ ମଦ ପିଆଇ ଧାରୁଆ ଅସ୍ତ୍ରରେ ତାଙ୍କର ଗୁପ୍ତାଙ୍ଗ କାଟିଦେଇଥିଲେ। ରାଜେନ୍ଦ୍ରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ହରିଚନ୍ଦନପୁର ଡାକ୍ତରଖାନା ଓ ପରେ କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଥିଲା। ରାଜେନ୍ଦ୍ରଙ୍କ ବାପା ଅଭିମନ୍ୟୁ ୮ ତାରିଖରେ ହରିଚନ୍ଦନପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ କମଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ୧୭ଜଣ ସାକ୍ଷୀ ଓ ପୋଲିସର ବୟାନକୁ ଭିତ୍ତିକରି କୋର୍ଟ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ପୀଡ଼ିତଙ୍କ ପକ୍ଷରୁ ସରକାରୀ ଓକିଲ ଅଶୋକ ଦାସ କେସ ପରିଚାଳନା କରୁଥିଲେ।

## ଉତ୍ତମ ସମାରିଟାନ ନାମ ସୁପାରିସ କରିବ ପୋଲିସ

**ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାକାରୀଙ୍କୁ ୨୦୦୦ ଟଙ୍କା ପୁରସ୍କାର**

**ଭୁବନେଶ୍ୱର, ୯।୯(ବ୍ୟୁରୋ)**

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଚାଲିଛି। ଦୁର୍ଘଟଣାଗ୍ରସ୍ତଙ୍କୁ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚାଇବାରେ ବିଳମ୍ବ ହେଉଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଛି। ଦୁର୍ଘଟଣାରେ ଆହତଙ୍କୁ ସହାୟତା କରିବା ଲାଗି ଆଗେଇ ଆସୁଥିବା ବ୍ୟକ୍ତିଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ୨୦୧୮ରେ ଉତ୍ତମ ସମାରିଟାନ ନୀତି କାର୍ଯ୍ୟକାରୀ କରିଛନ୍ତି। ଉକ୍ତ ନୀତିର ଧାରା ୨୧ ଅନୁଯାୟୀ, ହସ୍ପିଟାଲ କର୍ତ୍ତୃପକ୍ଷ, ଦୁର୍ଘଟଣାଗ୍ରସ୍ତ ରୋଗୀ ଗ୍ରହଣ କରୁଥିବା ସର୍ଜନ ସ୍ଥାନୀୟ ଆରଟିଓମାନଙ୍କୁ ପୁରସ୍କାର ପାଇଁ ନାମ ସୁପାରିସ କରିବାକୁ ଅନୁମତି ଦିଆଯାଇଥିଲା। ଅଧିକାଂଶ କ୍ଷେତ୍ରରେ ଡାକ୍ତରମାନେ ବ୍ୟସ୍ତ କାର୍ଯ୍ୟସୂଚୀ ହେତୁ ଉତ୍ତମ ସମାରିଟାନଙ୍କ ନାମ ସୁପାରିସ କରିବାକୁ ସକ୍ଷମ ହୋଇପାରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ଚିକିତ୍ସା କରୁଥିବା ଡାକ୍ତର (ଆସିଷ୍ଟାଣ୍ଟ ସର୍ଜନ)ଙ୍କ ବ୍ୟତୀତ ପୋଲିସ ଅଧିକାରୀ ଯଥା ଦୁର୍ଘଟଣାର ଅନୁସନ୍ଧାନ କରୁଥିବା ସମ୍ପୃକ୍ତ ଥାନାର ଆଇଓ, ଇଓ କିମ୍ବା ଆଇଆଇସି ସମାରିଟାନଙ୍କ ନାମ ସୁପାରିସ କରିପାରିବେ। ଏହାଦ୍ୱାରା ଅଧିକ ସଂଖ୍ୟକ ସମାରିଟାନମାନଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇପାରିବ। ଏସ୍‌ଟିଏର ଏହି ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି। ଉକ୍ତ ନୀତିର-୨୧ ଧାରାକୁ ସଂଶୋଧନ କରାଯାଇଛି।

ସଡ଼କ ଦୁର୍ଘଟଣାର ପ୍ରଥମ ଏକଘଣ୍ଟା ହେଉଛି 'ଗୋଲ୍‌ଡେନ୍ ଆୱାର'। ଏହି ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଗଲେ ସଡ଼କ ଦୁର୍ଘଟଣାର ମୃତ୍ୟୁ ୫୦%କୁ ହ୍ରାସ କରାଯାଇପାରିବ। ଏହି ନୀତି ଅନୁଯାୟୀ, ଉତ୍ତମ ସମାରିଟାନ ବା ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ପୁରସ୍କାର ଦେବା ବ୍ୟବସ୍ଥା ରହିଛି। ଉତ୍ତମ ସମାରିଟାନଙ୍କୁ ପୁରସ୍କୃତ କରିବା ପାଇଁ ଆର୍ଥିକ ସହାୟତା ସୁପାରିସ କରାଯାଏ। ଜଣେ ବ୍ୟକ୍ତି କିମ୍ବା ବ୍ୟକ୍ତିଙ୍କୁ ୨୦୦୦ ଟଙ୍କା ନଗଦ ପୁରସ୍କାର ପ୍ରୋତ୍ସାହନ ରାଶି ଭାବେ ଦିଆଯିବା ବ୍ୟବସ୍ଥା ରହିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକ୍‌ମେଲିଂ

**ବଲାଙ୍ଗୀର ଅଫିସ,୯।୯**

ଘର ଭଡ଼ାଦେବା ପରେ ବଲାଙ୍ଗୀର ସହରର ଜଣେ ଅବସରପ୍ରାପ୍ତ ଶିକ୍ଷକ(୬୫) ଲୁଟ୍‌ର ଶିକାର ହୋଇଛନ୍ତି। ଭଉଣୀ, ଭାଇ ପରିଚୟ ଦେଇ ଘରଭଡା ନେଇଥିବା ୨ଜଣ ଯୁବତୀ ଯୁବକ ମୃଦୁ ପାନୀୟରେ ନିଶା ମିଶାଇ ସମ୍ପୃକ୍ତ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅଚେତ କରିବା ପରେ ତାଙ୍କ ସହ ଅଶ୍ଳୀଳ ଫଟୋ ଉଠାଇଥିଲେ। ପରେ ତାଙ୍କୁ ବ୍ଲାକ୍‌ମେଲିଂ କରି ୩ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଅବସରପ୍ରାପ୍ତ ଶିକ୍ଷକ ଜଣକ ମାନସିକ ଚାପରେ ରହିଥିବା ପରିବାର ଲୋକେ ଜାଣିବା ପରେ ପୋଲିସ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଟାଉନ୍ ଥାନାରେ ଅଭିଯୋଗ ପରେ ପୋଲିସ ଏହି ଘଟଣାରେ ସୁବର୍ଣ୍ଣପୁର ଜିଲା ତରଭା ଅଞ୍ଚଳର ଜଣେ ଯୁବତୀ ଓ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଘଟଣାଟି ସହରରେ ଚର୍ଚ୍ଚାର ବିଷୟ ହୋଇଛି।

- **୩ ଲକ୍ଷ ଟଙ୍କା ଲୁଟି ନେଲେ ଭଡ଼ାଟିଆ**
- **ମୃଦୁ ପାନୀୟରେ ମିଶାଇଥିଲେ ନିଶା**
- **ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ**
- **ଭଡ଼ା ରହୁଥିବା ଯୁବତୀ,ଯୁବକ ଅଟକ**

ବଲାଙ୍ଗୀର ସାଗରପଡା ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଜଣକ କିଛିଦିନ ପୂର୍ବରୁ ନିଜ ଘର ଭଡାରେ ଦେବାକୁ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ। ଏହାର କିଛିଦିନ ପରେ ଜଣେ ଯୁବକ ତାଙ୍କୁ ଯୋଗାଯୋଗ କରିଥିଲେ। ଗତ ଅଗଷ୍ଟ ୫ରେ ଯୁବତୀ ଯୁବକ ନିଜକୁ ଭଉଣୀ,ଭାଇ ଦର୍ଶାଇ ଘରଭଡା ନେବାକୁ ଆସିଥିଲେ। ଘରଭଡା ବାବଦରେ ବୁଝାଶୁଝା କରିବା ପରେ ସେମାନେ ସେଠାରେ ରହିଥିଲେ। ଅଗଷ୍ଟ ୯ରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ମୃଦୁ ପାନୀୟ ପିଇବାକୁ ସମ୍ପୃକ୍ତ ଯୁବକ ଜଣକ ଅନୁରୋଧ କରିଥିଲେ। ମୃଦୁ ପାନୀୟ ପିଇବା ପରେ ସେ ଚେତା ହରାଇଥିଲେ। ଏହାପରେ ନିଶାସକ୍ତ ଘରମାଲିକଙ୍କୁ ଉଲଗ୍ନ କରି ସମ୍ପୃକ୍ତ ଯୁବତୀଙ୍କ ସହ ଆପତ୍ତିଜନକ ଫଟୋ ଉଠାଇଥିଲେ ସମ୍ପୃକ୍ତ ଯୁବକ। ନିଶା ଛାଡିବା ପରେ ଘରମାଲିକଙ୍କୁ ଉକ୍ତ ଫଟୋ ଦେଖାଇ ବ୍ଲାକ୍‌ମେଲିଂ ଆରମ୍ଭ କରି ଟଙ୍କା ମାଗିଥିଲେ। ଏଥିରେ ଭୟଭୀତ ହୋଇ ଘରମାଲିକ ପ୍ରଥମେ ୪୦ ହଜାର ଟଙ୍କା ଦେଇଥିଲେ। ଏହାପରେ ୨ ଲକ୍ଷ ଟଙ୍କା ଏବଂ ତୃତୀୟ ପର୍ଯ୍ୟାୟରେ ୬୦ ହଜାର ଏଭଳି ୩ଲକ୍ଷ ଟଙ୍କା ଦେଇଥିବା ସେ ଅଭିଯୋଗ କରିଛନ୍ତି। ୩ଲକ୍ଷ ଟଙ୍କା ଲୁଟିବା ପରେ ସେମାନେ ଆହୁରି ଟଙ୍କା ଦାବି କରିଥିଲେ। ଶିକ୍ଷକ ଜଣକ ଘରେ ମାନସିକ ଚାପରେ ରହୁଥିବା ଦେଖି ପରିବାର ଲୋକେ ତାଙ୍କୁ ପ୍ରଶ୍ନ କରିଥିଲେ। ସେ ବ୍ଲାକ୍‌ମେଲିଂର ଶିକାର ହୋଇଥିବା କହିବା ପରେ ପରିବାର ଲୋକେ ସମ୍ପୃକ୍ତ ଯୁବତୀ ଓ ଯୁବକଙ୍କୁ ଘରୁ ବାହାରି ଯିବାକୁ କହିଥିଲେ। ତେବେ ସେଇ ଯୁବତୀ ଓ ଯୁବକ ସେଠାରେ ପାଟିତୁଣ୍ଡ କରି ଘର ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିଥିଲେ। ଏହାପରେ ଘର ମାଲିକଙ୍କ ପରିବାର ଶୁକ୍ରବାର ଟାଉନ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ ପରେ ଟାଉନ ପୋଲିସ ତରଭା ଅଞ୍ଚଳର ଯୁବତୀ ଓ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ ହୋଇଛି ବୋଲି ଟାଉନ ଥାନାଧିକାରୀ ପ୍ରିୟଙ୍କା ରାଉତରାୟ କହିଛନ୍ତି।





**ଜୟ ଅନୁସନ୍ଧାନ**

**ପ୍ରତିଭାକୁ ନବୋନ୍ମେଷ ଓ ଅବସର ସହ ଯୋଡ଼ି ଆଗକୁ ବଢ଼ୁଛି ଦେଶ**

- **ଅଟଳ ଇନୋଭେସନ ମିଶନ: ୧୦ ହଜାରରୁ ଅଧିକ ଅଟଳ ଟିଙ୍କରିଂ ଲ୍ୟାବ ସହ ଯୋଡ଼ି ହୋଇଛନ୍ତି ୭୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ**
- ଦେଶରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ଗବେଷଣା ଏବଂ ଇନୋଭେସନ ଜରିଆରେ ଉନ୍ନତ ପ୍ରତିଭାମାନଙ୍କୁ ଯୋଡ଼ିବା ଲାଗି **ପିଏମ ରିସର୍ଚ୍ଚ ଫେଲୋଶିପ** ବା ରିସର୍ଚ୍ଚ ଅନୁଦାନ ଆକାରରେ ୫୦ ଲକ୍ଷରୁ ଅଧିକ ଅର୍ଥରାଶି
- ଦେଶରେ ବିଶ୍ୱର ଅଗ୍ରଣୀ ଷ୍ଟାର୍ଟଅପ ଇକୋସିଷ୍ଟମ ନିର୍ମାଣ, ଆଜି ଭାରତରେ **୧୦୭ରୁ ଅଧିକ ୟୁନିକର୍ଣ୍ଣ** ଏବଂ **୭୭,୦୦୦ରୁ ଅଧିକ ଷ୍ଟାର୍ଟଅପ**
- ଜ୍ଞାନକୌଶଳ ଏବଂ ସେବା ଆଧାରିତ ଇନୋଭେସନ ଉପରେ ଗୁରୁତ୍ୱ, ଛଅ ବର୍ଷ ମଧ୍ୟରେ ଦେଶ ଗ୍ଲୋବାଲ ଇନୋଭେସନ ଇଣ୍ଡେକ୍ସରେ **୮୧ତମ** ସ୍ଥାନରୁ ଉଠି **୪୬ତମ** ସ୍ଥାନରେ ପହଞ୍ଚିଛି
- ଗତ ୭ ବର୍ଷ ମଧ୍ୟରେ **ପ୍ୟାଟେଣ୍ଟ ପଞ୍ଜୀକରଣରେ ରେକର୍ଡ ୫୦% ବୃଦ୍ଧି** । ୨୦୧୪-୧୫ରେ ୪୨,୭୦୦ ତୁଳନାରେ ୨୦୨୧-୨୨ରେ ୬୬,୪୦୦ ପ୍ୟାଟେଣ୍ଟ ଫାଇଲ
- ପ୍ରଯୁକ୍ତି ମାଧ୍ୟମରେ ଜନସାଧାରଣଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଲାଗି ପ୍ରଗତିଶୀଳ **ଡ୍ରୋନ ପଲିସି**, ଘରୋଇ କ୍ଷେତ୍ରର ସହଭାଗିତାକୁ ଅନୁମତି ଦେଇ **ମହାକାଶ କ୍ଷେତ୍ରର** ସୁଦୃଢ଼ୀକରଣ

"ଆଜି ଦେଶ ପ୍ରଯୁକ୍ତି, ଗବେଷଣା ଏବଂ ଇନୋଭେସନ ଭଳି ଅନେକ କ୍ଷେତ୍ରରେ ଅଭୂତପୂର୍ବ ଦୃଢ଼ତା ସହିତ ଆଗକୁ ବଢ଼ୁଛି ।"
– ନରେନ୍ଦ୍ର ମୋଦି

cbc 22201/13/0115/2223

ବିଜ୍ଞାନ ଏବଂ ନବୋନ୍ମେଷ ଇକୋସିଷ୍ଟମକୁ ପ୍ରୋତ୍ସାହନ ଦେବା ସହିତ ପ୍ରଥମ ଥର ପାଇଁ **'କେନ୍ଦ୍ର-ରାଜ୍ୟ ବିଜ୍ଞାନ କନକ୍ଲେଭ'**କୁ ଉଦ୍‌ଘାଟନ କରିବେ **ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି**, ୧୦ ସେପ୍ଟେମ୍ବର, ସକାଳ: ୧୦.୩୦, (ଭିଡିଓ କନଫରେନ୍ସିଂ ଜରିଆରେ)

## ଗଣେଶ ଭସାଣି ବେଳେ ୬ ମୃତ

ଚଣ୍ଡିଗଡ଼,୯।୯: ହରିୟାଣାର ମହେନ୍ଦ୍ରଗଡ଼ ଓ ସୋନିପତ୍ ଜିଲାରେ ଶୁକ୍ରବାର ସନ୍ଧ୍ୟାରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ପାଣିରେ ବୁଡ଼ି ୬ ଜଣଙ୍କ ମୃତ୍ୟୁ ଘଟିଛି। ମହେନ୍ଦ୍ରଗଡ଼ର ଏକ କେନାଲରେ ୭ ଫୁଟ୍ ଉଚ୍ଚର ମୂର୍ତ୍ତି ବିସର୍ଜନ ବେଳେ ପ୍ରବଳ ସ୍ରୋତରେ ୯ ଜଣ ଯୁବକ ଭାସିଯାଇଥିଲେ। ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ସୋନିପତ୍ ଜିଲାର ଯମୁନା ନଦୀରେ ବୁଡ଼ି ୨ ଜଣ ପ୍ରାଣ ହରାଇଛନ୍ତି।

## ସଂକ୍ଷେପରେ

### ସବୁ କୋଭିଡ୍ ଷ୍ଟ୍ରେନ୍‌ର ଚିକିତ୍ସା ପାଇଁ ୨ ଆଣ୍ଟିବଡି ଚିହ୍ନଟ

ଜେରୁଜେଲମ,୯।୯: ଓମିକ୍ରନ୍ ସମେତ କୋଭିଡ୍-୧୯ର ସମସ୍ତ ଷ୍ଟ୍ରେନ୍ ବିରୋଧରେ ଲଢ଼ିବା ପାଇଁ ଦୁଇଟି ଆଣ୍ଟିବଡି ଇସ୍ରାଏଲ୍‌ରେ ଚିହ୍ନଟ ହୋଇଛି। ଏହା ୯୫ ପ୍ରତିଶତ ଫଳପ୍ରଦ ହୋଇପାରିବ ବୋଲି ବୈଜ୍ଞାନିକମାନେ କହିଛନ୍ତି। ତେଲ୍ ଆଭିଭ୍ ୟୁନିଭର୍ସିଟିର ଏକ ଟିମ୍ ଗବେଷଣାରୁ ଜାଣିବାକୁ ପାଇଛନ୍ତି, ଆଣ୍ଟିବଡି ପଦ୍ଧତିରେ କୋଭିଡ୍ ଚିକିତ୍ସା କରାଯାଇପାରିବ। ଆଣ୍ଟିବଡିକୁ ଶରୀରରେ ପ୍ରବେଶ କରାଇଲେ, ତାହା ଟିକାର ପ୍ରଭାବୀ ବିକଳ୍ପ ଭାବେ କାର୍ଯ୍ୟ କରିବ। ଅନ୍ୟାନ୍ୟ ରୋଗ କିମ୍ବା ଦୁର୍ବଳ ରୋଗ ପ୍ରତିରୋଧକ ଶକ୍ତି ଥିବା ଲୋକଙ୍କ କ୍ଷେତ୍ରରେ ଏହାକୁ ବିକଳ୍ପ ଚିକିତ୍ସା ପଦ୍ଧତି ଭାବେ ବ୍ୟବହାର କରାଯାଇପାରିବ ବୋଲି ବୈଜ୍ଞାନିକମାନଙ୍କ ଟିମ୍ ଦାବି କରିଛି।

### ଅଷ୍ଟ୍ରିଆର ଭୋଲ୍‌କର ମାନବାଧିକାରର ନୂଆ ମୁଖ୍ୟ



ଜାତିସଂଘ,୯।୯: ଅଷ୍ଟ୍ରିଆର ଭୋଲ୍‌କର ଟର୍କଙ୍କୁ ଜାତିସଂଘ ମାନବାଧିକାରର ନୂଆ ହାଇକମିଶନର ଭାବେ ନିଯୁକ୍ତି ମିଳିଛି। ଚିଲିର ମିଚେଲେ ବଚେଲେଟ୍‌ଙ୍କ ସ୍ଥାନରେ ଟର୍କଙ୍କୁ ପରବର୍ତ୍ତୀ ମାନବାଧିକାର ହାଇକମିଶନର ଭାବେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ମନୋନୀତ କରିଥିବାବେଳେ ଗୁରୁବାର ଜାତସଂଘ ସାଧାରଣ ସଭା ଏହାକୁ ଅନୁମୋଦନ କରିଛି। ବଚେଲେଟ୍‌ଙ୍କ ୪ ବର୍ଷୀୟା କାର୍ଯ୍ୟକାଳ ଅଗଷ୍ଟ ୩୧ରେ ଶେଷ ହୋଇଛି। ଚାଇନାରେ ଉଇଘୁର ଓ ଅନ୍ୟ ମୁସ୍‌ଲିମ୍ ଗୋଷ୍ଠୀଙ୍କୁ ଅଟକ ରଖାଯିବା ସମ୍ପର୍କରେ ତାଙ୍କ ରିପୋର୍ଟକୁ ନେଇ ବିବାଦ ଦେଖାଦେଇଥିଲା। ରିପୋର୍ଟରେ ଜାଲିଆତି ହେବା ସହ ଜାତିସଂଘ ମାନବାଧିକାର କାର୍ଯ୍ୟାଳୟକୁ ପାଶ୍ଚାତ୍ୟ ରାଷ୍ଟ୍ର ବ୍ୟବହାର କରୁଥିବା ବେଜିଂ ଅଭିଯୋଗ କରିଥିଲା। ନୂଆ ହାଇକମିଶନର ମଧ୍ୟ ମାନବାଧିକାର କର୍ମୀମାନଙ୍କଠାରୁ ଚାପର ସମ୍ମୁଖୀନ ହୋଇପାରନ୍ତି ବୋଲି ଆଶା କରାଯାଉଛି।

### ପ୍ରମିଳା ଜୟପାଲଙ୍କୁ ଭାରତ ଫେରିଯିବାକୁ ଧମକ



ୱାଶିଂଟନ,୯।୯: ଆମେରିକା କଂଗ୍ରେସ ସଦସ୍ୟା ପ୍ରମିଳା ଜୟପାଲଙ୍କୁ କେହି ଅଜଣା ବ୍ୟକ୍ତି ଫୋନ୍‌ରେ ଗାଳିଗୁଲଜ କରିବା ସହ ଭାରତ ଫେରିଯିବା ଲାଗି ଧମକ ଦେଇଛନ୍ତି। ଚେନ୍ନାଇ ଜନ୍ମିତ ଜୟପାଲ ଗୁରୁବାର ଏଭଳି ୫ଟି ଅଡିଓ ମେସେଜ୍ ପୋଷ୍ଟ କରିଛନ୍ତି। ପ୍ରତ୍ୟେକ ବାର୍ତ୍ତାରେ ଅଶ୍ଳୀଳ ଗାଳିଗୁଲଜ ଥିବାରୁ ତାହାକୁ କାଟିଦିଆଯାଇଛି। ବ୍ୟକ୍ତିଜଣକ ପରିଣାମ ଭୟାବହ ହେବ ବୋଲି ଧମକ ଦେଇଥିବା ଜଣାପଡ଼ିଛି। ଏଥିସହିତ କଂଗ୍ରେସ ସଦସ୍ୟା ତାଙ୍କ ମୂଳ ଦେଶ ଭାରତ ଚାଲିଯିବାକୁ କୁହାଯାଇଛି।



କାଲିଫର୍ନିଆ ଜଙ୍ଗଲ ନିଆଁ ବ୍ୟାପକ ଅଞ୍ଚଳକୁ ବ୍ୟାପି ଥିବାବେଳେ ପାର୍ବତ୍ୟାଞ୍ଚଳ ଅଧିବାସୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି।

# ସିଦ୍ଦିକି କାପ୍ପାନଙ୍କୁ ଜାମିନ

## ଅଭିବ୍ୟକ୍ତି ସ୍ୱାଧୀନତା ପ୍ରତ୍ୟେକଙ୍କର ରହିଛି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୯

ଉତ୍ତରପ୍ରଦେଶରେ ପ୍ରାୟ ୨ ବର୍ଷ ହେଲା ଜେଲ୍‌ରେ ଥିବା କେରଳ ସାମ୍ବାଦିକ ସିଦ୍ଦିକି କାପ୍ପାନଙ୍କୁ ସୁପ୍ରିମକୋର୍ଟ ଶୁକ୍ରବାର ଜାମିନ ମଞ୍ଜୁର କରିଛନ୍ତି। ଅଭିବ୍ୟକ୍ତି ସ୍ୱାଧୀନତା ପ୍ରତ୍ୟେକଙ୍କର ରହିଥିବା ସର୍ବୋଚ୍ଚ ଅଦାଲତ ଏହି ଅବସରରେ କହିଛନ୍ତି। ଉତ୍ତରପ୍ରଦେଶର ହାଥରାସରେ ଜଣେ ୧୯ ବର୍ଷୀୟା ଯୁବତୀ ଗଣବଳାତ୍କାର ଓ ହତ୍ୟା ମାମଲାର ଖବର ସଂଗ୍ରହ କରିବା ପାଇଁ ଯାଉଥିବାବେଳେ ବାଟରେ ପୋଲିସ କାପ୍ପାନଙ୍କୁ ଗିରଫ କରିଥିଲା। ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଅଭିଯୋଗରେ ତାଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ (ୟୁଏପିଏ)ରେ ମାମଲା ରୁଜୁ ହୋଇଥିଲା। ଆଗାମୀ ୬ ସପ୍ତାହ ପାଇଁ କାପ୍ପାନ ଦିଲ୍ଲୀ ପୋଲିସ ନିକଟରେ ରିପୋର୍ଟ କରିବେ। ତାଙ୍କୁ ୩ ଦିନରେ ତଳକୋର୍ଟରେ ହାଜର କରିବା ସହ ପାସ୍‌ପୋର୍ଟ ଦାଖଲ ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ହାଥରାସରେ ଆଇନ ଶୃଙ୍ଖଳା ସୃଷ୍ଟି ଉଦ୍ୟମ କରୁଥିବା ଅଭିଯୋଗରେ ୟୁପି ପୋଲିସ ମାଲୟାଲମ ନ୍ୟୁଜ୍ ପୋର୍ଟାଲ



ଆଝିମୁଖମ୍‌ର ଖବରଦାତା କାପ୍ପାନଙ୍କୁ ଗିରଫ କରିଥିଲା। ତାଙ୍କର ପପୁଲାର ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଫ୍‌ଆଇ) ସହ ସମ୍ପୃକ୍ତି ଥିବା ପୋଲିସ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ତାଙ୍କୁ ଜାଣିଶୁଣି ଫସାଇ ଦିଆଯାଇଥିବା ଖବରଦାତା ଅଭିଯୋଗ କରିଥିଲେ।

# ୧୨ରେ ଲଦାଖରୁ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର

## ଆଗୁଆ ଘାଟିରେ ନିର୍ମାଣ ହେବ ହେଲିପ୍ୟାଡ୍

ନୂଆଦିଲ୍ଲୀ,୯।୯

ପୂର୍ବ ଲଦାଖର ଗୋଗ୍ରା-ହଟ୍ ସ୍ପ୍ରିଙ୍ଗ୍ ଅଞ୍ଚଳ (ପିପି-୧୫)ରୁ ଭାରତ ଓ ଚାଇନା ସେମାନଙ୍କ ସୈନ୍ୟ ପ୍ରତ୍ୟାହାର ଆରମ୍ଭ କରିଛନ୍ତି। ୧୨ ତାରିଖ ସୁଦ୍ଧା ସେନା ପ୍ରତ୍ୟାହାର ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି, ଉଭୟ ପକ୍ଷ ଦ୍ୱାରା ଉକ୍ତ ଅଞ୍ଚଳରେ ନିର୍ମାଣ ହୋଇଥିବା ଅସ୍ଥାୟୀ ଢାଞ୍ଚାଗୁଡ଼ିକୁ ଭାଙ୍ଗିଦିଆଯିବ ସହ ଯାଞ୍ଚ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର କୁହାଯାଇଛି। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି)ରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଅନ୍ୟାନ୍ୟ ପ୍ରସଙ୍ଗର ସମାଧାନ ପାଇଁ ଉଭୟ ପକ୍ଷ ରାଜି ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଚୁକ୍ତିନାମା ଅନୁଯାୟୀ ଏଲ୍ଏସି ଅଞ୍ଚଳରେ ଉଭୟ ଦେଶର ସୈନ୍ୟ କଡ଼ାକଡ଼ି ନଜର ରଖିବେ ଓ ଏହାକୁ ସମ୍ମାନ ଦେବେ। ସ୍ଥିତାବସ୍ଥାରେ ଏକପାଖିଆ ପରିବର୍ତ୍ତନ କରାଯାଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି।

୨୦୨୦ ଏପ୍ରିଲ୍-ମେ'ରେ ଚାଇନା ସୈନ୍ୟ ପୂର୍ବ ଲଦାଖର ଏକାଧିକ ସ୍ଥାନରେ ଜବରଦସ୍ତ ଅନୁପ୍ରବେଶ କରିବାରୁ ଉଭୟ ସେନା ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି



ହୋଇଥିଲା। ଚାଇନା ସୈନ୍ୟ ଉକ୍ତ ପୂର୍ବ ଲଦାଖର ଫିଙ୍ଗର ଅଞ୍ଚଳ, ଗଲୱାନ ଭ୍ୟାଲି, ହଟ୍ ସ୍ପ୍ରିଂ ଏବଂ କଙ୍ଗରୁଙ୍ଗ ନାଲା ଅଞ୍ଚଳରେ ପ୍ରବେଶ କରିଥିଲେ। ଦୀର୍ଘଦିନର ମୁହାଁମୁହିଁ ସ୍ଥିତି ପରେ ୨୦୨୦ ଜୁନ୍‌ରେ ଗଲୱାନ ଉପତ୍ୟକାରେ ଚାଇନା ଓ ଭାରତୀୟ ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ଭାରତର ୨୦ ସୈନ୍ୟ ନିହତ ହୋଇଥିବାବେଳେ ଚାଇନାର ୪୦ରୁ ଊର୍ଦ୍ଧ୍ୱ ସୈନ୍ୟ ମୃତାହତ ହୋଇଥିଲେ। ଏହା ପରେ ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଏକାଧିକ ପର୍ଯ୍ୟାୟ ଆଲୋଚନା ହୋଇ ପଙ୍ଗଓଙ୍ଗ ସୋ'ର ଉତ୍ତର ଓ ଦକ୍ଷିଣ ପାର୍ଶ୍ୱ ଏବଂ ଗଲୱାନର କେତେକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହୋଇଥିଲା।

ଚାଇନା ଏହା ପାର୍ଶ୍ୱରେ ଭିତ୍ତିଭୂମିର ଯଥେଷ୍ଟ ଉନ୍ନତି କରିଥିବାବେଳେ ଭାରତ ମଧ୍ୟ ନିଜ ପାର୍ଶ୍ୱରେ ଭିତ୍ତିଭୂମି ସୁଦୃଢ଼ କରିବାକୁ ଯୋଜନା କରିଛି। ଅରୁଣାଚଳପ୍ରଦେଶ ଅନ୍ତର୍ଗତ ଏଲ୍ଏସିର ସମସ୍ତ ଫରୱାର୍ଡ ପୋଷ୍ଟରେ ବୃହତ୍ ହେଲିପ୍ୟାଡ୍ ନିର୍ମାଣ ଲାଗି ସରକାର ନିଷ୍ପତ୍ତି ନେଇଥିବା ଜଣେ ବରିଷ୍ଠ ସାମରିକ ଅଧିକାରୀ ବ୍ରିଗେଡିୟର ଟି.ଏମ୍. ସିହ୍ନା ସୂଚନା ଦେଇଛନ୍ତି। ଏହାଦ୍ୱାରା ସୀମାନ୍ତକୁ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ପରିବହନ ସହଜ ହୋଇପାରିବ। ପ୍ରତି ଫରୱାର୍ଡ ପୋଷ୍ଟ ଏବଂ ସେନା ୟୁନିଟ୍‌କୁ ଅପ୍ଟିକାଲ ଫାଇବର ନେଟ୍‌ୱାର୍କରେ ସଂଯୋଗ କରାଯିବ। ସମସ୍ତଙ୍କ ପାଇଁ ଅଲଗା ସାଟେଲାଇଟ୍ ଟର୍ମିନାଲ ରହିବ। ପ୍ରକୃତ ନିୟନ୍ତ୍ରଣ ରେଖାରେ ଚାଇନା ସୈନ୍ୟଙ୍କ ଗତିବିଧି ଉପରେ ନଜର ରଖିବା ଲାଗି ଭାରତ ଆଗୁଆ ଘାଟିଗୁଡ଼ିକରେ ସ୍ୱଦେଶୀ ନିର୍ମିତ ରିମୋଟ ପାଇଲଟ୍ ଏୟାରକ୍ରାଫ୍ଟ 'ସ୍ୱିଚ୍'କୁ ନିୟୋଜିତ କରିଛି।

## ୨ ସପ୍ତାହରେ ସତ୍ୟପାଠ ଦାଖଲ ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ

### ଉପାସନା ସ୍ଥଳ ଆଇନର ବ୍ୟବସ୍ଥାକୁ ଚ୍ୟାଲେଞ୍ଜ



ନୂଆଦିଲ୍ଲୀ,୯।୯

ଉପାସନା ସ୍ଥଳ ଆଇନରେ ଥିବା କେତେକ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ କରି ଗତବର୍ଷ ମାର୍ଚ୍ଚରେ ସୁପ୍ରିମକୋର୍ଟରେ ଦାଏର ପିଟିଶନ ଉପରେ କେନ୍ଦ୍ର ସରକାରଙ୍କୁ ଜବାବ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏପର୍ଯ୍ୟନ୍ତ ସରକାର ଜବାବ ଦାଖଲ କରି ନ ଥିବାରୁ ପ୍ରଧାନ ବିଚାରପତି ଉଦୟ ଉମେଶ ଲଳିତଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ଶୁକ୍ରବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସରକାର କେବେ ଜବାବ ଦାଖଲ କରିବେ ବୋଲି ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ପ୍ରଶ୍ନ କରିଥିଲେ। ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ଜରିଆରେ ଜବାବ ଦାଖଲ କରିବା ଲାଗି କେନ୍ଦ୍ର ସରକାର ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟଙ୍କ ପିଟିଶନ ଉପରେ ସୁପ୍ରିମକୋର୍ଟ କେନ୍ଦ୍ରକୁ ନୋଟିସ ଜାରି କରିଥିଲେ।

## ନୂପୁର ଶର୍ମାଙ୍କ ଗିରଫଦାରି ଆବେଦନ: ହସ୍ତକ୍ଷେପ କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୯।୯(ପି.ଟି.)

ଟିଭି ବିତର୍କରେ ପ୍ରଫେଟ୍ ମହମ୍ମଦଙ୍କ ସମ୍ପର୍କରେ ବିବାଦୀୟ ମନ୍ତବ୍ୟ ଦେଇଥିବା ଭାଜପାର ନିଲମ୍ବିତ ମୁଖପାତ୍ର ନୂପୁର ଶର୍ମାଙ୍କୁ ଗିରଫ ଲାଗି ହୋଇଥିବା ଆବେଦନକୁ ଶୁଣାଣି ପାଇଁ ସୁପ୍ରିମକୋର୍ଟ ଗ୍ରହଣ କରିନାହାନ୍ତି। ଏଭଳି ମାମଲାରେ ରାୟ ଦେଲାବେଳେ ଅଦାଲତଗୁଡ଼ିକ ସତର୍କତାର ସହ ଚିନ୍ତା କରିବା ଆବଶ୍ୟକ ବୋଲି ପ୍ରଧାନ ବିଚାରପତି ୟୁ.ୟୁ.ଲଳିତ, ଜଷ୍ଟିସ ଏସ୍. ରବୀନ୍ଦ୍ର ଭଟ୍ଟ ଏବଂ ପି.ଏସ୍. ନରସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ପିଟିଶନ ଫେରାଇ ନେବା ଲାଗି ଖଣ୍ଡପୀଠ ଆବେଦନକାରୀଙ୍କୁ କହିଥିଲେ। ଆବେଦନ ପ୍ରତ୍ୟାହୃତ ହେବା ପରେ ମାମଲା ଖାରଜ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଗତ ମେ' ୨୬ରେ ଏକ ଟିଭି ଚ୍ୟାନେଲରେ ନୂପୁରଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ସାରା ଦେଶ ସମେତ ଉପସାଗରୀୟ ଦେଶଗୁଡ଼ିକରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଭାଜପା ତୁରନ୍ତ ନୂପୁରଙ୍କୁ ଦଳରୁ ନିଲମ୍ବନ କରିଥିଲା। ମାମଲାର ନିରପେକ୍ଷ ଓ ବିଶ୍ୱସନୀୟ ତଦନ୍ତ ଲାଗି ନିର୍ଦ୍ଦେଶ ଦେବାକୁ ଆଇନଜୀବୀ ଅବୁ ସୋହେଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ।

## ୨୦୨୫ ସୁଦ୍ଧା ଯକ୍ଷ୍ମା ମୂଳୋତ୍ପାଟନ ଲକ୍ଷ୍ୟ

### ଅଭିଯାନ ଶୁଭାରମ୍ଭ କଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୯।୯

୨୦୨୫ ସୁଦ୍ଧା ଦେଶରୁ ଯକ୍ଷ୍ମା (ଟିବି) ମୂଳୋତ୍ପାଟନ ଲାଗି ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁକ୍ରବାର ଯକ୍ଷ୍ମା ନିରୋଧୀ ଅଭିଯାନର ଶୁଭାରମ୍ଭ କରିବା ସହ ଲକ୍ଷ୍ୟ ହାସଲ ଲାଗି ସମସ୍ତେ ଏକାଠି କାମ କରିବାକୁ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ସ୍ୱାର୍ଥରେ କଲ୍ୟାଣକାରୀ ଯୋଜନା ଯେତେବେଳେ କାର୍ଯ୍ୟକାରୀ ହୁଏ, ଏହାର ସଫଳତା ବହୁଗୁଣିତ ହେବାର ସୁଯୋଗ ରହିଥାଏ ବୋଲି 'ପ୍ରଧାନମନ୍ତ୍ରୀ ଟିବି ମୁକ୍ତ ଭାରତ ଅଭିଯାନ' ଶୁଭାରମ୍ଭ କରିବା ଅବସରରେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯକ୍ଷ୍ମା ନିରୋଧୀ ଅଭିଯାନର ଶୁଭାରମ୍ଭ କରୁଛନ୍ତି। ପାଖରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଉପସ୍ଥିତ ଅଛନ୍ତି।

ରାଷ୍ଟ୍ରପତି କହିଛନ୍ତି। ଏହା ବ୍ୟତୀତ ଟିବି ରୋଗୀଙ୍କ ଅତିରିକ୍ତ ନିଦାନ, ପୌଷ୍ଟିକତା ଏବଂ ଧନ୍ଦାମୂଳକ ସହାୟତା ପାଇଁ ରାଷ୍ଟ୍ରପତି ନିକ୍ଷୟ ମିତ୍ର ଇନିସିଏଟିଭ୍‌ର ଶୁଭାରମ୍ଭ କରିଛନ୍ତି। ସେମାନଙ୍କ ଆରୋଗ୍ୟରେ ସହାୟତାର ହାତ ବଢ଼ାଇବା ପାଇଁ ନିର୍ବାଚିତ ପ୍ରତିନିଧି, କର୍ପୋରେଟ, ଏନ୍‌ଜିଓ ଏବଂ ବ୍ୟକ୍ତିବିଶେଷଙ୍କୁ ପ୍ରୋତ୍ସାହିତ କରାଯିବ। ଯକ୍ଷ୍ମା ରୋଗୀଙ୍କ ଚିକିତ୍ସାରେ ଉନ୍ନତି ପାଇଁ ନିକ୍ଷୟ ୨.୦ ପୋର୍ଟାଲ ଅତିରିକ୍ତ ସୁବିଧା ଯୋଗାଇବ। ଯକ୍ଷ୍ମାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ ଅବସରରେ ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଡ. ଭାରତୀ ପ୍ରବୀଣ ପାୱାର, ଅନ୍ୟ କେନ୍ଦ୍ରମନ୍ତ୍ରୀ, ରାଜ୍ୟପାଳ, ଉପରାଜ୍ୟପାଳ ଏବଂ ରାଜ୍ୟର ସ୍ୱାସ୍ଥ୍ୟମନ୍ତ୍ରୀମାନେ ଯୋଗଦେଇଥିଲେ।

## ହିମନ୍ତ ବିଶ୍ୱଶର୍ମାଙ୍କ ମାଇକ ଛଡ଼ାଇନେଲେ



ହାଇଦ୍ରାବାଦ,୯।୯: ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଶୁକ୍ରବାର ହାଇଦ୍ରାବାଦରେ ଏକ ରାଲିରେ ଉଦ୍‌ବୋଧନ ଦେଉଥିବାବେଳେ ଅପ୍ରୀତିକର ସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଜଣେ ବ୍ୟକ୍ତି ମଞ୍ଚ ଉପରକୁ ଚଢ଼ିଆସି ହିମନ୍ତଙ୍କ ମାଇକ ଛଡ଼ାଇ ନେଇ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ବ୍ୟକ୍ତି ଜଣକ ଟିଆର୍‌ଏସ୍ ରଙ୍ଗର ଉତ୍ତରୀୟ ପକାଇଥିଲେ। ସଙ୍ଗେ ସଙ୍ଗେ ଅନ୍ୟମାନେ ଉକ୍ତ ବ୍ୟକ୍ତିଙ୍କୁ କାବୁ କରି ନେଇଥିଲେ। ଗଣେଶ ଚତୁର୍ଥୀ ଅବସରରେ ହିମନ୍ତ ଭାଗ୍ୟନଗର ଗଣେଶ ଉତ୍ସବ ସମିତିର ଅତିଥି ଭାବେ ହାଇଦ୍ରାବାଦ ଆସିଥିଲେ।

# ପାକିସ୍ତାନ ବନ୍ୟାରେ ୩୦ ବିଲିୟନ ଡଲାର କ୍ଷତି

## ପର୍ଯ୍ୟାପ୍ତ ସହାୟତା ଲାଗି ଜାତିସଂଘ ମୁଖ୍ୟଙ୍କ ଆହ୍ୱାନ

ଇସ୍‌ଲାମାବାଦ,୯।୯

ପାକିସ୍ତାନରେ ଲଗାଣ ବର୍ଷା ଜନିତ ପ୍ରଳୟଙ୍କରୀ ବନ୍ୟାରେ ୩୦ ବିଲିୟନ ଡଲାର ମୂଲ୍ୟର କ୍ଷୟକ୍ଷତି ହୋଇଥିବା ସରକାର ଆକଳନ କରିଛନ୍ତି। ଶୁକ୍ରବାର ବନ୍ୟାଞ୍ଚଳ ଗସ୍ତରେ ଆସିଥିବା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପାକିସ୍ତାନକୁ ପର୍ଯ୍ୟାପ୍ତ ସହାୟତା ଯୋଗାଇଦେବା ଲାଗି ସାରା ବିଶ୍ୱକୁ ଅନୁରୋଧ କରିଛନ୍ତି। ରେକର୍ଡ ପରିମାଣର ମୌସୁମୀ ବର୍ଷା ସାଙ୍ଗକୁ ଉତ୍ତରାଞ୍ଚଳ ପର୍ବତରେ ଥିବା ଗ୍ଲେସିୟର ତରଳିବାରୁ ପାକିସ୍ତାନର ବ୍ୟାପକ ଅଞ୍ଚଳରେ ବନ୍ୟାପ୍ଲାବିତ ହୋଇଥିଲା। ଏଥିରେ ୧,୩୯୧ ଜଣଙ୍କ ମୃତ୍ୟୁ ଘଟିବା ସହ ବହୁ ଘରଦ୍ୱାର, ରାସ୍ତା, ରେଳଧାରଣା, ବ୍ରିଜ୍ ଭାଙ୍ଗିଛି। ବ୍ୟାପକ ଅଞ୍ଚଳରେ ଫସଲ ନଷ୍ଟ ହେବା ସହ ବହୁ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହୋଇଛି। ଏବେ ବି ବହୁ ଅଞ୍ଚଳ ଜଳମଗ୍ନ ଥିବାରୁ ଲକ୍ଷ ଲକ୍ଷ ଲୋକ ବାସହରା ହୋଇ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇଛନ୍ତି। ବନ୍ୟାରେ ୩୩ ନିୟୁତ ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ବନ୍ୟା ପାଇଁ ପାକ୍ ସରକାର ଏବଂ ଜାତିସଂଘ ମୁଖ୍ୟ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ଦୁଇଦିନିଆ ଗସ୍ତରେ ଆସିଥିବା ଗୁଟେରେସ୍ ପାକ୍ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍‌ଙ୍କ ସହ ଆଲୋଚନା ପରେ ଇସ୍‌ଲାମାବାଦରେ ଏକ ମିଳିତ ଖବରଦାତା ସମ୍ମିଳନୀରେ ଅନ୍ତର୍ଜାତୀୟ ସମୁଦାୟଙ୍କୁ ସହାୟତା ପାଇଁ ନିବେଦନ କରିଥିଲେ। ଯେଉଁ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନ ଲାଗି ଦାୟୀ ସେମାନଙ୍କ ଉପରେ ପ୍ରକୃତି ଦାଉ ସାଧିବା ପରିବର୍ତ୍ତେ ପାକିସ୍ତାନ ଭଳି ଦେଶରେ ବିପର୍ଯ୍ୟୟ ଘଟାଉଛି ବୋଲି ଗୁଟେରେସ୍ କହିଛନ୍ତି।



ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପାକିସ୍ତାନ ବନ୍ୟାଞ୍ଚଳ ପରିଦର୍ଶନ କରୁଛନ୍ତି।

# ପାଗଳୀ

ଭୁବନେଶ୍ୱରୀ ପଣ୍ଡା

ଗଳ୍ପ



ଆମେ ନିର୍ମଳା ଭାଉଜଙ୍କ ଉପର ଘରେ ଭଡ଼ା ରହୁ। ଭାଉଜ ତ୍ୟାଗର ଜଣେ ମୂର୍ତ୍ତିମନ୍ତ ପ୍ରତୀକ ଭଳି ଲାଗନ୍ତି। ଘରୁ ଗୋଡ଼ କାଢ଼ିବା ତାଙ୍କ ପକ୍ଷେ ମୁସ୍କିଲ। କାରଣ ନିର୍ମଳା ଭାଉଜଙ୍କ ଶାଶୁ ପ୍ରଭା ମାଉସୀଙ୍କୁ ୮୦ ଟପିଗଲାଣି। କୌଣସି କଥା ଆଉ ତାଙ୍କର ମନେରହୁନି। ତଣ୍ଟି ଫଟେଇ କହିଲେ ମାଉସୀଙ୍କୁ ଶୁଭେ। ସବୁବେଳେ ବି ଶୁଭେନି ଯେ ବୋକାଙ୍କ ଭଳି ଚାହିଁଥାଆନ୍ତି କହିବା ଲୋକଙ୍କ ମୁହଁକୁ। ଯଦିଓ ମାଉସୀ ନିଜ କାମ ନିଜେ କରନ୍ତି, ନିର୍ମଳା ଭାଉଜ ତାଙ୍କ ପାଇଁ ପୂରା ବନ୍ଧା।

ଭାଉଜଙ୍କ ବଡ଼ ଝିଅ ଲୁସି ପୁଣେରେ

> ମୋତେ ଧୀରେ କହିଲେ ଶୁଭେ ବା। ପ୍ରଶ୍ନଭରା ଆଖିରେ ଚାହିଁଲି ମୁଁ ତାଙ୍କୁ। ମାଉସୀ କହିଲେ, ସଂସାର ଭିତରେ ବଞ୍ଚିବାକୁ ହେଲେ ଅଭିନୟ କରିବାକୁ ପଡ଼େ ମଣିଷକୁ। ଖାଲି ଅଭିନୟ ନୁହଁ, ଜୀବନ୍ତ ଅଭିନୟ କରିବାକୁ ପଡ଼ିବ।

ରହୁଛି ବାହାଘର ପରେ। ସାନ ଝିଅ ଖୁସି ହାଇଦ୍ରାବାଦରେ ଚାକିରି କରୁଛି। ବାଦଲ ଭାଇନା (ନିର୍ମଳା ଭାଉଜଙ୍କ ସ୍ୱାମୀ)ଙ୍କ ଚାକିରି ଆହୁରି ୨ ବର୍ଷ ଅଛି। ଝିଅମାନେ ତ ଦୂରରେ। ଭାଇନା ଅଫିସ ଗଲା ପରେ ଶାଶୁ-ବୋହୂ ଦି'ଜଣ ଘରେ। ଝିଅମାନେ ଡାକନ୍ତି ଭାଉଜଙ୍କୁ ସେମାନଙ୍କ ପାଖେ କିଛିଦିନ ରହିବାକୁ। ହେଲେ ପ୍ରଭା ମାଉସୀଙ୍କୁ ଛାଡ଼ି କୁଆଡ଼େ ଯିବେ ସେ! ନିର୍ମଳା ଭାଉଜଙ୍କ ଭଉଣୀ ଝିଅର ପୁଅଟେ ହେଲା ଏଇ ନିକଟରେ। ଏକୋଇଶିଆକୁ ଖୋଜିଥିଲା ଝିଆରୀ। ଏଇ ପାଖ ମନ୍ଦିରରେ ଏକୋଇଶିଆ ପୂଜା ହେଉଥିଲା। ହେଲେ ଭାଉଜ ଯାଇପାରିଲେନି। ପ୍ରଭା ମାଉସୀ ତ ଯାଉଣୁ ଆସୁଣୁ ନିମା ନିମା ଡାକ ମାରନ୍ତି। ଭାଇନାଙ୍କର ଅଫିସ ଭଲ ତ ସେ ଭଲ। ମାଉସୀଙ୍କୁ କାହା ଦାୟିତ୍ୱରେ ଛାଡ଼ି କୁଆଡ଼େ ଯିବେ ଭାଉଜ!

ଭାଇ-ଭଉଣୀ, ସାଙ୍ଗସାଥୀଙ୍କ ଘରକୁ ଯିବା, ବନ୍ଧୁବାନ୍ଧବଙ୍କ ବାହାଘର, ବ୍ରତଘର, ଜନ୍ମଦିନରେ ଉପସ୍ଥିତ ରହିବା ନିର୍ମଳା ଭାଉଜଙ୍କ ଭାଗ୍ୟରେ ଜୁଟେନି ବୋଲି ସେଦିନ ଗପସପ ବେଳେ ମନଉଣା କରି କହିଲେ ଭାଉଜ। ମୋତେ କହିଲେ, ବୁଝିଲ ମମତା, ବୟସ ଥିଲାବେଳେ ସମସ୍ତେ ଆସି ହଲହଲ ହେବେ। ହେଲେ ଗୋଡ଼ ହାତ ରହିଗଲେ କାହାରି ଦେଖାମିଳେନି। ମୋର ତିନିଟା ନଣନ୍ଦ ଏଇ ଭୁବନେଶ୍ୱରରେ ରହନ୍ତି। ଯେତେବେଳେ ଶ୍ୱଶୁର ଥିଲେ, ସମସ୍ତେ ପିଲାଛୁଆଙ୍କୁ ନେଇ ଆସୁଥିଲେ। ରୋଳା କରି ଘର ଫଟାଉଥିଲେ। ଗଲା ବେଳେ ଶାଢ଼ି, ଡ୍ରେସ୍‌ଠୁ ଆରମ୍ଭ କରି ଭଲ ମନ୍ଦ ଖାଇବା ଜିନିଷ ବନ୍ଧା ହୁଏ ତାଙ୍କ ପାଇଁ। ହେଲେ ଏବେ ଆସିଲେ କାଳେ ମାଆର କରିବାକୁ ପଡ଼ିବ ବୋଲି କାହାରି ପାଦ ପଡ଼େନି।

ନିର୍ମଳା ଭାଉଜଙ୍କ ବଡ଼ ଝିଅ ଲୁସିର ଡେଲିଭରି ସମୟ ପାଖେଇ ଆସିଲା। ଲୁସି ବାରମ୍ବାର ନିର୍ମଳା ଭାଉଜଙ୍କୁ ପାଖକୁ ଡାକୁଥାଏ। ଭାଉଜଙ୍କର ସେଇ ଗୋଟିଏ କଥା- ତୋ ଜେଜେମା'କୁ ସମ୍ଭାଳିବ କିଏ? ବାଦଲ ଭାଇନା କହିଲେ, ତମେ କିଛି ଚିନ୍ତା କରନି। ମୁଁ ଯାହା ଯେମିତି କରି ମ୍ୟାନେଜ୍ କରିବି। ନାନୀମାନଙ୍କୁ ମଝିରେ ମଝିରେ ଆସି ବୋଉ ପାଖରେ ରହିବାକୁ କହିବି। ଆସିଲେ ସିନା ଜାଣିବେ ବୋଉ ପାଇଁ ତୁମେ କେମିତି ପୂରା ବନ୍ଧା। ପିଲାଟା (ଲୁସି) ଏତେ ଡାକୁଛି। ଏଇ ସମୟରେ ଯଦି ନ ଯିବ, ଆଉ କେବେ ଯିବ ବୋଲି କହି ଭାଉଜଙ୍କୁ ପୁଣେ ପଠାଇଦେଲେ ବାଦଲ ଭାଇନା।

ସେଦିନ ସନ୍ଧ୍ୟାବେଳେ ଅଫିସ୍‌ରୁ ଫେରି ଦେଖିଲି ପ୍ରଭା ମାଉସୀ ବାହାରେ ଚୌକି ପକାଇ ବସିଛନ୍ତି। ସାମ୍ନା ଚେୟାରରେ ଜଣେ ମହିଳା। ମାଉସୀ ଗପୁଛନ୍ତି, ହସୁଛନ୍ତି, କ'ଣ ସବୁ ପଚାରୁଛନ୍ତି ଦେଖି ମୁଁ ପୂରା ଆଶ୍ଚର୍ଯ୍ୟ। ମୁଁ ଗେଟ୍ ଖୋଲିକି ଗାଡ଼ି ଭିତରକୁ ପୂରେଇଲା ବେଳକୁ ମାଉସୀ ମମତା ମମତା ବୋଲି ଦି'ଥର ଡାକିଲେ। ମୁଁ ପାଖକୁ ଯିବାରୁ କହିଲେ, ଇଏ ହେଉଛି ମୋ ବଡ଼ ଝିଅ ବର୍ଣ୍ଣାଳୀ। ନମସ୍କାରଟିଏ ମାରି ପଦେ-ଦି'ପଦ କଥା ହେଇ ଘରକୁ ଆସିଲି।

କାନକୁ ଶୁଭେନି, ସବୁ କଥା ଭୁଲିଯାଆନ୍ତି, ବାରମ୍ବାର ଗୋଟିଏ କଥା ପଚାରି ସାମ୍ନା ଲୋକଙ୍କୁ ବିରକ୍ତ କରୁଥିବା ଇଏ ସେଇ ପ୍ରଭା ମାଉସୀ ତ ବୋଲି ଭାବି ଆଶ୍ଚର୍ଯ୍ୟ ହେଉଥାଏ ମୁଁ। ଏତିକିବେଳେ କଲିଂ ବେଲ୍ ବାଜିଲା। ଗୋଟେ ପ୍ଲେଟ୍‌ରେ କିଛି ମିଠା ଧରି ମାଉସୀ ପାହାଚ ଚଢ଼ି ଆମ ଘରକୁ ଆସିଥିଲେ। ମମତା ୟାକୁ ରଖ, ବର୍ଣ୍ଣାଳୀ ଆଣିଥିଲା। ସବୁବେଳେ ଘରେ ମୁହଁକୁ ହାଣ୍ଡି କରି ବସୁଥିବା, ଗୁଣୁଗୁଣୁ ହେଇ କାହାକୁ ଗାଳି ଦେଉଥିବା ପ୍ରଭା ମାଉସୀଙ୍କ ଚାଙ୍ଗାପଣ ଦେଖି ମୋ' ମନରେ ଅନେକ ପ୍ରଶ୍ନ ସୃଷ୍ଟି ହେଲାଣି ସେତେବେଳକୁ।

ପରଦିନ ସକାଳୁ ପ୍ରଭା ମାଉସୀ ଘର ପଛ ବଗିଚାରେ ବୁଲୁଥିଲେ। ଗଛପତ୍ର ଆଉଁଶୁଥିଲେ। ଏତିକିବେଳେ ପରିବା ଆଣି ଗେଟ୍ ଭିତରକୁ ପଶିଲି ମୁଁ। ଅତି ପାଖରେ ଠିଆ ହୋଇଥିଲେ ବି ତଣ୍ଟି ଫଟେଇ ପଚାରିଲି ମାଉସୀଙ୍କୁ ଖାଇଲଣି କି ନାହିଁ ବୋଲି। କାଇଁ ଏତେ ବଡ଼ ପାଟିଟା କରୁଛୁ ବା ମମତା! ମୋତେ ଧୀରେ କହିଲେ ଶୁଭେ ବା। ପ୍ରଶ୍ନଭରା ଆଖିରେ ଚାହିଁଲି ମୁଁ ତାଙ୍କୁ। ମାଉସୀ କହିଲେ, ସଂସାର ଭିତରେ ବଞ୍ଚିବାକୁ ହେଲେ ଅଭିନୟ କରିବାକୁ ପଡ଼େ ମଣିଷକୁ। ଖାଲି ଅଭିନୟ ନୁହଁ, ଜୀବନ୍ତ ଅଭିନୟ କରିବାକୁ ପଡ଼ିବ। ମଉସା ଥିଲା ବେଳେ ବର୍ଣ୍ଣାଳୀ, ବୈଶାଖୀ, ବର୍ଷା ତିନି ଝିଅଯାକ ଆସନ୍ତି ସେମାନଙ୍କ ପିଲାମାନଙ୍କୁ ନେଇ। ଘର ହସଖୁସିରେ ଫାଟି ପଡ଼େ। ହେଲେ ନିର୍ମଳା କାହା ହସଖୁସିକୁ ସହଜରେ ହଜମ କରିପାରେନି। ମୁହଁକୁ ଗମ୍ଭୀର କରି ରୋଷେଇ, ଘର କାମ କରେ। କାମ ସରିଲେ କାହା ସହ ପଦେ କଥା ହୁଏନି, ନିଜ ରୁମ୍‌କୁ ପଳାଏ। ପିଲାମାନଙ୍କ ହସଖୁସି, ଗପସପ ତା' କାନରେ ବାଜିଲେ କି ଆଖିରେ ପଡ଼ିଲେ ଚିଡ଼୍‌ଚିଡ଼୍ ହୁଏ। ବେଳେବେଳେ ଏମିତିସବୁ କାଣ୍ଡ କରି ବସେ ଯେ, ଘରେ ପାଟିତୁଣ୍ଡ ହେବା ଥୟ।

ଗୁରୁଜନ ହିସାବରେ ମଉସା ଗୋଟେ ଥର ତାକୁ ବୁଝାଇବାକୁ ଚେଷ୍ଟା କଲେ। ହେଲେ ଶ୍ୱଶୁର ମୁହଁ ଉପରେ ଜବାବ ଦେଲା ନିର୍ମଳା। ଘରେ ଏମିତି କାଣ୍ଡ ଦେଖି ବର୍ଣ୍ଣାଳୀ, ବୈଶାଖୀ, ବର୍ଷା ଯିଏ ଯାହା ପିଲାଛୁଆଙ୍କୁ ଧରି ପଳେଇଲେ। ମଉସାଙ୍କୁ ଭାରି ବାଧିଲା ସେଦିନ। ବେଶୀ ଭାବିଦେଲେ କି କ'ଣ, ସେଦିନ ରାତିରେ ଆଉ କିଛି ଖାଇଲେନି। ପରଦିନ ସକାଳୁ ଆଉ ଉଠିଲେନି।

ଏମିତି ଗୋଟେ ପରିସ୍ଥିତିରେ ମଉସା ଆଖି ବୁଜିବା ପରେ ଝିଅମାନଙ୍କୁ ଘରକୁ ଆସିବାକୁ ମନାକଲି ମୁଁ। ତଥାପି ସେମାନଙ୍କ ମନ ସମ୍ଭାଳି ହୁଏନି ଯେ, ମାଆଟା ବଞ୍ଚିଛି ବୋଲି କେତେବେଳେ କେମିତି ମତେ ଦେଖିବାକୁ ଆସନ୍ତି। ଘରୁ ଗୋଟେ ମୁଣ୍ଡ ଯିବା ପରେ ବି ନିର୍ମଳାର କିଛି ପରିବର୍ତ୍ତନ ଦେଖିଲିନି ମୁଁ। ନଣନ୍ଦ, ଭଣଜା-ଭାଣିଜୀଙ୍କି ଦେଖିଲାମାତ୍ରେ ମୁହଁ ଫୁଲାଏ ସେ। ନହେଲେ ତା'ର ମୁଣ୍ଡବିନ୍ଧା ଆଉ କି କି ରୋଗ ସବୁ ଆରମ୍ଭ ହୋଇଯାଏ। ତେଣୁ ମୁଁ ଆଉ ଝିଅମାନଙ୍କୁ ଦେଖି ଖୁସି ହେଲିନି। ନାତି-ନାତୁଣୀଙ୍କ ଉପରେ ଗରଗର ହେଲି। ଜନ୍ମକଲା ଝିଅକୁ ତା' ନାଁ ବାରମ୍ବାର ପଚାରେ। ଜ୍ୱାଇଁଙ୍କୁ ତମ ଘର କୋଉ ଗାଁ ବୋଲି ୧୫ ମିନିଟ୍‌ରେ ୫ ଥର ପଚାରେ। ଆଉ ସବୁବେଳେ ନିମା ନିମା ବୋଲି ଡାକ ପକାଏ। ମୋ' ରଙ୍ଗ ଢଙ୍ଗ ଦେଖି ଝିଅମାନେ ବି ଆଉ ପାଦ ପକେଇଲେନି ଏଠି।

ମୋତେ ସତରେ ଶୁଭେନି ବୋଲି ନିର୍ମଳା ଧରିନେଇଛି। ଏଇ କିଛି ଦିନ ତଳେ ତା' ଭଉଣୀ ଆମ ଘରକୁ ଆସିଥିଲା। ମୁଁ ସେଇଠି ବସିଛି, ନିର୍ମଳା ତା' ଭଉଣୀକି କହୁଛି କ'ଣ ନା- ବୁଢ଼ୀ ଆଉ ଝିଅ-ଜ୍ୱାଇଁ, ନାତି-ନାତୁଣୀ କାହାରିକି ଚିହ୍ନୁନି, ମୋ ନାଁ ଜପାମାଳି କଲାଣି। ମୁଁ ବି କ'ଣ କାମ ଥାଉ ନଥାଉ ଘଡ଼ିକି ପହରକୁ ନିମା ନିମା ବୋଲି ଡାକ ପକାଏ। ଲୋକବାକଙ୍କ ଆଗରେ ବାରମ୍ବାର ଏମିତି ମୁଁ ଡାକିଲେ ନିର୍ମଳାର ଗୋଡ଼ ଜମା ତଳେ ଲାଗେନି। ପ୍ରଥମେ ପ୍ରଥମେ ଏମିତି ଅଭିନୟ କଲା ବେଳେ ଧରାପଡ଼ିଯିବାର ଭୟ ଥିଲା। ହେଲେ ପରେ ଅଭ୍ୟାସରେ ପଡ଼ିଗଲା। ଘରେ ଶାନ୍ତିଠାରୁ ବଡ଼ କଥା କିଛି ନାହିଁ ମାଆ। ସେଇଥିପାଇଁ ତ ରକ୍ତଙ୍କୁ ପର କରି ପାଗଳୀ ଭୂମିକାରେ ମୁଁ ନିଖୁଣ ଅଭିନୟ କରିଚାଲିଛି ବୋଲି କହିଲେ ମାଉସୀ। ମୁଣ୍ଡ କାମ କରୁନଥିବା ମୋ' ଭଳି ଶାଶୁ ପାଖେ ଦିନ ରାତି ଚଳୁଛି, ମତେ ସମ୍ଭାଳୁଛି ବୋଲି ନିର୍ମଳାକୁ ଆମ ବନ୍ଧୁବାନ୍ଧବଠୁ ତା' ବାପଘର ଯାଏଁ ସମସ୍ତେ ପ୍ରଶଂସାରେ ପୋତି ପକାଉଛନ୍ତି।

ବାହାରେ ମାଉସୀଙ୍କ ସହ କଥା ହୋଇ ଘର ଭିତରକୁ ପଶିଲି ମୁଁ। ଖାଲି ଭାବୁଥାଏ, ଜଣେ ମୁରବି ଯିବା ପରେ ଆଉ ଜଣକୁ ନିୟନ୍ତ୍ରଣ କରି ପରିବାର ଭିତରେ ରାଜନୀତି କରି ନିଜ କର୍ତ୍ତୃତ୍ୱ ଜାହିର କରି କେମିତି ଜଣେ ବଞ୍ଚିଛି। ଆଉ ଜଣେ ଜନ୍ମକଲା ଝିଅଙ୍କୁ ପର କରି ପାଗଳୀ ସାଜି କେମିତି ମରିବା ପାଇଁ ଦିନ ଗଣୁଛି।

ମୋ: ୬୩୭୧୬୫୨୨୨୪

## କବିତା

### କବାଟ

ସରୋଜ କୁମାର ସାହୁ

ଭିତର ବାହାରକୁ ଆଗପଛ କରି
ଝୁଲି ରହିଥିବା ଯୋଡ଼ା କାଠପଟା ହଳକ
ସାଇତିଛି ଚିହ୍ନା ଅଚିହ୍ନା ସଭିଙ୍କର ତାଲିକା
କେବେ ବି ପଚାରିନି
କାହାର ମିଛସତର ଠିକଣା
ମାଗିନି ଜାତି ଗୋତ୍ରର ପରିଚୟ
ସଭିଙ୍କୁ ପାଛୋଟି ଆଣିଛି
ସହୃଦୟତାରେ...
ଶତ୍ରୁ ହେଉ ଅବା ମିତ୍ର।

ପରିଧିଏ କୋହରେ
ଆଞ୍ଜୁଳେ ଲୁହକୁ ଫେଣ୍ଟି
ଭାରି କରିଛି ତା'ର ମସୃଣ ଦେହ
ବତୁରି ଯାଇଥିବା ଆଖିରେ
ଦେଖିଛି ସତ ହେଉନଥିବା ସପନ
ଦିନ ପରେ ରାତି, ରାତି ପରେ ଦିନ
ନିଦ ଟଳମଳ ଆଖିରେ
ପରଖିଛି ଅତୀତ ବର୍ତ୍ତମାନ ଭବିଷ୍ୟତକୁ।

ଗଡ଼ଣ ପରଠୁ ଭୋଗି ଆସିଛି
ପ୍ରହେଳିକାର ଅଳନ୍ଧୁ
ଝଡ଼ ବତାସର ବିଭୀଷିକା
ଶୂନ୍‌ଶାନ୍ ରାତିର ବିଧୂନ,
ଦିବସମାନଙ୍କର ଲହୁଲୁହାଣରେ
ଭାରି ପଡ଼ିଥିବା ନିସ୍ତେଜ ଦେହ
ମୁକୁଳି ପାରିନି ଶୃଙ୍ଖଳରୁ
ଏବେ ବି, ବେଳ ଅବେଳରେ
ଛାତିକୁ ପରସ୍ତ କରି
ପଖାଳି ଦେଉଛି ଅପେକ୍ଷାର ଲୁହରେ।

ସେବେଠୁ, ଆଜିଯାଏଁ
ଭାଙ୍ଗି ପାରିନି କାହାର
ନିର୍ବୋଧତାର ଜ୍ୱାଳା
ବାହା ମେଲି ଯୋଡ଼ି ଦେଇନି
ଉଜୁଡ଼ି ଯାଉଥିବା ସଂସାର,
ସତମିଛର ଔଜ୍ଜ୍ୱଲ୍ୟକୁ ପରଖି
ସାଜିଛି ମୂକ ବଧିର
ନିଜକୁ ନିଃସ୍ୱକରି ଭେଟି ଦେଉଛି
ମୂକସାକ୍ଷୀର ମିଛ ସ୍ୱାକ୍ଷର।

ମୋ: ୯୩୪୮୫୭୫୨୨୪

### ନଈ

ମଞ୍ଜୁଲତା ସିଂ

ପୂର୍ଣ୍ଣଗର୍ଭା କଳକଳ ଉଚ୍ଛୁଳା ନଈ
ଆଜି ଖୁବ୍ ନିସ୍ପନ୍ଦ, ନିର୍ବାକ୍...
ସ୍ୱପ୍ନ ସବୁ ଦରପୋଡ଼ା
ଡହକ ଖାଞ୍ଜିରେ।
ଶୂନ୍‌ଶାନ୍ ନଈପଠାରେ
ଦିଗ୍‌ବଳୟ ପରିବ୍ୟାପ୍ତ
ଥୁଣ୍ଟା ଗଛର ଅସହାୟ ଚାହାଣି...
କାଶତଣ୍ଡୀର ଦୀର୍ଘଶ୍ୱାସରେ
ଝରିପଡୁଛି ଅଶ୍ରୁ ଗୀତିର
ଅନ୍ତଃସ୍ୱର...
ମଲା ନଈର ଛାତିରେ
ଧୂସର ବାଲିର କାନ୍‌ଭାସ୍
ପଠା ସେପାଖେ ନାହିଁ
ବହଳ ସବୁଜିମାର ଚିତ୍ରପଟ
ଶୁଭୁନି ଦୁଧ ଅଳତାବୋଳା
ପାଦ ପାଉଁଜିର ରୁଣୁଝୁଣୁ ସ୍ୱର
ଶୁଭୁନି ବି ନାଉରୀ କଣ୍ଠରେ
ଖୋକା ଭାଇଙ୍କ ଚିତ୍ତ ଉଲ୍ଲସା
ସେଇ ଗୀତ... ଯା'ରେ ଭାସି ଭାସି ଯା'...

ଶିରିଶିରି ପବନରେ ନାହିଁ
ଅନାମିକା କେଉଁ ଫୁଲର ସୁରଭି।
ତା' ଶୁଷ୍କ ଛାତି ଉପରେ ଉଡ଼ିଯାଉଥିବା
ମାଛରଙ୍କାର କିଛି ଖୋଜିଲା ଚାହାଣି...
ନଈ ସବୁ ବୁଝେ ସିନା
କେବେ ବି କହେନା କାହା ପାଖେ
ତା' ଅନ୍ତର୍ଦାହର କାହାଣୀ।
ତା' ବିଡ଼ମ୍ବିତ ଭାଗ୍ୟର ଅଶ୍ରୁଲେଖ
କେହି ବି ପଢ଼େନା।

ଦେଖ ଏବେ...
ନୀଳ ଆକାଶର ଛାଇ ତଳେ
ନଈ ଏବେ ଶୋଇଯାଇଛି
ନିଶ୍ଚଳ କ୍ଳାନ୍ତ ପଥିକ ପରି।
ଏବେ କେବେ କାକର ଟୋପାରେ
ଓଦା ଓଦା ଅଙ୍କାବଙ୍କା ବାଲି ଶେଯରେ
ନଈ ଦେଖେ ହଜିଲା ମୌସୁମୀର
ଅନାଗତ ସ୍ୱପ୍ନ...
ନଈ ଏବେ ଭାବୁଛି
ପାଣି ବିନା, ନାଆ ବିନା
ତା' ଅସ୍ତିତ୍ୱର କି ମୂଲ୍ୟ ଅଛି?
ଏବେ ସେ ମଲା ନଈ...
ଏଇ ତା'ର ନୂଆ ପରିଚୟ।

ମୋ: ୮୮୪୭୮୫୨୯୧୭

### ଫଗୁଣର ଗୋଧୂଳି ବେଳାରେ

କୃଷ୍ଣା ମିଶ୍ର

ଫଗୁଣର ସେଇ ଗୋଧୂଳି ବେଳାରେ,
ହାତକୁ ହାତ ମିଶାଇ ବୁଲୁଥିଲେ
ଆମେ ଦରିଆକୂଳରେ...

ନାଲି ଫଗୁମଖା ଅସ୍ତାଚଳ ଦେଖାଇ,
ଅଭିମାନେ ପଚାରିଲି,
ଫେରି କି ପାରିବ ପ୍ରିୟ,
ପୁଣି ଆଗାମୀ ଉଷାରେ,
ବାଢ଼ିବାକୁ ପ୍ରୀତିର ପୀୟୂଷ, ମନଭରି
ମାଟିରୁ ଆକାଶଯାଏ?

କାହୁଁଥିଲା, ହଠାତ୍ ମାଡ଼ିଗଲା
ଗୋଟେ ମତୁଆଲା ଜୁଆର,
ନିମିଷକେ ଭାଙ୍ଗିଗଲା,
ଗଢ଼ିଥିଲେ ଯେଉଁ ସୂକ୍ଷ୍ମ ବାଲିଘର,
ପବନରେ ଭାସୁଥିଲା,
ମୋ' ପ୍ରଶ୍ନ ଆଉ ସ୍ୱପ୍ନ ମିଳନର...

ମୋ: ୯୩୦୧୦୧୨୩୩୩

## ପୁସ୍ତକ ପରିଚୟ

### ନିଃଶବ୍ଦ ନିନାଦ



**କବି:** ଭରତ ବେହେରା
**ପ୍ରକାଶକ:** ବ୍ଲାକ୍ ଇଗଲ ବୁକ୍‌ସ, ଡବ୍‌ଲିନ୍, ଆମେରିକା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୫୦/-

ମୋଟ ୪୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ ଓ ପ୍ରତ୍ୟେକଟି କବିତା ଚଳନ୍ତି ସମୟ ଓ ଜୀବନର ଗୋଟିଏ ଗୋଟିଏ ବିଶ୍ୱସ୍ତ ଦୋହା। ବହିର 'ଅଗ୍ରଲେଖ'ରେ କବି ଲେଖିଛନ୍ତି, "ଜୀବନର ପରିସର ଏତେ ବ୍ୟାପକ ଯେ, କବିତା ମାଧ୍ୟମରେ ସେ ସବୁର ଅବତାରଣା ଅସମ୍ଭବ। ଶବ୍ଦ ଯେତେବେଳେ କ୍ଳାନ୍ତ ଓ ନିସ୍ତେଜ ହୋଇଯାଏ, ସେତେବେଳେ ନିଃଶବ୍ଦ ଜାଗ୍ରତ ହେବା ସଙ୍ଗେ ସଙ୍ଗେ ସକ୍ରିୟ ହୋଇଥାଏ।" କିନ୍ତୁ ଭରତଙ୍କ କବିତାରେ ଶବ୍ଦମାନେ କ୍ଳାନ୍ତ ହୋଇପଡ଼ିଥିବା ପରି ମନେହୁଏ ନାହିଁ। ସୁତରାଂ ନିଃଶବ୍ଦର ନିଦ୍ରା ଭଙ୍ଗ ହୁଏ କ୍ୱଚିତ୍ ତାଙ୍କ କବିତାରେ। କବି ସମାଜ ଓ ସମାଜରେ ଆତଯାତ ମଣିଷଙ୍କୁ ଉପେକ୍ଷା କରନ୍ତି ନାହିଁ। ଲେଖନ୍ତି ତାଙ୍କ ଦୁଃଖ ଦୁର୍ଦ୍ଦଶା ଓ ଅସହାୟତାର କାହାଣୀ। ଯେପରି: ୧. "ଯେଉଁଠି ଥାଉ ଉତ୍ପାଦିତ ଶସ୍ୟ/ସେ ଶସ୍ୟ ତାଙ୍କର, ତାଙ୍କ ଶ୍ରମର/ଦିନଦିନ ମାସମାସ ଭୋଗିଥିବା/ମେହେନତ କଳା ଲୁଣି ଝାଳ।" (ଶସ୍ୟ,ପୃ:୫୧)। ୨. "କେଳା ବାରିକ, ଗ୍ରାମ: ମୁକୁନ୍ଦପୁର/ଉପଖଣ୍ଡ ନୀଳଗିରି, ଜିଲା: ବାଲେଶ୍ୱର। /ପ୍ରତିଦିନ ପଥର ଭାଙ୍ଗିବାକୁ ଯାଏ/କାନ୍ଧରେ ଥାଏ ଛଡ଼, ଶାବଳ, ମାର୍ତ୍ତୁଲ/ହାତରେ ଥାଏ ହାତୁଡ଼ି/ଗେଟିପିଟା ପୁରୁଣା ସାଧନ।" (ପଥରର ପ୍ରତିଧ୍ୱନି: ପୃ:୫୨)। ଭରତଙ୍କ କବିତାରେ ଥାଏ ମୂଲିଆର ଝାଳଦାଗ, ସମବେଦନାର କରୁଣା। ବହିଟି ପାଠକୀୟ ଆଦୃତି ପାଇବ ବୋଲି ଆଶା।

### ଅସ୍ତମିତ ସୂର୍ଯ୍ୟର ଆଭା



**ଲେଖିକା:** ଜାହ୍ନବୀ ମିଶ୍ର
**ପ୍ରକାଶକ:** ଜେ. ଜେ. କମ୍ପାନୀ, ନଭି ମୁମ୍ବାଇ, ମହାରାଷ୍ଟ୍ର
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୦୦/-

ଜାହ୍ନବୀ ମିଶ୍ରଙ୍କ 'ଅସ୍ତମିତ ସୂର୍ଯ୍ୟର ଆଭା' ଏକ ବାସ୍ତବଧର୍ମୀ ଉପନ୍ୟାସ। ଉପନ୍ୟାସର କଥାବସ୍ତୁ ଓଡ଼ିଶା ପଞ୍ଚମ ବିଧାନସଭା ନିର୍ବାଚନ ପୃଷ୍ଠଭୂମିରେ ଜାତିବାଦ ରାଜନୀତିକୁ ନେଇ ଆରମ୍ଭ ହୋଇ ଶେଷ ପର୍ଯ୍ୟାୟରେ ବାରମ୍ବାର ପ୍ରଶ୍ନ କରିଚି ଆଜିର ପରିସ୍ଥିତିରେ ଏହାର ସାର୍ଥକତାକୁ ନେଇ। ମୁଖ୍ୟ ଚରିତ୍ର ଅର୍ଜୁନ ସେଠୀଙ୍କର ଅପ୍ରତ୍ୟାଶିତ ଭାବେ ଜାତିବାଦ ରାଜନୀତିରେ ପ୍ରବେଶ ଓ ସେଥିରେ ତାଙ୍କର ଅଭୂତପୂର୍ବ ସଫଳତା ଉପନ୍ୟାସରେ ପ୍ରମୁଖତା ଲାଭ କରିଛି। ଜାତିବାଦ ପରି ସଂକୀର୍ଣ୍ଣ ଚିନ୍ତାକଳ୍ପ ରାଜନୀତିର ବୀଜମନ୍ତ୍ର ହେବା ଉଚିତ, ଆଣି ଦେଇଚି କାହାଣୀରେ ଟୁଇଷ୍ଟ। ମଧୁଛନ୍ଦା ଓ ତାଙ୍କ ମା'ଙ୍କର ଅଭୁଲା ସ୍ମୃତିରେ ସନ୍ତୁଳିତ ଅର୍ଜୁନଙ୍କର ଜୀବନଧାରାରେ ରହିଚି ପ୍ରେମ, ଉତ୍କଣ୍ଠା ଓ ବିଷାଦ। ଅର୍ଜୁନ ମଧୁଛନ୍ଦାକୁ କହିଥିଲେ, ଜାତିବାଦ ରାଜନୀତିର ବୁଢ଼ିଆଣୀ ଜାଲରେ ସେ ଏପରି ଛନ୍ଦି ହେଇଯାଇଛନ୍ତି ଯେ, ସେଥିରୁ ମୁକୁଳିବା ସମ୍ଭବ ନୁହେଁ। ମାତ୍ର ମଧୁ ତାଙ୍କୁ ବୁଝାଇଥିଲା- "ବୁଢ଼ିଆଣୀ ଜାଲରୁ ବାହାରିବା ପାଇଁ ଛାଟିପିଟି ହେଲେ ଆହୁରି ସେ ଜାଲରେ ଛନ୍ଦି ହେଇଯିବ। ଜାଲରୁ ବାହାରିବାକୁ ହେଲେ ତା'ର ଗଣ୍ଠିସବୁକୁ ଗୋଟିଏ ପରେ ଗୋଟିଏ ଖୋଲିବାକୁ ହେବ ଧୈର୍ଯ୍ୟର ସହ। ତେବେ ଯାଇ ପାଇପାରିବ ମୁକ୍ତି।" ଏଥିରୁ ଗାଳ୍ପିକାଙ୍କର ସାମାଜିକ ଚିନ୍ତନଟି ଯେ କେତେ ବଳିଷ୍ଠ ତାହା ଉପଲବ୍ଧ ହୋଇଥାଏ।

## ଛୁଆଣି

ରାମଚନ୍ଦ୍ର ସେଠୀ

ମିନି ଗଳ୍ପ



ବୁଢ଼ୀଟିଏ ଦିନେ ବାଟକଡ଼ ଗଛମୂଳରେ ବସି କାନ୍ଦୁଥିଲା। କପୋତଟିଏ ଉଡ଼ିଉଡ଼ି ଆସି ସେଇ ଗଛରେ ବୁଢ଼ୀର ମୁଣ୍ଡ ଉପର ଡାଳରେ ବସି ପଚାରିଲା- ମାଉସୀ, କ'ଣ ହେଲା କି ତମର? ବୁଢ଼ୀ ଅନେଇଲା ଉପରକୁ। କହିଲା- କ'ଣ କହିବିରେ ପୁଅ, ଦୀର୍ଘ କୋଡ଼ିଏ ବର୍ଷ ପରେ ମୋର ନାତିଟିଏ ଜନମ ହେଲା ଯେ, ସିଏ ଜନମରୁ ରୋଗଣା। ଯେତେ ଦିଅଁଦେବତା ଏ ରାଇଜରେ ଅଛନ୍ତି, ବୁଲି ବୁଲି ସମସ୍ତଙ୍କୁ ମୁଣ୍ଡିଆ ମାରିଲି। ଭୋଗରାଗ କଲି। ଯେତେ ବଡ଼ବଡ଼ ଡାକ୍ତର ଅଛନ୍ତି, ସମସ୍ତଙ୍କୁ ଦେଖେଇଲି। ଯେତେ ଗାଆଁବଇଦ ଅଛନ୍ତି ସମସ୍ତଙ୍କଠୁ ଚେରମୂଳି ଓଷଦ ଆଣି ଖୁଆଇଲି। ଝଡ଼ାଫୁଙ୍କା କଲି। ହେଲେ, କିଛି କାଟୁ କଲାନି। ଯେମିତି ଥିଲା ସେମିତି। ତାକୁ ଦେଖିଲେ ମନ ହେଉଚି, ସତେ ଯେମିତି ତା' ଜୀବନଟା ଛାତି ଭିତରୁ ବାହାରି ଆସି ନାକଦଣ୍ଡାରେ ଅଟକି ଯାଇଚି। କେତେବେଳେ ଛାଡ଼ିଯିବ ଜଣାନାଇଁ। ସବୁବେଳେ ଶୁକୁଶୁକୁ। ଶୁଖିଶାଖି କାଠ। ବୁଝିଲ ମାଉସୀ, ଜନମ ହେଲେ ମରିବା ନିଶ୍ଚିତ। ଉପରେ କାଳଛୁଆଣ ଉଡୁଚି। କେତେବେଳେ ସିଏ କାହାକୁ ଝାମ୍ପି ନବ କିଏ କହିବ! ମାତ୍ର ଝାମ୍ପିବା କଥା ଝାମ୍ପିବ।

ଏ କଥା ଶୁଣି ବୁଢ଼ୀ ଚମକି ପଡ଼ିଲା। ଧାଇଁଲା ଘରକୁ। ଦୁଆରେ ପହଞ୍ଚୁ ପହଞ୍ଚୁ ଶୁଣିଲା କାନ୍ଦବୋବାଳି। ଦେଖିଲା ବେଳକୁ ନାତି ଆଉ ନାଇଁ।

କପୋତ କହିଲା- ମାଉସୀ, ମୋ' ବାପା ସେମିତି ରୋଗଣା ଥିଲେ। ଥରେ ଅନ୍ଧାର ରାତିରେ ସିଏ ଡେଣା ଫଡ଼ଫଡ଼ କଲେ। ସକାଳେ ଦେଖିଲାବେଳକୁ ସିଏ ଆଉ ଗଛଡାଳରେ ନାହାନ୍ତି। ତଳେ ପଡ଼ିଛନ୍ତି।

ମୋ: ୯୮୬୧୭୦୯୮୮୦

## କାଳକାଳକୁ



"ସେଇ କବିତାଟି ଭଲ, ଯହିଁରେ ଥାଏ ଅଭିବ୍ୟକ୍ତିର ନୂଆ ନୂଆ ଉପାଦାନ ଓ ଶବ୍ଦଙ୍କର ପୁରୁଣା ଗତରେ ପଡ଼ିଥିବା ପାଠକଙ୍କୁ ଯାହା ଚମକାଇଦିଏ।"
– ଟି.ଇ. ହ୍ୟୁମ୍

**ଟି.ଇ. ହ୍ୟୁମ୍‌ଙ୍କ** ଜନ୍ମ ୧୬ ସେପ୍ଟେମ୍ବର ୧୮୮୩ରେ ଇଂଲଣ୍ଡରେ ଓ ପରଲୋକ ୨୮ ସେପ୍ଟେମ୍ବର ୧୯୧୭ରେ ବେଲ୍‌ଜିୟମ୍‌ରେ। ଇଂଲିଶ୍ ଭାଷାର ଏହି ପ୍ରଖ୍ୟାତ କବି ଓ ସମାଲୋଚକ ଜଣେ ସୌନ୍ଦର୍ଯ୍ୟବାଦୀ ଦାର୍ଶନିକ ଓ 'ଚିତ୍ରକଳ୍ପବାଦ'ର ଜନକ ଭାବେ ସ୍ୱୀକୃତ। ତାଙ୍କର ପ୍ରସିଦ୍ଧ ସମାଲୋଚନା ଗ୍ରନ୍ଥ ମଧ୍ୟରେ 'Notes on Languages and Style' (୧୯୨୯) ହେଉଛି ଅନ୍ୟତମ ଓ ବହୁପଠିତ କବିତା ମଧ୍ୟରେ ଅନ୍ତର୍ଭୁକ୍ତ; 'Autumn', 'A City Sunset', 'A Tall Woman' ଓ 'At Night' ଇତ୍ୟାଦି। ସେ କହନ୍ତି: "ଭାଷା ମାତ୍ରକେ ସାମ୍ପ୍ରଦାୟିକ। ଯାହା ସମସ୍ତେ ଜାଣନ୍ତି, ତାହାକୁ ସେ ମାନିନିଏ, ଅସଲ କଥା କିନ୍ତୁ ଅଧରା ରହେ।" ଛନ୍ଦ କବିତା ସମ୍ପର୍କରେ ଆପତ୍ତି ଉଠାଇ କହନ୍ତି: "ଆଦୌ ପ୍ରେରଣା ନ ଥାଇ ପଦ୍ୟ ରଚନାରେ ଲୋକଙ୍କୁ ଏହା ପ୍ରବୃତ୍ତ କରାଏ।"

## ଜୀବନର ଶେଷପର୍ବ

ପୁଷ୍ପଲତା ମହାନ୍ତି

ଲଘୁ ଗଳ୍ପ

ସତୁରା ବୁଢ଼ା ବାଡ଼ି ଖଣ୍ଡିକରେ ଭରା ଦେଇ ଧୀରେ ଧୀରେ ଠାକୁରାଣୀଙ୍କ ମନ୍ଦିରର ପାହାଚରେ ଚଢ଼ିଲା। ବାର୍ଦ୍ଧକ୍ୟ ହେତୁ ଗୋଡ଼ ଥରୁଛି, ହାତ ଥରୁଛି। ଠିକ୍ ଭାବେ ଚାଲି ବି ପାରୁନି। ଧଇଁସଇଁ ହୋଇ ବସିପଡ଼ି ଥକା ମାରିଲା। ମାଆ ଠାକୁରାଣୀଙ୍କ ଆସ୍ଥାନରେ ବିରାଜିତା ମାଆ ଭବାନୀଙ୍କୁ ହାତଯୋଡ଼ି ନମସ୍କାର କଲା। ଅସ୍ଥିକଂକାଳ ସାର ଚମଢଙ୍କା ଶରୀରର ପଞ୍ଜରାହାଡ଼ ଗଣି ହେଇଯାଉଛି। ଗାଲର ହାଡ଼ ବାହାରକୁ ଉବୁକି ବାହାରିଛି। କୋରଡ଼ିଆ ଆଖି ଦୁଇଟିକୁ ଏବେ ବେଶି ଦେଖାଯାଉନି। ଛିଣ୍ଡା ଗାମୁଛାଟାକୁ କାନ୍ଧରୁ ଆଣି ମୁହଁ ପୋଛିଲା, ଆଖି ପୋଛିଲା। ଜୀବନଟାଯାକ ଘର ପାଇଁ ପିଲାଛୁଆ, ଜମିବାଡ଼ି ଏସବୁ କରି କରି ଦିନେ ପେଟ ପୂରାଇ ଖାଇପାରିନି କି ଭଲରେ ଟିକିଏ ଶୋଇପାରିନି। କ'ଣ ପାଇଁ ସେ ନିଜ ଜୀବନର ୭୫ବର୍ଷ ଏଇମିତି ତିଳତିଳ କରି ସାରିଦେଲା? ଏଇ ପରିବାର ପାଇଁ ନା! ହେଲେ ଏ ପରିବାର ତାକୁ କ'ଣ ଦେଲା? ଛାତି ଫଟାଇ କୋହ ଉଠୁଛି। ମୁଣ୍ଡର ଶିରାଗୁଡ଼ାକ ଟକ୍‌ଟକ୍ କରୁଛି। ମନ୍ଦିର ପଛରେ ଥିବା ନିଜ ଗାଁକୁ ଦୂରରୁ ଦେଖିଲା। କେହି ଆସୁଛି କି ତାକୁ ଡାକିବାକୁ? ସକାଳୁ ଆସି ଏଇଠି ବସିଛି ଯେ ଦିନ ଯାଇ ସଞ୍ଜ ହେଲାଣି। ଭୋକଶୋଷରେ ଦେହ କ'ଣ ହେଇଯାଉଛି। ନା! କେହି ଆଉ ଆସିବେନି। ଘରେ ଦୁଇପୁଅ, ଦୁଇବୋହୂ, ନାତିନାତୁଣୀ ହେଇ ୮ଜଣ ହେବେ। କାହାରି ଏ ବୁଢ଼ାଟା କଥା ମନେପଡ଼ିଲାନି! ବୁଢ଼ୀ ମରିବାର ୬ବର୍ଷ ଭିତରେ କେତେ ଯେ ଠୋକର ଖାଇଛି ସତୁରା, ଏବେ ତାହା ମନେପଡୁନି। ତଥାପି ନିଜର ପିଲାଗୁଡ଼ାକ, ଏତେ ଜଲ୍‌ଦି ମୋହ କେମିତି ଛାଡ଼ନ୍ତା? ହେଲେ ଆଜି! ସବୁ ସୀମା ପାର କରିଦେଲେ ସେମାନେ। ସତୁରା ୩ଦିନ ହେଲାଣି ଜ୍ୱରରେ ପଡ଼ି ବି ବିଲ କାମ କରୁଛି, କାଲି ବିଲକୁ ନ ଯାଇ ଶୋଇରହିଲା। ହେଲେ କେହି ତା' କଥା ଟିକିଏ ବି ପଚାରିଲେ ନାହିଁ। ଓଲଟି ବିଲକାମ ଅଧା ପଡ଼ିଛି ବୋଲି ବଡ଼ପୁଅ ଓ ବୋହୂ ଯାହା ଇଚ୍ଛା ଗାଳିକଲେ। ବୁଢ଼ା କହିଲା, "ତିନିଦିନ ହେଲାଣି ପାଣି ଟୋପେ ମୁଁ ପିଇନି। ଘରେ ସମସ୍ତେ ଭଲ ଜିନିଷ ରାନ୍ଧିବାଢ଼ି ଖାଉଛ, ହସଖୁସିରେ ମାତିଛ, ମୋତେ ପଥି ଟିକିଏ କେହି ଦେବା କଥା ଭାବିଲନି? ଏ ସମ୍ପତ୍ତିବାଡ଼ି, ଜମିଜମା, ଏତେ ବଡ଼ ଘର ଏଇ ବୁଢ଼ା ରକ୍ତ ନିଗାଡ଼ି ତମ ପାଇଁ ସାଇତି ରଖିଥିଲା। ଦିନକରେ ଏସବୁ ହେଇଯାଇନି। ଜୀବନକୁ ମାଟି ସଙ୍ଗେ ମାଟି ପରି ମିଶାଇ ଏସବୁ କରିଛି। ମୋ' କଥା କେହି ଟିକିଏ ଭାବିଛ?"

ବଡ଼ପୁଅ ରାଗରେ ଗରଗର ହେଲା। କହିଲା, "କ'ଣ ଏମିତି ବଡ଼ କାମ କରିଦେଲ? ସବୁ ମାଆବାପା ତ ତାଙ୍କ ପିଲାଙ୍କ ପାଇଁ କରନ୍ତି।" ବୁଢ଼ା ଆବାକାବା ହେଇ ତା' ମୁହଁକୁ ଚାହିଁଲା। ଗଭୀର ଆଘାତ ପାଇଲା ମନରେ। ସାନପୁଅ ଓ ତା' ପିଲାମାନେ ମଧ୍ୟ ସେଇଠି ଥିଲେ। କେହି ପଦେ କିଛି କହିଲେନି। ଯିଏ ଯୁଆଡ଼େ ନିଜ ଶୋଇବା ଘରକୁ ଚାଲିଗଲେ। ବୁଢ଼ା ଦୀର୍ଘଶ୍ୱାସ ଛାଡ଼ିଲା। ସକାଳ ହେଲା, ବୁଢ଼ା ବାଡ଼ିଟି ଧରି ଏଇ ମନ୍ଦିର ପାହାଚରେ ବସିଛି। ଦୂର ଆକାଶ ଆଡ଼େ ଚାହିଁଛି। ଆଖିରେ ପଲକ ପଡୁନି। ରାତି ହେବାରୁ ମନ୍ଦିରର ପୂଜକ ମନ୍ଦିର ବନ୍ଦ କରିବାକୁ ଆସି ସତୁରାକୁ ଦେଖି ଆଶ୍ଚର୍ଯ୍ୟ ହେଲେ। ତାକୁ ହଲେଇ ଦେଲେ। ବୁଢ଼ା ଚମକିପଡ଼ି ଚାହିଁଲା। ଆଖିରୁ ଧାରଧାର ଅଭିମାନ ଓ ଦୁଃଖର ଲୁହ ବୋହି ଯାଉଥାଏ। ପୂଜକ ମଧ୍ୟ ୭୦ ବର୍ଷର ଜଣେ ଅତ୍ୟନ୍ତ ଧର୍ମପରାୟଣ ଓ ଦୟାଳୁ ଥିଲେ। ସତୁରାଠାରୁ ସବୁ ଶୁଣି ତାକୁ କୋଳେଇ ନେଲେ। ନିଜ ଘରକୁ ନେଇଗଲେ। ଘରେ ସମସ୍ତଙ୍କୁ କହିଲେ ଯେ ସତୁରାର ଟିକିଏ ବି ଯେମିତି ହେଳା ନ ହୁଏ, ସେଥିପାଇଁ ସମସ୍ତେ ସଜାଗ ରହିବାକୁ। ପୁଅମାନେ ବହୁତ ଖୋଜିଲେ। ଶେଷରେ ପୂଜକଙ୍କ ଘରେ ବାପା ଅଛନ୍ତି ଜାଣି ତାଙ୍କ ଘରକୁ ଆସିଲେ ନେଇଯିବାକୁ। ହେଲେ ପୂଜକଙ୍କ ପୁଅବୋହୂ, ସ୍ତ୍ରୀ ତାଙ୍କର ଏତେ ସେବାଯତ୍ନ କରୁଥିଲେ ଯେ ସେକଥା ଦେଖି ପୁଅମାନେ ଅତ୍ୟନ୍ତ ମର୍ମାହତ ହେଲେ। ଦୌଡ଼ିଆସି ସତୁରା ପାଦତଳେ ପଡ଼ି କ୍ଷମା ମାଗିଲେ। କାନ୍ଦି କାନ୍ଦି କହିଲେ, "ବାପା! ତମେ ଆସିବା ପରେ ଆମେ ଦିନଟିଏ ବି ଶାନ୍ତିରେ ରହିପାରିନୁ। ଆମ ପିଲାଦିନୁ ଏ ପର୍ଯ୍ୟନ୍ତ ତମର କର୍ତ୍ତବ୍ୟ କଥା ଆଖି ଆଗରେ ନାଚିଉଠିଲା। ଏଭଳି ଭୁଲ୍ ତ ଭଗବାନ୍ ବି ସହିବେନି। ତଥାପି ଆମକୁ ଦୟାକର ଓ ଆମ ସାଥିରେ ଚାଲ।" ପୂଜକ କହିଲେ, "ଯେଉଁ ଜୀବନ୍ତ ଦେବତା ତମ ପାଖରେ ଅଛନ୍ତି, ପ୍ରତିଦିନ ତାଙ୍କୁ ସେବା କର, ସେ ହିଁ ତମର ପ୍ରକୃତ ଦେବତା, କ୍ଷାମ ସାଗର। ଏଭଳି ଭୁଲ ଆଉ କେବେ କରିବନି।" ସତୁରା ଆଖିରେ ଖୁସିର ଲୁହ ଚକ୍ ଚକ୍ କରୁଥିଲା।



ମୋ: ୯୬୫୮୦୭୭୧୦୧

## ୧୧ରେ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ପ୍ରବନ୍ଧ ପ୍ରତିଯୋଗିତା

ଭୁବନେଶ୍ୱର,୯।୯(ବ୍ୟୁରୋ)

ରାଜ୍ୟର ସମସ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୧୧ ତାରିଖରେ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଉଭୟ ଓଡ଼ିଆ ଓ ଇଂଲିଶ ଭାଷାରେ ଏହି ପ୍ରତିଯୋଗିତା ହେବ। ଏ ନେଇ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଯାଇଛି। ଏହି ପ୍ରତିଯୋଗିତା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ, ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ଏଭଳି ପ୍ରତିଯୋଗିତା କରିବା ପାଇଁ ରାଜ୍ୟପାଳଙ୍କ ନିର୍ଦ୍ଦେଶରେ ତାଙ୍କ ସଚିବ ଶାଶ୍ୱତ ମିଶ୍ର ରାଜ୍ୟ ମୁଖ୍ୟ ଶାସନ ସଚିବ ଏବଂ ଗଣଶିକ୍ଷା ବିଭାଗ ସଚିବଙ୍କୁ ଚିଠି ଲେଖି ଅବଗତ କରାଇଥିଲେ। ସ୍କୁଲ ସ୍ତରରେ ପ୍ରତିଯୋଗିତା ହେବା ପରେ ରାଜ୍ୟ ବିଜେତା ପାଇଁ ଦ୍ୱିତୀୟ ରାଉଣ୍ଡରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ହେବ ବୋଲି ଉକ୍ତ ଚିଠିରେ ଲେଖାଯାଇଥିଲା।

# ସୁପରସ୍ପେଶାଲିଟି ବ୍ଲକରୁ ପୁଣି ଖସିଲା ସିଲିଂ

### ଏମ୍‌କେସିଜି ମେଡିକାଲ



ସୁପରସ୍ପେଶାଲିଟି କୋଠାରୁ ଖସି ପଡ଼ିଥିବା ସିଲିଂ।

ବ୍ରହ୍ମପୁର ଅଫିସ,୯।୯

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ ପରିସରରେ ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ସୁପରସ୍ପେଶାଲିଟି କୋଠା ଏବେ ଏକପ୍ରକାର ଅସୁରକ୍ଷିତ ହୋଇପଡିଛି। ଏହି କୋଠାରେ ଗତ ୨୬ ତାରିଖରେ ଅଗ୍ନିକାଣ୍ଡ ଘଟିଥିଲା। ଏହା ପରେ ଗତ ୨୪ ଘଣ୍ଟା ମଧ୍ୟରେ ଦୁଇଥର ଉକ୍ତ କୋଠାରୁ ସିଲିଂ ଖସିଛି। ସୌଭାଗ୍ୟବଶତଃ ଏଥିରେ କାହାରି କୌଣସି କ୍ଷତି ହୋଇ ହୋଇ ନ ଥିଲେ ମଧ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଆତଙ୍କିତ ହୋଇଛନ୍ତି।

ଗତ ଗୁରୁବାର ସୁପରସ୍ପେଶାଲିଟି ବ୍ଲକର ଚତୁର୍ଥ ମହଲାର ଓଟି କମ୍ପ୍ଲେକ୍ସରୁ ସିଲିଂ ଖସିଥିବା ବେଳେ ଶୁକ୍ରବାର ତୃତୀୟ ମହଲାରେ ଥିବା ଏଣ୍ଡୋକ୍ରିନୋଲୋଜି ବିଭାଗର ୱାର୍ଡ ଛାତରୁ ସିଲିଂ ଖସିଛି। ରୋଗୀ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ମେଡିକାଲର ବରିଷ୍ଠ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ମରାମତି ବ୍ୟବସ୍ଥା କରିଛନ୍ତି।

ଦକ୍ଷିଣ ଓଡ଼ିଶାର ଅଧିକାଂଶ ଜିଲାର ଲୋକେ ଏମକେସିଜି ମେଡିକାଲ ଉପରେ ନିର୍ଭର କରୁଛନ୍ତି। ରୋଗୀଙ୍କ ଉତ୍ତମ ଚିକିତ୍ସା ପାଇଁ ପ୍ରାୟ ୧୫୦ କୋଟି ଟଙ୍କା ବ୍ୟୟରେ ସୁପରସ୍ପେଶାଲିଟି ବ୍ଲକ୍ ନିର୍ମାଣ ହୋଇଛି। ସେଠାରେ ସମସ୍ତ ବିଭାଗ କାର୍ଯ୍ୟକ୍ଷମ ରହିଛି। କୋଠାର ପଞ୍ଚମ ମହଲାରେ ଓଟି କମ୍ପ୍ଲେକ୍ସ ରହିଛି। ଗତ ମାସରେ ୟୁରୋଲୋଜି ବିଭାଗ ଓଟିରେ ଶର୍ଟ ସର୍କିଟ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ବିଦ୍ୟୁତ ତାରଗୁଡ଼ିକ ପୋଡ଼ି ଯାଇଥିବା ବେଳେ ଓଟିର ବିଭିନ୍ନ ସରଞ୍ଜାମ ନିଆଁ ଲାଗି ନଷ୍ଟ ହୋଇଯାଇଥିଲା। ଏହି ଘଟଣା ପରଠାରୁ ଉକ୍ତ ଓଟି କମ୍ପ୍ଲେକ୍ସ ଏ ପର୍ଯ୍ୟନ୍ତ ବନ୍ଦ ରହିଛି। ଏଭଳି ସ୍ଥିତିରେ ଦୁଇ ଦିନରେ ଦୁଇଥର ଛାତରୁ ସିଲିଂ ଖସିବା ନେଇ ରୋଗୀମାନେ ଅସୁରକ୍ଷିତ ମନେ କରୁଛନ୍ତି।

## ପ୍ରିୟ ସୋମଦତ୍ତଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ପ୍ରିୟ ସୋମଦତ୍ତ ନାୟକ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ ଓ ସୋମଦତ୍ତଙ୍କ ବାପା ସଞ୍ଜୀବ ନାୟକ।

ଭୁବନେଶ୍ୱର, ୯।୯(ବ୍ୟୁରୋ)

ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି(ୟୁଜି)-୨୦୨୨ରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଛାତ୍ର ପ୍ରିୟ ସୋମଦତ୍ତ ନାୟକ ସର୍ବଭାରତୀୟ ସ୍ତରରେ ୩୯ତମ ର୍‍ୟାଙ୍କ ହାସଲ କରିବା ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଓଡ଼ିଶା ପାଇଁ ଗୌରବ ଆଣିଥିବା ପ୍ରିୟ ସୋମଦତ୍ତଙ୍କୁ ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଛନ୍ତି। ଆଗାମୀ ଦିନରେ ଜଣେ ସଫଳ ଡାକ୍ତର ହୋଇ ଜନସେବାରେ ନିଜକୁ ନିୟୋଜିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନବୀନ ନିବାସଠାରେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସୋମଦତ୍ତଙ୍କ ବାପା ସଞ୍ଜୀବ ନାୟକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ପ୍ରିୟ ସୋମଦତ୍ତ ୯୯.୯୯୭ ପର୍ସେଣ୍ଟାଇଲ୍ ସହ ସର୍ବମୋଟ ୭୦୫ ମାର୍କ ରଖିଛନ୍ତି। ପଦାର୍ଥ ବିଜ୍ଞାନରେ ୧୮୦ ମାର୍କ, ରସାୟନ ବିଜ୍ଞାନ, ଉଦ୍ଭିଦ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନରେ ୧୭୫ ମାର୍କ ରଖିଛନ୍ତି।

# ସପ୍ତାହକରେ ଗଲାଣି ୧୧ ଜୀବନ

### ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗ ଆତଙ୍କ

- ଶୁକ୍ରବାର ଜଣକର ହୋଇଛି ମୃତ୍ୟୁ
- କ୍ୱାକ୍‌ଙ୍କୁ ଗିରଫକଲା ପୋଲିସ

ମାଲକାନଗିରି/ମାଥିଲି,୯।୯(ଡି.ଏନ.ଏ)

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଟେମ୍ରୁପାଲି ପଞ୍ଚାୟତର ହଳଦୀକୁଣ୍ଡ ଗ୍ରାମରେ ଅଜଣା ରୋଗରେ ଗତ ସପ୍ତାହକ ମଧ୍ୟରେ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ମାଥିଲି ଉପଖଣ୍ଡ ଚିକିତ୍ସାଳୟରୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିବା ସମୟରେ ଜଣକର ମୃତ୍ୟୁ ହୋଇଛି। ସେ ହେଲେ ହଳଦୀକୁଣ୍ଡ ଗ୍ରାମର ମାସା ମାଡ଼କାମି। ଅନ୍ୟପକ୍ଷରେ କ୍ୱାକ୍‌ଙ୍କ ଦ୍ୱାରା ଚିକିତ୍ସିତ ହେଉଥିବା ବେଳେ ରୋଗୀ ମଧ୍ୟ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଶୁକ୍ରବାର ସମ୍ପୃକ୍ତ କ୍ୱାକ୍‌ଙ୍କୁ ଗିରଫ କରି ମାଥିଲି ପୋଲିସ କୋର୍ଟଚାଲାଣ କରିଛି। ସମ୍ପୃକ୍ତ କ୍ୱାକ୍ ଜଣକ ହେଲେ ସାଲିମି ଗ୍ରାମର ନରେନ୍ଦ୍ର ମାଦ୍ରି। ମାଦ୍ରିଙ୍କ ବିରୋଧରେ ମାଥିଲି ସ୍ୱାସ୍ଥ୍ୟ ଅଧିକାରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ତାଙ୍କ ନାମରେ ୧୮୨/୨୨ରେ ମାମଲା ରୁଜୁ ହୋଇଥିଲା। ଖବରରୁ ଜଣାପଡିଛି, ଗତ କିଛିଦିନ ହେବ ହଳଦୀକୁଣ୍ଡରେ ଅଜଣା ରୋଗ ବ୍ୟାପୁଥିବା ଦେଖିବାକୁ ମିଳିଛି। ଏହି ରୋଗରେ ଆକ୍ରାନ୍ତ ହେଲେ ଲୋକଙ୍କ ହାତଗୋଡ଼ ଫୁଲିବା ସହ ଜ୍ୱରରେ ହଠାତ୍ ଲୋକଙ୍କ ମୃତ୍ୟୁ ହେଉଛି। ଲୋକେ ଚିକିତ୍ସା ପାଇଁ ଡାକ୍ତରଖାନା ନ ଯାଇ ଗୁଣିଆ କିମ୍ବା କ୍ୱାକ୍‌ଙ୍କ ଆଶ୍ରୟ ନେଉଛନ୍ତି। ଏହା ଜଣାପଡିବା ପରେ ଡାକ୍ତର ଅମିୟ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ହଳଦୀକୁଣ୍ଡ ଗ୍ରାମକୁ ଯାଇ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିଛନ୍ତି। ଅଜଣା ରୋଗରେ ଆକ୍ରାନ୍ତ ହୋଇଥିବା ୧୫ଜଣଙ୍କୁ ମେଡିକାଲ ଆସିବାକୁ ପରାମର୍ଶ ଦେଇଥିଲେ। ତେବେ ଡାକ୍ତରଖାନାକୁ ଭରସା ନ କରି ମାତ୍ର ୪ ଜଣ ରୋଗୀ ଡାକ୍ତରଖାନା ଆସି ଭର୍ତ୍ତି ହୋଇଛନ୍ତି। ଗିରଫ କ୍ୱାକ୍ ମାଦ୍ରିଙ୍କୁ କୋର୍ଟଚାଲାଣ କରାଯାଇଥିବା ଆଇଆଇସି ସୂର୍ଯ୍ୟପ୍ରକାଶ ନାୟକ କହିଛନ୍ତି। ସୂଚନାଯୋଗ୍ୟ, ଗିରଫ କ୍ୱାକ୍ ଜଣକ ପୂର୍ବରୁ ଡ୍ରାଇଭର ଥିଲେ।



ହଳଦୀକୁଣ୍ଡରେ ପହଞ୍ଚିଥିବା ଡାକ୍ତରୀ ଟିମ୍।




# ଦୃଢ଼ ଇଚ୍ଛାଶକ୍ତି ଆଣିଛି ସଫଳତା

### ଏନ୍‌ଇଇଟିରେ ପରିବା ବ୍ୟବସାୟୀଙ୍କ ଝିଅଙ୍କ କୃତିତ୍ୱ

ପାରଳାଖେମୁଣ୍ଡି, ୯।୯(ଡି.ଏନ୍.ଏ.)

ମେଡିକାଲ ପାଠ୍ୟକ୍ରମରେ ନାମଲେଖା ଲାଗି ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଏନ୍‌ଇଇଟି (ୟୁଜି)ରେ ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଗାଁର ଜଣେ ପରିବା ବ୍ୟବସାୟୀଙ୍କ ଝିଅ ଯୋଗ୍ୟତା ହାସଲ କରିଛନ୍ତି। ସେ ହେଲେ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ଝିଅ ଇଶ୍ରିତା ପଣ୍ଡା। ଇଶ୍ରିତା ମୋଟ ୭୨୦ ମାର୍କରୁ ୬୨୨ ରଖି ସଫଳତା ପାଇଛନ୍ତି। କୃଷ୍ଣଚନ୍ଦ୍ର ଗରିବ ଶ୍ରେଣୀର। ଛକରେ ପରିବା ବ୍ୟବସାୟ କରି ବହୁ କଷ୍ଟରେ ପରିବାର ପ୍ରତିପୋଷଣ କରୁଛନ୍ତି। ତାଙ୍କର ଦୁଇଟି ଝିଅ। ସାନଝିଅ ଇଶ୍ରିତା ସ୍କୁଲ ସମୟରୁ ହିଁ ପାଠପଢ଼ି ଡାକ୍ତର ହେବାକୁ ମନରେ ବହୁତ ଆଗ୍ରହ ରଖିଥିଲେ। ପିଲାଙ୍କ ଇଚ୍ଛା ପୂରଣ ପାଇଁ ବାପା ମଧ୍ୟ ଉଦ୍ୟମ କରିଆସୁଥିଲେ। ଗୁରୁବାର ଝିଅ ଡାକ୍ତରୀ ପଢ଼ିବା ପାଇଁ ଯୋଗ୍ୟତା ହାସଲ କରିଥିବା ଖବର ଶୁଣିବା ପରେ କୃଷ୍ଣଚନ୍ଦ୍ର ଖୁସିରେ କାନ୍ଦି ପକାଇଥିଲେ। ଜଣେ ପରିବା ବ୍ୟବସାୟୀଙ୍କ ଝିଅଙ୍କ ଏହି ସଫଳତା କେବଳ ଅଡ଼ବା ନୁହେଁ ଗଜପତି ଜିଲା ପାଇଁ ଗୌରବର ବିଷୟ ହୋଇଛି। ଇଶ୍ରିତା ଆଗକୁ ଆହୁରି ସଫଳତା ହାସଲ ପାଇଁ ଆଶା ରଖିଛନ୍ତି।



ମା'ବାପାଙ୍କ ସହ ଇଶ୍ରିତା ପଣ୍ଡା।

## ୫ ହଜାର ଟଙ୍କା ଲେଖାଏଁ ଦେବେ ବର୍ଷା, ଅନୁଭବ

### କୋର୍ଟ ସମୟ ନଷ୍ଟ କରିଥିବାରୁ ଜରିମାନା

କଟକ ଅଫିସ,୯।୯: କୋର୍ଟ କାର୍ଯ୍ୟରେ ଅଯଥା ବିଳମ୍ବ କରୁଥିବାରୁ କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଏବଂ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ କଟକ ପରିବାର ଅଦାଲତ ୫ ହଜାର ଟଙ୍କା ଲେଖାଏ ଜରିମାନା ଦାଖଲ ପାଇଁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଭୟଙ୍କ ପକ୍ଷରୁ ଅଦାଲତରେ କରାଯାଇଥିବା ସାନି ଆବେଦନକୁ ମଧ୍ୟ ଗ୍ରହଣ କରାଯାଇଛି। ଅନୁଭବଙ୍କ ପକ୍ଷରୁ ପରିବାର ଅଦାଲତରେ ଦାଏର ହୋଇଥିବା ମାମଲାର ବାରମ୍ବାର ତାରିଖ ସତ୍ତ୍ୱେ ଶୁଣାଣିବେଳେ ସାକ୍ଷ୍ୟ ପ୍ରଦାନ ପାଇଁ ବର୍ଷା ଅନୁପସ୍ଥିତ ରହିଥିଲେ। ଏନେଇ ଅଦାଲତ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷାଙ୍କ ସାକ୍ଷ୍ୟ ଗ୍ରହଣ ହୋଇପାରିବ ନାହିଁ ବୋଲି ଅଦାଲତ କହିଥିଲେ। ହେଲେ ଶୁକ୍ରବାର ବର୍ଷାଙ୍କ ପକ୍ଷରୁ ସାକ୍ଷ୍ୟ ଗ୍ରହଣ ନିମନ୍ତେ କରାଯାଇଥିବା ଆବେଦନକୁ ଅଦାଲତ ଗ୍ରହଣ କରିଛନ୍ତି। ସେହିପରି ଅନୁଭବ ତାଙ୍କ ପିଟିଶନ୍‌ରେ ସଂଶୋଧନ କରିବା ପାଇଁ ଆବେଦନକୁ ମଧ୍ୟ ଅଦାଲତ ଗ୍ରହଣ କରିଛନ୍ତି। ଅନୁଭବ ତାଙ୍କ ପିଟିଶନରେ ବିବାହ ସ୍ଥାନ ଭୁବନେଶ୍ୱର ବଦଳରେ ଦିଲ୍ଲୀ ବୋଲି ଉଲ୍ଲେଖ କରିଥିଲେ। ଏହା ଟାଇପଜନିତ ତ୍ରୁଟି ବୋଲି ଦର୍ଶାଇ ସଂଶୋଧନ ନିମନ୍ତେ ସୁଯୋଗ ଦେବାକୁ ସେ ଅଦାଲତଙ୍କୁ ନିବେଦନ କରିଥିଲେ। ସୂଚନାଯୋଗ୍ୟ, ବର୍ଷା ଓ ଅନୁଭବଙ୍କ ମଧ୍ୟରେ ବିବାହ ବିଚ୍ଛେଦକୁ ନେଇ ପରିବାର ଅଦାଲତରେ ଚାଲିଥିବା ମାମଲାରେ ଅନୁଭବଙ୍କୁ ଅଧିକ ଜେରା ପାଇଁ ବର୍ଷା ଆବେଦନ କରିଥିଲେ। ହେଲେ ସେ ନିରାଶ ହେବା ପରେ ହାଇକୋର୍ଟ ଯାଇଥିଲେ ଓ ପରେ ମାମଲା ପ୍ରତ୍ୟାହାର କରିନେଇଥିଲେ। ଏବେ ପରିବାର ଅଦାଲତରେ ଉଭୟଙ୍କ ବିବାହ ବିଚ୍ଛେଦ ନେଇ ମାମଲା ବିଚାରାଧୀନ ରହିଛି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୯।୨୦୨୨

| ୩,୦୫,୫୬୬ ଟଙ୍କା | |
|---|---|
| ସୁନା | ୪୦୦ ମିଲିଗ୍ରାମ |
| ରୁପା | ୨୮ ଗ୍ରାମ |

# ପ୍ରଥମ ପର୍ଯ୍ୟାୟ ଖନନ କାର୍ଯ୍ୟ ଆରମ୍ଭ

**ସୂର୍ଯ୍ୟମନ୍ଦିରରୁ ବାଲି କଢ଼ାଯିବା ପ୍ରସଙ୍ଗ**

- ଏଏସ୍ଆଇ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲାପାଳ
- ସୌନ୍ଦର୍ଯ୍ୟକରଣ, ପାରିପାର୍ଶ୍ୱିକ ଉନ୍ନୟନ କାମ ଦେଖିଲେ

କୋଣାର୍କ,୯।୯(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି ବାହାର କରାଯିବ। ଏଥିପାଇଁ ଗୁରୁବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଭୂମିପୂଜନ କରାଯାଇ ଥିବାବେଳେ ଶୁକ୍ରବାର ପ୍ରାଥମିକ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଗର୍ଭଗୃହ ନିକଟରେ ବିମ୍ ପଡ଼ିବାକୁ ଥିବାରୁ ଏଏସ୍ଆଇ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଖନନ କାର୍ଯ୍ୟ କରାଯାଇଛି। ଏହିଅବସରରେ ଜିଲାପାଳ ସମର୍ଥ ବର୍ମା ପହଞ୍ଚି କାର୍ଯ୍ୟ ଅନୁଧ୍ୟାନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

କୋଣାର୍କର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ନେଇ ଦୀର୍ଘଦିନ ହେବ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜିଲାପାଳ ପଚାରି ବୁଝିବା ସହ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୬ଲେନ ବିଶିଷ୍ଟ ରିଙ୍ଗରୋଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ବୁଝିଥିଲେ। ରିଙ୍ଗରୋଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଆଶ୍ରମ ସ୍କୁଲ ପାଇଁ ସ୍ୱତନ୍ତ୍ର ଭାବେ ସ୍କୁଲ ଓ ହଷ୍ଟେଲ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିବା ଓବିସିସିର ଅଧିକାରୀମାନଙ୍କୁ ଶୀଘ୍ର କାମ ସାରିବାକୁ କହିଥିଲେ। ସେହିପରି ସୂର୍ଯ୍ୟମନ୍ଦିର ଭିତରୁ ବାଲି କଢ଼ାଯିବା ନେଇ ଏଏସ୍ଆଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ତହସିଲଦାର ଶେଖ ସର୍ଗି, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ କୁମାର ରାଉତରାୟ, ଓବିସିସି ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ସମର୍ଥ ବର୍ମା ସୂର୍ଯ୍ୟମନ୍ଦିର ପରିସରରେ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

# ୧୮ରେ ପୁରୀ ବେଳାଭୂମିରେ ଏୟାର ଶୋ’

ପୁରୀ ଅଫିସ, ୯।୯:

ଭାରତୀୟ ବାୟୁସେନା ପକ୍ଷରୁ ଆସନ୍ତା ୧୮ ତାରିଖରେ ପୁରୀରେ ଏୟାର ଶୋ’ ହେବ। ପୁରୀ ରାଜଭବନ ନିକଟ ବେଳାଭୂମିରେ ବାୟୁସେନାର ପାଇଲଟମାନେ ଆକାଶମାର୍ଗରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ପୁରୀରେ ପ୍ରଥମ ଥର ପାଇଁ ଏୟାର୍ ଶୋ’ ଆୟୋଜନ କରାଯାଉଥିବାରୁ ବାୟୁସେନା ଓ ସରକାରଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି। ପୁରୀ ବେଳାଭୂମିରେ ଜନସାଧାରଣ ଏହି ଶୋ’ ଦେଖିପାରିବେ ବୋଲି ସେ କହିଛନ୍ତି। ବୈଠକରେ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ସହ ଶୋ’ ଦେଖିବାକୁ ବ୍ୟବସ୍ଥା, ଅଗ୍ନିଶମ ଓ ପାନୀୟଜଳ ବ୍ୟବସ୍ଥା, ଶୋ’ ଆୟୋଜନ ନେଇ ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ବିଭାଗ ନିଜ ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବା ଲାଗି ଜିଲାପାଳ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍ଓ ରାମସ୍ୱାମୀ ପି, ଅତିରିକ୍ତ ଏସ୍ପି ମିହିର ପଣ୍ଡା, ସିଟି ଡିଏସ୍ପି ଜନାର୍ଦ୍ଦନ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୯।୯(ଡି.ଏନ୍.ଏ.)- ରାମଚଣ୍ଡୀ ଥାନା ଅନ୍ତର୍ଗତ ଛଇତନା- ବାଲିଘାଇ ରାସ୍ତାର ନହରଣା ଛକ ନିକଟ ଏକ କୋଚିଂ ସେଣ୍ଟରର ସମ୍ମୁଖରେ ଗାମୁଛାରେ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବଲଙ୍ଗା ଥାନା ଅନ୍ତର୍ଗତ ବଳରାମପୁରଗଡ଼ ଗ୍ରାମର ନିରଞ୍ଜନ ନାୟକ(୩୦)। ଏ ନେଇ ପୋଲିସ ଏକ ମାମଲା(ନଂ. ୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ଶୁକ୍ରବାର ଭୋର ସମୟରେ ଛଇତନା ଗାଁର କେତେଜଣ ଲୋକ ମର୍ଣ୍ଣିଂ ୱାକ କରି ଏକ ଗଛରୁ ଫୁଲ ତୋଳୁଥିବା ବେଳେ ଏକ କୋଚିଂ ସେଣ୍ଟରର ସମ୍ମୁଖରେ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକେ ଉକ୍ତ ଘର ମାଲିକଙ୍କୁ ଖବର ଦେବା ସହ ରାମଚଣ୍ଡୀ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ରାମଚଣ୍ଡୀ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା ପହଞ୍ଚି ମୃତଦେହକୁ ଜବତ କରିବା ପରେ ସାଇଣ୍ଟିଫିକ ଟିମ୍ ଡକାଇ ତଦନ୍ତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲକୁ ପଠାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ମୃତକଙ୍କ ପରିବାର ଲୋକ ପହଞ୍ଚି ଚିହ୍ନିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ନାରାୟଣ ଲେଙ୍କା ପ୍ରକାଶ କରିଛନ୍ତି।

### ମଧୁବୈଶ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ

ବ୍ରହ୍ମଗିରି,୯।୯(ଡି.ଏନ୍.ଏ.)- ପୁରୀଜିଲା ଅନ୍ତର୍ଗତ ବ୍ରହ୍ମଗିରି, ପୁରୀ ସଦର, କୃଷ୍ଣପ୍ରସାଦ ବ୍ଲକର ମଧୁବୈଶ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ତିନୋଟି ବ୍ଲକରେ ଥିବା ୨୫ଟି ସାହିର ମଧୁବୈଶ୍ୟମାନଙ୍କୁ ନେଇ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ପଡିଆରେ ବୁଧବାରଠାରୁ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା। ମଧୁବୈଶ୍ୟ ସମାଜର ସମ୍ବିଧାନ ଅନୁଯାୟୀ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା ଓ ଭାଇଚାରାର ସୁଦୃଢ଼ ସମ୍ପର୍କରେ ଆଲୋଚନା ପରେ ଶୁକ୍ରବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ୧୦୦୦ ପରିବାରଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ୩ଟି ବ୍ଲକ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ନଟବର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ସାହୁ ଉପସଭାପତି, ବିଜୟ ସାହୁ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

### ଜନଆରୋଗ୍ୟ ସମିତି କର୍ମକର୍ତ୍ତାଙ୍କ ତାଲିମ ଶିବିର ଉଦ୍‌ଯାପିତ

କଣାସ, ୯।୯(ସ୍ୱ.ପ୍ର.): ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରସ୍ତରରେ ଗଠନ ହୋଇଥିବା ଜନଆରୋଗ୍ୟ ସମିତିର କର୍ମକର୍ତ୍ତାଙ୍କ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ସମ୍ବିତ୍ ରଞ୍ଜନ ଜେନା, ବିଶ୍ୱରଞ୍ଜନ ଜେନା, ବିପିଏମ୍ ଧନେଶ୍ୱର ସ୍ୱାଇଁ, କଳିଙ୍ଗ କୁମାର ଉପାଧ୍ୟାୟ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ଚୁପୁରିଙ୍ଗି ସରପଞ୍ଚ ଜଗବନ୍ଧୁ ସେଠୀ, ଗୋପୀନାଥପୁର ସରପଞ୍ଚ ସୁକାନ୍ତି ବେହେରା ପ୍ରମୁଖ ଶିବିରରେ ଜନଆରୋଗ୍ୟ ସମିତି ଓ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରର ପରିଚାଳନା ପାଇଁ ବିଧିବଦ୍ଧ ଆଲୋଚନା କରିଥିଲେ। ଶିବିରରେ ବକୁ, ପାହିଲୁଣ୍ଡି, ଜାଗୁଲେଇପଦର ଓ ସାହାସପୁର ଉପକେନ୍ଦ୍ରରେ ଗଠନ ହୋଇଥିବା ଜନଆରୋଗ୍ୟ ସମିତିର ୭ଜଣ ଲେଖାଏ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତ୍ୟେକ ଉପକେନ୍ଦ୍ରରୁ ସରପଞ୍ଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ଶିକ୍ଷକ, ଗାଁ କଲ୍ୟାଣ ସମିତିର ଅଧ୍ୟକ୍ଷ ଶିବିରରେ ଉପସ୍ଥିତ ଥିଲେ।

## ଫିଜିଓଥେରାପି ସମ୍ମିଳନୀ

ପୁରୀ ଅଫିସ, ୯।୯:

ପୁରୀର ଏକ ଘରୋଇ ହୋଟେଲରେ ଫିଜିଓଥେରାପି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାର ଫିଜିଓଥେରାପିଷ୍ଟମାନେ ଏଥିରେ ଯୋଗଦେଇ ଆଜିର ବିଜ୍ଞାନ ଯୁଗରେ ଥେରାପିଷ୍ଟ ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅର୍ଥୋ ଆୱାର୍ନେସର ପରାମର୍ଶଦାତା ଡାକ୍ତର କିଶୋର ପଣ୍ଡା ଉନ୍ନତମାନର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉତ୍ତମ ମାନର ଥେରାପିଷ୍ଟ ଚିକିତ୍ସା ଦିଆଯାଇପାରିବ ବୋଲି ସେ କହିଥିଲେ। ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଡା. ସିଦ୍ଧାର୍ଥ ଶେଖର ପାତ୍ର ଧନ୍ୟବାଦ ଦେଇଥିଲେ।



ପୁରୀର ଏକ ହୋଟେଲରେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ପକ୍ଷରୁ ଆୟୋଜିତ ଫିଜିଓଥେରାପି ସମ୍ମିଳନୀରେ ଉପସ୍ଥିତ ଫିଜିଓଥେରାପିଷ୍ଟମାନେ ।

## ଷ୍ଟେଟ ବ୍ୟାଙ୍କରେ ସ୍ୱାସ୍ଥ୍ୟ ଶିବିର

ପିପିଲି,୯।୯(ଡି.ଏନ୍.ଏ.)

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ)ର ପିପିଲି ଶାଖା ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିସରରେ ଅନୁଷ୍ଠିତ ଏହି ଶିବିରରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇଥିଲା। ଶତାଧିକ ଗ୍ରାହକ ଏବଂ ଶାଖା କର୍ମଚାରୀ, ଅଧିକାରୀମାନେ ଏହି ଶିବିରରେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇଥିଲେ। ଆମ୍ରି ହସ୍ପିଟାଲର ମେଡିକାଲ ଅଫିସର ତଥା ଭେଷଜ ବିଶେଷଜ୍ଞ ଡା. ମୋହିତ ଚୌହାନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଦୀପକ ରୋହେଲା ପ୍ରମୁଖ ଡାକ୍ତରମାନେ ଉପସ୍ଥିତ ରହିଥିବାବେଳେ ସହଯୋଗୀ ଭାବେ ଅମନ କୁମାର ପୂଜାରୀ, ସୁଶ୍ରୀ ଇନ୍ଦିରା ପ୍ରିୟଦର୍ଶନୀ, ଅନୀତା ପଲେଇ ଓ ଦୀପକ ବେହେରା ରହିଥିଲେ। ଶାଖା ମୁଖ୍ୟ ପରିଚାଳକ ଲୋହିତ ନନ୍ଦ ଓ ଡେପୁଟି ବ୍ରାଞ୍ଚ ମ୍ୟାନେଜର ରାଜଶ୍ରୀ ରଥ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ତଦାରଖ କରିବା ସହ ଗ୍ରାହକମାନଙ୍କୁ ବ୍ୟାଙ୍କ ପକ୍ଷରୁ ଏହା ନିଃଶୁଳ୍କ ଥିବାର ବୁଝାଇ କହିଥିଲେ। ପିପିଲି ଶାଖାର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଅସିତ ମିଶ୍ର, ସୁରେନ୍ଦ୍ର ସେଠୀ, ଅଲେଖ ସାସମଲ, ମୂଷା ମଲ୍ଲିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଟଙ୍କା ଫେରାଇବାକୁ ଡାକି ସ୍ୱାମୀଙ୍କୁ ଅପହରଣ

**ସ୍ତ୍ରୀଙ୍କ ଅଭିଯୋଗ ପରେ ଉଦ୍ଧାର କଲା ପୋଲିସ**

ପିପିଲି,୯।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଟଙ୍କା ଫେରାଇବାକୁ ଡାକିନେଇ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ପିପିଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ପିପିଲି ଥାନା ସଂପୁର ଗ୍ରାମର ରବୀନ୍ଦ୍ର ଖଟେଇ ଲିଜ୍ ଆକାରରେ ଜେସିବି ଓ ଟ୍ରାକ୍ଟର ଆଣି ମାଟି ସହ ବିଭିନ୍ନ କାମ କରନ୍ତି। ତେବେ ନିକଟସ୍ଥ ନୂଆଶାସନ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜେସିବି ଓ ଟ୍ରାକ୍ଟରକୁ କାମରେ ଲଗାଇଥିବା ବେଳେ ଜେସିବି ଓ ଟ୍ରାକ୍ଟର କାମ ବାବଦକୁ ୫୦ହଜାର ଟଙ୍କା ରବୀନ୍ଦ୍ର ମାଗିଥିଲେ। କିନ୍ତୁ ଉକ୍ତ ବ୍ୟକ୍ତି ଟଙ୍କା ଦେବା ପରିବର୍ତ୍ତେ ନାନା ଧମକ ଚମକ ଦେଇଥିଲେ। ତଥାପି ରବୀନ୍ଦ୍ର ବାରମ୍ବାର ଟଙ୍କା ମାଗିବାରୁ ସେ ରାଗି କରିଥିଲେ। ତେବେ ଗୁରୁବାର ଅପରାହ୍ନରେ ରବୀନ୍ଦ୍ର ଘରେ ଥିବାବେଳେ ବ୍ୟକ୍ତି ଜଣକ ଟଙ୍କା ଫେରାଇ ଦେବା ପାଇଁ ଫୋନ କରି ଡାକିଥିଲେ। କିନ୍ତୁ ରବୀନ୍ଦ୍ର ଉକ୍ତ ସ୍ଥାନରେ ପହଞ୍ଚିବା ପରେ ଏକ ବୋଲରରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ସେଠାରୁ ଉଠାଇ ନେଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଏ ନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ମିନତି ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ଖୋର୍ଦ୍ଧା ଅଞ୍ଚଳରୁ ରବୀନ୍ଦ୍ରଙ୍କୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ମିନତି ଦାବି କରିଛନ୍ତି। ଏନେଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି, ଟଙ୍କା ପଇସା କାରବାରକୁ ନେଇ ଅଭିଯୋଗ ହୋଇଥିବା ବେଳେ ସେନେଇ ତଦନ୍ତ ଚାଲିଛି।

# ୫ ସ୍ମାର୍ଟସ୍କୁଲର କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ନିମାପଡ଼ା,୯।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ୫ଟି ସ୍ମାର୍ଟ ସ୍କୁଲକୁ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଚାନକ ପରିଦର୍ଶନ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଶାଇଁସଶାସନ ପଞ୍ଚାୟତର ଦକ୍ଷିଣରାଉଶ ଉଚ୍ଚ ବିଦ୍ୟାଳୟ, ଡେଣୁଆଁ ଉଚ୍ଚ ବିଦ୍ୟାଳୟ, ଭୋଦର ଉଚ୍ଚ ବିଦ୍ୟାଳୟ, ତମ୍ପାଳୋ ଦାମୋଦର ଉଚ୍ଚ ବିଦ୍ୟାଳୟ, ଚାରିଛକ ଅର୍ନ୍ନପୂର୍ଣ୍ଣା ବିଦ୍ୟାପୀଠ ଆଦି ବିଦ୍ୟାଳୟକୁ ୨ କୋଟି ୪ଲକ୍ଷ ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯାଇଛି। ଏହି ଅନୁଦାନ ବ୍ୟୟରେ ବିଦ୍ୟାଳୟଗୁଡ଼ିକର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ, ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟର ନିର୍ମାଣ ଆଦି କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଦାଶ ତଦାରଖ କରିଥିବା ବେଳେ ବିଦ୍ୟାଳୟଗୁଡ଼ିକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଧାର୍ଯ୍ୟ ସମୟ ଭିତରେ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ବିଭିନ୍ନ ବିଦ୍ୟାଳୟର ପାଠ ପଢ଼ା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହରେ ପଚାରିବୁଝିଥିଲେ। ପିଲାମାନଙ୍କ ପାଠପଢ଼ାରେ ଯେପରି ବିଧିବଦ୍ଧ ଭାବେ ଅଗ୍ରଗତି ହେବା ସହ ଶିକ୍ଷାଦାନ ବ୍ୟବସ୍ଥା ସୁଚାରୁ ରୂପେ କରିବାକୁ ମନ୍ତ୍ରୀ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ବିନୋଦ ବିହାରୀ ପୁହାଣ, ବିଇଓ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ନୂତନ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କଲେ ମନ୍ତ୍ରୀ




କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି ।

ନିମାପଡ଼ା,୯।୯(ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ନୂତନ ଶିକ୍ଷାଦାନ କେନ୍ଦ୍ର ଚଳିତ ଶିକ୍ଷାବର୍ଷର ପ୍ରାରମ୍ଭରୁ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଥମଥର ଖୋଲାଯାଇଛି। ଏହି ଶିକ୍ଷାକେନ୍ଦ୍ରକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷାକେନ୍ଦ୍ରରେ ପିଜିରେ ଇଂଲିଶ୍, ଇତିହାସ, ଓଡ଼ିଆ, ବାଣିଜ୍ୟ ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ପିଜି ପାଠପଢ଼ିବାରେ ବହୁତ ସହାୟକ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସେହିପରି ଅଣ୍ଡରଗ୍ରାଜୁଏଟ, ସ୍ନାତକ ସମ୍ମାନ ଶ୍ରେଣୀରେ ଓଡ଼ିଆ, ରାଜନୀତି ବିଜ୍ଞାନ, ଇତିହାସ, ଇଂଲିଶ୍, ଅର୍ଥଶାସ୍ତ୍ର ଆଦି ୫ଟି ବିଭାଗର ୟୁଜି କୋର୍ସରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିପାରିବେ। ଏହି ଯୋଜନା ଓ ଶିକ୍ଷାଦାନ କେନ୍ଦ୍ରରେ ଦୂରଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ ହେବ ବୋଲି କଲେଜ ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି। ସେହିପରି ଏହି ଶିକ୍ଷାକେନ୍ଦ୍ରରେ ସାର୍ଟିଫିକେଟ କୋର୍ସରେ କମ୍ୟୁନିକେଶନ ସ୍କିଲ୍, ଆଇଟି ସ୍କିଲ, ସବ୍‌ସ୍କିଲ୍ ଆଦି ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ରମାନେ ଏହି କୋର୍ସର ସୁଯୋଗ ନେଇ ଅବାଧରେ ଏହି ଶିକ୍ଷା କେନ୍ଦ୍ରରେ ଅଧ୍ୟୟନ କରିପାରିବେ। ଏହି ସମାରୋହରେ ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଜଗତପ୍ରସାଦ ସାବୁତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ଶିକ୍ଷାବିତ୍ ଲକ୍ଷ୍ମୀଧର ପଣ୍ଡା, ଅଧ୍ୟାପକ କୃଷ୍ଣଚନ୍ଦ୍ର ସାବୁତ, ପୁଷ୍ପିତା ରାଜଗୁରୁ, ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

# ଘାଇ ମରାମତି ରାସ୍ତା ବିପଦସଙ୍କୁଳ



କଣାସ,୯।୯(ସ୍ୱ.ପ୍ର.):

ଚଳିତ ପ୍ରଳୟଙ୍କରୀ ବନ୍ୟାରେ ଦୟାନଦୀର ଶାଖାନଦୀ ମକରାନଦୀରେ ଘାଇ ହୋଇ ୫ରୁ ୭ଟି ପଞ୍ଚାୟତର ବ୍ୟାପକ କ୍ଷତି ହେବାସହ ସମସ୍ତ ଧାନ ଫସଲ ନଷ୍ଟ ହୋଇଯାଇଛି। ନଦୀରୁ ପାଣି କମିବା ପରେ ଘାଇ ମରାମତି କରିବା ପାଇଁ ଦାବି ହୋଇଥିଲା। ଫଳରେ ଖୋର୍ଦ୍ଧା ଜଳସେଚନ ବିଭାଗ ପକ୍ଷରୁ କିଛି ଦିନ ତଳେ ଠିକାଦାର ନିଯୁକ୍ତି କରାଯାଇ ଘାଇକୁ ତରବରିଆ ଭାବେ ମରାମତି କରାଯାଇଥିଲା। ହେଲେ ଘାଇ ମରାମତି ସ୍ଥାନରେ ଏବେ ଚାଲିକି ଯିବା କଷ୍ଟସାଧ୍ୟ ହୋଇପଡ଼ିଛି। ଆଗାମୀ ଦିନରେ ଯଦି ପୁନଶ୍ଚ ବନ୍ୟା ଆସେ, ଉକ୍ତ ସ୍ଥାନରେ ପୁନଶ୍ଚ ଘାଇ ହେବାର ସମ୍ଭାବନା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ମରାମତି ସ୍ଥାନକୁ ପରିଦର୍ଶନ କରି ସୁଦୃଢ଼ ଭାବେ ପୁନଶ୍ଚ ମରାମତି କରିବାକୁ ଅଞ୍ଚଳବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

# ସିଆର୍‌ସିସିଙ୍କୁ ବିଦାୟ, ନୂତନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଣାସ,୯।୯(ସ୍ୱ.ପ୍ର.):

କଣାସ ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସାଧନକେନ୍ଦ୍ର ସଂଯୋଜକ (ସିଆରସିସି) ମୃତ୍ୟୁଞ୍ଜୟ ଦକ୍ଷିଣରାୟଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ଓ ନବ ନିଯୁକ୍ତ ରସାନନ୍ଦ ରାଉତରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସାନଓରା ବିଜୟ ବିହାର ପରିସରରେ ଆୟୋଜିତ ଏହି ସଭାରେ ସଂଘ ସଭାପତି ଦକ୍ଷିଣରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ଯୋଗଦେଇ ଦକ୍ଷିଣରାୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଆରସିସି ସୂର୍ଯ୍ୟନାରାୟଣ ନାୟକ, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ପୂର୍ବତନ ବିଆର୍‌ସିସି ସର୍ବେଶ୍ୱର ଜେନା, ସମ୍ପାଦକ ଭୂପତି ତ୍ରିପାଠୀ, ସିଆର୍‌ସିସି ବୈକୁଣ୍ଠନାଥ କୋଦମାସିଂ, ସସ୍ମିତା ଜାଲି ଓ ରାମ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦାୟୀ ସିଆର୍‌ସିସି ଦକ୍ଷିଣରାୟଙ୍କ କର୍ମତତ୍ପରତା ସମ୍ପର୍କରେ ଆଲୋକପାତ କରିବା ସହ ନୂତନ ସିଆର୍‌ସିସି ରାଉତରାୟଙ୍କୁ ସ୍ୱାଗତ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ବିଜୟ ପ୍ରଧାନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

# ଦୁର୍ଘଟଣାଗ୍ରସ୍ତଙ୍କୁ ଆତ୍ମୀୟ ଭାବି ସହାୟତା କର

**ସତ୍ୟବାଦୀ ଥାନାରେ ସଡ଼କ ସୁରକ୍ଷା ଓ ସଚେତନତା ଶିବିର**

ସାକ୍ଷୀଗୋପାଳ, ୯।୯(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ସହାୟତାରେ ଶୁକ୍ରବାର ସତ୍ୟବାଦୀ ଥାନା ପରିସରରେ ସଡ଼କ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଉଦ୍‌ଘାଟନ କରିଥିଲେ। ଦୁର୍ଘଟଣାରୁ ଉଦ୍ଧାର କରି ପ୍ରଥମେ କିଭଳି ପୀଡିତଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସୁରକ୍ଷା ଦିଆଯିବ ସେନେଇ ପରିବହନ ଅଧିକାରୀ ଅମିତ କୁମାର ରଣା, ରକ୍ଷକ ତଥା ପ୍ରଶିକ୍ଷକ ରବିଶଙ୍କର ମିଶ୍ର, କମଳ କୁମାର ଦାଶ ଯୋଗଦେଇ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିବା ପାଇଁ ଉଦ୍ଧାରକାରୀ ନିଜର ଆତ୍ମୀୟ ଲୋକ ଭାବି ଏହି କାର୍ଯ୍ୟ ସମ୍ପାଦନ କଲେ ଅନେକ ଜୀବନ ବଞ୍ଚାଇପାରିବା ବୋଲି ପରିବହନ ଅଧିକାରୀ ରଣା କହିଥିଲେ। ଉଚ୍ଚତମ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁସାରେ ରାସ୍ତା ଦୁର୍ଘଟଣାର ପୀଡିତଙ୍କୁ ପ୍ରଥମେ ସହାୟତାର ହାତ ବଢ଼େଇଥିବା ଓ ପୀଡ଼ିତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ପାଇଁ ଉଦ୍ଧାରକାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ୨ହଜାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଉଦ୍ଧାରକାରୀ କୌଣସି ଆଇନକାନୁନରେ ଛନ୍ଦି ହେବେ ନାହିଁ ବୋଲି ଆଇଆଇସି ବେହେରା ସୂଚନା ଦେଇଥିଲେ। ପ୍ରଶିକ୍ଷକ କମଳ କୁମାର ଦାଶ କିଭଳି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରାଯିବ ସେନେଇ ଡେମୋ ପ୍ରଦର୍ଶନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ସରପଞ୍ଚ ଦେବଦତ୍ତ ସାମନ୍ତରାୟ, ଦୀପା ବେହେରା, ଜିତେନ୍ଦ୍ର ବେହେରା, ଉମେଶ ପ୍ରଧାନ, ଦେବାଶିଷ ଶତପଥୀ, ଗୋବିନ୍ଦ ବେହେରା, ପ୍ରଶାନ୍ତ ବେହେରା, ବିଶ୍ୱନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିବାର ଡେମୋ ଦେଖାଉଛନ୍ତି ।

## ସଂକ୍ଷେପରେ

### ନିଶା ଖାଇବାକୁ ବାରଣ, ମା'ଙ୍କ ଶାଢ଼ିରେ ଝୁଲି ପଡ଼ିଲେ ଯୁବକ

ଭୁବନେଶ୍ୱର,୯।୯ (ବ୍ୟୁରୋ): ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗି ଅଞ୍ଚଳରେ ଜଣେ ଯୁବକ ଶୁକ୍ରବାର ଫ୍ୟାନ୍‌ରେ ତାଙ୍କ ମା'ଙ୍କ ଶାଢ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଅଶୋକ ପ୍ରଧାନ(୩୩)। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ମାମଲା (ନଂ.୩୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଶା ଖାଇବାକୁ ପରିବାର ଲୋକେ ବାରଣ କରିବାରୁ ସେ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସ୍ପଷ୍ଟ କରିଛି। ସୂଚନା ଅନୁଯାୟୀ, ଅଶୋକ ଇଞ୍ଜିନିୟରିଂରେ ଡିପ୍ଲୋମା ପରେ ରାଜ୍ୟ ବାହାରେ ବିଭିନ୍ନ କମ୍ପାନୀରେ ଚାକିରି କରିଥିଲେ। ସେ ୧୧ ବର୍ଷ ହେଲା ମଦ ଓ ବ୍ରାଉନସୁଗାର ସେବନ କରୁଥିଲେ। ୬ବର୍ଷ ତଳେ ଉତ୍ତରପ୍ରଦେଶରେ ଅଶୋକ ଚାକିରି କରୁଥିବାବେଳେ ଅଧିକ ନିଶା ସେବନ କରି ନିୟନ୍ତ୍ରଣ ହରାଇବାରୁ ପରିବାର ଲୋକ ତାଙ୍କୁ ଉଦ୍ଧାର କରି ସେଠାରୁ ଓଡ଼ିଶା ଫେରାଇ ଆଣିଥିଲେ। ପରେ ତାଙ୍କୁ ନିଶା ନିବାରଣ କେନ୍ଦ୍ରରେ ରଖିଥିଲେ। ପରବର୍ତ୍ତୀ ସମୟରେ ସେ ଘରକୁ ଆସିବା ପରେ ବି ବ୍ରାଉନସୁଗାର ଖାଇଥିଲେ। ନିଶା ନ ଛାଡ଼ିବାରୁ ଏହିପରି ସେ ୭ରୁ ଅଧିକ ଥର ନିଶା ନିବାରଣ କେନ୍ଦ୍ରରେ ରହିଥିଲେ ମଧ୍ୟ ବଦଳି ନ ଥିଲେ। ମାସେ ତଳେ ଅଶୋକ ନିଶା ନିବାରଣ କେନ୍ଦ୍ରରୁ ଆସିବା ପରେ ମଧ୍ୟ ଘର ଲୋକଙ୍କ କଥା ମାନୁ ନ ଥିଲେ। ଶୁକ୍ରବାର ବାହାରକୁ ଯାଇ ଘରକୁ ଫେରିଥିଲେ। ଜଳଖିଆ ଖାଇସାରିବା ପରେ ପୂର୍ବାହ୍ନ ୧୦ଟା ୩୦ରେ ଘରର କବାଟ ବନ୍ଦ କରି ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ।

### ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ

କୃଷ୍ଣପ୍ରସାଦ,୯।୯(ଡି.ଏନ୍.ଏ.): ଗ୍ରୀନ୍ ପାରିକୁଦ ପକ୍ଷରୁ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଚାରା ରୋପଣ କାର୍ଯ୍ୟକ୍ରମ। ଗ୍ରୀନ୍ ପାରିକୁଦର ଆବାହକ ହିମାଂଶୁ ଶେଖର ନାୟକଙ୍କ ସହଯୋଗରେ ପଥରଗଞ୍ଜ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କରାଯାଇଥିଲା। ଗ୍ରୀନ୍ ପାରିକୁଦର ସଦସ୍ୟା ଅମିତା ତରେଇ, ଯୁବ ସଙ୍ଗଠକ ବିଷ୍ଣୁ ପ୍ରସାଦ ବେହେରା, ଶଙ୍କର୍ଷଣ ପଲେଇ, କଳାବତି ଜେନାଙ୍କ ନେତୃତ୍ୱରେ ଆମ୍ବ, ଲେମ୍ବୁ, ଡାଳିମ୍ବ, ପେସ୍ତା ବାଦାମ, ନିମ୍ବ, ଅଁଳା ଆଦି ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ସଚେତନ ସଭା ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମଲ୍ଲିକ, ସୁରେନ୍ଦ୍ର ପ୍ରଧାନ, ଦେବରାଜ ବେହେରା, ସୁଶାନ୍ତ ନାୟକ, ବୁଦ୍ଧିବର ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ଅଲିତା ବିଶ୍ୱାଳ, ବୁଲି ମଣି ବିଶ୍ୱାଳ ପ୍ରମୁଖ ଯୋଗଦେଇ ପରିବେଶର ସୁରକ୍ଷା ତଥା ବିଶ୍ୱ ଜଳବାୟୁ ସନ୍ତୁଳନ ରକ୍ଷା ନିମନ୍ତେ ପର୍ଯ୍ୟାପ୍ତ ଚାରା ରୋପଣ ଜରୁରୀ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ଝିଲି ମାନସିଂହ, ତପସ୍ୱିନୀ ସେଠୀ, ନକୁଳ ସୁନ୍ଦରା, କାଳୁଚରଣ ଦାସ ସାମିଲ ଥିଲେ।

# କଞ୍ଚାମାଲ ଅଭାବ, ଦୁର୍ଦ୍ଦିନରେ ପଥରଶିଳ୍ପୀ

ଖୋର୍ଦ୍ଧା ଅଫିସ,୯।୯


ବୈଠକରେ ଯୋଗଦେଇଥିବା ଦକ୍ଷିଣ ଚଣ୍ଡୀ ଶିଳ୍ପୀ ମହାସଂଘର କର୍ମକର୍ତ୍ତା।

ଖୋର୍ଦ୍ଧା ବ୍ଲକ ନରଣଗଡ଼ ପଞ୍ଚାୟତ ଦକ୍ଷିଣଚଣ୍ଡୀ ମନ୍ଦିର ପରିସରରେ ଶୁକ୍ରବାର ଦକ୍ଷିଣଚଣ୍ଡୀ ଶିଳ୍ପୀ ମହାସଂଘର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଥରଶିଳ୍ପୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ପଥରରେ ଦେବଦେବୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ଲାଗି ଏଠାକାର ଶିଳ୍ପୀଙ୍କ ବେଶ୍ ଚାହିଦା ରହିଛି। ଏପରି କି ଅନେକ ଶିଳ୍ପୀ ରାଜ୍ୟ ସରକାରଙ୍କ ପକ୍ଷରୁ ପଥର ଶିଳ୍ପ ଉପରେ ତାଲିମ୍‌ପ୍ରାପ୍ତ ମଧ୍ୟ ହୋଇଛନ୍ତି। ଏହି ପଞ୍ଚାୟତର ନରଣଗଡ଼, ହାଡ଼ପଦା, କୁରୁମପଡ଼ା, ଭୋଗପୁର, ଧବଳପୁର, ବଳପୁର ଆଦି ଗ୍ରାମରେ ଥିବା ପ୍ରାୟ ୧୨ଶହ କୁଶଳୀ କାରିଗର ଏବଂ ୭ଶହ ଅଣକୁଶଳୀ କାରିଗର ପଥରରେ ସୂକ୍ଷ୍ମ ଖୋଦେଇ ମାଧ୍ୟମରେ ମୂର୍ତ୍ତି ନିର୍ମାଣ କରୁଛନ୍ତି। ତେବେ କଞ୍ଚାମାଲ ଅଭାବରୁ ଶିଳ୍ପୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଫଳରେ ବହୁ ଶିଳ୍ପୀ ଏବେ ଜୀବିକା ହରାଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯିବାକୁ ସଜବାଜ ହେଲେଣି। ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ନ ମିଳିଲେ ଅଧିକାଂଶ ଶିଳ୍ପୀ ରୋଜଗାର ହରାଇବା ଆଶଙ୍କା ରହିଛି। ବଂଶାନୁକ୍ରମେ ପଥର ଦେହରେ ଖୋଦେଇ କରି ରୋଜଗାର କରୁଥିବା ଶିଳ୍ପୀ ଏବେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି।

ପ୍ରଶାସନର ଯୋଗମାୟା ଓ ଭୋଗପୁର ମୁଣ୍ଡିଆ ପାହାଡ଼ ରହିଛି। ଏଥିରୁ ବଉଳମାଳା ପଥର ସଂଗ୍ରହ ହୋଇଥାଏ। ମନ୍ଦିର ନିର୍ମାଣ କାର୍ଯ୍ୟରେ ଏହାକୁ ବ୍ୟବହାର କରାଯାଏ। ରାଜ୍ୟ ସରକାର ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଓଡିଶା ମାଇନିଂ କର୍ପୋରେଶନକୁ ଦେଇଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ପାହାଡ଼ ଚାରିପଟେ ପାଚେରି କରି ଆବଦ୍ଧ କରି ରଖିଛନ୍ତି। ଏହାକୁ ନିଷେଧାଞ୍ଚଳ ଘୋଷଣା କରାଯାଇଥିବା ବେଳେ ଏଠାରୁ ପଥର ନେବା ପାଇଁ ଗ୍ରାମବାସୀଙ୍କୁ ସୁଯୋଗ ଦିଆଯାଉନାହିଁ। ଫଳରେ କଞ୍ଚାମାଲ ପାଇବା ନେଇ ଶିଳ୍ପୀଙ୍କ ନିମନ୍ତେ ସମସ୍ୟା ସୃଷ୍ଟି ହେଉଥିବା କହିଛନ୍ତି। ସେହିପରି ଅନ୍ୟ ଏକ ମୁଣ୍ଡିଆରୁ ମଧ୍ୟ ପଥର ଉତ୍ତୋଳନ ଉପରେ ଜିଲା ପ୍ରଶାସନ ପକ୍ଷରୁ ରୋକ୍ ଲଗାଯାଇଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ଏବଂ ଜିଲା ପ୍ରଶାସନ ମଧ୍ୟରେ ଏକାଧିକଥର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ଏଠାକାର ପଥରକୁ ବ୍ୟବହାର କରି ଦେବଦେବୀ, ଘରୋଇ ସାମଗ୍ରୀ ପ୍ରସ୍ତୁତ କରି ସ୍ଥାନୀୟ ଗ୍ରାମବାସୀ ଗୁଜରାଣ ମେଣ୍ଟାଉଥିବା ବେଳେ ଅଧିକାଂଶ ଏହାକୁ ନିଜର ଜୀବିକା ଭାବେ ଗ୍ରହଣ କରିଛନ୍ତି। ଏଠାକାର ଶିଳ୍ପୀଙ୍କ ସୂକ୍ଷ୍ମ କାରୁକାର୍ଯ୍ୟ ରାଜ୍ୟ ତଥା ରାଜ୍ୟ ବାହାର ଗ୍ରାହକଙ୍କୁ ଆକୃଷ୍ଟ କରିଥାଏ। ବିଭିନ୍ନ ଦେବଦେବୀଙ୍କ ପ୍ରତିମୂର୍ତ୍ତି କିଣିବା ଲାଗି ଏଠାରେ ଗ୍ରାହକଙ୍କ ଭିଡ଼ ରହିଥାଏ। ତେବେ କଞ୍ଚାମାଲକୁ ନେଇ ସମସ୍ୟା ଯୋଗୁ ଗ୍ରାମବାସୀ ଏବେ ହରଡ଼ଘଣାରେ ପଡ଼ିଛନ୍ତି। କଞ୍ଚାମାଲ ଅଭାବରୁ ମୂର୍ତ୍ତି ଗଢ଼ି ପାରୁନାହାନ୍ତି, ଅନ୍ୟପଟେ ଗ୍ରାହକଙ୍କଠାରୁ ମୂର୍ତ୍ତି ପାଇଁ ଅଗ୍ରିମ ରଖିଥିବା କାରିଗର ମୂର୍ତ୍ତି ଗଢ଼ିପାରୁନାହାନ୍ତି। ଆବଶ୍ୟକ ପଥର ମିଳୁ ନ ଥିବାରୁ କାରିଗରମାନେ ଦୀର୍ଘଦିନ ହେବ ହାତବାନ୍ଧି ବସିଛନ୍ତି। ବାରମ୍ବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ ସତ୍ତ୍ୱେ ଏହାର ସ୍ଥାୟୀ ସମାଧାନ କରାଯାଉନାହିଁ ବୋଲି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ଆଗାମୀ ଦିନରେ ଶିଳ୍ପୀମାନେ ଜିଲାପାଳଙ୍କୁ ଭେଟି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ସଂଘ ସଭାପତି ଗୋପୀନାଥ ବେହେରା ସଭାପତିତ୍ୱ କରିଥିଲେ। ସମ୍ପାଦକ କେଶବ ପ୍ରଧାନ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଜୟ କୁମାର ବେହେରା, ସଞ୍ଜୟ କୁମାର ଲେଙ୍କା, ସଦସ୍ୟ ଧନେଶ୍ୱର ବେହେରା, ନରସିଂହ ବେହେରା, ବିକ୍ରମ ପାଲ୍‌ଟାସିଂହ, ବାସୁଦେବ ବିଶ୍ୱାଳ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

**ଦକ୍ଷିଣ ଚଣ୍ଡୀ ଶିଳ୍ପୀ ମହାସଂଘର ବୈଠକ**

- ଦାଦନ ଲାଗି ବାହାର ରାଜ୍ୟମୁହାଁ ହେଲେଣି
- ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ
- ପ୍ରୋତ୍ସାହନ ନ ମିଳିଲେ ହଜିଯିବ ନରଣଗଡ଼ ପଥର ଶିଳ୍ପ

### ଗୋଳବାଇରେ ବଢୁଛି ହାତୀ ଉପଦ୍ରବ



ନିରାକାରପୁର,୯।୯(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ଗୋଳବାଇ ଅଞ୍ଚଳରେ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ଏକ ଛଅଟିକିଆ ହାତୀପଲ ଦିନତମାମ୍ ଶ୍ୟାମକଳସ ପାହାଡ଼ ଏବଂ କାଜୁ ଜଙ୍ଗଲରେ ଆଶ୍ରୟ ନେଉଛନ୍ତି। ସନ୍ଧ୍ୟା ହେଲେ ଖାଦ୍ୟ ଅନ୍ୱେଷଣରେ ଗ୍ରାମରେ ପଶି ଫସଲ ଖାଇବା ସହ ଦଳଚକଟି ନଷ୍ଟ କରୁଛନ୍ତି। ଏପରି କି ଘର ଓ ପାଚେରି ଭାଙ୍ଗୁଥିବା ନଜିର ରହିଛି। ଗୁରୁବାର ରାତିରେ ଏହି ହାତୀପଲ ସ୍ଥାନୀୟ ଗ୍ରାମର ବାବୁଲି ସାମନ୍ତରାୟ, ପ୍ରସନ୍ନ ଧଳଙ୍କ ସମେତ ଅନ୍ୟ କେତେଜଣଙ୍କ ବାରିରେ ପଶି ପାଚେରି ଭାଙ୍ଗିବା ସହିତ ଗଛ ଖାଇଥିବା ଅଭିଯୋଗ ହୋଇଛି। ଦୁଇ ମାସ ହେବ ହାତୀପଲ ଉକ୍ତ ଅଞ୍ଚଳରେ ରହି ଉତ୍ପାତ କରୁଥିବା ଗ୍ରାମବାସୀ କହିଛନ୍ତି। ତୁରନ୍ତ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ହାତୀଙ୍କୁ ଘଉଡ଼ାଇବ ପାଇଁ ଗ୍ରାମବାସୀଙ୍କ ସମେତ କଣ୍ଠୁରି ଚରଣ ସାମନ୍ତରାୟ ଦାବି କରିଛନ୍ତି।



କୃଷ୍ଣପ୍ରସାଦ: ପଥରଗଞ୍ଜ ବିଦ୍ୟାଳୟରେ ଶୁକ୍ରବାର ଗ୍ରୀନ୍ ପାରିକୁଦ ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

### ମୋବାଇଲ ଚୋରି: ୨ ଗିରଫ

ଜଟଣୀ,୯।୯(ଡି.ଏନ୍.ଏ.)

ମୋବାଇଲ ଫୋନ ଚୋରି ଘଟଣାରେ ଶୁକ୍ରବାର ଜଟଣୀ ଥାନା ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣପୁର ଥାନା ଅଧୀନ କନେହିପୁର ଅଞ୍ଚଳର ବାବୁ ଓରଫ ବିଷ୍ଣୁପ୍ରସାଦ ପାଇକରାୟ ଏବଂ ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆସାହି ଅଞ୍ଚଳର ମାଧବ ଓରଫ ଅନନ୍ତ ଦାସ। ଅକ୍ଷୟ ମୁଦୁଲି ରାସ୍ତାରେ ଯାଉଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଠାରୁ ମୋବାଇଲ ଝାମ୍ପି ନେଇଥିଲେ। ଏ ନେଇ ଅକ୍ଷୟଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

### ଜମି ବିକ୍ରି ନାଁରେ ୯ ଲକ୍ଷ ଠକେଇ

**ଅଭିଯୁକ୍ତ ଗିରଫ**

ବେଗୁନିଆ,୯।୯(ଡି.ଏନ୍.ଏ.)

ଜମି ବିକ୍ରି ନାଁରେ ୯ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗରେ ବେଗୁନିଆ ଥାନା ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ କୋହ୍ଲୁଆପାଟଣା ଗ୍ରାମର ଗୋପବନ୍ଧୁ ସାହୁ। ପୋଲିସ ସୂଚନା ମୁତାବକ, ଗୋପବନ୍ଧୁଙ୍କ ସ୍ତ୍ରୀ ସୁକାନ୍ତିଙ୍କ ନାମରେ ଥିବା କୋହ୍ଲୁଆପାଟଣା ମୌଜାର ଖାତା ନଂ. ୧୧୯/୫ ଓ ପ୍ଲଟ୍ ନଂ.୨୪୧ରେ ଜମି ରହିଛି। ଉକ୍ତ ଜମିକୁ ବିକ୍ରି କରିବା ପାଇଁ ଏହି ଥାନା ଅନ୍ତର୍ଗତ ବଡ଼ବେରଣା ଗ୍ରାମର ଜଗନ୍ନାଥ ପଣ୍ଡାଙ୍କଠାରୁ ୯ଲକ୍ଷ ଟଙ୍କା ଅଗ୍ରିମ ନେଇଥିଲେ। ପରେ ଗୋପବନ୍ଧୁ ଉକ୍ତ ଜମିକୁ ଜଗନ୍ନାଥଙ୍କୁ ବିକ୍ରି ନ କରି ବିଭିନ୍ନ ସମୟରେ ଏକାଧିକ ବିକ୍ରେତାଙ୍କୁ ବିକ୍ରି କରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହା ଜାଣିପାରି ଜଗନ୍ନାଥ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ଆଦେଶ ପରେ ପୋଲିସ ଗୋପବନ୍ଧୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୬/୨୨) ରୁଜୁ ହୋଇଛି। ଘଟଣାର ତଦନ୍ତ ଅଧିକାରୀ ଏସ୍‌ଆଇ ଏମ୍. ବସ୍ତିଆ କୁହନ୍ତି, ଉକ୍ତ ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ।

# ପଲିଥିନ ବ୍ୟବହାର ପରିବେଶକୁ ବିପଦ

ଖୋର୍ଦ୍ଧା ଅଫିସ,୯।୯

ପଲିଥିନର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ। ଦୈନନ୍ଦିନ ଜୀବନରେ ପଲିଥିନର ବ୍ୟବହାର ଲୋକଙ୍କ ଅଭ୍ୟାସଗତ ପାଲଟିଗଲାଣି। ରାଶନ ସାମଗ୍ରୀ, ଫଳ, ପନିପରିବା ଏପରି କି ଔଷଧ ଏବଂ ଖାଇବା ପଦାର୍ଥ ଲାଗି ପଲିଥିନ ବ୍ୟବହାର କରାଯାଉଛି। ପରିସ୍ଥିତି ଏପରି ହେଲାଣି ଯେ ସବୁ କାମରେ ପ୍ଲାଷ୍ଟିକ୍ ଓ ପଲିଥିନ ବ୍ୟବହାର ହେଉଛି। ବ୍ୟବହାର ପରେ ଏହାକୁ ଏଣେତେଣେ ରାସ୍ତାକଡ଼ରେ ଫୋପାଡ଼ି ଦେଉଛନ୍ତି। ଫଳରେ ନାଳ ନର୍ଦ୍ଦମାରେ ପ୍ଲାଷ୍ଟିକ୍, ପଲିଥିନ ଜମି ରହି ପାଣି ନିଷ୍କାସନରେ ଅସୁବିଧା ହେଉଛି। ଏହା ସହଜରେ ଜୈବ ବିଘଟନ ଘଟି ନ ଥାଏ। ଏହା ଦ୍ୱାରା ମାନବ ସମାଜ ପରିବେଶ ପ୍ରଦୂଷଣ ଭଳି ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେଉଛି। ସହରାଞ୍ଚଳରେ ପ୍ରଦୂଷଣ ବଢ଼ିଚାଲିଥିଲେ ମଧ୍ୟ ଏଥିପ୍ରତି କାହାରି ନିଘା ନାହିଁ। ଭବିଷ୍ୟତରେ ଏହା ମାନବ ସମାଜ ପାଇଁ ଘାତକ ସାଜିବାକୁ ଯାଉଥିବା ଜାଣି ମଧ୍ୟ କେହି ସଚେତନ ହେବାକୁ ରାଜି ନୁହନ୍ତି ବୋଲି ସାମାଜିକ ଅନୁଷ୍ଠାନ ବିବେକାନନ୍ଦ ୟୁଥ୍ କ୍ଲବ ପକ୍ଷରୁ ପ୍ଲାଷ୍ଟିକ୍, ପଲିଥିନର ବହୁଳ ବ୍ୟବହାର ପରିବେଶ ପାଇଁ ବିପଦ ଶୀର୍ଷକ ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। କ୍ଲବ ସମ୍ପାଦକ ପ୍ରଭାତ ପାଣିଗ୍ରାହୀ କହିଥିଲେ, ପ୍ଲାଷ୍ଟିକ୍ ଏବଂ ପଲିଥିନ ଲୋକଙ୍କ ଜୀବନରେ ଏକ ଅଂଶବିଶେଷ ପାଲଟିଗଲାଣି। ପଲିଥିନ କଟକଣା ସତ୍ତ୍ୱେ କେହି ମାନିବାକୁ ରାଜି ନୁହନ୍ତି। ରାସ୍ତାକଡ଼ ଉଠାଦୋକାନୀ, ଫୁଟ୍‌ପାଥ୍ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସମସ୍ତ ହୋଟେଲ, ପାନ ଦୋକାନ, ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନରେ ବ୍ୟବହାର କରାଯାଉଛି। ଏହା ଉପରେ ସରକାର କଟକଣା ଜାରି କରିଛନ୍ତି। ତଥାପି ଲୋକେ ଏହାକୁ ଜାବୁଡ଼ି ଧରିଛନ୍ତି। ଫଳରେ ଏହା ବଡ଼ ବିପଦକୁ ଟାଣି ଆଣିପାରେ ବୋଲି ବିଶେଷଜ୍ଞମାନେ ମଧ୍ୟ ମତ ଦେଇଛନ୍ତି। ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ଜରୁରୀ ବୋଲି ସେ କହିଥିଲେ। ରଞ୍ଜିତ କେଏନ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୋଭନ ଘୋଷ୍, ଲଳିତ ମୋହନ ମହାପାତ୍ର, ସତ୍ୟ ବିଶୋୟୀ, ମୀନକେତନ ସୁବୁଦ୍ଧି, ଗୋପାଳକୃଷ୍ଣ ଦାସ, ଓମ୍‌ପ୍ରକାଶ ମହାନ୍ତି ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

### ୟଙ୍ଗ୍ ଉତ୍କଳ, ମା'ଚଣ୍ଡୀ କ୍ଲବ ବିଜୟୀ

**ମଦନପୁର ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟ**

ୟାଁଳା,୯।୯(ଡି.ଏନ୍.ଏ.)

ମଦନପୁର ନବଜ୍ୟୋତି କ୍ଲବ ପକ୍ଷରୁ ଆୟୋଜିତ ଫୁଟ୍‌ବଲ ଲିଗ୍ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ୟଙ୍ଗ୍ ଉତ୍କଳ ଭୁବନେଶ୍ୱର ଓ ଇଲେଭେନ ଷ୍ଟାର ବେଣାପଞ୍ଜୁରୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମ୍ୟାଚ୍‌ର ୩୫ତମ ମିନିଟରେ ୟଙ୍ଗ୍ ଉତ୍କଳର ସଚ୍ଚିଦାନନ୍ଦ ନାୟକ ଗୋଟିଏ ଗୋଲ ଦେଇଥିଲେ। ଖେଳ ଶେଷପର୍ଯ୍ୟନ୍ତ ଇଲେଭେନ ଷ୍ଟାର ଟିମ୍ କୌଣସି ଗୋଲ କରି ନ ପାରି ପରାଜିତ ହୋଇଥିଲା। ୟଙ୍ଗ ଉତ୍କଳର ମଙ୍ଗଳ ସିଂ ମୁଣ୍ଡରୀ ଏବଂ ଇଲେଭେନ ଷ୍ଟାରର ନଜିବୁର ରେହେମାନ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଡାଇମଣ୍ଡ କ୍ଲବ ଅନୁପସ୍ଥିତ ରହିବାରୁ ମା'ଚଣ୍ଡୀ କ୍ଲବ କାଶୀପୁର ବିଜେତା ଘୋଷିତ ହୋଇଥିଲା। ମନୋରଞ୍ଜନ ଖୁଣ୍ଟିଆ, ଆନନ୍ଦ ନାୟକ ଓ ପ୍ରଦୋଷ ବଳିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ।

# ଅଭିଯୋଗ ସତ୍ତ୍ୱେ ତଦନ୍ତ ହେଉନି

**ନିଯୁକ୍ତିରେ ଅର୍ଥ କାରବାର ପ୍ରସଙ୍ଗ**

ଖୋର୍ଦ୍ଧା ଅଫିସ,୯।୯

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ବିରୋଧରେ ଦୁଇଟି ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତଦନ୍ତରେ ଶିଥିଳତା ଯୋଗୁ ପ୍ରଶାସନର କାର୍ଯ୍ୟଦକ୍ଷତା ଏବଂ ସ୍ୱଚ୍ଛତା ଉପରେ ଉଠିଛି ପ୍ରଶ୍ନବାଚୀ। ତଦନ୍ତ ପ୍ରକ୍ରିୟା ସରକାରୀ ନାଲି ଫିତା ତଳେ ଚାପି ହୋଇ ରହିଯାଇଛି। ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତିରେ ବ୍ୟାପକ ଆର୍ଥିକ କାରବାର ହୋଇଥିବା ନେଇ ଗତ ମାର୍ଚ୍ଚ ୨୭ ରେ ସମବାୟ ଶାସନ ସଚିବ ଏବଂ ବିଭାଗୀୟ ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର। ବିଧାୟକ ମିତ୍ର ଆଣିଥିବା ଅଭିଯୋଗ ପ୍ରକାରେ ଗତବର୍ଷ ବ୍ୟାଙ୍କିଙ୍ଗ ଆସିଷ୍ଟାଣ୍ଟ ପଦବୀରେ ୨୬ଜଣଙ୍କୁ ଦିଆଯାଇଥିବା ନିଯୁକ୍ତ ବ୍ୟାପକ ଆର୍ଥିକ କାରବାର କରାଯାଇଛି। ଯୋଗ୍ୟତା ଭିତ୍ତିରେ ଏହି ନିଯୁକ୍ତି ଦିଆ ନ ଯାଇ ହେରଫେର କରାଯାଇଛି। ପରୀକ୍ଷା ଏବଂ ସାକ୍ଷାତକାର ସମୟରେ ଲକ୍ଷାଧିକ ଟଙ୍କା କାରବାର କରାଯାଇଛି। ରାଜ୍ୟର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦ୍ୱାରା ତଦନ୍ତ ଲାଗି ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ୨୦୨୧ରେ ହୋଇଥିବା ଏହି ନିଯୁକ୍ତି ପ୍ରକ୍ରିୟାରେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଆର୍ଥିକ କାରବାର ହୋଇଥିବା ଚର୍ଚ୍ଚା ହେଉଛି। ତେବେ ବିଧାୟକ ଅଭିଯୋଗ କରିବାର ୫ମାସ ବିତିଲାଣି। ହେଲେ ରାଜ୍ୟ ସମବାୟ ଶାସନ ସଚିବ କିମ୍ବା ବିଭାଗୀୟ ମନ୍ତ୍ରୀଙ୍କ ପକ୍ଷରୁ କୌଣସି ତଦନ୍ତ ନିର୍ଦ୍ଦେଶ ଦିଆଯାଇନାହିଁ। ତେବେ ବିଭାଗୀୟ ତଦନ୍ତକୁ ସମସ୍ତଙ୍କ ଅପେକ୍ଷା ରହିଛି।

**ଟଙ୍କା ଫେରିପାଇବା ଆଶଙ୍କାରେ ଜମାକାରୀ**

ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନ ବେଗୁନିଆ ବ୍ଲକ ରାଉତପଡ଼ା ଶାଖାରେ ଜମାକାରୀଙ୍କ ସ୍ଥାୟୀ ଏବଂ ସଞ୍ଚୟ ବାବଦକୁ ପ୍ରାୟ ୧ କୋଟି ୫୦ଲକ୍ଷ ଟଙ୍କା ଆତ୍ମସାତ୍ କରାଯାଇଥିବା ନେଇ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଥିଲେ। ଏଥିସହ ଜିଲାପାଳ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଶାଖା ଇଓଡବ୍ଲ୍ୟୁକୁ ତଦନ୍ତ ଲାଗି ସୁପାରିସ କରିଥିଲେ। ହେଲେ ଏପର୍ଯ୍ୟନ୍ତ କୌଣସି ତଦନ୍ତ ଆରମ୍ଭ ହୋଇନାହିଁ। ପ୍ରମାଣ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନର ସ୍ୱଚ୍ଛତା ଉପରେ ଜମାକାରୀ ପ୍ରଶ୍ନ ଉଠାଇଛନ୍ତି। ଟଙ୍କା ଫେରିପାଇବା ନେଇ ଜମାକାରୀ ଆଶଙ୍କାରେ ରହିଛନ୍ତି।

# ପାରମ୍ପରିକ କଳା, ନୃତ୍ୟରେ ବିଦାୟ ନେଲେ ଗଜାନନ

ନିରାକାରପୁର,୯।୯(ଡି.ଏନ୍.ଏ.)

ଏକ ଭାବବିହ୍ୱଳ ପରିବେଶରେ ଶୁକ୍ରବାର ବିଘ୍ନ ବିନାଶନଙ୍କୁ ମେଲାଣି ଦେଇଛନ୍ତି ନିରାକାରପୁର ଅଞ୍ଚଳବାସୀ। ପାରମ୍ପରିକ ଲୋକବାଦ୍ୟ, ଲୋକନୃତ୍ୟ, ଡିଜେରେ ଅଞ୍ଚଳ ହୋଇଉଠିଥିଲା ପ୍ରକମ୍ପିତ। ନରେନ୍ଦ୍ରପୁର ୟୁନାଇଟେଡ୍ କ୍ଲବ, ପାଣ୍ଡବ ପାଟଣା ପ୍ରଗତି କ୍ଲବ ଏବଂ ନନପଡ଼ା ସାହିର ଗଣେଶଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଅପରାହ୍ନ ସାଢ଼େ ୧ଟାରୁ ଭସାଣି ଉତ୍ସବ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ସଙ୍ଗୀତର ତାଳେ ତାଳେ ନୃତ୍ୟ ସାଜିଥିଲା ଆକର୍ଷଣର କେନ୍ଦ୍ରବିନ୍ଦୁ। କୁକୁଡ଼ା ଓ ବଢ଼ାବୁଢ଼ୀ ବେଶଧାରୀଙ୍କ ନୃତ୍ୟ ମଧ୍ୟ ଉପସ୍ଥିତ ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ମେଢ଼ଗୁଡ଼ିକ ନିର୍ଦ୍ଧାରିତ ଜଳାଶୟରେ ବିସର୍ଜିତ ହୋଇଛି। ଭସାଣିରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ସ୍ଥାନୀୟ ପୋଲିସ ମୁତୟନ ହୋଇଥିଲେ। ଅନ୍ୟପଟେ ଭସାଣିରେ ଶାନ୍ତି ବଜାୟ ରଖିବା ପାଇଁ ପୂର୍ବରୁ କ୍ଲବର ସମସ୍ତ ସଦସ୍ୟଙ୍କୁ କୁହାଯାଇଥିଲା ବୋଲି ୟୁନାଇଟେଡ କ୍ଲବ୍‌ର ସଭାପତି ସୁଶୀଲ କୁମାର ସେନାପତି, ପିନାକ ପ୍ରଧାନ, ପ୍ରଗତି କ୍ଲବର ସଭାପତି ଶୁଭମ୍ ଦାସ ଓ ଚନ୍ଦ୍ରକାନ୍ତ ବେହେରା କହିଛନ୍ତି।




ଭସାଣି ଶୋଭାଯାତ୍ରାରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି।


ଶୋଭାଯାତ୍ରାରେ କ୍ଲବ୍ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁମାନେ ନାଚୁଛନ୍ତି।


କୁକୁଡା ବେଶଧାରୀ।

## ଆସ୍କା ଫର୍ଟି ଜବତ, ୨ କୋର୍ଟ ଚାଲାଣ

**କଟକ ଅଫିସ:** କଟକ ଦୋଳମୁଣ୍ଡାଇସ୍ଥିତ ଏକ ବିଦେଶୀ ମଦ ଦୋକାନ ପଛପଟେ ଲୋକଙ୍କୁ ଆସ୍କା ଫର୍ଟି ବିକ୍ରି କରିବା ଅଭିଯୋଗରେ ବାଦାମବାଡ଼ି ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧୁପାଟଣା ଥାନା ଅନ୍ତର୍ଗତ ତିନିଘରିଆ ବାଲିସାହିର ପ୍ରକାଶ କୁମାର ଦାସ ଓ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଭାଲିଆବାଡ଼ି ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ। ସେମାନଙ୍କଠାରୁ ୨୫ ଲିଟର ଆସ୍କା ଫର୍ଟି, ଦୁଇଟି ମୋବାଇଲ ଓ ୧୧, ୮୦୦ ଟଙ୍କା ଜବତ କରାଯାଇଛି । ଏ ନେଇ ବାଦାମବାଡ଼ି ଥାନାରେ ଏକ ମାମଲା(ନଂ.୨୬୧/୨୨) ରୁଜୁ ହୋଇଛି।

### ସଂକ୍ଷେପରେ

## ଅପହୃତା ନାବାଳିକା ପଶ୍ଚିମବଙ୍ଗରୁ ଉଦ୍ଧାର

କଣ୍ଟାପଡା,୯।୯(ଡି.ଏନ୍.ଏ.)- ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଅପହୃତା ନାବାଳିକାଙ୍କୁ ଓଲଟପୁର ପୋଲିସ ପଶ୍ଚିମବଙ୍ଗ ବେଲଦା ଅଞ୍ଚଳରୁ ଗୁରୁବାର ଉଦ୍ଧାର କରିଛି। ଶୁକ୍ରବାର ସକାଳେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ନାବାଳିକା ଜଣଙ୍କ ଗତ ଫେବୃଆରୀ ୨୬ ତାରିଖରେ ଓଲଟପୁର ଥାନା ଅଞ୍ଚଳର ଏକ କଲେଜକୁ ପରୀକ୍ଷା ଦେବାକୁ ଯାଉଥିବାବେଳେ ଜଣେ ଯୁବକ ତାଙ୍କୁ ଅପହରଣ କରି ନେଇ ଯାଇଥିଲେ। ଏ ସମ୍ପର୍କରେ ନାବାଳିକାଙ୍କ ମା’ ଓଲଟପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଙ୍କୁ ଅପହରଣକାରୀ ବେଲଦା ଅଞ୍ଚଳରେ ଲୁଚାଇ ରଖିଥିବା ସମ୍ପର୍କରେ ଓଲଟପୁର ପୋଲିସ ସୂଚନା ପାଇଥିଲା। କଟକ ଗ୍ରାମାଞ୍ଚଳ ଏସ୍ପି ବି. ଯୁଗଳ କିଶୋରଙ୍କ ନିର୍ଦ୍ଦେଶକ୍ରମେ ଓଲଟପୁର ଥାନାର ଏକ ସ୍କ୍ୱାର୍ଡ ଗୁରୁବାର ଚଢ଼ାଉକରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ହେଲେ ଅଭିଯୁକ୍ତଜଣଙ୍କ କୌଶଳକ୍ରମେ ସେଠାରୁ ଫେରାର ହୋଇଯାଇଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା କାର୍, ୨ ଗୁରୁତର

ମଙ୍ଗୁଳି, ୯।୯(ଡି.ଏନ୍.ଏ.)- ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ନିର୍ଗୁଣ୍ଡି ନିକଟରେ ଏକ କାର୍ ଷ୍ଟ୍ରିଟ୍ ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇଛି। ଏଥିରେ କାର୍ ଚାଳକଙ୍କ ସମେତ ଭିତରେ ବସିଥିବା ଅନ୍ୟଜଣେ ଗୁରୁତର ହୋଇଛନ୍ତି। ଉଭୟଙ୍କ ପରିଚୟ ମିଳିପାରି ନାହିଁ। ଚିକିତ୍ସାଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଶୁକ୍ରବାର ସକାଳ ପ୍ରାୟ ୭ଟାରେ କାର୍ଟି ଚଣ୍ଡିଖୋଲରୁ କଟକ ଅଭିମୁଖେ ଯାଉଥିଲା। ହେଲେ ଚାଳକଙ୍କ ଅସାବଧାନତା ଯୋଗୁ କାର୍ଟି ଉକ୍ତ ଖୁଣ୍ଟରେ ପିଟି ହୋଇ ଓଲଟି ପଡିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍କୁ ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

## ବଳି ପୀଠରେ ବାମନ ଜୟନ୍ତୀ ଉତ୍ସବ

କଟକ ସଦର, ୯।୯(ଡି.ଏନ୍.ଏ.)- କଟକ ସଦର ବ୍ଲକ ଅନ୍ତର୍ଗତ ଚାନ୍ଦୁଲି ଗ୍ରାମ ନିକଟ ବଳି ପୀଠରେ ବାମନ ଜୟନ୍ତୀ ପାଳିତ ହୋଇଯାଇଛି। ବଳି ବାମନ ପୀଠ ସୁରକ୍ଷା ସମିତି ଆନୁକୂଲ୍ୟରେ ଏଠାରେ ନାମ ସଙ୍କୀର୍ତ୍ତନ ଓ ପ୍ରବଚନ ହୋଇଥିଲା। ସକାଳେ ଭଗବାନଙ୍କର ବାଲ୍ୟ ମୂର୍ତ୍ତିକୁ ନୀଳକଣ୍ଠ ନାଥଙ୍କ ପୀଠରୁ ସଙ୍କୀର୍ତ୍ତନ ସହ ଗ୍ରାମ ପରିକ୍ରମା ପରେ ବଳି ପୀଠକୁ ନିଆଯାଇଥିଲା। ସୁଶାନ୍ତ ରାଉଳ, ବିକ୍ରମ ରାଉଳ, କୁଳସରିଚୁଆଁ ସରପଞ୍ଚ ବନମାଳୀ ବିହାରୀ, ସମିତି ସଭ୍ୟ ଦିଲ୍ଲୀପ ବିହାରୀ, ଉଦୟ ନାଥ ରାଉତ, ପ୍ରଦୀପ୍ତ ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସାସମଲ, ଅଜୟ ସାସମଲ ଓ ପପୁ ସାସମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦଶମୀରେ ହୁଏ ସିନ୍ଦୂର ଖେଳ

କଟକ ଅଫିସ,୯।୯

ପାର୍ବଣ ପାଇଁ ଉତ୍ସବ ମୁଖର ହୋଇଉଠିଛି କଟକ ସହର। ମା’ଙ୍କ ଧରାବତରଣ ପାଇଁ ପୂଜାମଣ୍ଡପଠାରୁ ଆରମ୍ଭ କରି ଦେବୀପୀଠ ପର୍ଯ୍ୟନ୍ତ ସବୁଠି ଉତ୍ସାହ, ଉଦ୍ଦୀପନା ଦେଖାଦେଇଛି। ଏହି ପୂଜା ଦୌଡରେ ନିଜକୁ ସାମିଲ କରିଛି କାଜିବଜାର ପୂଜା କମିଟି। ଲୋକକଥା ଅନୁଯାୟୀ, ବହୁବର୍ଷ ପୂର୍ବେ କାଜିବଜାରରେ ଏକ ବଙ୍ଗୀୟ ପରିବାର ପକ୍ଷରୁ ଏଠାରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ବଙ୍ଗୀୟ ପରିବାରର ଏକ ଭାଗବତ ଘର ଥିଲା। ଏହି ଘରେ କାଳୀ ଓ ଦୁର୍ଗାଙ୍କର ମୃଣ୍ମୟୀ ମୂର୍ତ୍ତି ନିର୍ମାଣ କରାଯାଇ ପୂଜା କରାଯାଉଥିଲା। ହେଲେ ଉକ୍ତ ପରିବାର ଭାଗବତ ଘରକୁ ଭଡ଼ାରେ ଲଗାଇ ଦେଇଥିଲେ। ଫଳରେ ଏକ ସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ଯୋଜନା କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସହାୟତାରେ ହରିହର ପଣ୍ଡା, ଶୈଳେନ କୁମାର ବୋଷଙ୍କ ସମେତ ବହୁ ମୁରବିଙ୍କ ଉଦ୍ୟମରେ କାଜିବଜାର ଛକରେ ଏକ ସ୍ଥାୟୀ ପୂଜା ମଣ୍ଡପ ନିର୍ମାଣ କରାଯାଇଥିଲା। ୧୯୭୧ ମସିହାଠାରୁ ଉକ୍ତ ମଣ୍ଡପରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ୧୯୯୬ରେ କମିଟିର କେତେଜଣ ବରିଷ୍ଠ ସଦସ୍ୟ ଜରିମେଢ ପରିବର୍ତ୍ତେ ଚାନ୍ଦିମେଢ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। ୧୯୯୭ରେ ଏହି କମିଟି ଚାନ୍ଦିମେଢ ତାଲିକାରେ ସାମିଲ ହୋଇଥିଲା। ଏହା ସହରର ତୃତୀୟ ଚାନ୍ଦି ମେଢ ଭାବେ ପରିଚିତ। କାଜିବଜାର ଓ କାଜିବଜାର ବେହେରା ସାହିକୁ ନେଇ ଏହି କମିଟି ଗଠିତ। ବଙ୍ଗୀୟ ପରମ୍ପରା ଅନୁସାରେ ଏଠାରେ ପୂଜା କରାଯାଇଥାଏ। ସପ୍ତମୀଠାରୁ ଦଶମୀ ପର୍ଯ୍ୟନ୍ତ ମା’ଙ୍କ ପାଖରେ ଅନ୍ନ ଭୋଗ ଲାଗି କରାଯାଏ। ଦଶମୀରେ ସ୍ୱତନ୍ତ୍ର ଭାବେ ଦହି ପଖାଳ ଭୋଗ ହୁଏ। ବଙ୍ଗାଳୀ ପୂଜକ ମା’ଙ୍କର ପୂଜାର୍ଚ୍ଚନା କରିଥାନ୍ତି। ଏଠାରେ ଚାନ୍ଦିମେଢର ଓଜନ ୧ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଓ ଉଚ୍ଚତା ପ୍ରାୟ ୧୨ ଫୁଟ ରହିଛି। ଚାନ୍ଦି ସହିତ ତାରକସିର କାରୁକାର୍ଯ୍ୟ ମଧ୍ୟ ଏଠାରେ ଦେଖିବାକୁ ମିଳିବ। ଚଳିତବର୍ଷ ପ୍ରାୟ ୧୦ ଗ୍ରାମ୍‌ର ସୁନା ଅଳଙ୍କାର ମା’ଙ୍କ ପାଇଁ ପ୍ରସ୍ତୁତ କରାଯାଇଛି । କମିଟିର ସ୍ୱତନ୍ତ୍ରତା ହେଉଛି ଦଶମୀ ଦିନ ଏଠାରେ ହେଉଥିବା ସିନ୍ଦୂର ଖେଳ। ସ୍ୱାମୀଙ୍କ ଦୀର୍ଘାୟୁ କାମନା କରି ସାହିର ମହିଳାମାନେ ସିନ୍ଦୂର ଖେଳ ଖେଳିଥାନ୍ତି। ଚଳିତବର୍ଷ ପୂଜା ବଜେଟ୍ ପ୍ରାୟ ୩ ଲକ୍ଷ ଟଙ୍କା ରହିଛି।








“ପୂଜା ଓ ଭସାଣି ସମୟରେ ଶାନ୍ତିଶୃଙ୍ଖଳାକୁ କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଥାଏ। ଏଥିପାଇଁ କମିଟିକୁ ପ୍ରଶାସନ ତରଫରୁ ଅନେକଥର ସମ୍ବର୍ଦ୍ଧିତ କରାଯାଇଛି। ପୂଜା, ଭସାଣି ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କମିଟି କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀମାନେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିଥାନ୍ତି।

**ସୁବାସ କ୍ରିଷ୍ଣା ସରକାର, ସଭାପତି**



“ଭକ୍ତମାନେ ଶୃଙ୍ଖଳାର ସହ କିଭଳି ଭାବେ ମା’ଙ୍କୁ ଦର୍ଶନ କରିପାରିବେ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥି ସହିତ କମିଟି ଆର୍ଥିକ ଅନଗ୍ରସର ଛାତ୍ରୀଛାତ୍ରଙ୍କୁ ସହାୟତାର ହାତ ବଢାଇଥାଏ। କମିଟିର ପୂର୍ବତନ ସଭାପତି ଆଶୁତୋଷ ସ୍ୱାଇଁଙ୍କ ବିୟୋଗ ଯୋଗୁଁ ପୂଜା ନିରାଡମ୍ବରରେ ପାଳନ କରାଯିବ।

**ପ୍ରଦୀପ କୁମାର ସିହ୍ନା, ସାଧାରଣ ସମ୍ପାଦକ**

## ଅଙ୍ଗନୱାଡି କେନ୍ଦ୍ର ସାମଗ୍ରୀର ଅପବ୍ୟବହାର

କଟକ ସଦର, ୯।୯(ଡି.ଏନ୍.ଏ.)

କଟକ ସଦର ବ୍ଲକ ଅନ୍ତର୍ଗତ ୨୩ଟି ପଞ୍ଚାୟତରେ ୧୦୦ରୁ ଉର୍ଦ୍ଧ୍ୱ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ କୋଠା ରହିଛି। କିନ୍ତୁ ଅଧିକାଂଶ କେନ୍ଦ୍ରରେ ଅଙ୍ଗନୱାଡି ଦରକାରୀ ସାମଗ୍ରୀ ରଖା ଯାଉ ନଥିବା ଅଭିଯୋଗ ହୋଇଛି। ଏହି ସାମଗ୍ରୀକୁ ଅଙ୍ଗନୱାଡି କର୍ମୀମାନେ ନିଜ ଘରେ ରଖି ବ୍ୟକ୍ତିଗତ କାମରେ ବ୍ୟବହାର କରୁଥିବା କଟକ ଜିଲାପାଳଙ୍କ ନିକଟରେ ଗୁରୁବାର ଅଭିଯୋଗ ହୋଇଛି। ସରକାରୀ ନିୟମ ମୁତାବକ ଗ୍ୟାସ୍ ଚୁଲା, ସିଲିଣ୍ଡର, ପିଲା ବସିବା ଆସନ ପର୍ଯ୍ୟନ୍ତ ଜିନିଷ କୋଠାଘରେ ରହିବା କଥା। ଏହାଛଡା ଭଡ଼ାଘରେ ଚାଲିଥିବା କେନ୍ଦ୍ର ପାଇଁ ମଧ୍ୟ ଏକା ନିୟମ ରହିଛି। ଟେବୁଲ, ଚୌକି, ବସିବା ପାଇଁ ଆସନ ଓ ଦରି, ଦସ୍ତାବାକ୍ସ, ବାଲ୍ଟି, ଥାଳି ଭଳି ଦରକାରୀ ସାମଗ୍ରୀ ପ୍ରତି ୨/୩ ବର୍ଷରେ ଥରେ ଆବଶ୍ୟକତା ଅନୁଯାୟୀ ଯୋଗାଇ ଦିଆଯାଇଥାଏ। ଅବଶ୍ୟ କରୋନା ପାଇଁ ସବୁ କେନ୍ଦ୍ର ଦେଢ଼ବର୍ଷ ବନ୍ଦ ରହିଥିଲା। ୨୦୨୨ରେ ପରିସ୍ଥିତି ସ୍ୱାଭାବିକ ହେବା ପରେ ଉକ୍ତ ସାମଗ୍ରୀ ଆଉ କେନ୍ଦ୍ରକୁ ନ ଆସି ଘରୋଇ କାମରେ ବ୍ୟବହାର କରାଯାଉଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏ ସମ୍ପର୍କରେ ଜିଲାପାଳଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ହେଲେ କିନ୍ତୁ କଟକ ସଦର ବ୍ଲକ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ(ସିଡିପିଓ) ରଶ୍ମିତା ମହାନ୍ତିଙ୍କୁ ପଚାରିବାରୁ ସେ କହିଥିଲେ, ଘରକୁ ନିଆଯାଇଥିବା ସମସ୍ତ ସାମଗ୍ରୀ ଅଙ୍ଗନୱାଡି କେନ୍ଦ୍ରକୁ ଅଣାଯାଇଛି ବୋଲି ସୁପରଭାଇଜରମାନେ ରିପୋର୍ଟ ଦେଇଛନ୍ତି। ତଥାପି ଯଦି ଅଭିଯୋଗର ସତ୍ୟତା ଥାଏ, ତେବେ ଏହାର ତଦନ୍ତ କରାଯିବ।

## ୧୪୩୯ କେଜି ଗଞ୍ଜେଇ ନଷ୍ଟ

କଟକ ଅଫିସ,୯।୯: ବେଆଇନ କାରବାର ବେଳେ ପୋଲିସ ଓ ଅବକାରୀ ବିଭାଗ ହାତରେ ଧରାପଡ଼ି ୪୧ଟି କେସ୍‌ରୁ ଜବତ ହୋଇଥିବା ୧୪୩୯ କେଜି ଗଞ୍ଜେଇକୁ ଶୁକ୍ରବାର ନଷ୍ଟ କରାଯାଇଥିବା ପୋଲିସ ସୂଚନା ଦେଇଛି। କଟକ ଡିସିପିଙ୍କ ନେତୃତ୍ୱରେ ଗଠିତ ଡିସ୍‌ପୋଜାଲ କମିଟି ଦ୍ୱାରା ଖୋର୍ଦ୍ଧାଠାରେ ଏଗୁଡ଼ିକୁ ନଷ୍ଟ କରାଯାଇଥିଲା। ଅବକାରୀ ବିଭାଗର ଅଧୀକ୍ଷକ, ସହକାରୀ ଜିଲାପାଳ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଗଞ୍ଜେଇ ନଷ୍ଟ କରାଯାଇଥିଲା।

# ସହରରେ ୨୪ ଘଣ୍ଟା ମିଳିବ ବିଶୁଦ୍ଧ ପାନୀୟ ଜଳ



ସମୀକ୍ଷା ବୈଠକରେ ସିଏମ୍‌ସି ମେୟର ସୁବାସ ସିଂ ଓ କର୍ପୋରେଟଙ୍କ ସହ ଅନ୍ୟମାନେ।

କଟକ ଅଫିସ ,୯।୯

### ପାନୀୟ ଜଳ ଯୋଗାଣର ଅଗ୍ରଗତି ସମ୍ପର୍କିତ ସମୀକ୍ଷା ବୈଠକ

ସହରବାସୀଙ୍କୁ ଟ୍ୟାପ୍ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ମିଳିବ। ପ୍ରଥମ ପର୍ଯ୍ୟାୟରେ ୮ଟି ଜୋନ୍‌ରେ ଏହି ଜଳଯୋଗାଣ ବ୍ୟବସ୍ଥା କରାଯିବ। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟରେ ୧୧ଟି ଜୋନ୍, ୨୦୨୩ ଜୁଲାଇ ଶେଷ ସୁଦ୍ଧା ତୃତୀୟ ପର୍ଯ୍ୟାୟରେ ୧୭ଟି ଜୋନ୍ ଏବଂ ୨୦୨୩ ଡିସେମ୍ବର ସୁଦ୍ଧା ୧୮ଟି ଜୋନ୍‌କୁ ଚତୁର୍ଥ ପର୍ଯ୍ୟାୟରେ ପାନୀୟ ଜଳ ଯୋଗାଇ ଦିଆଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ୱାଟର କର୍ପୋରେସନ ଅଫ୍ ଓଡ଼ିଶା(ୱାଟ୍‌କୋ) ପକ୍ଷରୁ ୫୯ଟି ୱାର୍ଡକୁ ୫୪ଟି ଜୋନ୍‌ରେ ଭାଗ କରାଯାଇଛି। ସେଥିମଧ୍ୟରୁ ୪୯ଟି ଜୋନ୍‌କୁ ସିଡିଏସ୍ଥିତ ଜଳ ବିଶୋଧନାଗାରରୁ ଜଳ ଯୋଗାଣ ହେବ। ସେହିପରି ପ୍ରତାପନଗରୀଠାରେ ଥିବା ଜଳ ବିଶୋଧନାଗାରରୁ ୫୬, ୫୭, ୫୮ ଓ ୫୯ ନମ୍ବର ୱାର୍ଡକୁ ଓ ଜଗତ୍‌ପୁରସ୍ଥିତ ଜଳ ବିଶୋଧନାଗାରରୁ ୪୮, ୪୯ ନମ୍ବର ୱାର୍ଡକୁ ଜଳ ଯୋଗାଣ କରାଯିବ। ଏଥିପାଇଁ ୩୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଏନେଇ ଚୌଧୁରୀ ବଜାରସ୍ଥିତ କଟକ ମହାନଗର ନିଗମ(ସିଏମ୍‌ସି) ବିଜୁଭବନରେ ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ପାନୀୟ ଜଳ ଯୋଗାଣର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ୱାଟ୍‌କୋର ଅଧିକାରୀ ଦେବବ୍ରତ ମହାନ୍ତି ପାନୀୟଜଳ ଯୋଗାଣର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସହରର ବୃହତ ୱାଟର ଟ୍ୟାଙ୍କରରେ ପାଣି ରଖି ପାଇପ ଦ୍ୱାରା ପ୍ରତି ଟ୍ୟାପ୍‌କୁ ଯୋଗାଇ ଦେବାକୁ ବ୍ୟବସ୍ଥା କରାଯାଇଛି। ଏବେ ସହରରେ ୩୧ଟି ବୃହତ୍ ପାଣିଟାଙ୍କି ଥିବାବେଳେ ଆହୁରି ୧୮ଟି ଟାଙ୍କି ନିର୍ମାଣ ହେବ। ଭୂତଳରେ ସଂଯୋଗୀକରଣ ହୋଇଥିବା ସମସ୍ତ ପଲିଭିନ୍ୟାଲ କ୍ଲୋରାଇଡ (ପିଭିସି) ପାଇପଗୁଡ଼ିକ ବଦଳାଯିବ। ଏହା ପରିବର୍ତ୍ତେ ପ୍ରାୟ ୨୯୭.୧୫ କି.ମି. ପର୍ଯ୍ୟନ୍ତ ଡକ୍‌ଟାଇଲ ଆଇରନ୍(ଡିଆଇ) ପାଇପ ଲାଇନ ବିଛାଯିବ। ଏଥିପାଇଁ ପୁଣିଥରେ ସହର ରାସ୍ତାଘାଟକୁ ଖୋଳାଯିବ ବୋଲି ଜଣାପଡିଛି। ପ୍ରତିଘରକୁ ଟ୍ୟାପ୍ ସଂଯୋଗ ପାଇଁ ୱାଟ୍‌କୋ ପକ୍ଷରୁ ଗୁରୁତ୍ୱ ଦିଆଯିବ। ଏବେ ସୁଦ୍ଧା ୯୦ ହଜାର ଘରେ ସଂଯୋଗୀକରଣ ହୋଇସାରିଥିବାବେଳେ ସବୁ ଘରେ ୱାଟର ମିଟର ଲଗାଯିବ ବୋଲି ୱାଟ୍‌କୋ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟ ସରକାରଙ୍କର ମିଶନ ‘ଡ୍ରିଙ୍କ ଫ୍ରମ୍ ଟ୍ୟାପ’ ଯୋଜନାରେ ସହରର ୫୯ଟି ୱାର୍ଡରେ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ବୈଠକରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝିଙ୍କ ସମେତ ସମସ୍ତ କର୍ପୋରେଟର ଓ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଉପସ୍ଥିତ ଥିଲେ।

# ପୂଜା ପୂର୍ବରୁ ରାସ୍ତା ମରାମତି ଶେଷ କର

କଟକ ଅଫିସ ,୯।୯

### ମେୟରଙ୍କ ସମୀକ୍ଷା ବୈଠକ

ଶାରଦୀୟ ପୂଜା ପୂର୍ବରୁ ସହରର ରାସ୍ତାଘାଟ ମରାମତି କାର୍ଯ୍ୟ ଶେଷ ହେବ। ଏ ସମ୍ପର୍କରେ କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂ କହିଛନ୍ତି। ସିଏମ୍‌ସି ବିଜୁଭବନ ପରିସରରେ ସହରର ରାସ୍ତା ମରାମତି କାର୍ଯ୍ୟର ଅଗ୍ରଗତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ପୂର୍ତ୍ତ ବିଭାଗ, ଜାଇକା ଓ ସିଏମ୍‌ସି କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ସହରରେ ରାସ୍ତା ମରାମତି କାର୍ଯ୍ୟ କିପରି ଚାଲିଛି, କ’ଣ ସମସ୍ୟା ରହୁଛି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ମଧୁପାଟଣାଠାରୁ ବାଦାମବାଡି, ଦୋଳମୁଣ୍ଡାଇ ଦେଇ ରାଣୀହାଟ, ବକ୍ସିବଜାରରୁ ଚଣ୍ଡିମନ୍ଦିର ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ, ଦୋଳମୁଣ୍ଡାଇରୁ ଜେଲ୍‌ରୋଡ, ଚାନ୍ଦିନୀଚୌକରୁ କନିକାଛକ ଓ ରିଂବନ୍ଧ ରାସ୍ତା ମରାମତି କରାଯିବ। ତେବେ କେଉଁ ବିଭାଗ କେତେ ଦୂରତା ପର୍ଯ୍ୟନ୍ତ ରାସ୍ତା ମରାମତି କରିବ ସେ ନେଇ ସବୁ ବିଭାଗକୁ ବ୍ଲୁପ୍ରିଣ୍ଟ ପ୍ରଦାନ କରାଯାଇଛି। ପୂଜା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ ହେବ ବୋଲି ମେୟର କହିଛନ୍ତି।




ପରିବେଶ ସୁରକ୍ଷା, ପ୍ଲାଷ୍ଟିକ, ପଲିଥିନ୍ ବର୍ଜନ ସଚେତନତା ନେଇ ଅଭିନବ ବିଡାନାସୀସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ବାହାରିଥିବା ଶୋଭାଯାତ୍ରା।

# ‘ଆର୍ଥିକ ସ୍ଥିତି ସୁଧାରିବ ମହିଳା ସଶକ୍ତୀକରଣ’



ଏନ୍‌ଆର୍‌ଆର୍‌ଆଇରେ ଅନୁଷ୍ଠିତ ସଶକ୍ତୀକରଣ କର୍ମଶାଳାରେ ଯୋଗଦେଇଥିବା ଅତିଥିବୃନ୍ଦ।

କଟକ ଅଫିସ,୯।୯

### ଏନ୍‌ଆର୍‌ଆର୍‌ଆଇରେ ସଶକ୍ତୀକରଣ କର୍ମଶାଳା

କୋଭିଡ୍ ପରିସ୍ଥିତି ପରେ ସରକାର ଲୋକଙ୍କ ମେରୁଦଣ୍ଡ ସଳଖିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଶ୍ରେଣୀର ଲୋକଙ୍କ ଉନ୍ନତି ପାଇଁ ସରକାର ସର୍ବଦା ଚେଷ୍ଟିତ ଅଛନ୍ତି। ତେବେ ମହିଳା ସଶକ୍ତୀକରଣ ହିଁ ଆର୍ଥିକ ସ୍ଥିତି ସୁଧାରିବାରେ ସହାୟକ ହୋଇପାରିବ ବୋଲି ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନ(ଏନ୍‌ଆର୍‌ଆର୍‌ଆଇ)ରେ ଶୁକ୍ରବାର ଆୟୋଜିତ ମହିଳା ସଶକ୍ତୀକରଣ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଆଇନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି। ପ୍ରତିଷ୍ଠାନର ନିର୍ଦ୍ଦେଶକ ଡ. ଭାସ୍କର ଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ କହିଲେ, ମହିଳାମାନେ ଉଦ୍ୟୋଗ ସୃଷ୍ଟି କରୁଥିବା କାର୍ଯ୍ୟରେ ଜଡ଼ିତ ହୋଇ ନିଜର ନିଯୁକ୍ତି ମାଧ୍ୟମରେ ଜୀବିକା ବୃଦ୍ଧି କରିପାରିବେ। ମିଶନ ଶକ୍ତି ଏ ଦିଗରେ କାର୍ଯ୍ୟ କରୁଥିବାରୁ ସରକାରୀ ଯୋଜନାଗୁଡ଼ିକର ଲାଭ ଉଠାଇବା ନିମନ୍ତେ ସେ ମହିଳାମାନଙ୍କୁ ନିବେଦନ କରିଥିଲେ। ଇଣ୍ଡିଆନ ଚାମ୍ବରସ୍ ଅଫ୍ କମର୍ସର ମହିଳା ଶାଖା ସଦସ୍ୟା ଶ୍ୱେତାସ୍ମିଗ୍ଧା ମିଶ୍ର ପାରିବାରିକ ଆୟ ଓ ସ୍ୱାସ୍ଥ୍ୟସ୍ଥିତିର ଉନ୍ନତି ପାଇଁ ମହିଳା ସଶକ୍ତୀକରଣର ଆବଶ୍ୟକତା ଥିବା କହିଥିଲେ। ଡ. ଜି. ଏ. କେ. କୁମାର ସ୍ୱାଗତ ଭାଷଣ ଏବଂ ଡ. ବିଶ୍ୱଜିତ୍ ମଣ୍ଡଳ ଧନ୍ୟବାଦ ଦେଇଥିଲେ। ବୈଷୟିକ ଅଧିବେଶନରେ ସ୍ୱୀକୃତି ପଟ୍ଟନାୟକ, ତନୟା ପଟ୍ଟନାୟକ, ଦେବଯାନୀ ଦାସ ପ୍ରମୁଖ ଆଲୋଚନା କରିଥିଲେ। ଏହି ଅବସରରେ କେତେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଡିଜିଟାଇଜ୍ ହୋଇଛି ୫,୨୭,୭୬୩ ରେକର୍ଡ

କଟକ ଅଫିସ,୯।୯

- ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରକୁ ବର୍ଷେ ପୂରିଲା
- ଡିଜିଟାଇଜେଶନ ଦ୍ୱାରା ସହଜଲବ୍ଧ ହୋଇଛି ଦସ୍ତାବିଜ୍

ଓଡ଼ିଶା ହାଇକୋର୍ଟର ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରକୁ ବର୍ଷେ ପୂରଣ ହୋଇଛି। ଦସ୍ତାବିଜ ସଂରକ୍ଷଣ ବିଚାର ବ୍ୟବସ୍ଥା ପରିଚାଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଅତ୍ୟାଧୁନିକ ତଥା ନୂତନ ଜ୍ଞାନକୌଶଳ ପ୍ରୟୋଗ ମାଧ୍ୟମରେ ବିଚାର ବିଭାଗୀୟ ଦସ୍ତାବିଜ ସଂରକ୍ଷଣ ଓ ଡିଜିଟାଇଜେଶନ କରିବାରେ ଏହି ସେଣ୍ଟର ଦେଶରେ ଏକ ପ୍ରମୁଖ ପ୍ରକଳ୍ପ ଭାବେ ପ୍ରତିଷ୍ଠିତ ହୋଇଛି ବୋଲି ହାଇକୋର୍ଟ ପକ୍ଷରୁ ଜୁଡିସିଆଲ ଏକାଡେମୀ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରର ଏକବର୍ଷ ପୂର୍ତ୍ତି ସମାରୋହରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମୁଖ୍ୟ ଅତିଥି ସୁପ୍ରିମକୋର୍ଟର ଇ-କମିଟି ଅଧ୍ୟକ୍ଷ ତଥା ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ ଭର୍ଚୁଆଲରେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସେଣ୍ଟର ଅଗ୍ରଗତିରେ ପ୍ରମୁଖ ଭୂମିକା ପାଇଁ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସୁପ୍ରିମକୋର୍ଟ ଇ-କମିଟିର ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହାଇକୋର୍ଟ ଆଗଧାଡ଼ିରେ ରହିଛି। ଡିଜିଟାଇଜେଶନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ବର୍ଣ୍ଣନା କରି ସ୍ୱଚ୍ଛତା, ଦକ୍ଷତା ଓ ସହଜ ଉପଲବ୍ଧତା ସମ୍ଭବ ହୋଇପାରିଛି ବୋଲି ସେ କହିଥିଲେ। ସେହିପରି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ଏହି ସେଣ୍ଟର ବିଚାର ସମ୍ପର୍କିତ ଦଲିଲଗୁଡ଼ିକୁ ସଂରକ୍ଷଣ କରି ରଖିବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛି। ଏହାଦ୍ୱାରା ବିଚାର ବିଭାଗୀୟ କର୍ମଚାରୀଙ୍କର କର୍ମସ୍ଥଳରେ ଜ୍ଞାନ ବୃଦ୍ଧିରେ ସହାୟକ ହୋଇପାରିଛି। ମୂଳ ଦସ୍ତାବିଜ୍ ନଷ୍ଟ ହୋଇଗଲା ପରେ ବି ସେଗୁଡ଼ିକର ଡିଜିଟାଲ ରୂପ ଏଠାରେ ମିଳିପାରିବ। ରେକର୍ଡ ରେଜିଷ୍ଟ୍ରାର ଅଭିଲାଷ ସେନାପତି ରେକର୍ଡ ଡିଜିଟାଇଜେଶନର ବୃତ୍ତଚିତ୍ର ପ୍ରଦର୍ଶନ କରିଥିଲେ। ସୁପ୍ରିମକୋର୍ଟର ବିଚାରପତି ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଦ୍ୱାରା ବର୍ଷେ ତଳେ ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରର ଉଦ୍‌ଘାଟନ ହୋଇଥିଲା। ଏବେ ସୁଦ୍ଧା ଏଠାରେ ଓଡ଼ିଶା ହାଇକୋର୍ଟର ମୋଟ୍ ୫,୨୭,୭୬୩ ରେକର୍ଡ ଡିଜିଟାଇଜ୍ ହୋଇଛି। ସେଥିମଧ୍ୟରେ ୨,୨୭,୧୨୪ଟି ସିଭିଲ ଏବଂ ୩,୦୦,୬୩୯ଟି ଫୌଜଦାରୀ ରେକର୍ଡ ରହିଛି।

ଏହି କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟ ଇ-କମିଟି ସଦସ୍ୟ ତଥା ବିଚାରପତି ଆର୍.ସି. ଚୱନ, ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ, ଏମ୍.ଏସ୍. ସାହୁ, ଶଶିକାନ୍ତ ମିଶ୍ର, ବି. ପି. ଶତପଥୀ, ସଞ୍ଜୟ ମିଶ୍ର, ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଡ. ଆର. ବାଲକ୍ରିଷ୍ଣନ୍, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଆସିଷ୍ଟାଣ୍ଟ ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ପ୍ରସନ୍ନ କୁମାର ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ହାଇକୋର୍ଟ ରେକର୍ଡ ରୁମ୍ ଡିଜିଟାଇଜେଶନ ସେଣ୍ଟରର ଅଧ୍ୟକ୍ଷ ତଥା ବିଚାରପତି ଦେବବ୍ରତ ଦାଶ ସ୍ୱାଗତ ଭାଷଣ ଓ ବିଚାରପତି ଡ. ଏସ. କେ. ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ସହ ଅନ୍ୟ ଅତିଥିମାନେ।

## ସଂକ୍ଷେପରେ

### ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୯।୯(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ମିଟେଇପୁର ପଞ୍ଚାୟତର ଛିଟିକଣା ଗ୍ରାମରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର କଳ୍ପନା ବାରିକ(୩୫)। ଏ ନେଇ ମୃତାଙ୍କ ଭାଇ ଗୋପ ଥାନା ଅନ୍ତର୍ଗତ ଭିଆଁପଡ଼ା ଗ୍ରାମର ମନୋରଞ୍ଜନ ବାରିକ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୭/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସବୁଦିନ ଭଳି କଳ୍ପନାଙ୍କ ଘରେ ଗୁରୁବାର ରାତିରେ ସମସ୍ତେ ଖାଇସାରି ଶୋଇବାକୁ ଯାଇଥିଲେ। ହେଲେ ସକାଳୁ କଳ୍ପନାଙ୍କ ସ୍ୱାମୀ ରଶ୍ମିରଞ୍ଜନ ମୁଦୁଲି ତାଙ୍କୁ ଖୋଜିଥିଲେ ମଧ ପାଇ ନ ଥିଲେ। ଅନ୍ୟପଟେ ପରିବାର ଲୋକେ ରୋଷେଇ ଘରକୁ ଯିବାବେଳେ କଳ୍ପନା ବେକରେ ଲୁଗା ବାନ୍ଧି ଫ୍ୟାନରେ ଝୁଲୁଥିବା ଦେଖିଥିଲେ। ପାଟିଶୁଣି ରଶ୍ମିରଞ୍ଜନ ଆସି ଦେଖିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ଆସି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ପରେ ଖବରପାଇ କଳ୍ପନାଙ୍କ ଭାଇ ପହଞ୍ଚି ଥାନାରେ ଅଭିଯୋଗ କରିଥିଲେ। ସୂଚନାଥାଉକି, କଳ୍ପନା ଗତ ୮ବର୍ଷ ତଳେ ରଶ୍ମିରଞ୍ଜନଙ୍କୁ ବିବାହ କରିଥିଲେ। ତାଙ୍କର ଏକ ୬ବର୍ଷର ପୁତ୍ର ସନ୍ତାନ ଅଛି।

### ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଣାସ, ୯।୯(ସ୍ୱ.ପ୍ର.): କଣାସ ବ୍ଲକର ବିଭିନ୍ନ ପଞ୍ଚାୟତରେ ସମସ୍ତ ଗୃହର ସାମାଜିକ ସମୀକ୍ଷା କରାଯିବା ପାଇଁ ଗ୍ରାମ୍ୟ ସମ୍ବଳକର୍ମୀ ଭିଆର୍‌ପିମାନଙ୍କ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଓଷ୍ଟା ଭୁବନେଶ୍ୱରର ନିର୍ଦ୍ଦେଶକ ନୀହାର ରଞ୍ଜନ ସ୍ୱାଇଁ, ରାଜ୍ୟ ସାମାଜିକ ସମୀକ୍ଷକ ଜ୍ୟୋତିରଞ୍ଜନ ଶତପଥୀ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସ, ଶିବିରର ମୁଖ୍ୟ ପରିଚାଳକ କଣାସ ମଣ୍ଡଳ ସାମାଜିକ ସମୀକ୍ଷକ ନିରଞ୍ଜନ ସାହୁ, ମଣ୍ଡଳ ପ୍ରକଳ୍ପ ସଂଯୋଜକ ଗ୍ରାମୀଣ ଆବାସ ଦିଲୀପ କୁମାର ଉଦଣ୍ଡରାୟ ଯୋଗଦେଇଥିଲେ। ପ୍ରତି ପଞ୍ଚାୟତରେ ପର୍ଯ୍ୟାୟକ୍ରମେ ଆବାସ ଯୋଜନାରେ ମିଳିଥିବା ସମସ୍ତ ଗୃହର ସାମାଜିକ ସମୀକ୍ଷା କରାଯିବ।

### କଂଗ୍ରେସର 'ଛାତ୍ର ଯୋଡ଼ୋ-ଭାରତ ଯୋଡ଼ୋ' ଯାତ୍ରା

ପୁରୀ ଅଫିସ,୯।୯: ପୁରୀ ବିଧାନସଭା କ୍ଷେତ୍ର ଛାତ୍ର କଂଗ୍ରେସ ସଭାପତି ଅଗଷ୍ଟିନ ଜୋସେଫଙ୍କ ନେତୃତ୍ୱରେ ଶୁକ୍ରବାର ଏସ୍‌ସିଏସ୍ କଲେଜ ସମ୍ମୁଖରେ 'ଛାତ୍ର ଯୋଡ଼ୋ-ଭାରତ ଯୋଡ଼ୋ' ଯାତ୍ରା ଅନୁଷ୍ଠିତ ହୋଇଯାଇଛି। 'ଛାତ୍ର ଯୋଡ଼ୋ-ଭାରତ ଯୋଡ଼ୋ' ସ୍ଲୋଗାନ ସହ ଛାତ୍ରଛାତ୍ରୀଙ୍କ ହକ୍ ପାଇଁ ଛାତ୍ର କଂଗ୍ରେସ ସଦାସର୍ବଦା ଲଢେଇ କରୁଛି ଏବଂ ଲଢେଇ ଜାରି ରହିବ ବୋଲି ଜୋସେଫ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ପୁରୀ ଜିଲା ଛାତ୍ର କଂଗ୍ରେସ ଉପସଭାପତି ରିଶାନ ଦାଶ, ସାଧାରଣ ସମ୍ପାଦକ ଆଲୋକ ପଲେଇ, ମୁଖପାତ୍ର ଅର୍ପିତ ଦୀକ୍ଷିତ, ସମ୍ପାଦକ ଜ୍ୟୋତି ପ୍ରକାଶ, ସମ୍ପାଦକ ଜଗଦୀଶ ରାଉତ, ସାହିଲ ମହାନ୍ତି, କ୍ରିଷ୍ଣା ଅଭିଷେକ ଜେନା, ମହେଶ କୁମାର ସାହୁ ପ୍ରମୁଖ ସାମିଲ ଥିଲେ।

# ମିଶନ ଶକ୍ତିରୁ ଋଣ କରାଇବା ନାଁରେ ଅର୍ଥ ଆଦାୟ

କଣାସ,୯।୯ (ସ୍ୱ.ପ୍ର)

ରାଜ୍ୟ ସରକାର ମହିଳାମାନଙ୍କ ଆର୍ଥିକ ଉନ୍ନତି ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) କରି ସେମାନଙ୍କୁ ମିଶନ ଶକ୍ତି ଜରିଆରେ ବିଭିନ୍ନ ଋଣ ଦିଆଯାଉଛି। ହେଲେ ଏହି ଏସ୍‌ଏଚ୍‌ଜିଙ୍କୁ ମିଶନ ଶକ୍ତିଠାରୁ ଋଣ କରାଇ ଦେବା ଆଳରେ କେତେଜଣ ଅସାଧୁ ବ୍ୟକ୍ତି ମହିଳାଙ୍କଠାରୁ ଅର୍ଥ ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ପୁରୀ ଜିଲା କଣାସ ବ୍ଲକରେ ହୋଇଥିବା କେତେଜଣ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତାମାନେ କହିଛନ୍ତି। ଖବର ଅନୁଯାୟୀ, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଶନଶକ୍ତି ମାଧ୍ୟମରେ ଗାଈ, ଛେଳି, କୁକୁଡା, ବତକ ପାଇଁ ବଡ଼ଧରଣର ଋଣ ପ୍ରଦାନ କରାଯାଉଛି। ହେଲେ କୁକୁଡା, ବତକ, ଗାଈ ଓ ଛେଳି ଋଣ କରାଇଦେବା ପାଇଁ ୨୫ଶହ ଟଙ୍କା ଅଗ୍ରୀମ ଆଦାୟ କରାଯାଉଥିବା କଣାସର ବ୍ଲକର କେତେକ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା କହିଛନ୍ତି। ଏପରିକି ବଡଧରଣର ଋଣ ୩ରୁ ୫ଲକ୍ଷ ଟଙ୍କା କରାଇଦେବା ପାଇଁ ୨୫ହଜାର ଟଙ୍କା ଅଗ୍ରିମ ନିଆଯାଉଛି। ଏ ସମ୍ପର୍କରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନ ଦାସଙ୍କୁ ପଚାରିବାରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆମେ କରୁନାହୁଁ। ସେ କାର୍ଯ୍ୟ ଶିଶୁ ପ୍ରକଳ୍ପ ଅଧିକାରିଣୀ ବୁଝୁଛନ୍ତି।

ଏ ସମ୍ପର୍କରେ ସିଡିପିଓ ସ୍ମିତା ମହାନ୍ତି କୁହନ୍ତି, ମିଶନ ଶକ୍ତି କାର୍ଯ୍ୟ ସୁପରଭାଇଜର ବିଜୟଲକ୍ଷ୍ମୀ କରୁଛନ୍ତି। ସୁପରଭାଇଜର ବିଜୟ ଲକ୍ଷ୍ମୀଙ୍କୁ ମଧ ଟେଲିଫୋନ୍ ଯୋଗେ ପଚାରିବାରୁ ସେ ମଧ ଏ କାର୍ଯ୍ୟ ବୁଝୁନାହାନ୍ତି ବୋଲି କହିଛନ୍ତି। ତେବେ ମିଶନ କାର୍ଯ୍ୟକୁ ନେଇ ପ୍ରଶାସନର ଏଭଳି ଜଣେ ଅନ୍ୟ ଜଣଙ୍କୁ ଦାୟିତ୍ୱ ବୁଝୁଥିବା କହି ଆଡ଼େଇବା ଘଟଣାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରକାଶଥାଉକି ୪ମାସ ତଳେ ଗୁହାଳ ତିଆରି ପାଇଁ ଋଣ ମିଳିବାକୁ କେତେକ ଦଲାଲ ଫର୍ମ ଦେଇ ୫ଶହ ଟଙ୍କା ଲେଖାଏ ଆଦାୟ କରୁଥିଲେ। ଏହି ଖବର କଣାସ ମୁଖ୍ୟ ପ୍ରାଣୀ ଚିକିତ୍ସକ ଡା. ବିଶ୍ୱରଞ୍ଜନ ବେହେରା ଜାଣିବା ପରେ ସିଧାସଳଖ ଲୋକମାନଙ୍କୁ କାହାରିକି ଟଙ୍କାଟିଏ ନ ଦେବା ପାଇଁ କହିଥିଲେ। ତେଣୁ ଏହି ଋଣ ପାଇଁ ଟଙ୍କା ଆଦାୟ ଘଟଣା ବିଷୟରେ ମଧ ପ୍ରଶାସନ ପକ୍ଷରୁ ନିରପେକ୍ଷ ତଦନ୍ତ କଲେ ବହୁ ତଥ୍ୟ ଲୋକଲୋଚନକୁ ଆସିବ ବୋଲି କେତେକ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଦାବି କରିଛନ୍ତି।



ବ୍ରିଟେନର ଦିବଂଗତ ମହାରାଣୀ ଏଲିଜାବେଥ୍-୨ୟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

# ୧୦.୮ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ


ପୋଲିସ ଦ୍ୱାରା ଜବତ ବ୍ରାଉନସୁଗାର ସହ ଗିରଫ ଅଭିଯୁକ୍ତ ।

ନିମାପଡ଼ା,୯।୯(ଡି.ଏନ୍.ଏ.)

ନିମାପଡ଼ା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚାରିଛକ, ତୁଳସୀପୁର, ସାଇଲୋ, ଆମ୍ପୋର, ଛଣିଜଙ୍ଗ, ତମ୍ପାଲୋ, ଗଡ଼ଇଟା ପୋଖରୀ ଅଞ୍ଚଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉରେ ଜଣେ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରାଯାଇଛି। ସେ ହେଲେ କଟକ ଜିଲା ନିଆଳି ଥାନା ଅନ୍ତର୍ଗତ ପୂର୍ବଖଣ୍ଡ ତୋଟାସାହି ଗ୍ରାମର ପ୍ରଭାତ ଭୋଇ। ଚାରିଛକ ଫାଣ୍ଡି ଅନ୍ତର୍ଗତ ଗଡ଼ଇଟା ପୋଖରୀ ଛକରେ ଚଢ଼ାଉ କରାଯାଇ ଏହି ବ୍ରାଉନସୁଗାର ବେପାରୀଙ୍କୁ ଧରାଯାଇଛି। ତାଙ୍କଠାରୁ ୧୦୮ଗ୍ରାମର ବ୍ରାଉନସୁଗାର ସହ ଓଡି ୦୫ ୱାଇ ୪୫୮୦ ନଂ.ବିଶିଷ୍ଟ ଏକ ବାଇକ୍ ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୧୦ଲକ୍ଷ ୮୦ହଜାର ହେବ ବୋଲି ଅବକାରୀ ନିରୀକ୍ଷକ କହିଛନ୍ତି। ଏନେଇ ବିଭାଗ ପକ୍ଷରୁ ଏକ ମାମଲା (ନଂ.୪୮/୨୨) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। କୋର୍ଟ ଅଭିଯୁକ୍ତଙ୍କ ଜାମିନ ଆବେଦନ ନାମଞ୍ଜୁର କରିବାରୁ ଜେଲକୁ ପଠାଯାଇଛି। ପୁରୀ ଜିଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଥିଲା। ଚଢ଼ାଉରେ ଜିତେନ୍ଦ୍ର ବେହେରା, ସନ୍ଦୀପ ହସ୍ତୀ, ସବିତା ସାହୁ, ଏସ୍.କେ. ୱାରିସ, ଆଶିଷ ପ୍ରଧାନ, ତପନ ପ୍ରଧାନ ପ୍ରମୁଖ ସାମିଲ ଥିଲେ।

## ୧୨.୬ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ପୁରୀ ସହର,୯।୯

ବ୍ରାଉନସୁଗାର ବିକ୍ରି କରୁଥିବା ଦୁଇଜଣ ବେପାରୀଙ୍କୁ ଶୁକ୍ରବାର ପୁରୀ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ବାଲିସାହିର ପ୍ରଦୀପ କୁମାର ବେହେରା ଏବଂ ଭିଆଇପି ରୋଡ୍ ଜଗନ୍ନାଥ ବସ୍ତିର ବିକାଶ କୁମାର ଗୋଚ୍ଛି। ଏମାନଙ୍କଠାରୁ ୧୨.୬ଗ୍ରାମ ବ୍ରାଉନସୁଗାର ଓ ନଗଦ ୨୦୫୦ଟଙ୍କା ଜବତ କରାଯାଇଛି। ଏନେଇ ପୋଲିସ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ସକାଳେ ଅଭିଯୁକ୍ତଦ୍ୱୟ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟି ରୋଡ୍‌ରେ ଥିବା ଏକ ହୋଟେଲ ନିକଟରେ ବ୍ରାଉନସୁଗାର ବିକ୍ରି କରୁଥିଲେ। ଏ ସମ୍ପର୍କରେ ଖବର ପାଇ ପୋଲିସ ଟିମ୍ ସେଠାରେ ପହଞ୍ଚି ଚଢ଼ାଉ କରିଥିଲା। ପରେ ଯାଞ୍ଚ କରିବାରୁ ପ୍ରଦୀପଙ୍କ ପକେଟରୁ ବ୍ରାଉନସୁଗାର ପୁଡ଼ିଆ ସମେତ ୧୧୫୦ ଟଙ୍କା ଓ ବିକାଶଙ୍କ ପକେଟରୁ ୯୦୦ ଟଙ୍କା ମିଳିଥିଲା। ଏହାପରେ ଦୁହିଁଙ୍କୁ ଗିରଫ କରାଯାଇଥିଲା।

# ବାଲି, ଚିପ୍ସ ଦର ବୃଦ୍ଧି: କୋଠାବାଡ଼ି କାମ ପ୍ରଭାବିତ

ପୁରୀ ଅଫିସ,୯।୯

କିଛିଦିନ ତଳେ ହୋଇଥିବା ବନ୍ୟାରେ ପୁରୀ ଜିଲାରେ ବ୍ୟାପକ ଫସଲ ନଷ୍ଟ ସାଙ୍ଗକୁ ଘରଦ୍ୱାର କ୍ଷତିଗ୍ରସ୍ତ ହୋଇଛି। ବନ୍ୟାଞ୍ଚଳ ସ୍ଥିତି ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ସୁଧୁରି ନାହିଁ। ତେବେ ବନ୍ୟା ପରେ କୋଠାବାଡ଼ି ନିର୍ମାଣ କରିବା ମହଙ୍ଗା ହୋଇପଡ଼ିଛି। ଘର ନିର୍ମାଣ ପାଇଁ ବାଲି ଓ ଚିପ୍ସ ସହଜରେ ମିଳୁନାହିଁ। ବାଲି ଓ ଚିପ୍ସ ଦର ଆକାଶଛୁଆଁ ହୋଇଛି। ଗୋଟିଏ ଗାଡ଼ି ବାଲିର ଦାମ୍ ଏକ ମାସ ତଳେ ୧୨ହଜାର ଟଙ୍କା ଥିବାବେଳେ ଏବେ ବୃଦ୍ଧି ପାଇ ୧୭ରୁ ୧୮ ହଜାର ଟଙ୍କାରେ ପହଞ୍ଚିଛି। ଚିପ୍ସ ଦର ମଧ ଗାଡ଼ି ପିଛା ସାଢେ ୪ ହଜାରରୁ ୫ ହଜାର ଟଙ୍କା ଅଧିକ ବଢ଼ିଛି। ବନ୍ୟା ପ୍ରଭାବରେ ମାଟି ଓ ବାଲି ଏକାଠି ହୋଇଯିବା ପରେ କୌଣସି ସ୍ଥାନରୁ ଭଲ ବାଲି ମିଳୁନାହିଁ। ମାଟିଆ ବାଲିରେ ଘର ମୂଳଦୁଆ ପକାଇବା ସମ୍ଭବ ନୁହେଁ ବୋଲି ପ୍ରକାଶ ଦଳାଇ କହିଛନ୍ତି। ସେହିପରି ବାଲି ଓ ଚିପ୍ସ ଯୋଗାଣ ବେପାର କରୁଥିବା ଅଭିଷେକ ସାହୁ କହିଛନ୍ତି, ବଜାରରେ ଚାହିଦା ଅଧିକ ଥିଲେ ମଧ ମାଲ୍ ଯୋଗାଇବା ସମ୍ଭବ ହେଉନାହିଁ। ଖୋର୍ଦ୍ଧାର ଟାପଙ୍ଗ ଅଞ୍ଚଳରୁ ଚିପ୍ସ ଆସୁଥିବା ବେଳେ କଟକର କୁଆଖାଇ ନଦୀରୁ ବାଲି ଆସେ। ଏହା ବ୍ୟତୀତ ପୁରୀ ଜିଲାର ଅନେକ ସ୍ଥାନରୁ ବାଲି ଉଠାଯାଏ। କେତେଜଣ ଆଇନତଃ ଏବଂ ଅନ୍ୟ କେତେଜଣ ବେଆଇନ ଭାବେ ବାଲି ଉଠାଇ ଯୋଗାଣ କରନ୍ତି। ପୁରୀ କୁଶଭଦ୍ରା ନଦୀ ପାଖରୁ ବାଲି ଆସିଥାଏ। ମାତ୍ର କୁଶଭଦ୍ରା ନଦୀର ବାଲି ଏବେ ଯୋଗାଣ ଯୋଗ୍ୟ ହୋଇନାହିଁ। ଭଲ ବର୍ଷା ନ ହେବା ପର୍ଯ୍ୟନ୍ତ ବାଲିର ମାଟି ଅଂଶ ଛାଡ଼ିବ ନାହିଁ। ଏଥିଲାଗି ଅତିକମ୍‌ରେ ଆହୁରି ୧୫ ଦିନ ଅପେକ୍ଷା କରିବାକୁ ପଡ଼ିବ। ସେହିଭଳି ପୁରୀରେ ଚିପ୍ସ ମିଳି ନ ଥାଏ। ଖୋର୍ଦ୍ଧା ଟାପଙ୍ଗରୁ ଅଣାଯାଇ ପୁରୀରେ ଯୋଗାଇ ଦିଆଯାଏ। ସେଠାରେ ମଧ ବନ୍ୟା ସ୍ଥିତି କାରଣରୁ ଚିପ୍ସ ଯୋଗାଇବା ସମ୍ଭବ ହେଉନାହିଁ। ଏହାସହ କମ୍ ପରିମାଣର ଚିପ୍ସ ଥିବାରୁ ଦର ବଢ଼ିବା ସ୍ୱାଭାବିକ। ଠିକାଦାର ପ୍ରଶାନ୍ତ ବରାଳ କହିଛନ୍ତି, ଠିକା କାମ ଏବେ ବନ୍ଦ ରଖାଯାଇଛି। ଗ୍ରାହକ ଟଙ୍କା ଦେଇ ନିର୍ଦ୍ଦିଷ୍ଟ ସମୟରେ କାମ ସାରିବାକୁ କହିଥିଲେ ମଧ ଗାଡ଼ି ପିଛା ୫ ହଜାର ଲେଖାଏ ଅଧିକ ଟଙ୍କା ଦେଇହେବ ନାହିଁ। ଘରୋଇ ଠିକା କାର୍ଯ୍ୟକୁ ଅଧିକାଂଶ ଠିକାଦାର ସମ୍ପ୍ରତି ସାମୟିକ ଭାବେ ବନ୍ଦ ରଖାଯାଇଥିବା ସେ ପ୍ରକାଶ କରିଛନ୍ତି।



ପୁରୀ ଛାତ୍ର କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଏସ୍‌ସିଏସ୍ କଲେଜ ସମ୍ମୁଖରେ 'ଛାତ୍ର ଯୋଡ଼ୋ-ଭାରତ ଯୋଡ଼ୋ' କାର୍ଯ୍ୟକ୍ରମ।

## ତମାଖୁ ବିକ୍ରି ନେଇ ଚଢ଼ାଉ, ୪୨୦୦ ଜରିମାନା ଆଦାୟ

ଅସ୍ତରଙ୍ଗ,୯।୯(ଡି.ଏନ୍.ଏ.)

ଅସ୍ତରଙ୍ଗ ଅଞ୍ଚଳରେ ଶୁକ୍ରବାର ପୁରୀ ଜିଲା ଜନ ସ୍ୱାସ୍ଥ୍ୟ ବିଭାଗ ଓ ଅସ୍ତରଙ୍ଗ ପୋଲିସ ପକ୍ଷରୁ ମିଳିତ ଭାବରେ ତମାଖୁ ବିକ୍ରି କରୁଥିବା ପାନ ଦୋକାନୀଗୁଡ଼ିକରେ ଚଢ଼ାଉ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରତ୍ୟୁଷ ରଞ୍ଜନ ତରେନିଆ, ଅସ୍ତରଙ୍ଗ ଥାନା ପୋଲିସ ଓ ଜିଲା ତମାଖୁ ନିୟନ୍ତ୍ରଣ ପରାମର୍ଶ ଅଧିକାରୀ ଡା.ସୁଶାନ୍ତ କୁମାର ବିଶ୍ୱାଳ, ତମାଖୁ କାଉନ୍ସେଲର ମାନସ କୁମାର ପଣ୍ଡା, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବାସନ୍ତି ବାଳା ଦେଇ ଅସ୍ତରଙ୍ଗର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ତମାଖୁ ଜବତ କରିଥିଲେ। ଏଥିସହ ଦୋକାନୀମାନଙ୍କୁ ସଚେତ କରାଇବା ସହ ତମାଖୁ ବିକ୍ରି କରିବା ଅଭିଯୋଗରେ ୨୮ଜଣ ଦୋକାନୀଙ୍କଠାରୁ ୪୨୫୦ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ବିପୁଳ ପରିମାଣ ବେଆଇନ ତମାଖୁ ଜବତ କରାଯାଇଛି। ଏହିପରି ତମାଖୁ ନିୟନ୍ତ୍ରଣ ଚଢ଼ାଉ କାର୍ଯ୍ୟକ୍ରମ ଜିଲାର ବିଭିନ୍ନ ସ୍ଥାନରେ ଜାରି ରହିବ ବୋଲି ଅଧିକାରୀମାନେ କହିଛନ୍ତି।

# ଛତିଶଗଡ଼ରୁ ନିଖୋଜ ନାବାଳକ ପୁରୀରୁ ଉଦ୍ଧାର



ଉଦ୍ଧାର ନାବାଳକ ସାହିଲ ଓରାମ୍‌ଙ୍କ ସହ ଅଧିକାରୀମାନେ।

ପୁରୀ ଅଫିସ,୯।୯

## ଆଇନସେବା ପ୍ରାଧିକରଣଙ୍କ ଉଦ୍ୟମରେ ଘରକୁ ଫେରିଲେ

ଛତିଶଗଡ଼ର ରାଇଗଡ଼ରୁ ନିଖୋଜ ଥିବା ନାବାଳକ ସାହିଲ ଓରାମଙ୍କୁ ପୁରୀରୁ ଉଦ୍ଧାର କରାଯାଇଛି। ଶୁକ୍ରବାର ପୁରୀ ଜିଲା ଆଇନସେବା ପ୍ରାଧିକରଣଙ୍କ ଉଦ୍ୟମରେ ସାହିଲଙ୍କୁ ତାଙ୍କ ଘରକୁ ପଠାଯାଇଛି। ସେ ପାଠ ପଢ଼ିବା ପାଇଁ ଆଗ୍ରହୀ ଥିବାରୁ ତାଙ୍କୁ ସମସ୍ତ ସୁବିଧା ଯୋଗାଇଦେବାକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ଦେବାଶିଷ ଦାସ ରାଇଗଡ଼ ଜିଲା ଆଇନସେବା ପ୍ରାଧିକରଣ ଏବଂ ଶିଶୁ ମଙ୍ଗଳ ସମିତି କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ସୂଚନା ଅନୁଯାୟୀ, ସାହିଲ୍ କୌଣସି କାରଣରୁ ଘର ଛାଡ଼ି ପୁରୀ ଚାଲି ଆସିଥିଲେ। ପୁରୀ ସଦର ଥାନା ଅନ୍ତର୍ଗତ ଚାଟିନଲା ଗ୍ରାମ ପାର୍ଶ୍ୱ ରେଳଧାରଣା ପାଖେ ସେ ଛିଡ଼ା ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଅଙ୍ଗନବାଡ଼ି କର୍ମୀ ପ୍ରମୋଦିନୀ ପ୍ରଧାନ ତାଙ୍କୁ ଦେଖି ଉଦ୍ଧାର କରିବା ସହ ଚାଇଲ୍ଡଲାଇନକୁ ହସ୍ତାନ୍ତର କରିଥିଲେ। ଏନେଇ ସେ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ଜଣାଇଥିଲେ। ପରେ ନାବାଳକ ରହୁଥିବା ଆଶ୍ରୟସ୍ଥଳକୁ ସଚିବ ଯାଇ ତାଙ୍କୁ ପଚରାଉଚରା କରିବା ସହ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଧନେଶ୍ୱର ମଲ୍ଲିକଙ୍କୁ ଜଣାଇଥିଲେ। ଅଧ୍ୟକ୍ଷଙ୍କ ନିର୍ଦ୍ଦେଶକ୍ରମେ ସମ୍ପୃକ୍ତ ନାବାଳକଙ୍କୁ ତାଙ୍କ ଘରକୁ ଫେରାଇବା ଲାଗି ସଚିବ ଉଦ୍ୟମ କରିଥିଲେ। ରାଇଗଡ଼ ଜିଲା ଆଇନସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରି ସାହିଲଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସାହିଲ ନିଖୋଜ ଥିବା ନେଇ ଥାନାରେ ରିପୋର୍ଟ ହୋଇଥିବା ସେଠାକାର କର୍ତ୍ତୃପକ୍ଷ ଜଣାଇଥିଲେ। ଶୁକ୍ରବାର ପୁରୀ ଜିଲା ଆଇନସେବା ପ୍ରାଧିକରଣ ଓ ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଉଦ୍ୟମରେ ରାଇଗଡ଼ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଏବଂ ଆଇନସେବା ପ୍ରାଧିକରଣ ସଚିବଙ୍କ ଉପସ୍ଥିତିରେ ନାବାଳକଙ୍କୁ ହସ୍ତାନ୍ତର କରାଯାଇଥିଲା।

# ଟାଉନ ବସ୍‌ରେ ଶ୍ରଦ୍ଧାଳୁ ଠକାମିର ଶିକାର ଅଭିଯୋଗ

ପୁରୀ ଅଫିସ,୯।୯

## କାର୍ଯ୍ୟାନୁଷ୍ଠାନ ଦାବି କଲା ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟି

ପୁରୀକୁ ଆସୁଥିବା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକମାନେ ଟାଉନ୍ ବସ୍‌ଗୁଡ଼ିକ ଦ୍ୱାରା ଠକାମିର ଶିକାର ହେଉଥିବା ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟି ପକ୍ଷରୁ ଅଭିଯୋଗ କରାଯାଇଛି। ଏ ନେଇ କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ଜିଲାପାଳ ସମର୍ଥ ବର୍ମାଙ୍କୁ ଦାବିପତ୍ର ଦିଆଯାଇଛି। ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି, ରାଜ୍ୟ ସମେତ ଦେଶବିଦେଶରୁ ବହୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପ୍ରତିଦିନ ଶ୍ରୀକ୍ଷେତ୍ରକୁ ଆସୁଛନ୍ତି। ସେମାନେ ଟାଉନ ବସ୍‌ରେ ଶ୍ରୀମନ୍ଦିର ସମେତ ବିଭିନ୍ନ ସ୍ଥାନକୁ ଯାତ୍ରା କରୁଛନ୍ତି।

ଏହି ସମୟରେ ସେମାନଙ୍କଠାରୁ ମନଇଚ୍ଛା ଭଡ଼ା ନିଆଯାଉଛି। ଫଳରେ ସେମାନେ ଠକାମିର ଶିକାର ହେବା ସହ ଅସନ୍ତୋଷ ମନରେ ଫେରୁଛନ୍ତି। ଏ ନେଇ ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହୋଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟିର ସଭାପତି ବିସ୍ମୟ ମିଶ୍ର, ଦୀପକ ପ୍ରଧାନ, ଦେବାଶିଷ ମହାପାତ୍ର, ଗୀତାରାଣୀ ମିଶ୍ର, ତାତେୟା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ଦାବିପତ୍ର ଦେବା ପାଇଁ ଆସିଥିବା ଆସୋସିଏଶନ ଅଫ୍ ଟୁଇଟର ଆକ୍ଟିଭିଟିର ସଦସ୍ୟା ସଦସ୍ୟମାନେ।

# ସଫ୍ଟବଲ ଖେଳାଳି ମନୋଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

## ଏସିଆନ ଚାମ୍ପିୟନଶିପରେ ଭାଗନେଇ ପୁରୀ ଫେରିଲେ

ପୁରୀ ଅଫିସ, ୯।୯

ଭାରତୀୟ ପୁରୁଷ ସଫ୍ଟବଲ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ଥାନ ପାଇଥିବା ପୁରୀର ମନୋଜ ପ୍ରଧାନ ଏସିଆନ ଚାମ୍ପିୟନଶିପରେ ସଫଳତା ପାଇ ଫେରିଛନ୍ତି। ସେ ଶୁକ୍ରବାର ପୁରୀ ରେଳଷ୍ଟେଶନରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ମନୋଜଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଗତ ସେପ୍ଟେମ୍ବର ୩ରୁ ୬ତାରିଖ ପର୍ଯ୍ୟନ୍ତ ଜାପାନର ଟୋକିଓରେ ଖେଳାଯାଇଥିବା ଏସିଆନ ଚାମ୍ପିୟନଶିପରେ ଭାରତୀୟ ଦଳ ପକ୍ଷରୁ ମନୋଜ ପ୍ରତିନିଧିତ୍ୱ କରିଥିଲେ। ଏହି ଚାମ୍ପିୟନଶିପ୍‌ରେ ଭାରତୀୟ ଦଳ ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନ ଅକ୍ତିଆର କରିଥିଲା। ଗ୍ରୁପ ଓ ଲିଗ୍ ପର୍ଯ୍ୟାୟରେ ଭାରତୀୟ ଦଳ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରି ହଂକଂ, ଚାଇନିଜ ତାଇପାଇ ଓ ସିଙ୍ଗାପୁର ଦଳକୁ ହରାଇଥିବା ବେଳେ ଜାପାନ ଓ ଫିଲିପାଇନ୍ସଠାରୁ ହାରିଯାଇଥିଲା। ସେହିପରି ଲିଗ୍‌ରେ ସିଙ୍ଗାପୁର ଦଳକୁ ହରାଇଥିବା ବେଳେ ବ୍ରୋଞ୍ଜ ମେଡାଲ ମ୍ୟାଚରେ ପରାସ୍ତ ହୋଇଥିଲା। ଆଗାମୀ ଦିନରେ ଭାରତୀୟ ଦଳ ଏବଂ ସେ ଆହୁରି ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ମନୋଜ କହିଛନ୍ତି। ମନୋଜ ଏକ ଗରିବ ପରିବାରରୁ ଆସିଥିବାବେଳେ ଜମାଟୋ ବୟ ଭାବେ କାର୍ଯ୍ୟ କରନ୍ତି। ଅନ୍ତର୍ରାଷ୍ଟ୍ରୀୟ ସ୍ତରରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଫେରିବା ପରେ ତାଙ୍କୁ ସବୁ ମହଲରୁ ସ୍ୱାଗତ କରାଯାଇଛି। ଗୁରୁବାର ଭାରତୀୟ ଦଳ ସହ ମନୋଜ ଜାପାନରୁ ଆସି ଦିଲ୍ଲୀରେ ପହଞ୍ଚିଥିଲେ। ସେଠାରୁ ନନ୍ଦନକାନନ ଏକ୍ସପ୍ରେସ ଯୋଗେ ଶୁକ୍ରବାର ପୁରୀରେ ପହଞ୍ଚିଥିବା ମନୋଜ କହିଛନ୍ତି। ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ରାଜ୍ୟ ସଫ୍ଟବଲ ସଂଘର ଯୁଗ୍ମ ସମ୍ପାଦକ ରାଜ କିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ, ଜିଲା ସଫ୍ଟ ବଲ ସଂଘର ସମ୍ପାଦକ ରଞ୍ଜନ କୁମାର ରଥ, ସାମାଜିକ କର୍ମୀ ଷ୍ଟାଲିନ ପରିଜା, ଅଶୋକ ମହାନ୍ତି, ବିରଞ୍ଚି ପଟ୍ଟନାୟକ, ଜ୍ୟୋତିପ୍ରଭା ଦାସ, ଅମୀୟ ନାଗ, ରେଖା ସିଂ ଓ ଲକ୍ଷ୍ମଣ ଆଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ସଫ୍ଟବଲ ଖେଳାଳି ମନୋଜ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଉଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୯।୨୦୨୨

| ୩,୦୫,୫୬୬ ଟଙ୍କା | |
|---|---|
| ସୁନା | ୪୦୦ ମିଲିଗ୍ରାମ |
| ରୁପା | ୨୮ ଗ୍ରାମ |

# ପ୍ରଥମ ପର୍ଯ୍ୟାୟ ଖନନ କାର୍ଯ୍ୟ ଆରମ୍ଭ

**ସୂର୍ଯ୍ୟମନ୍ଦିରରୁ ବାଲି କଢ଼ାଯିବା ପ୍ରସଙ୍ଗ**

- ଏଏସ୍ଆଇ ଅଧିକାରୀଙ୍କ ସହ ଆଲୋଚନା କଲେ ଜିଲାପାଳ
- ସୌନ୍ଦର୍ଯ୍ୟକରଣ, ପାରିପାର୍ଶ୍ୱିକ ଉନ୍ନୟନ କାମ ଦେଖିଲେ

କୋଣାର୍କ,୯।୯(ଡି.ଏନ୍.ଏ.)

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି ବାହାର କରାଯିବ। ଏଥିପାଇଁ ଗୁରୁବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଭୂମିପୂଜନ କରାଯାଇ ଥିବାବେଳେ ଶୁକ୍ରବାର ପ୍ରାଥମିକ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଗର୍ଭଗୃହ ନିକଟରେ ବିମ୍ ପଡ଼ିବାକୁ ଥିବାରୁ ଏଏସ୍ଆଇ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଖନନ କାର୍ଯ୍ୟ କରାଯାଇଛି। ଏହିଅବସରରେ ଜିଲାପାଳ ସମର୍ଥ ବର୍ମା ପହଞ୍ଚି କାର୍ଯ୍ୟ ଅନୁଧ୍ୟାନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି।

କୋଣାର୍କର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ନେଇ ଦୀର୍ଘଦିନ ହେବ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ଓ ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ ଜିଲାପାଳ ପଚାରି ବୁଝିବା ସହ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୬ଲେନ ବିଶିଷ୍ଟ ରିଙ୍ଗରୋଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ବୁଝିଥିଲେ। ରିଙ୍ଗରୋଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଆଶ୍ରମ ସ୍କୁଲ ପାଇଁ ସ୍ୱତନ୍ତ୍ର ଭାବେ ସ୍କୁଲ ଓ ହଷ୍ଟେଲ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିବା ଓବିସିସିର ଅଧିକାରୀମାନଙ୍କୁ ଶୀଘ୍ର କାମ ସାରିବାକୁ କହିଥିଲେ। ସେହିପରି ସୂର୍ଯ୍ୟମନ୍ଦିର ଭିତରୁ ବାଲି କଢ଼ାଯିବା ନେଇ ଏଏସ୍ଆଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଜିଲାପାଳ ଚନ୍ଦ୍ରଭାଗା ବେଳାଭୂମି ଓ ରାମଚଣ୍ଡୀ ମନ୍ଦିର ଉନ୍ନୟନ ପ୍ରକଳ୍ପ ବୁଲି ଦେଖିବା ସହିତ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ସମୟରେ ଅତିରିକ୍ତ ଜିଲାପାଳ ଦିଲୀପ କୁମାର ମହାପାତ୍ର, ତହସିଲଦାର ଶେଖ ସର୍ଗି, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ କୁମାର ରାଉତରାୟ, ଓବିସିସି ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ଜିଲାପାଳ ସମର୍ଥ ବର୍ମା ସୂର୍ଯ୍ୟମନ୍ଦିର ପରିସରରେ ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

## ୧୮ରେ ପୁରୀ ବେଳାଭୂମିରେ ଏୟାର ଶୋ'

ପୁରୀ ଅଫିସ, ୯।୯:

ଭାରତୀୟ ବାୟୁସେନା ପକ୍ଷରୁ ଆସନ୍ତା ୧୮ ତାରିଖରେ ପୁରୀରେ ଏୟାର ଶୋ' ହେବ। ପୁରୀ ରାଜଭବନ ନିକଟ ବେଳାଭୂମିରେ ବାୟୁସେନାର ପାଇଲଟମାନେ ଆକାଶମାର୍ଗରେ ବିଭିନ୍ନ କଳା କୌଶଳ ପ୍ରଦର୍ଶନ କରିବେ। ଏହି କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୁଚାରୁରୂପେ ସମ୍ପାଦନ କରିବା ନିମନ୍ତେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଅଧ୍ୟକ୍ଷତା କରିଥିଲେ। ପୁରୀରେ ପ୍ରଥମ ଥର ପାଇଁ ଏୟାର୍ ଶୋ' ଆୟୋଜନ କରାଯାଉଥିବାରୁ ବାୟୁସେନା ଓ ସରକାରଙ୍କୁ ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଧନ୍ୟବାଦ ଜଣାଇଛନ୍ତି। ପୁରୀ ବେଳାଭୂମିରେ ଜନସାଧାରଣ ଏହି ଶୋ' ଦେଖିପାରିବେ ବୋଲି ସେ କହିଛନ୍ତି। ବୈଠକରେ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ପାର୍କିଂ ସହ ଶୋ' ଦେଖିବାକୁ ବ୍ୟବସ୍ଥା, ଅଗ୍ନିଶମ ଓ ପାନୀୟଜଳ ବ୍ୟବସ୍ଥା, ଶୋ' ଆୟୋଜନ ନେଇ ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରତ୍ୟେକ ବିଭାଗ ନିଜ ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବା ଲାଗି ଜିଲାପାଳ ବର୍ମା ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଉପଜିଲାପାଳ ଭବତାରଣ ସାହୁ, ଡିଏଫ୍ଓ ରାମସ୍ୱାମୀ ପି, ଅତିରିକ୍ତ ଏସ୍ପି ମିହିର ପଣ୍ଡା, ସିଟି ଡିଏସ୍ପି ଜନାର୍ଦ୍ଦନ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

କୋଣାର୍କ,୯।୯(ଡି.ଏନ୍.ଏ.)- ରାମଚଣ୍ଡୀ ଥାନା ଅନ୍ତର୍ଗତ ଛଇତନା- ବାଲିଘାଇ ରାସ୍ତାର ନହରଣା ଛକ ନିକଟ ଏକ କୋଚିଂ ସେଣ୍ଟର ସମ୍ମୁଖରେ ଗାମୁଛାରେ ଝୁଲୁଥିବା ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବଲଙ୍ଗା ଥାନା ଅନ୍ତର୍ଗତ ବଳରାମପୁରଗଡ଼ ଗ୍ରାମର ନିରଞ୍ଜନ ନାୟକ(୩୦)। ଏ ନେଇ ପୋଲିସ ଏକ ମାମଲା(ନଂ. ୯/୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଥାଉକି, ଶୁକ୍ରବାର ଭୋର ସମୟରେ ଛଇତନା ଗାଁର କେତେଜଣ ଲୋକ ମର୍ନିଂ ୱାକ କରି ଏକ ଗଛରୁ ଫୁଲ ତୋଳୁଥିବା ବେଳେ ଏକ କୋଚିଂ ସେଣ୍ଟର ସମ୍ମୁଖରେ ଜଣେ ଯୁବକଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଥିବା ଦେଖିଥିଲେ। ପରେ ସ୍ଥାନୀୟ ଲୋକେ ଉକ୍ତ ଘର ମାଲିକଙ୍କୁ ଖବର ଦେବା ସହ ରାମଚଣ୍ଡୀ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଖବରପାଇ ରାମଚଣ୍ଡୀ ଥାନା ଅଧିକାରୀ ନାରାୟଣ ଚନ୍ଦ୍ର ଲେଙ୍କା ପହଞ୍ଚି ମୃତଦେହକୁ ଜବତ କରିବା ପରେ ସାଇଣ୍ଟିଫିକ ଟିମ୍ ଡକାଇ ତଦନ୍ତ କରିଥିଲେ। ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲକୁ ପଠାଯାଇଛି। ବିଶେଷ ସୂତ୍ରରୁ ଖବରପାଇ ମୃତକଙ୍କ ପରିବାର ଲୋକ ପହଞ୍ଚି ଚିହ୍ନିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ନାରାୟଣ ଲେଙ୍କା ପ୍ରକାଶ କରିଛନ୍ତି।

### ମଧୁବୈଶ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ

ବ୍ରହ୍ମଗିରି,୯।୯(ଡି.ଏନ୍.ଏ.)- ପୁରୀଜିଲା ଅନ୍ତର୍ଗତ ବ୍ରହ୍ମଗିରି, ପୁରୀ ସଦର, କୃଷ୍ଣପ୍ରସାଦ ବ୍ଲକର ମଧୁବୈଶ୍ୟ ସମିତିର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଏହି ତିନୋଟି ବ୍ଲକରେ ଥିବା ୨୫ଟି ସାହିର ମଧୁବୈଶ୍ୟମାନଙ୍କୁ ନେଇ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଲଣ ପଡିଆରେ ବୁଧବାରଠାରୁ ଏକ ସମ୍ମିଳନୀ ଆୟୋଜିତ ହୋଇଥିଲା। ମଧୁବୈଶ୍ୟ ସମାଜର ସମ୍ବିଧାନ ଅନୁଯାୟୀ ସେମାନଙ୍କର ସମସ୍ୟା ସମ୍ପର୍କରେ ଆଲୋଚନା ଓ ଭାଇଚାରାର ସୁଦୃଢ଼ ସମ୍ପର୍କରେ ଆଲୋଚନା ପରେ ଶୁକ୍ରବାର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ୧୦୦୦ ପରିବାରଙ୍କୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ୩ଟି ବ୍ଲକ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଭାବେ ନଟବର ସାହୁ, ଗୋବିନ୍ଦ ଚନ୍ଦ୍ର ସାହୁ ସମ୍ପାଦକ, ପୂର୍ଣ୍ଣଚନ୍ଦ୍ର ସାହୁ ଉପସଭାପତି, ବିଜୟ ସାହୁ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

### ଜନଆରୋଗ୍ୟ ସମିତି କର୍ମକର୍ତ୍ତାଙ୍କ ତାଲିମ ଶିବିର ଉଦ୍‌ଯାପିତ

କଣାସ, ୯।୯(ସ୍ୱ.ପ୍ର.): ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପକେନ୍ଦ୍ରସ୍ତରରେ ଗଠନ ହୋଇଥିବା ଜନଆରୋଗ୍ୟ ସମିତିର କର୍ମକର୍ତ୍ତାଙ୍କ ଦୁଇଦିନିଆ ଦକ୍ଷତା ବୃଦ୍ଧି ତାଲିମ୍ ଶିବିର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ରମେଶ ଚନ୍ଦ୍ର ବେହେରା, ସମ୍ବିତ୍ ରଞ୍ଜନ ଜେନା, ବିଶ୍ୱରଞ୍ଜନ ଜେନା, ବିପିଏମ୍ ଧନେଶ୍ୱର ସ୍ୱାଇଁ, କଳିଙ୍ଗ କୁମାର ଉପାଧ୍ୟାୟ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ, ଚୁପୁରିଙ୍ଗି ସରପଞ୍ଚ ଜଗବନ୍ଧୁ ସେଠୀ, ଗୋପୀନାଥପୁର ସରପଞ୍ଚ ସୁକାନ୍ତି ବେହେରା ପ୍ରମୁଖ ଶିବିରରେ ଜନଆରୋଗ୍ୟ ସମିତି ଓ ସ୍ୱାସ୍ଥ୍ୟ ଏବଂ ଆରୋଗ୍ୟ କେନ୍ଦ୍ରର ପରିଚାଳନା ପାଇଁ ବିଧିବଦ୍ଧ ଆଲୋଚନା କରିଥିଲେ। ଶିବିରରେ ବକୁ, ପାହିଲୁଣ୍ଡି, ଜାଗୁଲେଇପଦର ଓ ସାହାସପୁର ଉପକେନ୍ଦ୍ରରେ ଗଠନ ହୋଇଥିବା ଜନଆରୋଗ୍ୟ ସମିତିର ୭ଜଣ ଲେଖାଏ କର୍ମକର୍ତ୍ତା ଯୋଗଦେଇଥିଲେ। ପ୍ରତ୍ୟେକ ଉପକେନ୍ଦ୍ରରୁ ସରପଞ୍ଚ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ପଞ୍ଚାୟତସ୍ତରୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ, ଶିକ୍ଷକ, ଗାଁ କଲ୍ୟାଣ ସମିତିର ଅଧ୍ୟକ୍ଷ ଶିବିରରେ ଉପସ୍ଥିତ ଥିଲେ।


ପୁରୀର ଏକ ହୋଟେଲରେ ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ପକ୍ଷରୁ ଆୟୋଜିତ ଫିଜିଓଥେରାପି ସମ୍ମିଳନୀରେ ଉପସ୍ଥିତ ଫିଜିଓଥେରାପିଷ୍ଟମାନେ ।

## ଫିଜିଓଥେରାପି ସମ୍ମିଳନୀ

ପୁରୀ ଅଫିସ, ୯।୯:

ପୁରୀର ଏକ ଘରୋଇ ହୋଟେଲରେ ଫିଜିଓଥେରାପି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲାର ଫିଜିଓଥେରାପିଷ୍ଟମାନେ ଏଥିରେ ଯୋଗଦେଇ ଆଜିର ବିଜ୍ଞାନ ଯୁଗରେ ଥେରାପିଷ୍ଟ ଚିକିତ୍ସାର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଅର୍ଥୋ ଆୱାର୍ନେସର ପରାମର୍ଶଦାତା ଡାକ୍ତର କିଶୋର ପଣ୍ଡା ଉନ୍ନତମାନର ଚିକିତ୍ସା ସମ୍ପର୍କରେ ଆଲୋଚନା କରିଥିଲେ। ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ପାଇଁ ଉତ୍ତମ ମାନର ଥେରାପିଷ୍ଟ ଚିକିତ୍ସା ଦିଆଯାଇପାରିବ ବୋଲି ସେ କହିଥିଲେ। ଭୁବନେଶ୍ୱରର ଆମ୍ରି ହସ୍ପିଟାଲ ପକ୍ଷରୁ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା। ଡା. ସିଦ୍ଧାର୍ଥ ଶେଖର ପାତ୍ର ଧନ୍ୟବାଦ ଦେଇଥିଲେ।

## ଷ୍ଟେଟ ବ୍ୟାଙ୍କରେ ସ୍ୱାସ୍ଥ୍ୟ ଶିବିର

ପିପିଲି,୯।୯(ଡି.ଏନ୍.ଏ.)

ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍ବିଆଇ)ର ପିପିଲି ଶାଖା ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶାଖା ପରିସରରେ ଅନୁଷ୍ଠିତ ଏହି ଶିବିରରେ ବ୍ୟାଙ୍କକୁ ଆସୁଥିବା ଗ୍ରାହକମାନଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଯାଇଥିଲା। ଶତାଧିକ ଗ୍ରାହକ ଏବଂ ଶାଖା କର୍ମଚାରୀ, ଅଧିକାରୀମାନେ ଏହି ଶିବିରରେ ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରାଇଥିଲେ। ଆମ୍ରି ହସ୍ପିଟାଲର ମେଡିକାଲ ଅଫିସର ତଥା ଭେଷଜ ବିଶେଷଜ୍ଞ ଡା. ମୋହିତ ଚୌହାନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ଦୀପକ ରୋହେଲା ପ୍ରମୁଖ ଡାକ୍ତରମାନେ ଉପସ୍ଥିତ ରହିଥିବାବେଳେ ସହଯୋଗୀ ଭାବେ ଅମନ କୁମାର ପୂଜାରୀ, ସୁଶ୍ରୀ ଇନ୍ଦିରା ପ୍ରିୟଦର୍ଶିନୀ, ଅନୀତା ପଲେଇ ଓ ଦୀପକ ବେହେରା ରହିଥିଲେ। ଶାଖା ମୁଖ୍ୟ ପରିଚାଳକ ଲୋହିତ ନନ୍ଦ ଓ ଡେପୁଟି ବ୍ରାଞ୍ଚ ମ୍ୟାନେଜର ରାଜଶ୍ରୀ ରଥ ଉପସ୍ଥିତ ରହି ସ୍ୱାସ୍ଥ୍ୟ ଶିବିର ତଦାରଖ କରିବା ସହ ଗ୍ରାହକମାନଙ୍କୁ ବ୍ୟାଙ୍କ ପକ୍ଷରୁ ଏହା ନିଃଶୁଳ୍କ ଥିବାର ବୁଝାଇ କହିଥିଲେ। ପିପିଲି ଶାଖାର ଅନ୍ୟ କର୍ମଚାରୀଙ୍କ ମଧ୍ୟରେ ଅସିତ ମିଶ୍ର, ସୁରେନ୍ଦ୍ର ସେଠୀ, ଅଲେଖ ସାସମଲ, ମୃଷା ମଲ୍ଲିକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଟଙ୍କା ଫେରାଇବାକୁ ଡାକି ସ୍ୱାମୀଙ୍କୁ ଅପହରଣ

**ସ୍ତ୍ରୀଙ୍କ ଅଭିଯୋଗ ପରେ ଉଦ୍ଧାର କଲା ପୋଲିସ**

ପିପିଲି,୯।୯(ସ୍ୱ.ପ୍ର./ଡି.ଏନ୍.ଏ.)

ଟଙ୍କା ଫେରାଇବାକୁ ଡାକିନେଇ ଜଣେ ବ୍ୟକ୍ତିଙ୍କୁ ଅପହରଣ କରିନେଇଥିଲେ। ଏ ନେଇ ଉକ୍ତ ବ୍ୟକ୍ତିଙ୍କ ସ୍ତ୍ରୀ ପିପିଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ବ୍ୟକ୍ତିଙ୍କୁ ଉଦ୍ଧାର କରିଥିଲେ। ସୂଚନା ଅନୁଯାୟୀ, ପିପିଲି ଥାନା ସଂପୁର ଗ୍ରାମର ରବୀନ୍ଦ୍ର ଖଟେଇ ଲିଜ୍ ଆକାରରେ ଜେସିବି ଓ ଟ୍ରାକ୍ଟର ଆଣି ମାଟି ସହ ବିଭିନ୍ନ କାମ କରନ୍ତି। ତେବେ ନିକଟସ୍ଥ ନୂଆଶାସନ ଗ୍ରାମର ଜଣେ ବ୍ୟକ୍ତି ଉକ୍ତ ଜେସିବି ଓ ଟ୍ରାକ୍ଟରକୁ କାମରେ ଲଗାଇଥିବା ବେଳେ ଜେସିବି ଓ ଟ୍ରାକ୍ଟର କାମ ବାବଦକୁ ୫୦ହଜାର ଟଙ୍କା ରବୀନ୍ଦ୍ର ମାଗିଥିଲେ। କିନ୍ତୁ ଉକ୍ତ ବ୍ୟକ୍ତି ଟଙ୍କା ଦେବା ପରିବର୍ତ୍ତେ ନାନା ଧମକ ଚମକ ଦେଇଥିଲେ। ତଥାପି ରବୀନ୍ଦ୍ର ବାରମ୍ବାର ଟଙ୍କା ମାଗିବାରୁ ସେ ରାଗି କରିଥିଲେ। ତେବେ ଗୁରୁବାର ଅପରାହ୍ଣରେ ରବୀନ୍ଦ୍ର ଘରେ ଥିବାବେଳେ ବ୍ୟକ୍ତି ଜଣକ ଟଙ୍କା ଫେରାଇ ଦେବା ପାଇଁ ଫୋନ କରି ଡାକିଥିଲେ। କିନ୍ତୁ ରବୀନ୍ଦ୍ର ଉକ୍ତ ସ୍ଥାନରେ ପହଞ୍ଚିବା ପରେ ଏକ ବୋଲରରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ସେଠାରୁ ଉଠାଇ ନେଇଥିଲେ। ଘରକୁ ଫେରିବାରେ ବିଳମ୍ବ ହେବାରୁ ଏ ନେଇ ରବୀନ୍ଦ୍ରଙ୍କ ସ୍ତ୍ରୀ ମିନତି ପିପିଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିବା ବେଳେ ଖୋର୍ଦ୍ଧା ଅଞ୍ଚଳରୁ ରବୀନ୍ଦ୍ରଙ୍କୁ ଉଦ୍ଧାର କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି। କିନ୍ତୁ ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପୋଲିସ ନିକଟରେ ମିନତି ଦାବି କରିଛନ୍ତି। ଏନେଇ ପିପିଲି ଥାନା ଅଧିକାରୀ ଅଭିମନ୍ୟୁ ନାୟକ କହିଛନ୍ତି, ଟଙ୍କା ପଇସା କାରବାରକୁ ନେଇ ଅଭିଯୋଗ ହୋଇଥିବା ବେଳେ ସେନେଇ ତଦନ୍ତ ଚାଲିଛି।

## ନୂତନ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ କଲେ ମନ୍ତ୍ରୀ



କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ବୋଧନ ଦେଉଛନ୍ତି ।

ନିମାପଡ଼ା,୯।୯(ଡି.ଏନ୍.ଏ.)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଏକ ନୂତନ ଶିକ୍ଷାଦାନ କେନ୍ଦ୍ର ଚଳିତ ଶିକ୍ଷାବର୍ଷର ପ୍ରାରମ୍ଭରୁ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଥମଥର ଖୋଲାଯାଇଛି। ଏହି ଶିକ୍ଷାକେନ୍ଦ୍ରକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଶୁକ୍ରବାର ଉଦ୍‌ଘାଟନ କରିଥିଲେ। ଏହି ଶିକ୍ଷାକେନ୍ଦ୍ରରେ ପିଜିରେ ଇଂଲିଶ୍, ଇତିହାସ, ଓଡ଼ିଆ, ବାଣିଜ୍ୟ ଆଦି ବିଭାଗରେ ଛାତ୍ରୀଛାତ୍ରମାନେ ପିଜି ପାଠପଢ଼ିବାରେ ବହୁତ ସହାୟକ ହେବ ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ସେହିପରି ଅଣ୍ଡରଗ୍ରାଜୁଏଟ, ସ୍ନାତକ ସମ୍ମାନ ଶ୍ରେଣୀରେ ଓଡ଼ିଆ, ରାଜନୀତି ବିଜ୍ଞାନ, ଇତିହାସ, ଇଂଲିଶ୍, ଅର୍ଥଶାସ୍ତ୍ର ଆଦି ୫ଟି ବିଭାଗର ୟୁଜି କୋର୍ସରେ ଛାତ୍ରୀଛାତ୍ରମାନେ ଅଧ୍ୟୟନ କରିପାରିବେ। ଏହି ଯୋଜନା ଓ ଶିକ୍ଷାଦାନ କେନ୍ଦ୍ରରେ ଦୂରଶିକ୍ଷା ମାଧ୍ୟମରେ ଶିକ୍ଷା ପ୍ରଦାନ କରାଯିବାର ବ୍ୟବସ୍ଥା ଉପଲବ୍ଧ ହେବ ବୋଲି କଲେଜ ଅଧ୍ୟକ୍ଷ ମତବ୍ୟକ୍ତ କରିଛନ୍ତି। ସେହିପରି ଏହି ଶିକ୍ଷାକେନ୍ଦ୍ରରେ ସାର୍ଟିଫିକେଟ କୋର୍ସରେ କମ୍ୟୁନିକେଶନ ସ୍କିଲ୍, ଆଇଟି ସ୍କିଲ, ସବ୍‌ସ୍କିଲ୍ ଆଦି ଶିକ୍ଷାଦାନ କରାଯିବାର ବ୍ୟବସ୍ଥା ରହିଛି। ଛାତ୍ରୀଛାତ୍ରମାନେ ଏହି କୋର୍ସର ସୁଯୋଗ ନେଇ ଅବାଧରେ ଏହି ଶିକ୍ଷା କେନ୍ଦ୍ରରେ ଅଧ୍ୟୟନ କରିପାରିବେ। ଏହି ସମାରୋହରେ ସମ୍ମାନିତ ଅତିଥି କଲେଜ ପରିଚାଳନା କମିଟି ସଭାପତି ଶିକ୍ଷାବିତ ଜଗତପ୍ରସାଦ ସାବତ, ଅଧ୍ୟକ୍ଷ ରମାକାନ୍ତ ଦାଶ, ଶିକ୍ଷାବିତ୍ ଲକ୍ଷ୍ମୀଧର ପଣ୍ଡା, ଅଧ୍ୟାପକ କୃଷ୍ଣଚନ୍ଦ୍ର ସାବତ, ପୁଷ୍ପିତା ରାଜଗୁରୁ, ପ୍ରାଧ୍ୟାପକ ରବୀନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ।

## ୫ ସ୍ମାର୍ଟସ୍କୁଲର କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ନିମାପଡ଼ା,୯।୯(ଡି.ଏନ୍.ଏ.)

ନିମାପଡ଼ା ବ୍ଲକର ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ୫ଟି ସ୍ମାର୍ଟ ସ୍କୁଲକୁ ଶୁକ୍ରବାର ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଅଚାନକ ପରିଦର୍ଶନ କରିଛନ୍ତି। ଏହି ବ୍ଲକ ଅନ୍ତର୍ଗତ ଶାଇଁସଶାସନ ପଞ୍ଚାୟତର ଦକ୍ଷିଣରାଉଶ ଉଚ୍ଚ ବିଦ୍ୟାଳୟ, ଡେଣୁଆଁ ଉଚ୍ଚ ବିଦ୍ୟାଳୟ, ଭୋଦର ଉଚ୍ଚ ବିଦ୍ୟାଳୟ, ତମ୍ପାଳୋ ଦାମୋଦର ଉଚ୍ଚ ବିଦ୍ୟାଳୟ, ଚାରିଛକ ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ଆଦି ବିଦ୍ୟାଳୟକୁ ୨ କୋଟି ୪ଲକ୍ଷ ଟଙ୍କା ସରକାରୀ ଅନୁଦାନ ପ୍ରଦାନ କରାଯାଇଛି। ଏହି ଅନୁଦାନ ବ୍ୟୟରେ ବିଦ୍ୟାଳୟଗୁଡ଼ିକର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ବିଦ୍ୟାଳୟଗୁଡ଼ିକର ରୂପାନ୍ତରୀକରଣ, ଭିତ୍ତିଭୂମି ସୁଦୃଢ଼ୀକରଣ କାର୍ଯ୍ୟର ନିର୍ମାଣ ଆଦି କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଦାଶ ତଦାରଖ କରିଥିବା ବେଳେ ବିଦ୍ୟାଳୟଗୁଡ଼ିକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଧାର୍ଯ୍ୟ ସମୟ ଭିତରେ ବିଦ୍ୟାଳୟର ଉନ୍ନତୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ପରେ ମନ୍ତ୍ରୀ ବିଭିନ୍ନ ବିଦ୍ୟାଳୟର ପାଠ ପଢ଼ା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଶ୍ରେଣୀଗୃହରେ ପଚାରିବୁଝିଥିଲେ। ପିଲାମାନଙ୍କ ପାଠପଢ଼ାରେ ଯେପରି ବିଧିବଦ୍ଧ ଭାବେ ଅଗ୍ରଗତି ହେବା ସହ ଶିକ୍ଷାଦାନ ବ୍ୟବସ୍ଥା ସୁଚାରୁ ରୂପେ କରିବାକୁ ମନ୍ତ୍ରୀ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରିଦର୍ଶନ ସମୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବ୍ଲକ ସହକାରୀ ଯନ୍ତ୍ରୀ ସୁନୀଲ ନନ୍ଦ, ବିନୋଦ ବିହାରୀ ପୁହାଣ, ବିଇଓ ଦ୍ୱିତୀକାନ୍ତ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

## ଘାଇ ମରାମତି ରାସ୍ତା ବିପଦସଙ୍କୁଳ



କଣାସ,୯।୯(ସ୍ୱ.ପ୍ର.):

ଚଳିତ ପ୍ରଳୟଙ୍କରୀ ବନ୍ୟାରେ ଦୟାନଦୀର ଶାଖାନଦୀ ମକରାନଦୀରେ ଘାଇ ହୋଇ ୫ରୁ ୭ଟି ପଞ୍ଚାୟତର ବ୍ୟାପକ କ୍ଷତି ହେବାସହ ସମସ୍ତ ଧାନ ଫସଲ ନଷ୍ଟ ହୋଇଯାଇଛି। ନଦୀରୁ ପାଣି କମିବା ପରେ ଘାଇ ମରାମତି କରିବା ପାଇଁ ଦାବି ହୋଇଥିଲା। ଫଳରେ ଖୋର୍ଦ୍ଧା ଜଳସେଚନ ବିଭାଗ ପକ୍ଷରୁ କିଛି ଦିନ ତଳେ ଠିକାଦାର ନିଯୁକ୍ତି କରାଯାଇ ଘାଇକୁ ତରବରିଆ ଭାବେ ମରାମତି କରାଯାଇଥିଲା। ହେଲେ ଘାଇ ମରାମତି ସ୍ଥାନରେ ଏବେ ଚାଲିକି ଯିବା କଷ୍ଟସାଧ୍ୟ ହୋଇପଡିଛି। ଆଗାମୀ ଦିନରେ ଯଦି ପୁନଶ୍ଚ ବନ୍ୟା ଆସେ, ଉକ୍ତ ସ୍ଥାନରେ ପୁନଶ୍ଚ ଘାଇ ହେବାର ସମ୍ଭାବନା ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ମରାମତି ସ୍ଥାନକୁ ପରିଦର୍ଶନ କରି ସୁଦୃଢ଼ ଭାବେ ପୁନଶ୍ଚ ମରାମତି କରିବାକୁ ଅଞ୍ଚଳବାସୀ ପ୍ରଶାସନ ପାଖରେ ଦାବି କରିଛନ୍ତି।

## ସିଆର୍‌ସିସିଙ୍କୁ ବିଦାୟ, ନୂତନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କଣାସ,୯।୯(ସ୍ୱ.ପ୍ର.):

କଣାସ ବ୍ଲକ ଶିକ୍ଷା ବିଭାଗରେ କାର୍ଯ୍ୟରତ ସାଧନକେନ୍ଦ୍ର ସଂଯୋଜକ (ସିଆରସିସି) ମୃତ୍ୟୁଞ୍ଜୟ ଦକ୍ଷିଣରାୟଙ୍କ ବିଦାୟକାଳିନ ସମ୍ବର୍ଦ୍ଧନା ଓ ନବ ନିଯୁକ୍ତ ରସାନନ୍ଦ ରାଉତରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅନ୍ତର୍ଗତ ସାନଓରା ବିଜୟ ବିହାର ପରିସରରେ ଆୟୋଜିତ ଏହି ସଭାରେ ସଂଘ ସଭାପତି ଦକ୍ଷିଣରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ଯୋଗଦେଇ ଦକ୍ଷିଣରାୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଆରସିସି ସୂର୍ଯ୍ୟନାରାୟଣ ନାୟକ, ସହଶିକ୍ଷାଧିକାରୀ ନାରାୟଣ ପ୍ରଧାନ, ପୂର୍ବତନ ବିଆର୍‌ସିସି ସର୍ବେଶ୍ୱର ଜେନା, ସମ୍ପାଦକ ଭୂପତି ତ୍ରିପାଠୀ, ସିଆର୍‌ସିସି ବୈକୁଣ୍ଠନାଥ କୋଦମାସିଂ, ସସ୍ମିତା ଜାଲି ଓ ରାମ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ବିଦାୟୀ ସିଆର୍‌ସିସି ଦକ୍ଷିଣରାୟଙ୍କ କର୍ମତତ୍ପରତା ସମ୍ପର୍କରେ ଆଲୋକପାତ କରିବା ସହ ନୂତନ ସିଆର୍‌ସିସି ରାଉତରାୟଙ୍କୁ ସ୍ୱାଗତ କରିଥିଲେ। ସାଧନକେନ୍ଦ୍ର ସଂଯୋଜକ ବିଜୟ ପ୍ରଧାନ କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ଦୁର୍ଘଟଣାଗ୍ରସ୍ତଙ୍କୁ ଆତ୍ମୀୟ ଭାବି ସହାୟତା କର

**ସତ୍ୟବାଦୀ ଥାନାରେ ସଡ଼କ ସୁରକ୍ଷା ଓ ସଚେତନତା ଶିବିର**

ସାକ୍ଷୀଗୋପାଳ, ୯।୯(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ସହାୟତାରେ ଶୁକ୍ରବାର ସତ୍ୟବାଦୀ ଥାନା ପରିସରରେ ସଡ଼କ ସୁରକ୍ଷା ଓ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଉଦଘାଟନ କରିଥିଲେ। ଦୁର୍ଘଟଣାରୁ ଉଦ୍ଧାର କରି ପ୍ରଥମେ କିଭଳି ପୀଡିତଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟ ସୁରକ୍ଷା ଦିଆଯିବ ସେନେଇ ପରିବହନ ଅଧିକାରୀ ଅମିତ କୁମାର ରଣା, ରକ୍ଷକ ତଥା ପ୍ରଶିକ୍ଷକ ରବିଶଙ୍କର ମିଶ୍ର, କମଳ କୁମାର ଦାଶ ଯୋଗଦେଇଥିଲେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିବା ପାଇଁ ଉଦ୍ଧାରକାରୀ ନିଜର ଆତ୍ମୀୟ ଲୋକ ଭାବି ଏହି କାର୍ଯ୍ୟ ସମ୍ପାଦନ କରିଲେ ଅନେକ ଜୀବନ ବଞ୍ଚାଇପାରିବା ବୋଲି ପରିବହନ ଅଧିକାରୀ ରଣା କହିଥିଲେ। ଉଚ୍ଚତମ ନ୍ୟାୟାଳୟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁସାରେ ରାସ୍ତା ଦୁର୍ଘଟଣାର ପୀଡିତଙ୍କୁ ପ୍ରଥମେ ସହାୟତାର ହାତ ବଢ଼େଇ ଥିବା ଓ ପୀଡ଼ିତଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇବା ପାଇଁ ଉଦ୍ଧାରକାରୀଙ୍କୁ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ରାଶି ୨ହଜାର ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଉଦ୍ଧାରକାରୀଙ୍କ କୌଣସି ଆଇନକାନୁନରେ ଛନ୍ଦି ହେବେ ନାହିଁ ବୋଲି ଆଇଆଇସି ବେହେରା ସୂଚନା ଦେଇଥିଲେ। ପ୍ରଶିକ୍ଷକ କମଳ କୁମାର ଦାଶ କିଭଳି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରାଯିବ ସେନେଇ ଡେମୋ ପ୍ରଦର୍ଶନ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ସରପଞ୍ଚ ଦେବଦତ୍ତ ସାମନ୍ତରାୟ, ଦୀପା ବେହେରା, ଜିତେନ୍ଦ୍ର ବେହେରା, ଉମେଶ ପ୍ରଧାନ, ଦେବାଶିଷ ଶତପଥୀ, ଗୋବି ବେହେରା, ପ୍ରଶାନ୍ତ ବେହେରା, ବିଶ୍ୱନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିବାର ଡେମୋ ଦେଖାଉଛନ୍ତି।

## ଆଜି କ'ଣ କେଉଁଠି

କଟକ

- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ଯାତ୍ରାର ଶୁଭାରମ୍ଭ, ଅନୁଷ୍ଠାନ ପରିସର, ସକାଳ ୯ଟା।
- ନାଟ୍ୟକାର ପ୍ରଦୀପ୍ତ ନନ୍ଦଙ୍କ ପ୍ରଥମ କବିତା ସଂକଳନ ଠାକୁରାଣୀ ଉନ୍ମୋଚନ ଉତ୍ସବ, ଶତାବ୍ଦୀ ଭବନ, ସନ୍ଧ୍ୟା ୬ଟା।
- ସେଭେନ୍ ଷ୍ଟାର କ୍ଲବର ସୁବର୍ଣ୍ଣ ଜୟନ୍ତୀ ସମ୍ବର୍ଦ୍ଧନା ଉତ୍ସବ, ମାଳିସାହି ଶାନ୍ତିନଗର, ସନ୍ଧ୍ୟା ୭ଟା।

## ଥାନାକୁ ଗଲେ ୧୧ କଂଗ୍ରେସ କର୍ମୀ

**ବାଙ୍କୀ,୯।୯(ସ୍ୱ.ପ୍ର.):** କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ବାଙ୍କୀ ଗସ୍ତ ସମୟରେ ଯୁବକଂଗ୍ରେସ ପକ୍ଷରୁ ପାଥପୁରଠାରେ କଳାପତାକା ପ୍ରଦର୍ଶନ କରିବାକୁ ପ୍ରସ୍ତୁତି କରାଯାଇଥିଲା। କୌଣସି ସୂତ୍ରରୁ ବାଙ୍କୀ ଥାନା ଅଧିକାରୀ ସୌମେନ୍ଦ୍ର ଶେଖର ତ୍ରିପାଠୀ ଏ ସମ୍ପର୍କରେ ସୂଚନା ପାଇ ମନ୍ତ୍ରୀଙ୍କ ଗସ୍ତର ୩ ଘଣ୍ଟା ପୂର୍ବରୁ ୧୧ ଜଣ କଂଗ୍ରେସ କର୍ମୀଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ।

## ଛାତରୁ ଖସି ନିର୍ମାଣ ଶ୍ରମିକଙ୍କ ମୃତ୍ୟୁ

**ମାହାଙ୍ଗା,୯।୯(ସ୍ୱ.ପ୍ର.):** ଛାତ ଉପରୁ ଖସି ପଡ଼ିବାରୁ କଟକ ଜିଲା ମାହାଙ୍ଗା ଥାନା ମୂଳବସନ୍ତ ପଞ୍ଚାୟତ ଅନ୍ତର୍ଗତ ସିପୁରା ଗ୍ରାମର ଜଣେ ନିର୍ମାଣ ଶ୍ରମିକଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ହେଲେ ଧନେଶ୍ୱର ବେହେରା (୫୨)। ସେ ପଣସପୁର ପଞ୍ଚାୟତ ଅନ୍ତର୍ଗତ ଅକରପଡା ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଛାତ ଉପରେ କାମ କରୁଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ତଳେ ପଡି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ନଡିଆସାହାସପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଧନେଶ୍ୱରଙ୍କ ମୃତ୍ୟୁ ଘଟିଛି।

## ରୂପଯାତ୍ରା ପ୍ରସ୍ତୁତି ବୈଠକ

**ଚୌଦ୍ୱାର, ୯।୯(ଡି.ଏନ୍.ଏ.):** ଚଳିତବର୍ଷ ଚୌଦ୍ୱାରର ପ୍ରସିଦ୍ଧ ରୂପଯାତ୍ରାକୁ ସରସସୁନ୍ଦର କରିବା ପାଇଁ ସ୍ଥାନୀୟ ପୌରପାଳିକା ସଭାଗୃହରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ ଅଧକ୍ଷତା କରିଥିଲେ। ଆସନ୍ତା କୁମାର ପୂର୍ଣ୍ଣିମାଠାରୁ ୫ଦିନ ଧରି ରୂପଯାତ୍ରା ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାସ୍ତା ମରାମତି ଓ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଆଲୋଚନା ହୋଇଥିଲା। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଧୀମା ଗତିରେ ଚାଲୁଥିବାରୁ ବିଧାୟକ ସୌଭିକ୍ ବିଶ୍ୱାଳ ଅସନ୍ତୋଷ ପ୍ରକାଶ କରିଥିଲେ। ପୂଜା ପୂର୍ବରୁ ରାସ୍ତା ଓ ଆପ୍ରୋଚ୍ ରୋଡ ମରାମତି କରିବା ପାଇଁ ଉପସ୍ଥିତ ଥିବା ଏନ୍ଏଚ୍ଏଆଇର ଅଧିକାରୀ ଓ ଠିକାସଂସ୍ଥାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ରୂପଯାତ୍ରା ପଡିଆ ଓ ପୌରପାଳିକାର ବିଭିନ୍ନ ୱାର୍ଡରେ ଆଲୋକ ବ୍ୟବସ୍ଥା, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱଚ୍ଛ ପାନୀୟଜଳ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି ବୈଠକରେ ଉପାଧକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ନଗରପାଳ ପ୍ରେମଚାନ୍ଦ ନାୟକ, ନିର୍ବାହୀ ଅଧିକାରୀ ପବିତ୍ର ବେହେରା, ଯାତ୍ରା କମିଟି ସଭାପତି ସୁବୋଧ ଚନ୍ଦ୍ର ନାୟକ, ସମ୍ପାଦକ ନାରାୟଣ ସ୍ୱାଇଁଙ୍କ ସମେତ ସମସ୍ତ କାଉନସିଲର, ପୌର କର୍ମଚାରୀ, ଜନସ୍ୱାସ୍ଥ୍ୟ ଓ ବିଦ୍ୟୁତ୍ ବିଭାଗର କର୍ମଚାରୀ ଯୋଗଦେଇଥିଲେ।

# 'ନିଷ୍ଠାର ସହ କାର୍ଯ୍ୟ କଲେ ଲୋକଙ୍କ ଆଶୀର୍ବାଦ ମିଳିବ'

**କଟକ ଅଫିସ,୯।୯**



ବୈଠକରେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଓ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

ସରକାରୀ କର୍ମଚାରୀମାନେ ନିଷ୍ଠାର ସହ କାର୍ଯ୍ୟ କଲେ ଲୋକଙ୍କ ଆଶୀର୍ବାଦ ମିଳିବ। ଏହାଦ୍ୱାରା ଆତ୍ମନିର୍ଭର ଭାରତର ସ୍ୱପ୍ନ ସାକାର ହୋଇପାରିବ ବୋଲି କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି। କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନର ସମୀକ୍ଷା ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ରାୟ ଯୋଗଦେଇ କହିଥିଲେ, ସରକାରଙ୍କ ପ୍ରତ୍ୟେକ ଯୋଜନାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଜନସାଧାରଣ ଅବଗତ ହୋଇପାରିଲେ, ସେମାନେ ଏହାର ସୁଫଳ ପାଇପାରିବେ। ପ୍ରତ୍ୟେକ କାର୍ଯ୍ୟରେ ଶ୍ରେଷ୍ଠତା ପ୍ରତିପାଦନ କରିବା ପାଇଁ ଆମେ ସମସ୍ତେ ଅଙ୍ଗୀକାରବଦ୍ଧ ହେବା ଆବଶ୍ୟକ। ଜିଲାରେ ବିଭିନ୍ନ ଯୋଜନାର କାର୍ଯ୍ୟକାରିତାରେ ସନ୍ତୋଷ ପ୍ରକାଶ କରିବା ସହ ଏହାକୁ ପରିପୂର୍ଣ୍ଣତାର ସହ ଆଗେଇ ନେବାକୁ ସେ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଅନ୍ତର୍ଗତ ପାଇଖାନା ଓ ପରିସ୍ରାଗାର ନିର୍ମାଣ କ୍ଷେତ୍ରରେ କଟକ ଜିଲା ଉଲ୍ଲେଖନୀୟ ସଫଳତା ହାସଲ କରିଥିବାରୁ ସେ ଏହାକୁ ବଜାଇ ରଖିବାକୁ କହିଥିଲେ।

କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀ ବୈଠକରେ ଅଧକ୍ଷତା କରି କହିଥିଲେ, ଅଧିକାରୀମାନେ ଅଧିକ ପରିଶ୍ରମ କରି ଯୋଜନାର ସୁଫଳ ଲୋକଙ୍କ ପାଖରେ ପହଞ୍ଚାଇବା ନିମନ୍ତେ ପ୍ରୟାସ ଜାରି ରଖନ୍ତୁ। ଜିଲା ଉନ୍ନୟନ ଅଧିକାରୀ ଅମ୍ବର କୁମାର କର ବିଭିନ୍ନ ଯୋଜନାର ଅଗ୍ରଗତି ଓ କାର୍ଯ୍ୟକାରିତା ସମ୍ବନ୍ଧରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଜିଲା କଲ୍ୟାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ମିଶନ ଶକ୍ତିର ସଂଯୋଜିକା ସ୍ୱାଗତିକା ପରିଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ରଙ୍କ ସମେତ ଜିଲାର ସମସ୍ତ ବିଡିଓ, ତହସିଲଦାର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

**ବାଙ୍କୀ,୯।୯(ସ୍ୱ.ପ୍ର.)**

କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ବାଙ୍କୀ ନିର୍ବାଚନ ମଣ୍ଡଳୀ ଗସ୍ତରେ ଆସି ଡମପଡ଼ା ବ୍ଲକ ଜାତମୁଣ୍ଡିଆଠାରେ ଅନୁଷ୍ଠିତ ଲାଭାର୍ଥୀ ସମାବେଶରେ ଯୋଗଦେଇଥିଲେ। ଏହି ଅବସରରେ ସେ କେନ୍ଦ୍ର ସରକାଙ୍କ ବିଭିନ୍ନ ଜନକଲ୍ୟାଣୀ ଯୋଜନା ସମ୍ପର୍କରେ ଆଲୋକପାତ କରିବାସହ ବାଙ୍କୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା ସମ୍ପର୍କରେ ଭାଜପା ନେତୃବୃନ୍ଦଙ୍କ ସହ ଆଲୋଚନା କରିଥିଲେ। ୨୦୨୪ ନିର୍ବାଚନ ପାଇଁ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ପ୍ରଧାନ ମନ୍ତ୍ରୀଙ୍କ ଜନଧନ ଯୋଜନା, ଆୟୁଷ୍ମାନ ଭାରତ ଯୋଜନାରେ ଦେଶ ଓ ରାଜ୍ୟର ଗରିବ ଜନସାଧାରଣ ଉପକୃତ ହୋଇଛନ୍ତି। କେନ୍ଦ୍ର ସରକାର ଗାଁ ଗାଁରେ ବିଜୁଳି ପହଞ୍ଚାଇବା ସହ ଉନ୍ନତମାନର ସଡ଼କ ନିର୍ମାଣ, ଡାକ୍ତରଖାନା ଉନ୍ନତୀକରଣ ଓ ବିଦ୍ୟାର୍ଥୀଙ୍କ ଉଚ୍ଚଶିକ୍ଷା ଲାଭ ଉପରେ ଗୁରୁତ୍ୱାରୋପ କରୁଛନ୍ତି। ଭାରତ ବିଶ୍ୱ

### ବାଙ୍କୀରେ ଲାଭାର୍ଥୀ ସମାବେଶ

ଦରବାରରେ କିପରି ନିଜର ଟେକ ରଖିପାରିବ ତାହା କେନ୍ଦ୍ର ସରକାରଙ୍କ ପ୍ରାଥମିକତା ରହିଛି। ରାୟ କହିଥିଲେ, ଆପଣମାନଙ୍କ ସମସ୍ୟା ବୁଝିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମତେ ଏଠାକୁ ପଠାଇଛନ୍ତି। ମୁଁ ଏଠାକାର ସମସ୍ୟା ଓ କେନ୍ଦ୍ରୀୟ ଯୋଜନା ଆପଣଙ୍କ ପାଖରେ ପହଞ୍ଚୁଛି କି ନାହିଁ ତାଙ୍କୁ ଜଣେଇବା ସହ ଜିଲା ପ୍ରଶାସନ ସହ ଆଲୋଚନା କରିବି। ସମାବେଶରେ ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢ଼ୀ ସଭାପତିତ୍ୱ କରିଥିଲେ। ଏଥିରେ ରାଜ୍ୟ ଭାଜପା ଉପସଭାପତି ନୟନ କିଶୋର ମହାନ୍ତି, କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା, ଜିଲା ମିଡିଆ ପ୍ରଭାରୀ ଦିଲୀପ ମଲ୍ଲିକ, ଲୋକ ସଭା ଭାଜପା ସଂଯୋଜକ ସୁକାନ୍ତ ବିଶ୍ୱାଳ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଶେଷରେ ଭାଜପା କାର୍ଯ୍ୟକାରୀ ସଭ୍ୟ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୁନିଆ, ସୟଦ ମନସୁର ବାବାଙ୍କ ବାର୍ଷିକ ଉତ୍ସବ



ସୟଦ ମନସୁର ବାବାଙ୍କ ବାର୍ଷିକ ଉତ୍ସବରେ ହିନ୍ଦୁ, ମୁସଲମାନ ସମ୍ପ୍ରଦାୟର ଲୋକେ ଏକତ୍ରିତ ହୋଇଛନ୍ତି।

**ମାହାଙ୍ଗା, ୯।୯(ସ୍ୱ.ପ୍ର.)**

### ହିନ୍ଦୁ, ମୁସଲମାନ ଭାଇଚାରାର ନିଦର୍ଶନ

ମାହାଙ୍ଗା ବ୍ଲକ କୁଣ୍ଡି ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଇଦ୍‌ଗା ପଡ଼ିଆ ନିକଟରେ ସୟଦ ମନସୁର ବାବାଙ୍କ ବାର୍ଷିକ ଉତ୍ସବ ଓ ସୁନିଆ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଭାଇଚାରା ଦେଖିବାକୁ ମିଳିଛି। ମୁସଲମାନ ପୂଜକ ଭାବେ ନସିରୁଦ୍ଦିନ ସାହା, କଦିରୁଦ୍ଦିନ ସାହା, କମିରୁଦ୍ଦିନ ସାହା ଓ ଶୋବନ ସାହା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଅବସରରେ ଉଖୁଡା, ଲଡ୍ଡୁ, ନଡିଆ, ତୁଳସୀପତ୍ର ଓ ବେଲପତ୍ର ଆଦି ଭୋଗ କରାଯାଇଥିଲା। ଏଥିସହ ସିରିଣି ଭୋଗ କରାଯାଇ ହିନ୍ଦୁ ଓ ମସୁଲମାନ ଭାଇମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ବିଜୟାନନ୍ଦ ସ୍ୱାଇଁ, ସମିତିସଭ୍ୟ ସେକ୍ ଲତିଫୁର ରେହମାନ, ସରପଞ୍ଚ ରବୀନ୍ଦ୍ର ବାଗ,ସତ୍ୟଜିତ କିଶୋର ଦାସ, ନଗେନ୍ଦ୍ର ରାଉତ, ରାଜେନ୍ଦ୍ର ରାୟ, ବିରଜା ପ୍ରସାଦ ଦାସ ,ୱାର୍ଡ ମେମ୍ବର ରହିମୁଦ୍ଦିନ ଓ କ୍ଷୀରୋଦ ବାଗ ପ୍ରମୁଖ ଯୋଗଦେଇଥିଲେ।

# ମନମୋହିଲା ଗୋଟିପୁଅ ନୃତ୍ୟ

**ବାଙ୍କୀ,୯।୯(ସ୍ୱ.ପ୍ର.)**

ତୈଳିକ ବୈଶ୍ୟ ତଳତେଲି ସାହି ପୂଜା କମିଟି ଆନୁକୂଲ୍ୟରେ ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ପାଟପୁର ଗ୍ରାମର ଶ୍ରୀରାମ ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ନୀଳାଦ୍ରି ଗୋଟି ପୁଅ ନୃତ୍ୟ ପରିଷଦର ଗୁରୁ ସୁଦର୍ଶନ ରାଓ ଯୋଗଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷକ ଦାଶରଥି ସାହୁ ଅତିଥିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଂସଦ ସମ୍ପାଦକ ଅଶୋକ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ମନୋଜ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସଂସଦ ପକ୍ଷରୁ ଭଜନ, ସମ୍ବଲପୁରୀ ନୃତ୍ୟ ଦେଶାତ୍ମକବୋଧକ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଗୋଟିପୁଅ ନୃତ୍ୟ ଏହି ସାଂସ୍କୃତିକ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲା। ସଭାପତି ପ୍ରତିମା ସାହୁ, ସମ୍ପାଦିକା କନକଲତା ସାହୁ ଓ କୋଷାଧକ୍ଷ ସୁଷମା ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ସୁନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୫୦୮ ନାମ ପଞ୍ଜୀକରଣ



ଭିନ୍ନକ୍ଷମ ଶିବିରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ସାଲେପୁର,୯।୯(ଡି.ଏନ୍.ଏ.)**

ସାଲେପୁର ପଞ୍ଚାୟତ ସମିତି ପକ୍ଷରୁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୨୨ ଅନୁଷ୍ଠିତ ହୋଇଯାଇଛି। ବହୁଗ୍ରାମ ବିବେକାନନ୍ଦ ବିଦ୍ୟାପୀଠ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରବଳ ବର୍ଷା ସତ୍ତ୍ୱେ ସାଲେପୁର ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରୁ ଦିବ୍ୟାଙ୍ଗମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅସ୍ଥିଶଲ୍ୟ ବିଭାଗରେ ୨୬୫, ମାନସିକ ରୋଗୀ ବିଭାଗରେ ୧୯୦, ଚକ୍ଷୁ ବିଭାଗରେ ୩୫ ଓ କର୍ଣ୍ଣ ବିଭାଗରେ୧୮ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ। ଏହିପରି ମୋଟ୍ ୫୦୮ ଜଣଙ୍କ ନାମ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୧୭ଜଣଙ୍କୁ କଟକ ଜିଲା ମୁଖ୍ୟ ଚିକିତ୍ସା ଚିକିତ୍ସାଳୟକୁ ପଠାଯାଇଛି। ଶିବିରରେ ୩ଜଣ ଭିନ୍ନକ୍ଷମଙ୍କୁ ଡିଆର୍ଆଇ ଋଣ, ୯ଜଣଙ୍କୁ ବସ୍‌ପାସ୍ ଓ ୩୯ ଜଣଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ସାଲେପୁର ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସୂର୍ଯ୍ୟକାନ୍ତ ରାଉତ, ସାଲେପୁର ମେଡିକାଲ ଅଫିସର ବିଜୟ କୁମାର ପ୍ରଧାନ, ସାଲେପୁର ବ୍ଲକ ଉପାଧକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ସିଡିପିଓ ସୁଷମା ମହାପାତ୍ର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୂତିଭୂଷଣ ନାୟକ, କନିଷ୍ଠ ଯନ୍ତ୍ରୀ ତ୍ରିବିକ୍ରମ ପାଣି ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ପରିଚାଳନାରେ ବିଶ୍ୱଜିତ୍ ଚାଟାର୍ଜୀ, ସୌମ୍ୟରଞ୍ଜନ ସ୍ୱାଇଁ, କୁନ୍ତଳା ଖୁଣ୍ଟିଆ, ପ୍ରଦୀପ୍ତ କୁମାର ସ୍ୱାଇଁ ଓ ରଶ୍ମିତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ମହିଳା ଏନ୍‌ସିସିର ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତା




ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତାରେ ଭାଗ ନେଇଥିବା ଏନ୍‌ସିସି ଛାତ୍ରୀମାନେ।

**ବାଙ୍କୀ,୯।୯(ସ୍ୱ.ପ୍ର)**

ଗୁରୁ ପୂଜନ ସପ୍ତାହ ପାଳନ ଅବସରରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଏନସିସି ସଂସ୍ଥା ଆନୁକୂଲ୍ୟରେ ଇଂଲିଶ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳା ଏନ୍‌ସିସି ବିଭାଗର ଅଧିକାରିଣୀ କ୍ୟାପଟେନ ଡ.ସନ୍ଧ୍ୟାରାଣୀ ମହାନ୍ତି ଏହାକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପାଧକ୍ଷ ମନୋଜ କୁମାର ମହାପାତ୍ର ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସୌମ୍ୟା ସିପ୍ରା ପଣ୍ଡା ପ୍ରଥମ, ଲକ୍ଷ୍ମୀପ୍ରିୟା ପଣ୍ଡା ଦ୍ୱିତୀୟ ଓ ନିକିତା ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ।

# ଗୋଖଲେ ଆଦର୍ଶ କଲେଜର ପ୍ରତିଷ୍ଠା ଦିବସ

**ଚୌଦ୍ୱାର, ୯।୯(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଅଧୀନ ଶଙ୍କରପୁରସ୍ଥିତ ଗୋଖଲେ ଆଦର୍ଶ ମହାବିଦ୍ୟାଳୟର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ସୁରେଶ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁ, କଲେଜର ପୂର୍ବତନ ସଭାପତି ଧର୍ମାନନ୍ଦ ବେହେରା, ଶିକ୍ଷାବିତ୍ ବୈଷ୍ଣବ ଚରଣ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ କଲେଜର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅଧ୍ୟାପକ ଉତ୍ତମ ଚରଣ ଦାସ ଓ ଗୀତାଞ୍ଜଳି ରାଉତ ମହାବିଦ୍ୟଳୟର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହି ଅବସରରେ ଯୁକ୍ତ ପରୀକ୍ଷାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅର୍ଜୁନ କୁମାର ଖଟୁଆ ଧନ୍ୟବାଦ ଦେଇଥିଲେ।

# ପ୍ରଥମ ପର୍ଯ୍ୟାୟ ଖନନ କାର୍ଯ୍ୟ ଆରମ୍ଭ

**କୋଣାର୍କ,୯।୯(ଡି.ଏନ୍.ଏ.)**

ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିରର ଗର୍ଭଗୃହରୁ ବାଲି ବାହାର କରାଯିବ। ଏଥିପାଇଁ ଗୁରୁବାର ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍ଆଇ) ପକ୍ଷରୁ ଭୂମିପୂଜନ କରାଯାଇ ଥିବାବେଳେ ଶୁକ୍ରବାର ପ୍ରାଥମିକ ପର୍ଯ୍ୟାୟରେ ଖନନ କାର୍ଯ୍ୟ ଆରମ୍ଭ ହୋଇଛି। ଗର୍ଭଗୃହ ନିକଟରେ ବିମ୍ ପଡ଼ିବାକୁ ଥିବାରୁ ଏଏସ୍ଆଇ କର୍ମଚାରୀଙ୍କ ଉପସ୍ଥିତିରେ ଏହି ଖନନ କାର୍ଯ୍ୟ କରାଯାଇଛି। ଏହି ଅବସରରେ ଜିଲାପାଳ ସମର୍ଥ ବର୍ମା ପହଞ୍ଚି କାର୍ଯ୍ୟ ଅନୁଧ୍ୟାନ କରିବା ସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ସମ୍ପର୍କରେ ଅଧିକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି। କୋଣାର୍କର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ନେଇ ଦୀର୍ଘଦିନ ହେବ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟଗୁଡ଼ିକର ଅଗ୍ରଗତି ଓ ଅନ୍ୟାନ୍ୟ

### ସୂର୍ଯ୍ୟମନ୍ଦିରରୁ ବାଲି କଢ଼ାଯିବା ପ୍ରସଙ୍ଗ

ସମସ୍ୟା ସମ୍ପର୍କରେ ଜିଲାପାଳ ପଚାରି ବୁଝିବା ସହ ପ୍ରକଳ୍ପ ଅଞ୍ଚଳ ବୁଲି ଦେଖିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୬ଲେନ ବିଶିଷ୍ଟ ରିଙ୍ଗ୍‌ରୋଡ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଅଧିକାରୀଙ୍କଠାରୁ ବୁଝିଥିଲେ। ରିଙ୍ଗ୍‌ରୋଡ ଦ୍ୱାରା କ୍ଷତିଗ୍ରସ୍ତ ହେଉଥିବା ଆଶ୍ରମ ସ୍କୁଲ ପାଇଁ ସ୍ୱତନ୍ତ୍ର ଭାବେ ସ୍କୁଲ ଓ ହଷ୍ଟେଲ ନିର୍ମାଣ କରାଯିବ ବୋଲି ସେ କହିଥିଲେ। ସୂର୍ଯ୍ୟମନ୍ଦିର ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଥିବା ଓବିସିସିର ଅଧିକାରୀମାନଙ୍କୁ ଶୀଘ୍ର କାମ ସାରିବାକୁ କହିଥିଲେ। ସେହିପରି ସୂର୍ଯ୍ୟମନ୍ଦିର ଭିତରୁ ବାଲି କଢ଼ାଯିବା ନେଇ ଏଏସ୍ଆଇ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ।

# ନାନକର-ତୋରଳ ଶ୍ମଶାନରେ ଆଲୋକ ବ୍ୟବସ୍ଥା ଦାବି

**ମଙ୍ଗୁଳି,୯।୯(ଡି.ଏନ.ଏ.)**

ଜଗତପୁର ୪୯ନମ୍ବର ୱାର୍ଡର ନାନକର-ତୋରଳ ଗ୍ରାମରେ ପ୍ରାୟ ୫ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ହେଲେ ଦୀର୍ଘଦିନ ହେବ ଉକ୍ତ ଗ୍ରାମରେ ଥିବା ଶ୍ମଶାନରେ ଆଲୋକୀକରଣର ବ୍ୟବସ୍ଥା ହୋଇପାରୁ ନାହିଁ। ଏଥିପାଇଁ ରାତିରେ ଉକ୍ତ ଶ୍ମଶାନକୁ ଆସୁଥିବା ଶବଯାତ୍ରୀମାନେ ନାହିଁ ନ ଥିବାର ଅସୁବିଧା ଭୋଗ କରିଥାନ୍ତି। ଦୀର୍ଘବର୍ଷର ସମସ୍ୟା ସମାଧାନ ପାଇଁ ଶୁକ୍ରବାର ସୁଭାଷ ସଂଗଠନ ପକ୍ଷରୁ ସକ୍ରିୟ କାର୍ଯ୍ୟକର୍ତ୍ତା ଜଗମୋହନ ଜେନାଙ୍କ ନେତୃତ୍ୱରେ ଏକ ଦାବିପତ୍ର ସିଏମ୍‌ସି ଡେପୁଟି କମିଶନର ଅମ୍ରିତ ସରକାରଙ୍କୁ ପ୍ରଦାନ କରାଯାଇଛି। ଗ୍ରାମବାସୀଙ୍କ ଦାବି ଅନୁଯାୟୀ, ୨୦୧୯ ଫନୀ ବାତ୍ୟା ପୂର୍ବରୁ ଉକ୍ତ ଶ୍ମଶାନରେ ଗୋଟିଏ ଷ୍ଟ୍ରିଟଲାଇଟ ଜଳୁଥିଲା। କିନ୍ତୁ ବାତ୍ୟା ପରେ ଷ୍ଟ୍ରିଟଲାଇଟ ଖୁଣ୍ଟ ସମ୍ପୂର୍ଣ୍ଣ ଭାଙ୍ଗିଯିବା ଫଳରେ ଶ୍ମଶାନଟି ସମ୍ପୂର୍ଣ୍ଣ ଅନ୍ଧାରରେ ରହିଛି। ରାତି ସମୟରେ ଯଦି କେହି ଶବଦାହ କରିବାକୁ ଶ୍ମଶାନକୁ ଆସୁଛନ୍ତି ସେମାନେ ବ୍ୟାଟେରି ଲାଇଟ କିମ୍ବା ବାଇକ୍ ଲାଇଟ ଜଳାଇ ଶବଦାହ କରୁଛନ୍ତି। ୱାର୍ଡଟି ବର୍ତ୍ତମାନର ଡେପୁଟି ମେୟର ତଥା ୱାର୍ଡ କର୍ପୋରେଟର ଦମୟନ୍ତୀ ମାଝିଙ୍କ ଅଧୀନରେ ହୋଇଥିବା ବେଳେ ଶ୍ମଶାନ ଏପରି ଅନ୍ଧାର ରହିବା ସାଧାରଣରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଗ୍ରାମବାସୀ ଅନେକଥର ଡେପୁଟି ମେୟର ଓ ସିଏମସି ଅଧିକାରୀଙ୍କୁ ଜଣାଇଲେ ମଧ କୌଣସି ସୁଫଳ ମିଳୁ ନାହିଁ। ଯଦି ସିଏମ୍‌ସି ଉକ୍ତ ସମସ୍ୟାର ସମାଧାନ ୭ ଦିନ ଭିତରେ ନ କରନ୍ତି ତା'ହେଲେ ଆଗାମୀ ଦିନରେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଗଠନର ସାଧାରଣ ସମ୍ପାଦକ ସୁରେଶ ମହାନ୍ତି ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଗଠନର ଜିଲା ସଭାପତି ଆଶୁତୋଷ ଦାସ, ଗୁରୁପ୍ରସାଦ ସାହୁ, ଅଭିଜିତ ରାଉତ, ଆକାଶ କୁମାର ପରିଡା, ହେମନ୍ତ ସେନାପତି, ସ୍ମୃତିରଞ୍ଜନ ପରିଡା, ସୀତାନାଂଶୁ ଶେଖର ମହାନ୍ତି, ମନୋଜ ଜେନା, ବିକାଶ କୁମାର ସ୍ୱାଇଁ, ସୌମ୍ୟରଞ୍ଜନ ନାୟକଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।




କଟକ ମିଶନରୋଡ୍‌ସ୍ଥିତ ବୀରେନ୍ ମିତ୍ର ପାର୍କ ସମ୍ମୁଖରେ ଷ୍ଟିୱାର୍ଟ ସ୍କୁଲ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରାଯାଉଛି।